₹ : 25

# ଆମରି ସତ୍ୟ

## AMARI SATYA

ସପ୍ତମ ବର୍ଷ, ଦଶମ ସଂଖ୍ୟା,
ମାସିକ, ଅପ୍ରେଲ-୨୦୧୭
ପୃଷ୍ଠା ସଂଖ୍ୟା ୫୨

RNI Regn. No. - 107608/2010
Postal Regd. No. : PURI-33/2016-18



**ଲୋକସଭାର ପ୍ରଥମ ଓଡ଼ିଆ ବାଚସ୍ପତି**

**୰ ରବି ରାୟ**

ଜନ୍ମ:୨୬.୧୧.୧୯୨୬, ତିରୋଧାନ : ୦୬.୦୩.୨୦୧୭

# ‘ଆମରିସତ୍ୟ’ ପତ୍ରିକାର ଆଜୀବନ ସଦସ୍ୟ



ଡ. ଚିତ୍ତରଞ୍ଜନ ପଣ୍ଡା
କଟକ



ଡ. ରଶ୍ମିଧାରା ମହାପାତ୍ର
ଭୁବନେଶ୍ୱର



ଡ. ପତିତ ପାବନ ଦଳେଇ
ଖୋରଧା



ଡ. ଅଶୋକ କୁମାର ନନ୍ଦ
ଖୋରଧା



ଡ. ତପନ କୁମାର ଜେନା
ଭୁବନେଶ୍ୱର



ଶ୍ରୀଯୁକ୍ତ ନରେନ୍ଦ୍ର କୁମାର ଦୃଷ୍ଟି
ଖୋରଧା



ଶ୍ରୀଯୁକ୍ତ ରବୀନ୍ଦ୍ର କୁମାର ସାହୁ
ଖୋରଧା




ଶ୍ରୀଯୁକ୍ତ ହୃଷିକେଶ ମିଶ୍ର
ଗୁରୁଜଙ୍ଗ, ଖୋରଧା



ଶ୍ରୀଯୁକ୍ତ ଗିରିଶ କୁମାର ନନ୍ଦ
ଖୋରଧା



ଶ୍ରୀଯୁକ୍ତ କ୍ଷେତ୍ରବାସୀ ମହାରଣା
ଜଟଣୀ




ଡ. ଅଜିତ୍ କୁମାର ରଥ
ଖୋରଧା



ଶ୍ରୀଯୁକ୍ତ ପ୍ରସନ୍ନ କୁମାର ପାଇକରାୟ
ଜଟଣୀ



ଅଧ୍ୟାପକ ମନୋଜ କୁମାର ମହାପାତ୍ର
ବାଙ୍କୀ



ଅଧ୍ୟାପକ ଉମାକାନ୍ତ ଓଝା
ହଳଦିଆ, ଖୋରଧା



ଅଧ୍ୟାପକ ଶେଖ୍ ଅବଦୁଲ୍ଲ ରହିମ୍
ଦେଉଳି, ଖୋରଧା



ଶ୍ରୀଯୁକ୍ତ ପି.ଟି. ବାଲାଜୀ ପାତ୍ର
ଖୋରଧା

ସମ୍ପାଦକ ଓ ପ୍ରକାଶକ

ଡଃ ପ୍ରସନ୍ନ କୁମାର ଜେନା

୯୮୬୧୦୧୬୩୪୯ (ମୋ)

**ପ୍ରତିଷ୍ଠାତା**

ଡଃ ପ୍ରମୋଦ ଚନ୍ଦ୍ର ଦାଶ

୯୪୩୭୨୮୧୬୫୫ (ମୋ)

**ସହଯୋଗୀ ସମ୍ପାଦକ**

ସତ୍ୟବାଦୀ ବଳିଆରସିଂହ

୯୨୩୭୦୮୯୫୦୯ (ମୋ)

**ସହ ସମ୍ପାଦକ**

ତ୍ରିଲୋଚନ ମହାପାତ୍ର

ସତ୍ୟନାରାୟଣ ସାମନ୍ତରାୟ

ଡ. ଅଜୟ କୁମାର ସ୍ୱାଇଁ

ଭବାନୀ ଶଙ୍କର ଦାଶ

**ସଂଯୋଜକ**

ଆଶିଷ କୁମାର ରାୟ

**ଆଞ୍ଚଳିକ ସଂଯୋଜକ**

ଡ. ପ୍ରେମଚନ୍ଦ ମହାନ୍ତି, ସମ୍ବଲପୁର

ବିଦ୍ୟାଧର ଖଟୁଆ, ବାଙ୍କୀ, କଟକ

ବିଭୁପ୍ରସାଦ ହରିଚନ୍ଦନ, ଖୋରଧା

**ପରିଚାଳନା ସଂଯୋଜକ**

ସର୍ବେଶ୍ୱର ମହାପାତ୍ର

ସମରଜିତ୍ ପଟ୍ଟନାୟକ

**ପ୍ରଚ୍ଛଦ ଓ ଅଙ୍ଗସଜ୍ଜା**

ରାଜୀବ ରଥ

ରାକେଶ ସାହୁ


# ଆମରି ସତ୍ୟ

# AMARI SATYA

**ଭିନ୍ନସ୍ୱାଦର ମାସିକ ପତ୍ରିକା...**


**ସପ୍ତମ ବର୍ଷ - ଦଶମ ସଂଖ୍ୟା -ଅପ୍ରେଲ, ୨୦୧୭**

**RNI Regn. No. - 107608/2010 / Postal Regd. No. - PURI-33/2016-18**



**ଯୋଗାଯୋଗ:**

'ଆମରିସତ୍ୟ'
ଏମ୍ - ୧/୫, ମୁକୁନ୍ଦପ୍ରସାଦ
ହାଉସିଂ ବୋର୍ଡ଼ କଲୋନୀ
ପୋ.ଅ.- ପି.ଏନ୍. କଲେଜ,
ଜି: ଖୋରଧା, ପିନ୍:୭୫୨୦୫୭, ଓଡ଼ିଶା
ଦୂରଭାଷ:୦୬୭୫୫-୨୨୦୯୮୦
ମୋ : ୯୪୩୭୨୮୧୬୫୫

**ଭୁବନେଶ୍ୱର ଅଫିସ -**

ଶ୍ରୀମତୀ ରୁନା ମହାପାତ୍ର
ପ୍ଲଟ ନ-୧୦୭୧/ପି
ଲେନ ନ-୪, ଶତାବ୍ଦୀ ନଗର
ଭୁବନେଶ୍ୱର-୩
ପିନ୍:୭୫୧୦୦୩, ଓଡ଼ିଶା
ଫୋନ୍ ନଂ:୯୪୩୭୪୧୪୩୨୦


**ଗ୍ରାହକମାନଙ୍କ ପାଇଁ ସୂଚନା**

୧. ପ୍ରତି ଖଣ୍ଡ ଦେୟ ଟ.୨୫/-
୨. ବାର୍ଷିକ ଦେୟ ଟ.୨୪୦/-
୩. ୨ବାର୍ଷିକ ଦେୟ ଟ.୪୫୦/-
୪. ୩ ବାର୍ଷିକ ଦେୟ ଟ.୬୫୦/-
୫. ଆଜୀବନ ସଦସ୍ୟ ଟ.୩୦୦୦/-


**ପରାମର୍ଶଦାତା ମଣ୍ଡଳୀ**

**ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି**
ପୂର୍ବତନ କୁଳପତି, ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ।

**ଡ. ନାରାୟଣ ରାଓ**
ପ୍ରାକ୍ତନ୍ କୁଳସଚିବ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ।

ଡ. ଦିଲ୍ଲୀପ କୁମାର ଶ୍ରୀଚନ୍ଦନ
ସାହିତ୍ୟିକ ଓ ସାମାଜସେବୀ,ଭୁବନେଶ୍ୱର।

**ଡା. ଧନେଶ୍ୱର ସାହୁ**
ପୂର୍ବତନ ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଖୋରଧା।

**ଶ୍ରୀ ଭୀମସେନ ପ୍ରଧାନ**
ଶିକ୍ଷାବିତ୍, ଖୋରଧା।

**ଶ୍ରୀ ଅନୀଲ କୁମାର ଶତପଥୀ**
ବରିଷ୍ଠ ଆଇନଜୀବୀ ଓ ସମାଜସେବୀ, ଭୁବନେଶ୍ୱର।

**ଡ. ଗୌରୀ ଶଙ୍କର ପ୍ରହରାଜ**
ପୂର୍ବତନ ଅଧ୍ୟକ୍ଷ, ରମାମଣୀ ମହାବିଦ୍ୟାଳୟ,କଣ୍ଟାବାଡ଼।

**ଡ. ଧୀରେନ୍ଦ୍ର ନନ୍ଦ**
ସମାଜସେବୀ , ଖୋରଧା

**ସ୍ୱାମୀ ଜୟଦେବ ଭାରତୀ**
ଶାନ୍ତିଧାମ ଆଶ୍ରମ, ଧଣ୍ଡାମୁଣ୍ଡା, ବଲାଙ୍ଗୀର

**ଶ୍ରୀ ଜବାହାର ଲାଲ ସୁବୁଦ୍ଧି**
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ବଡ଼ତୋଟା, ଜଟଣୀ, ଖୋରଧା


ଦେୟ ମନି ଅର୍ଡର, ଡ୍ରାଫଟ୍ କିମ୍ବା ଚେକ୍ ମାଧ୍ୟମରେ 'ଆମରିସତ୍ୟ' ନାମରେ ପଠାଇବାକୁ ଅନୁରୋଧ। ଏସ୍‌ବିଆଇ ଇଭିନିଂ ବ୍ରାଞ୍ଚ, ଖୋର୍ଦ୍ଧା ଆକାଉଣ୍ଟ ନମ୍ବର ୩୧୦୩୩୯୭୪୨୨୬। IFSC-SBIN0012027, MICR-752002151


'ଆମରିସତ୍ୟ'ରେ ପ୍ରକାଶିତ ଲେଖା ଲେଖକଙ୍କର ନିଜସ୍ୱ ଅଟେ। ପ୍ରକାଶିତ ବିଷୟବସ୍ତୁ ପାଇଁ 'ଆମରିସତ୍ୟ' ଉତ୍ତରଦାୟୀ ନୁହେଁ।

# ସୂଚୀପତ୍ର



| କ୍ର.ସଂ. | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୧. | ଚାରିତ୍ରିକ ଶୁଦ୍ଧତା | ଅମିତା ପଟ୍ଟନାୟକ | ୦୪ |
| ୨. | ସମ୍ପାଦକୀୟ | | ୦୫ |
| ୩. | ହିତ ବାଣୀ | | ୦୬ |
| ୪. | ବିଚିତ୍ରା. | | ୦୭ |
| ୫. | ଜନମାନସଙ୍କର ସ୍ମୃତିରେ.... | ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି | ୦୮ |
| ୬. | ଓଡ଼ିଆର ପ୍ରାଣ- ...... | ସତ୍ୟବାଦୀ ବଳିଆରସିଂହ | ୧୧ |
| ୭. | ବିଜ୍ଞାନ ବିଚିତ୍ରା | ପ୍ରେମଚାନ୍ଦ ମହାନ୍ତି | ୧୩ |
| ୮. | ସକାଳ ବନ୍ଦନା- ସଂଜ ପ୍ରାର୍ଥନା | ରମେଶ ମଙ୍ଗରାଜ | ୧୫ |
| ୯. | ଜ୍ଞାନ ଏବଂ କ୍ରିୟା ଶକ୍ତିର ସମନ୍ୱୟ | ଅନୁବାଦ: ପ୍ରଫୁଲ୍ଲ କୁମାର ରଥ | ୧୬ |
| ୧୦. | ଏଇ ମାଟି ଆମ ଚନ୍ଦନ | ବାବାଜୀ ଚରଣ ଜେନା | ୧୭ |
| ୧୧. | ରାମାୟଣ କାଳର ଦେବ...... | ଇଂ ଯଜ୍ଞ ପ୍ରକାଶ ଦାସ | ୧୮ |
| ୧୨. | ଘର | ସୁଧୀର କୁମାର ମହାପାତ୍ର | ୧୯ |
| ୧୩. | ସମ୍ପର୍କର ସରୁଧାର | ବସନ୍ତ କୁମାର ଷଡ଼ଙ୍ଗୀ | ୨୧ |
| ୧୪. | ମା'ନୁହେଁ ଅପବିତ୍ରା | ଶ୍ରୀ ବିଭୁପ୍ରସାଦ ହରିଚନ୍ଦନ | ୨୨ |
| ୧୫. | ମାତୃଭାଷା ପ୍ରେମୀ ରବିରାୟ | ତ୍ରିଲୋଚନ ମହାପାତ୍ର | ୨୩ |
| ୧୬. | **ହୃଦୟ** | **ଡ. ପ୍ରଦୀପ କୁମାର ମିଶ୍ର** | **୨୩** |
| ୧୭. | ଶୁଭ ସନ୍ଧ୍ୟା | ଗୋବିନ୍ଦ ଚନ୍ଦ୍ର ମହାରଣା | ୨୪ |
| ୧୮. | ଜୀବନ | ନିରୂପମା ମହାପାତ୍ର | ୨୪ |
| ୧୯. | ବୋଉ | ଅଶୋକ କୁମାର ରାୟସିଂହ | ୨୪ |
| ୨୦. | ନିଆରା ମଣିଷ, ନିଆରା କାମ | ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ | ୨୫ |
| ୨୧. | ସ୍ୱାଭିମାନ | ଡକ୍ଟର ବସନ୍ତ କିଶୋର ସାହୁ | ୨୬ |
| ୨୨. | ଆତ୍ମବିଶ୍ୱାସ | ପଦ୍ମନାଭ ପାଣିଗ୍ରାହୀ | ୨୬ |
| ୨୩. | ଉତ୍କଳ ଦିବସ ଅନୁଚିନ୍ତା | ପ୍ରଫେସର ବସନ୍ତକୁମାର ସାମନ୍ତ | ୨୭ |
| ୨୪. | ସଫଳ ବିଜ୍ଞାନୀ – ଏଡିସନ୍‌ଙ୍କ | ସ୍ୱସ୍ତିଦା ପାଳ | ୨୯ |
| ୨୫. | ଫୁଲ ଓ ଫଗୁଣ | ଡ଼.ସରଳା ବେହେରା | ୩୦ |
| ୨୬. | ଚର୍ମ | ଡ଼ା: ଧନେଶ୍ୱର ସାହୁ | ୩୧ |
| ୨୭. | ବାୟୁ ପ୍ରଦୂଷଣ ଓ ଏହାର କୁ-ପ୍ରଭାବ | ଅଜୟ କୁମାର ସାହୁ | ୩୩ |
| ୨୮. | ଫୁଲ | ଭାରତୀ ଦାଶ | ୩୪ |
| ୨୯. | ସେଇ ପାନଖିଲଟି | ଡ. ରାମଚନ୍ଦ୍ର ଦେଓ | ୩୫ |
| ୩୦. | ଚାବି ଓ ହାତୁଡ଼ି | ସତ୍ୟନାରାୟଣ ସାମନ୍ତରାୟ | ୩୬ |
| ୩୧. | ନିବେଦନ | ଶ୍ରୀମତୀ ଉଷାରାଣୀ ଶତପଥୀ | ୩୭ |
| ୩୨. | ଶାସନ | ଶକ୍ତିଶଙ୍କର ମିଶ୍ର | ୩୮ |
| ୩୩. | ଅଷ୍ଟ୍ରେଲିଆକୁ ହରାଇଲା ଭାରତ | ଆଶିଷ କୁମାର ରାୟ | ୩୯ |
| ୩୪. | ସାଧାରଣ ଜ୍ଞାନ | | ୪୧-୪୯ |



# ଚାରିତ୍ରିକ ଶୁଦ୍ଧତା




**ଶ୍ରୀମତୀ ଅମିତା ପଟ୍ଟନାୟକ**
**(ଓଡ଼ିଶା ଶିକ୍ଷା ସେବା-୧)**

ଏକ ସୁସ୍ଥ ଓ ସନ୍ତୁଳିତ ସମାଜ ଗଠନରେ ସଚ୍ଚୋଟ ମଣିଷମାନଙ୍କର ଯଥେଷ୍ଟ ଅବଦାନ ରହିଛି। ବ୍ୟକ୍ତିଗତ ଓ ସାମାଜିକ ଜୀବନର ସଚ୍ଚୋଟତାର ପ୍ରଭୂତ ପ୍ରଭାବ ପରିଲକ୍ଷିତ ହୁଏ। ସଂସ୍କାରଧର୍ମୀ ଓ ସୁସଂଯତ ବ୍ୟକ୍ତିବିଶେଷଙ୍କର ମୁଖ୍ୟ ଲକ୍ଷଣ ହେଉଛି ସଚ୍ଚୋଟପଣିଆ। ସାମ୍ପ୍ରତିକ ସମାଜରେ ସଚ୍ଚୋଟତାର ଘୋର ଅଭାବ ତଥା ଭ୍ରଷ୍ଟାଚାର ପ୍ରତି ସହିଷ୍ଣୁତାର ବୃଦ୍ଧି ଦୃଷ୍ଟିଗୋଚର ହେଉଛି ଯାହା ଦ୍ୱାରା କି ଏକ ସଙ୍କଟଜନକ ପରିସ୍ଥିତି ସୃଷ୍ଟି ହେଉଛି।

ପିଲାଟିଏ ଘରେ ନିଜ ପିତାମାତାଙ୍କ ଠାରୁ ସାଧୁତା ଓ ସଚ୍ଚୋଟତାର ପରିଭାଷା ପରଖି ଥାଏ। ବାଲ୍ୟକାଳରୁ ହାସଲ କରିଥିବା ସାଧୁତା ତାକୁ ପରବର୍ତ୍ତୀ ଜୀବନରେ ନିର୍ଭୀକ କରିଥାଏ। ଭବିଷ୍ୟତ ଜୀବନରେ ସକରାତ୍ମକ ଭାବନା ସଂଚାରିତ କରିବାରେ ଛାତ୍ରଟି ତାର ଶିକ୍ଷକଙ୍କୁ ଆଦର୍ଶଭାବେ ଗ୍ରହଣ କରିଥାଏ। ତେଣୁ ଶିକ୍ଷକମାନେ ନିଜକୁ ଉପସ୍ଥାପନା କରିବା ସମୟରେ ନିଜର ସାଧୁତା ଓ ସଚ୍ଚୋଟତା ଉପରେ ସମ୍ପୂର୍ଣ୍ଣ ଭାବେ ଧ୍ୟାନ ଦେବା ଉଚିତ। ସଚ୍ଚୋଟ ଲୋକ ହିଁ ପ୍ରକୃତ ସଫଳତା ପ୍ରାପ୍ତ ହୋଇଥାନ୍ତି, ଏହି ଧାରଣା ପିଲାମାନଙ୍କ ମଧ୍ୟରେ ରହିଲେ ହିଁ ସେମାନଙ୍କ ଭବିଷ୍ୟତ ଜୀବନ ସୁସଂଗଠିତ ହୋଇପାରିବ। ପରିଶ୍ରମୀ ଛାତ୍ରଟିଏ ନିଜ ଜୀବନ ଯୁଦ୍ଧକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇପାରିବାର ସାହସ ଓ ଜିତିବାର ଧୈର୍ଯ୍ୟ ରଖିପାରେ।

କେବଳ ଠିକ ସମୟରେ କାର୍ଯ୍ୟାଳୟରେ ପହଞ୍ଚିବା ସଚ୍ଚୋଟତାର ପରିମାପକ ହୋଇନଥାଏ ବରଂ କର୍ମଚାରୀଟି ନିଷ୍ପାପର ଭାବରେ ନିଜର କର୍ତ୍ତବ୍ୟ ସମ୍ପାଦନ କରୁଥିଲେ ସେ ତାର ସଚ୍ଚୋଟତାର ପ୍ରତିପାଦନ କରିପାରେ। ଆତ୍ମ ସମୀକ୍ଷା ମାଧ୍ୟମରେ ନିଜର ଚରିତ୍ରଗତ ତ୍ରୁଟିକୁ ସୁଧାରିବା ତଥା ଚାରିତ୍ରିକ ଶୁଦ୍ଧତା ରକ୍ଷାକଲେ ବ୍ୟକ୍ତି ମଧ୍ୟରେ ପବିତ୍ର ଆତ୍ମାର ପରିସ୍ଫୁଟନ ଘଟିପାରିବ ଏବଂ ସେ ସମାଜକୁ ଦିଗଦର୍ଶନ ଦେବାରେ ସକ୍ଷମ ହୋଇପାରିବ।

**ଜିଲ୍ଲା ପ୍ରକଳ୍ପ ସଂଯୋଜିକା,**
**ସର୍ବଶିକ୍ଷା ଅଭିଯାନ, ଖୋରଧା**
**ମୋ : ୯୪୩୭୨୨୭୨୪୩**



# ସମ୍ପାଦକୀୟ....




ଆମରି ଜୀବଦ୍ଦଶାରେ ପଛରେ ଛାଡ଼ି ଆସିଥିବା ବିଗତ ପଚାଶବର୍ଷର ସାମାଜିକ ସ୍ଥିତି ଓ ଏବେକା ସମାଜର ବାସ୍ତବ ପରିସ୍ଥିତିକୁ ଅନୁଶୀଳନ କଲେ, ଯା'ଭିତରେ ଆକାଶ ପାତାଳର ପରିବର୍ତ୍ତନ ଘଟିଥିବାର ଅନୁଭବକୁ ଆସେ। ସାଂସ୍କୃତିକ, ଧାର୍ମିକ, ଅର୍ଥନୈତିକ ଓ ଶୈକ୍ଷିକ ଆଦି ଅନେକ କ୍ଷେତ୍ରରେ ଏ ପରିବର୍ତ୍ତନକୁ ଲକ୍ଷ୍ୟ କରାଯାଇପାରେ। ସଂସ୍କୃତିର ଦ୍ୱାହି ଦେଇ ଅନେକ ଅପସଂସ୍କୃତି ଏ ସମାଜ ଭିତରକୁ ଧସେଇ ପଶିଛି। ରାସ୍ତାଘାଟ, ପଡ଼ିଆ, ପ୍ରାନ୍ତର ଯୁଆଡ଼େ ଦେଖ, ଅନେକ ମନ୍ଦିର। ଭକ୍ତମାନଙ୍କ ଭିଡ଼ ଭିତରେ ବିଚରା ଭଗବାନମାନେ ନିଜର ଠିକଣା ଖୋଜନ୍ତି। କାରଣ, ଭକ୍ତମାନଙ୍କ ଭିତରେ ଭକ୍ତିର ଅଭାବ। ମଣିଷର ଅର୍ଥନୀତିରେ ଅନେକ ଉନ୍ନତି ଘଟିଛି, ହେଲେ, ଶାନ୍ତି ନାହିଁ। ଶାନ୍ତି ପାଇଁ ସିଏ ବାରଦୁଆରୀ ହେଉଛି। ଏସବୁର ଉପରେ ଶୈକ୍ଷିକଦିଗଟିର ଗୁରୁତ୍ୱ ଅଧିକ। କାରଣ ଆମେ ଜାଣୁ, ସମାଜର ସମସ୍ତ ବିଭାବକୁ ଶୈକ୍ଷିକ ବାତାବରଣ ନିୟନ୍ତ୍ରଣ କରେ।

ବିଗତ ପଚାଶବର୍ଷ ତଳର ଶୈକ୍ଷିକପରିବେଶ ଓ ଏବେକାର ଶିକ୍ଷାଧାରା ଭିତରେ ଅନେକ ପରିବର୍ତ୍ତନ ଘଟିଛି। ସେତେବେଳେ ପିଲାଟିଏ ସ୍କୁଲ୍‌କୁ ସ୍ଥଳବିଶେଷରେ ପାଞ୍ଚରୁ ଦଶ କି.ମି. କିମ୍ବା ତଦୁର୍ଦ୍ଧ୍ୱ ବାଟ ପାଦରେ ଚାଲି ଚାଲି ଯାଉଥିଲା। କଲେଜ ପଢ଼ିବା ସାତସପନ ଥିଲା। ଘରଠାରୁ କଲେଜର ଦୂରତା ଢ଼େର ଅଧିକା। ପାଦରେ ଚାଲିକରି ଯିବା ସମ୍ଭବ ନଥିଲା। ସାଇକେଲ ଖଣ୍ଡିଏ ଯୋଗାଡ଼ କରିବାର ସାମର୍ଥ୍ୟ ସେତେବେଳର ଅନେକ ଅଭିଭାବକମାନଙ୍କର ନଥିଲା। ପାଦଚଲା ରାସ୍ତା ବି ନଥିଲା। ବିଲଗହୀର ହୁଡ଼ାରେ ଚାଲି ଚାଲି ଯିବାକୁ ପଡୁଥିଲା। ଯଦି ରାସ୍ତା ଅଛି, କେହି ସ୍ୱଚ୍ଛଳବର୍ଗର ପିଲାଟିଏ ଅତିବେଶିରେ ସାଇକେଲ ଖଣ୍ଡିଏ ଯୋଗାଡ଼କରି ଯିବା ଆସିବା କରୁଥିଲା। ନଥିଲାବାଲାର ପିଲାଟିଏ ଇଚ୍ଛା ଥାଇ ବି ପଢ଼ିପାରୁନଥିଲା। ଏବେ ସେକାଳର ପରିସ୍ଥିତି ଆଉ ନାହିଁ। ଗାଁ ଗହଳି ସବୁଆଡ଼େ ସ୍କୁଲ ଆଉ କଲେଜ। ଗାଁ ମୁଣ୍ଡର କଲେଜ ପାଇଁ ବି ପାଦରେ ଚାଲିବାକୁ ମନ କହୁନି। ମଟର ସାଇକେଲର ଘୁଁ ଘାଁ ଶବ୍ଦରେ ମହାବିଦ୍ୟାଳୟ ପରିସର ସତତ ଶବ୍ଦାୟିତ। ସହରମାନଙ୍କର ସ୍ଥିତି ଅଲଗା। ଦୁଆରମୁହଁରେ ସ୍କୁଲ ବସ୍ କିମ୍ବା ଟାଉନ୍ ବସ୍। ଯୋଉଠି ପଢ଼ିବାକୁ ଇଚ୍ଛାକଲେ ବି ପଢ଼ିପାରିବାର ସୁବିଧା ଆଜି ସୁଲଭ ହୋଇଛି। ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଠାରୁ ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକର ପ୍ରାବଲ୍ୟ ଶିକ୍ଷା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଛି। ମାତ୍ର ଏସବୁ ସତ୍ତ୍ୱେ ଶିକ୍ଷାର ମୌଳିକତତ୍ତ୍ୱ ଅବଦମିତ ହେଲାପରି ବୋଧ ହେଉଛି। କେହି ଯେପରି ଏହାର କଣ୍ଠରୋଧ କରୁଛି। ଶିକ୍ଷାର କଳେବରରେ ଯେଉଁ ଅନୁସାରେ ବୃଦ୍ଧି ଘଟିଛି, ତାର ଗୁଣାତ୍ମକମାନର ସେହି ଅନୁରୂପେ ଅବକ୍ଷୟ ଘଟିଛି। ଯୁବପୀଢ଼ି ଶିକ୍ଷିତ ହୋଇଛି, ମାତ୍ର ଜ୍ଞାନର ଅଭାବ ଘଟିଛି। ବୁଦ୍ଧି ଅଛି ମାତ୍ର ଚାତୁରୀ ନାହିଁ। ଚାତୁର୍ଯ୍ୟ ମଣିଷକୁ ଜ୍ଞାନୀ କରାଏ। ଶିକ୍ଷାର ମୂଳତତ୍ତ୍ୱ ହେଉଛି କ୍ଷମା ଓ ସହନଶୀଳତା। ମାତ୍ର, ଆଜିର ଯୁବପୀଢ଼ି ଯେତେ ଶିକ୍ଷିତ ହେଉଛି, ତା'ଠାରେ ଏସବୁ ଗୁଣର ଅଭାବ ପରିଲକ୍ଷିତ ହେଉଛି। ଅଧୈର୍ଯ୍ୟ, ଅସହିଷ୍ଣୁତା, ନିଷ୍ଠୁରତା, ପରଶ୍ରୀକାତରତା ଓ ବିଚାରଶକ୍ତିହୀନତା ଆଦି ମାନସିକ ଉପସର୍ଗରେ ଯୁବପୀଢ଼ି ବ୍ୟାଧିଗ୍ରସ୍ତ। ଗୁରୁ-ଶିଷ୍ୟର ପରମ୍ପରାରେ ବିରାଟ ଶୂନ୍ୟସ୍ଥାନ। ତେବେ ଏସବୁ କ'ଣ ପାଇଁ ଘଟୁଛି ? କୋଉଠି ଭୁଲ୍ ରହିଲା ? କିଏ ଭୁଲ୍ କରୁଛି ? ଶିକ୍ଷାବ୍ୟବସ୍ଥା ଓ ଶିକ୍ଷାଦାନ ଭିତରେ କୋଉଠି ଭୁଲ୍ ରହିଯାଉଛି କି ? ଏହା ଆଜି ଚିନ୍ତା କରିବାର ବିଷୟ।

ସାମାଜ ବିଜ୍ଞାନୀ, ଶିକ୍ଷକଶ୍ରେଣୀ, ଶିକ୍ଷାନୀତି ନିର୍ଦ୍ଧାରକ, ଦେଶର ନେତୃବୃନ୍ଦ ତଥା ଶାସକଗୋଷ୍ଠୀ ସମସ୍ତେ ଏଥକୁ ନଜର ଦେବାର ବେଳ ଆସିଛି। ନହେଲେ, ପ୍ରଚଳିତ ଶିକ୍ଷାବ୍ୟବସ୍ଥାର ଏ ବୃହଦାକାର କୁଣ୍ଡଳିନୀ ଅଚିରେ ସମଗ୍ର ଯୁବସତ୍ତାକୁ ବିଷାସକ୍ତ କରିଦେବ ଏଥିରେ ସନ୍ଦେହ ନାହିଁ।

ଡ. ପ୍ରସନ୍ନ କୁମାର ଜେନା

# ହିତବାଣୀ



## ଗୀତା

ଯସ୍ୟ ସର୍ବେ ସମାରମ୍ଭାଃ କାମସଙ୍କଳ୍ପବର୍ଜିତା।
ଜ୍ଞାନାଗ୍ନିଦଗ୍ଧକର୍ମାଣଂ ତମାହୁଃ ପଣ୍ଡିତଂ ବୁଧାଃ।।୪/୧୯

ଯାହାଙ୍କର ସମସ୍ତ ଶାସ୍ତ୍ରସମ୍ମତ କର୍ମ କାମନା ଶୂନ୍ୟ ଓ ସଂକଳ୍ପ ଶୂନ୍ୟ ହୋଇଥାଏ ତଥା ଯାହାଙ୍କର ସମସ୍ତ କର୍ମ ଜ୍ଞାନରୂପକ ଅଗ୍ନିଦ୍ୱାରା ଭସ୍ମ ହୋଇଯାଇଛି, ସେହି ମହାପୁରୁଷଙ୍କୁ ଜ୍ଞାନୀମାନେ ମଧ ପଣ୍ଡିତ ବୋଲି କହନ୍ତି।

## ହିତୋପଦେଶ

ଯିଏ କେବଳ ପୁସ୍ତକ ପଢ଼ିଛି ଅଥଚ ମନୁଷ୍ୟଙ୍କୁ ଅଧୟନ କରିନାହିଁ,

ସେ ଜୀବନସାରା ମୂର୍ଖ ହୋଇ ରହିଯିବ।

## ଭାଗବତ ବାଣୀ

ଆପଣା ହସ୍ତେ ଜିହ୍ୱା ଛେଦି।
କେ ତା'ର ଅଛି ପ୍ରତିବାଦୀ।।

## ମୁଖ୍ୟ ପ୍ରବାଦ-ଡଚ୍

ଧୈର୍ଯ୍ୟ ମଧ ବୁଦ୍ଧିଠାରୁ ବଡ଼

## କୁହତ ଦେଖି

ଆଗେ ଲାଙ୍ଗୁଡ଼ ପଛେ ଲାଙ୍ଗୁଡ଼
ଚଲି ଯାଉଥାଏ ଧାଙ୍ଗୁଡ଼ ଧାଙ୍ଗୁଡ -ହାତୀ

## ଚାଣକ୍ୟ ନୀତି

ଧର୍ମଂ ଧନଂ ଚ ଧାନ୍ୟଂ ଗୁରୋର୍ବଚନମୌଷଧମ୍
ସଂଗୃହୀତଂ ଚ କର୍ତବ୍ୟମନ୍ୟଥା ନ ତୁ ଜୀବତି।।

ଧର୍ମ, ଧନ, ଧାନ୍ୟ ଗୁରୁଙ୍କଠାରୁ ଶିକ୍ଷା ଓ ଔଷଧ ଏ ସବୁ ସଂଗ୍ରହ କରିବା ଦରକାର। ଅନ୍ୟଥା ବ୍ୟକ୍ତି ଜୀବିତ ରହି ପାରିବ ନାହିଁ।

## ଡଗଡମାଳି

ପୁଅ, କୂଅ, ଧନୁ
ଗୁଣ ନଥିଲେ ପୋଛ ମନୁ।

(ପୁଅ, କୂଅ, ଧନୁ ଗୁଣ ନଥିଲେ ଏତିନିଙ୍କୁ ଆଦର କରିହୁଏ ନାହିଁ)

ପାଳି ପୋଷି କଲୁ ଯାହାକୁ ବଡ଼,
ସିଏ ହେଲା ତତେ କାଳକୁ ବାଡ଼।

(କୃତଘ୍ନ ପ୍ରତି ଏହି ଉକ୍ତି ପ୍ରଯୁଜ୍ୟ)

## ରୂଢ଼ି ପ୍ରୟୋଗ

୦ ଅପାତ୍ରରେ ଦାନ -

(ଅବାଞ୍ଛିତ ଲୋକଙ୍କୁ ସାହାଯ୍ୟ କରିବା।)

୦ ଅଙ୍ଗେ ଲିଭେଇବା-
(ନିଜେ ଅନୁଭବ କରିବା।)

●●

# ବିଚିତ୍ରା

## ୨୬ ସପ୍ତାହର ପ୍ରସବକାଳୀନ ଛୁଟି ମିଳିବ

ସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ମହିଳାଙ୍କୁ ଏଣିକି ୧୨ ସପ୍ତାହ ପରିବର୍ତ୍ତେ ୨୬ ସପ୍ତାହର ପ୍ରସବକାଳୀନ ଛୁଟି ମିଳିବ। ଏ ସମ୍ପର୍କିତ ବିଧେୟକ ସଂସଦରେ ଗୃହୀତ ହୋଇଛି। ମାତୃତ୍ୱ ସୁବିଧା (ସଂଶୋଧନ) ବିଧେୟକ ୨୦୧୬ ଲୋକସଭାରେ ଗୃହୀତ ହୋଇଛି। ୨୦୧୬ ଅଗଷ୍ଟ ୧୧ରେ ଏହି ବିଧେୟକ ରାଜ୍ୟସଭାରେ ଗୃହୀତ ହୋଇସାରିଥିବାରୁ ଏବେ ଏହା ଆଇନରେ ପରିଣତ ହେବାରେ କୌଣସି ପ୍ରତିବନ୍ଧକ ନାହିଁ।ଏହି ଆଇନ ଦ୍ୱାରା ୧୮ଲକ୍ଷ ମହିଳା ଲାଭବାନ ହେବେ।

## ନୂଆ ୧୦ ଟଙ୍କିଆ ନୋଟ ଶୀଘ୍ର ଆସିବ

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଖୁବ୍ ଶୀଘ୍ର ନୂଆ ୧୦ ଟଙ୍କିଆ ନୋଟ୍ ବଜାରକୁ ଛାଡ଼ିବ । ମହାତ୍ମାଗାନ୍ଧୀ ଶୃଙ୍ଖଳାର ନୂଆ ୧୦ ଟଙ୍କିଆ ନୋଟ୍‌ର ଉଭୟ ନମ୍ବର ପ୍ୟାନେଲରେ 'ଏଲ୍' ଉଲ୍ଲେଖ ରହିବ।

## ଭାରତରେ ୫୮% ଶିଶୁ ରକ୍ତହୀନତାର ଶିକାର

ଭାତରରେ ୫ବର୍ଷରୁ କମ୍ ୫୮ ପ୍ରତିଶତ ଶିଶୁ ରକ୍ତହୀନତାର ଶିକାର ବୋଲି ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ରିପୋର୍ଟରେ ଦର୍ଶାଯାଇଛି। ରିର୍ପୋଟ ଅନୁଯାୟୀ ରକ୍ତହୀନତାର ଶିକାର ପିଲାଙ୍କ ମଧ୍ୟରୁ ୩୮% ନିର୍ଦ୍ଧାରିତ ମାପଠାରୁ କମ୍ ଉଚ୍ଚତାର ହୋଇଥିବା ବେଳେ ୨୧% ପିଲାଙ୍କ ମାନସିକ ଅଗ୍ରଗତି ଠିକ୍ ଭାବେ ହୋଇପାରି ନାହିଁ। ସେହିପରି ୩୬ ପ୍ରତିଶତପିଲା କମ୍ ଓଜନର ବୋଲି ଜଣାପଡ଼ିଛି। ଦେଶରେ ପ୍ରାୟ ୧୨ କୋଟିରୁ ଉର୍ଦ୍ଧ୍ୱ ଶିଶୁ ରକ୍ତହୀନତାର ଶିକାର ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି।

## ୨୦୧୮ରେ ଦ୍ୱିତୀୟ ଚନ୍ଦ୍ର ଅଭିଯାନ

ଚନ୍ଦ୍ରକୁ ଦ୍ୱିତୀୟ ମହାକାଶଯାନ ପଠାଇବା ଲାଗି ୨୦୧୮ ପ୍ରଥମାର୍ଦ୍ଧରେ ଭାରତ ତାର ଅଭିଯାନ ଆରମ୍ଭ କରିବ ବୋଲି ଇସ୍ରୋ ଅଧକ୍ଷ ଏଏସ୍ କିରନ କୁମାର କହିଛନ୍ତି। ଚନ୍ଦ୍ର ପୃଷ୍ଠରେ ମହାକାଶଯାନକୁ ସଫଳ ଅବତରଣ କରାଇବା ଲାଗି ଆବଶ୍ୟକ ପରୀକ୍ଷାନିରୀକ୍ଷା ଜାରି ରହିଥିବା ସେ କହିଛନ୍ତି। ଚନ୍ଦ୍ର ପୃଷ୍ଠରେ ମହାକାଶଯାନକୁ ସଫଳ ଅବତରଣ କରାଇବା ପାଇଁ ଇସ୍ରୋ ଏକ ଯନ୍ତ୍ର ତିଆରି କରୁଥିବା ସେ କହିଛନ୍ତି। ୨୦୧୮ ପ୍ରଥମ ତିନିମାସ ମଧ୍ୟରେ ଏହି ଅଭିଯାନ ଆରମ୍ଭ କରିବାକୁ ବୈଜ୍ଞାନିକମାନେ ପ୍ରୟାସ ଚଳାଇଛନ୍ତି।

## ଆଧାର ନମ୍ବର ବିନା ପ୍ୟାନ୍ କାର୍ଡ ହେବ ରଦ୍ଦ

ଆୟକର ରିଟର୍ଣ୍ଣ ଫାଇଲ୍ ନିମନ୍ତେ ଆଧାର ନମ୍ବର ବାଧ୍ୟତାମୂଳକ କରିବା ପରେ ସରକାର ଏବେ ପ୍ୟାନ୍‌କାର୍ଡକୁ ଆଧାର ନମ୍ବର ସହ ସଂଯୁକ୍ତ କରିବାକୁ କହିଛନ୍ତି। ଆଧାର ନମ୍ବର ନ ଥିଲେ ପ୍ୟାନ୍ କାର୍ଡକୁ ସରକାର ରଦ୍ଦ କରିପାରନ୍ତି। ଏ ନେଇ ସରକାର ଚଳିତବର୍ଷ ଡିସେମ୍ବର ୩୧ ତାରିଖକୁ ସମୟସୀମା ଧାର୍ଯ୍ୟ କରିଛନ୍ତି।

## ସମଗ୍ର ସାଂସଦ ଜୀବନର ପ୍ରାପ୍ୟ ଦାନ କଲେ ସୁବାସ ଚନ୍ଦ୍ରା

ବିଶିଷ୍ଟ ଗଣମାଧ୍ୟମ ବ୍ୟକ୍ତିତ୍ୱ ସୁବାସ ଚନ୍ଦ୍ରା ତାଙ୍କର ସମଗ୍ର ସାଂସଦ ଜୀବନର ଦରମା ଓ ଭତ୍ତା ପ୍ରଧାନମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ କରିଛନ୍ତି। ତେବେ ସାଂକେତିକ ଭାବେ ସେ ମାତ୍ର ଗୋଟିଏ ଟଙ୍କା ଦରମା ନେବେ ବୋଲି ଶୁକ୍ରବାର ଘୋଷଣା କରିଛନ୍ତି। ହରିୟାଣାରୁ ରାଜ୍ୟସଭା ସାଂସଦ ଥିବା ଚନ୍ଦ୍ରା ହେଉଛନ୍ତି ଏସେଲ ଶିଳ୍ପ ଗୋଷ୍ଠୀର ଅଧକ୍ଷ। ଏହାଛଡ଼ା ଦେଶର ପ୍ରଥମ ସାଟେଲାଇଟ୍ ଟିଭି ଚାନେଲ ତଥା ଘରୋଇ ଖବର ଚାନେଲ ଭାବେ ପ୍ରସାରିତ 'ଜି-ଟିଭି'ର ମାଲିକ। ସେ ଭାରତର ସବୁଠୁ ବିତ୍ତଶାଳୀମାନଙ୍କ ମଧ୍ୟରେ ଜଣେ ଭାବେ ପରିଗଣିତ।

## ସାମାଜିକ ଓ ଶିକ୍ଷାଗତ ପଛୁଆଙ୍କ ପାଇଁ ଗଠନ ହେବ ନୂଆ ଆୟୋଗ:


ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗଙ୍କ ପାଇଁ ସରକାର ନୂଆ ଆୟୋଗ ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ପୂର୍ବର ଏଥିପାଇଁ ରହିଥିବା ନ୍ୟାସନାଲ କମିଶନ ଫର ବ୍ୟାକୱାର୍ଡ କ୍ଲାସେସ (ଏନସିବିସି)କୁ ଉଚ୍ଛେଦ କରାଯାଇ ନ୍ୟାସନାଲ କମିଶନ ଫର ସୋସିଆଲ ଆଣ୍ଡ ଏଜୁକେସନାଲ ବ୍ୟାକୱାର୍ଡ କ୍ଲାସେସ୍ (ଏନଏସ୍‌ଇବିସି) ନାମରେ ନୂଆ ଆୟୋଗ ଗଠନ କରାଯିବ। ଆୟୋଗକୁ ସାମ୍ବିଧାନିକ ମର୍ଯ୍ୟାଦା ଦେବାକୁ ନୂଆ ବିଧେୟକ ଅଣାଯିବ। ନୂଆ ଆୟୋଗରେ ଅଧକ୍ଷ, ଉପାଧକ୍ଷଙ୍କ ସହିତ ୩ଜଣ ସଦସ୍ୟ ରହିବେ। ପଛୁଆ ବର୍ଗ ଆୟୋଗକୁ ସାମ୍ବିଧାନିକ ମର୍ଯ୍ୟାଦା ଦେବା ପାଇଁ ହେଉଥିବା ଦାବିକୁ ଆଧାର କରି ସରକାର ଏପରି ନିଷ୍ପତ୍ତି ନେଇଛନ୍ତି।

## ମାସିକ ୩ ଥରରୁ ଅଧିକ ଜମାରେ ଲାଗିବ ଶୁଳ୍କ-ଷ୍ଟେଟ୍ ବ୍ୟାଙ୍କ

ବ୍ୟାଙ୍କ ସଞ୍ଚୟ ଜମା ଖାତାଧାରୀମାନେ ମାସିକ ୩ ଥରରୁ ଅଧିକ ଥର ଅର୍ଥ ଜମା କଲେ ଶୁଳ୍କ ଦେବାକୁ ହେବ । ୩ ଥରରୁ ଅଧିକ ଥର ଅର୍ଥ ଜମା ଲାଗି ଗ୍ରାହକଙ୍କୁ ପ୍ରତ୍ୟେକ କାରବାର ଉପରେ ୫୦ଟଙ୍କା ଶୁଳ୍କ ସହ ସେବା କର ଦେବାକୁ ହେବ । ତେବେ ୩ଥର ଅର୍ଥ ଜମା ଲାଗି ଗ୍ରାହକଙ୍କୁ କୌଣସି ଚାର୍ଜ ଦେବାକୁ ପଡିବ ନାହିଁ। ଚଳନ୍ତି ଖାତା କ୍ଷେତ୍ରରେ ସର୍ବାଧିକ ୨୦୦୦୦ ଟଙ୍କାର ଶୁଳ୍କ ଲାଗିପାରେ । ଷ୍ଟେଟ୍ ବ୍ୟାଙ୍କର ଏହି ନୂଆ ନିୟମ ୩୧କୋଟି ଜମାକାରୀଙ୍କ ସହ ପେନ୍‌ସନ୍‌ଧାରୀ ଏବଂ ଛାତ୍ରଛାତ୍ରୀଙ୍କୁ ପ୍ରଭାବିତ କରିବା ଅନୁମାନ କରାଯାଉଛି ।

# ଜନମାନସର ସ୍ମୃତିରେ ରବିରାୟ ଅମର ହୋଇରହିବେ

ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି



ରବିରାୟ, ଦେଶର ଅତି ଆଦରଣୀୟ ଜନନେତା, ପ୍ରଖ୍ୟାତ ସାଂସଦ, ଅତୀତରେ ନୀତିନିଷ୍ଠ କେନ୍ଦ୍ରମନ୍ତ୍ରୀ ଏବଂ ନବମ ଲୋକସଭାର ବାଚସ୍ପତି ଏଇ ମାସର ୬ତାରିଖ ଅପରାହ୍ନରେ ଶ୍ରୀ ରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ହାସପାତାଳରେ ଚିକିତ୍ସିତ ହେବା ସମୟରେ ଦିବଂଗତ ହୋଇଗଲେ। ସେ ଅସୁସ୍ଥ ହୋଇ ସଂକଟଜନକ ଅବସ୍ଥାରେ କେତେଦିନ ହେବ ଚିକିତ୍ସିତ ହେଉଥିଲେ। ତଥାପି ତାଙ୍କର ବିୟୋଗର ସଂବାଦ ରାଜ୍ୟ ତଥା ଦେଶର ଜନସାଧାରଣଙ୍କୁ ସ୍ତବ୍ଧ ଓ ଶୋକାଭିଭୂତ କରିପକାଇଥିଲା। ଅନେକେ ଅନୁଭବ କରିଥିଲେ ଯେ ରାଜ୍ୟ ଅଭିଭାବକ ଶୂନ୍ୟ ହୋଇଗଲା। ଦେଶର ରାଜନୈତିକ ମାନଚିତ୍ରରେ ତାଙ୍କର ପଦଚିହ୍ନ ସବୁଠି ଉଜ୍ଜୀବିତ ହୋଇରହିଛି, ରହିଥିବ ମଧ୍ୟ। ସହଜରେ ସେ ପଦଚିହ୍ନ ଲିଭିଯିବ ନାହିଁ। କିନ୍ତୁ ନବମ ଲୋକସଭାର ବାଚସ୍ପତି ଭାବରେ ବାଚସ୍ପତି ପଦର ଗାରିମା, ସ୍ୱାଭିମାନ ଓ ମର୍ଯ୍ୟାଦାକୁ ସେ ଯେପରି ସ୍ୱୀକୃତ କରାଇଥିଲେ, ତାହା ଇତିହାସ ହୋଇ ରହିବ। ଅନେକ କଥାରେ ତାଙ୍କର ନିଷ୍ପତ୍ତି ଅନ୍ୟମାନଙ୍କ ପାଇଁ ଦୃଷ୍ଟାନ୍ତ ହୋଇ ରହିବ। ସ୍ମୃତିରେ ଅଛି, ତାଙ୍କ ମୁହଁରୁ ଶୁଣିଥିଲି ସ୍ୱର୍ଗତ ରାଜୀବ ଗାନ୍ଧୀ ତାଙ୍କୁ ଏତେ ଆଦର କରୁଥିଲେ ଯେ ତାଙ୍କୁ କହିଥିଲେ "ରବିରାୟଜୀ, ଏଥରକ ନିର୍ବାଚନ ସରିଲେ ଆପଣଙ୍କୁ ବାଚସ୍ପତି କରିବୁ ଓ ଆପଣ ସବୁଦିନ ବାଚସ୍ପତି ହୋଇରହିବେ। ଯୁକ୍ତରାଜ୍ୟର ପରମ୍ପରାକୁ ଗ୍ରହଣ କରିବା"। ଛ'ତାରିଖ ବିଳମ୍ବିତ ସନ୍ଧ୍ୟାରେ କଟକର କଲ୍ୟାଣ ନଗରରେ ରବିରାୟ ଓ ଡ଼ାକ୍ତର ପ୍ରଫେସର୍ ସରସ୍ୱତୀ ସ୍ୱାଇଁଙ୍କ ବାସଭବନରେ ପହଞ୍ଚିଥିଲି ଶ୍ରଦ୍ଧାସୁମନ ଅର୍ପଣ କରିବା ପାଇଁ। ବିଶ୍ୱାସ ଆସୁନଥିଲା ଯେ ରବିରାୟଙ୍କ ପରି ଜଣେ ବଳିଷ୍ଠ ବ୍ୟକ୍ତିତ୍ୱ, ଯିଏ ସମଗ୍ର ଦେଶର ଅଭିଭାବକତ୍ୱ ଗ୍ରହଣ କରିଥିଲେ ସେ, ଏପରି ନିର୍ବିକାର ଭାବରେ ଶୋଇରହିଯାଇପାରିବେ। ଅନେକେ ଆଖିରୁ ଲୁହ ଝରାଉଥିଲେ। ଦଳମତ ନିର୍ବିଶେଷରେ କଟକର ବିଭିନ୍ନ ବର୍ଗର ଲୋକମାନେ ରବିରାୟ ଆଉ ନାହାନ୍ତି ବୋଲି କ୍ରମେ ସେମାନଙ୍କର ଅନୁଭବକୁ ବିଶ୍ୱାସକୁ ନେଉଥିଲେ, ବ୍ୟକ୍ତିଗତ ଅସୁସ୍ଥତାକୁ ନେଇ ଆଉ ତାଙ୍କ ପାଖକୁ ଯାଇପାରିନଥିଲି। ଇଲୋକଟ୍ରୋନିକ ମେଡ଼ିଆ ମାଧ୍ୟମରେ ତାଙ୍କର ଅନ୍ତ୍ୟେଷ୍ଟି କ୍ରିୟାର ପ୍ରତ୍ୟେକ ମୁହୂର୍ତ୍ତକୁ ଦେଖୁଥିଲି, ତାଙ୍କର ମରଶରୀର ଲୋହିଆ ଏକାଡ଼େମୀରେ ଅନ୍ତିମଯାତ୍ରାକୁ ଅପେକ୍ଷା କରିବା ସମୟରେ ତାଙ୍କୁ ସମ୍ମାନ ଜଣାଇବା ପାଇଁ ଜନସାଧାରଣଙ୍କର ଧାଡ଼ି ଲମ୍ବିଥିଲା- ଦେଶର ଅତି ବିଶିଷ୍ଟ ଜନନେତାମାନେ ଜଣଙ୍କ ପରେ ଜଣେ ଶ୍ରଦ୍ଧା ନିବେଦନ ଜଣାଉଥିଲେ। ରାଜ୍ୟର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ବିହାରର ମୁଖ୍ୟମନ୍ତ୍ରୀ, ଦେଶର ଜଣେ ଅତିପ୍ରିୟ ନେତା ଶ୍ରୀ ଶରଦ ଯାଦବ ମଧ୍ୟ ରବିରାୟଙ୍କ ପ୍ରତି ସେମାନଙ୍କର ଅନ୍ତିମ ସମ୍ମାନ ଜଣାଉଥିଲେ। ସଂଧ୍ୟାରେ ରବିରାୟଙ୍କ ମର ଶରୀର ତାଙ୍କ ଜନ୍ମମାଟି ଭଅଁରାଗଡ଼ରେ ଚିତାରେ ଜଳି ଭସ୍ମରେ ପରିଣତ ହୋଇ ପଂଚଭୂତରେ ଲୀନ ହୋଇଗଲା। ୧୯୬୮ର କଥା- ରବିରାୟଙ୍କର ମା'ଙ୍କର ମୃତ୍ୟୁ ସମ୍ବାଦ ସେ ଦିଲ୍ଲୀରେ ଥିଲାବେଳେ ପାଇଥିଲେ। ଲୋକସଭାର ଓ ଦିଲ୍ଲୀର ସମସ୍ତ କାର୍ଯ୍ୟକ୍ରମକୁ ପଛରେ ପକାଇ ମା'ଙ୍କ ବିୟୋଗ ଜନିତ ଶୋକରେ ସାମିଲ ହେବାପାଇଁ ତତ୍କ୍ଷଣାତ୍ ଗାଁକୁ ଆସିଥିଲେ। ସେତେବେଳେ ସେ ଲୋକସଭାରେ ସଂଯୁକ୍ତ ସୋସିଆଲିଷ୍ଟ ପାର୍ଟିର ନେତା ଥାଆନ୍ତି। ତାଙ୍କ ଅନୁପସ୍ଥିତି ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲା- ସବୁକାମ ସାରି ନୂଆଦିଲ୍ଲୀକୁ ଫେରିଆସିଲେ। ୩୦-ଏ ଅତୁଲଗ୍ରୋହ ରୋଡ଼ରେ ଥିବା ତାଙ୍କ ଘର ଚଳଚଞ୍ଚଳ ହୋଇପଡ଼ିଲା- ମା'ଙ୍କ ମୃତ୍ୟୁପାଇଁ ସମବେଦନା ଜ୍ଞାପନ କରିବାକୁ ସମସ୍ତେ ଆସିଲେ। ସବୁ ଦଳର ନେତୃବୃନ୍ଦ ସଙ୍ଖୋଳି ଗଲେ। କଂଗ୍ରେସ ଦଳ ପକ୍ଷରୁ ସେତେବେଳକାର ପାର୍ଲିଆମେଣ୍ଟାରୀ ତଥା ସଂସଦୀୟ ବିଭାଗର ମନ୍ତ୍ରୀ ରାମସୁଭଗ ସିଂହ ଆସିଲେ। ସେ ବିହାରକୁ ପ୍ରତିନିଧିତ୍ୱ କରୁଥିଲେ। ସେ ଦେଖିଲେ ରବିରାୟଙ୍କ ମୁଣ୍ଡ ବାଳକୁ ନଣ୍ଡାହୋଇ ମା'ଙ୍କ ଉଦ୍ଦେଶ୍ୟରେ ଦେଇନାହାନ୍ତି। ସେ ଚିତ୍କାର କଲେ ଏବଂ କହିଲେ, "ରବି, ତୁ ଜଗନ୍ନାଥ ଦେଶର ଲୋକ, ତୁ ମୁଣ୍ଡନ କରିନାହୁଁ।" ଏକଥା ଶୁଣି ରବିରାୟ କାନ୍ଦିଲେ। ସେ ସମାଜବାଦୀ ଚିନ୍ତାଧାରାରେ ବିଶ୍ୱାସ କରୁଥିବା କର୍ମୀ ଓ ନେତାଙ୍କ ମଧ୍ୟରେ ଆଗ ଧାଡ଼ିର ନେତାଥିଲେ। ସେମାନଙ୍କର ଆଦର୍ଶ ବୋଧହୁଏ ଥିଲା ଯେ ଶୋକ ପ୍ରକଟକରି ମୁଣ୍ଡ ନଣ୍ଡା ହୋଇଗଲେ କଥାଟି ସେଇଠି ସରିଲା ନାହିଁ। ମା'ଙ୍କର ଆଦର୍ଶକୁ ଜୀବନ୍ତ କରି ରଖିବାକୁ ପଡ଼ିବ।

ସମସ୍ତେ କହନ୍ତି, ରବିରାୟ ସରଳ, ଅମାୟିକ, ସ୍ନେହୀ, ଦରଦୀ, ନିରାଡ଼ମ୍ବର ଓ ବିଶ୍ୱସ୍ତ ଜନସେବକଟିଏ। ତାଙ୍କ ବାପା ଓ ମା'ଙ୍କ ଜୀବନାଦର୍ଶ ତାଙ୍କୁ ନିଶ୍ଚିତ ଭାବରେ ପ୍ରଭାବିତ କରିଥିବ। ମୋତେ ଲାଗୁଛି ସେ ନିଜେ ଅତୀତରେ କହିଥିବେ ଯେ, ତାଙ୍କ ମୃତ୍ୟୁପରେ ତାଙ୍କର ମରଶରୀରର ସଂସ୍କାର ଭଅଁରଗଡ଼ରେ ହେବ। ସେ ଅବିଭକ୍ତ ପୁରୀ ଜିଲ୍ଲାର। ପୁରୀକୁ ଲୋକସଭାରେ ପ୍ରତିନିଧିତ୍ୱ କରୁଥିଲେ। କିନ୍ତୁ ସ୍ୱର୍ଗଦ୍ୱାରରେ ତାଙ୍କର ମରଶରୀରର ସଂସ୍କାର ହେବାକଥା ଚାହିଁନଥିଲେ। ରାଜ୍ୟ ସରକାରଙ୍କୁ ସାବାସୀ ଦେବାକୁ ହେବ ଯେ, ରାଜ୍ୟରେ ଏକ ଦିବସୀୟ ଶୋକ ପାଳନ କଲେ। ନିଜେ ମୁଖ୍ୟମନ୍ତ୍ରୀ ସଂସ୍କାର ସମୟରେ ଉପସ୍ଥିତ ହେଲେ। ସେଦିନ (୭ତାରିଖରେ) ଶୁଣିଲି ଖୋର୍ଦ୍ଧାରେ ଓକିଲମାନେ ତାଙ୍କପ୍ରତି ଭାବବିହ୍ୱଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ବିଚାର ବିଭାଗୀୟ ଅଫିସରମାନଙ୍କୁ ନିବେଦନ ଜଣାଇ କୋର୍ଟ କାର୍ଯ୍ୟ ବନ୍ଦ କରିଥିଲେ। ପ୍ରାଣନାଥ ସ୍ୱୟଂଶାସିତ କଲେଜରେ ଅଧକ୍ଷ ଚୌଧୁରୀ ପ୍ରତାପ କୁମାର ଦାସ ଜାତୀୟ ପତକାକୁ ଅର୍ଦ୍ଧନିମିତ କରିଥିଲେ। ଅନେକ ସଂଗଠନ ପକ୍ଷରୁ ଶୋକସଭା ହୋଇଥିଲା- ଖୋର୍ଦ୍ଧାରେ ଆମରିସତ୍ୟର ଆବାହକ ଡ଼କ୍ଟର ପ୍ରମୋଦ ଦାସଙ୍କ ନେତୃତ୍ୱରେ ପାଠକମାନେ ବିଶିଷ୍ଟ ନାଗରିକମାନଙ୍କ ସହିତ ସମ୍ମିଳିତ ହୋଇ ଶ୍ରଦ୍ଧା ନିବେଦନ ଜଣାଇଥିଲେ।

ବୌଦ୍ଧିକ ଜଗତରେ ରବିରାୟ ତାଙ୍କ ପ୍ରତିଭାକୁ ଏପରି ପ୍ରତିଷ୍ଠା କରିଥିଲେ ଯେ, ଅନେକେ ତାଙ୍କୁ ଜଣେ ରାଜନେତା ବୋଲି ଗ୍ରହଣ ନକରି ବୌଦ୍ଧିକ ଜଗତର ଜଣେ ଶ୍ରେଷ୍ଠ ବ୍ୟକ୍ତି ବୋଲି ଗ୍ରହଣ କରିଥାଆନ୍ତି। ମୁଁ ତାଙ୍କ ପାଖରେ ସଂସଦରେ ଗବେଷଣା କରିବା ପାଇଁ ପାଖାପାଖି ଏକବର୍ଷ ଥିଲି। ମୋର ବଡ଼ଭାଇଙ୍କର ସେ ଅନ୍ତରଙ୍ଗ ବନ୍ଧୁ ଏବଂ ଶୁଭ ଚିନ୍ତକ। ମୁଁ ପାଖରୁ ତାଙ୍କୁ ଦେଖିଛି। ନୂଆ ବହିଟିଏ ପାଇଲେ ସେଇଦିନ ପଢ଼ିସାରିଦେବେ। ଗ୍ରିନାଲ ମୁଦଲଙ୍କର ଏସିଆନ୍ ଡ୍ରାମା ଗୋଟିଏ ରାତି ଭିତରେ ପଢ଼ିଦେଲେ। ସମ୍ବାଦପତ୍ରଗୁଡ଼ିକୁ ଟିକିନିଖି ପଢ଼ନ୍ତି। କିଛିବର୍ଷ ତଳେ ନିଖିଳ ଓଡ଼ିଶା ରାଜନୀତି ବିଜ୍ଞାନ ସମ୍ମିଳନୀର ଉଦ୍‌ଘାଟନ ଉତ୍ସବରେ ଯୋଗ ଦେଇଥାଆନ୍ତି, ସବୁ ଆଲୋଚନା ଶୁଣିଲେ, ତାଙ୍କ ବକ୍ତବ୍ୟରେ ସେ କହିଥିଲେ "ଆମେ କେବଳ ଆମ ଲେଖା ଦେଶ ବାହାରେ ପ୍ରକାଶ ପାଉଛି କହିଲେ ଯଥେଷ୍ଟ ହେବ ନାହିଁ। ଦେଶ ବାହାରର ଲୋକମାନେ ଆମ ଲୋକଙ୍କ ଦ୍ୱାରା ପ୍ରଣୀତ ବହିସବୁ ପଢ଼ିବାକୁ ଆରମ୍ଭ କରିବା ଦେଖିଲେ ଯାଇ, ଆମେ ଗୁଣାତ୍ମକ ଶିକ୍ଷା ବିକାଶ କରିଛନ୍ତି ବୋଲି ଦୃଢ଼ତାର ସହିତ କହି ପାରିବା।" ବୌଦ୍ଧିକ ଜଗତ ତାଙ୍କୁ ସବୁ ସମୟରେ ଝୁରିହେବ।

ଜଣେ ସମାଜବାଦୀ ବ୍ୟକ୍ତି ଭାବରେ ତାଙ୍କ ପ୍ରତିଷ୍ଠା ତାଙ୍କ କଲେଜ ଜୀବନରୁ ଆରମ୍ଭ ହୋଇଥିଲା- ରେଭେନ୍ସା କଲେଜ ଛାତ୍ର ସଂସଦର ସଭାପତି, ମଧୁସୂଦନ ଆଇନ କଲେଜର ଛାତ୍ର ସଂସଦର ସଭାପତି, ଆଉ ଏମିତି ଅନେକ ଛାତ୍ର ସଙ୍ଗଠନମାନଙ୍କର କର୍ମକର୍ତ୍ତା ହେବା ତାଙ୍କର ରାଜନୈତିକ ଜୀବନ ପାଇଁ ଏକ ଦୃଢ଼ ମୂଳଦୁଆ ପକାଇଥିଲା- ଯୁବବର୍ଗଙ୍କୁ ସେ ଭଲ ପାଉଥିଲେ। ସ୍ୱଚ୍ଛତାକୁ ପ୍ରାଧାନ୍ୟ ଦେଉଥିଲେ। ଅନ୍ୟକୁ ସାହାଯ୍ୟ କରିବା ତାଙ୍କର ଜୀବନାଦର୍ଶର ଏକ ବୈଶିଷ୍ଟ୍ୟ ଥିଲା- ସମସ୍ତଙ୍କୁ ଏତେ ଆଦର କରୁଥିଲେ ଯେ, ନିଜେ ଜଣେ ଅନୁଭବ ନକଲେ ଏହାକୁ ବର୍ଣ୍ଣନା କରାଯାଇପାରିବ ନାହିଁ। ସାମାଜିକ ଓ ଅର୍ଥନୈତିକ ଦୃଷ୍ଟିରୁ ଶୋଷିତ ଲୋକଟିର ଅସୁବିଧା ସହିତ ନିଜକୁ ସାମିଲ କରିବାପାଇଁ ଚେଷ୍ଟିତ ଥିଲେ।

ମୁଁ ତାଙ୍କର ଅତିଥି ଭାବରେ ତାଙ୍କ ପାଖରେ ଥିଲି। ତାଙ୍କ ଘରୁ ଗୋଟିଏ ବଖରା ଘର ମୋତେ ରହିବା ପାଇଁ ସେ ଦେଇଥିଲେ। ମୁଁ ପୁଣି ତାଙ୍କ ଘରେ ଖାଇଲେ କାଳେ ତାଙ୍କ ଉପରେ ବୋଝ ହୋଇଯିବି ସେଥିପାଇଁ ଯାଇ ବାହାରେ ଖାଉଥିଲି। ସେ ଲକ୍ଷ୍ୟକଲେ ମୁଁ ଗାଡ଼ିରେ କୁଆଡ଼େ ଚାଲିଯାଉଛି। ତାଙ୍କ ପାଇଁ ଯିଏ ଖାଦ୍ୟ ପ୍ରସ୍ତୁତ କରୁଥିଲା ତାକୁ ପଚାରିଲେ ମୁଁ କୁଆଡ଼େ ପଳାଇଯାଉଛି ବୋଲି। ସେ କହିଲା ଯେ, ମୁଁ ଖାଇବାକୁ ବାହାରକୁ ଯାଉଛି। ସେଦିନ ମୋତେ ତାଗିଦ ହୋଇଗଲା ଯେ ମୁଁ ବାହାରେ ଖାଇବି ନାହିଁ, ତାଙ୍କରି ପାଖରେ ଖାଇବାକୁ ପଡ଼ିବ। ସେ ଏକୁଟିଆ ରହୁଥାଆନ୍ତି। ତାଙ୍କୁ କାଳେ ଓଡ଼ିଶାର ବ୍ୟଞ୍ଜନ ଭଲଲାଗିବ ବୋଲି ମୁଁ ଗୋଟିଏ ପ୍ରକାରର ଡ଼ାଲମା କରୁଥିଲି, ଯାହାର ନାଁ ଦେଇଥିଲି "ଜୟ ଶଙ୍କର ଡ଼ାଲମା"। ନଡ଼ିଆ ଖଣ୍ଡ, ଧନିଆଁ ପତ୍ର ଓ ବିଲାତି ବାଇଗଣ ପ୍ରଭୃତି ସେଥିରେ ପଡ଼େ। ସେ ସେଇ ଡ଼ାଲମା ବଡ଼ ଆଗ୍ରହରେ ଖାଆନ୍ତି। ଯେବେ ପରେ ଦେଖାହୋଇଛି ସେ ଡ଼ାଲମା କଥା ପଚାରିଥାନ୍ତି। ମୁଁ ବୁଢ଼ା ହୋଇଗଲି। ସେ ବାର୍ଦ୍ଧକ୍ୟଜନିତ ଅସୁସ୍ଥତାରେ ଘାଣ୍ଟି ହେଲେ। ଆଜି ଦୁଃଖ ଆସୁଛି ଯେ, ଜୟଶଙ୍କର ଡ଼ାଲମା ତାଙ୍କୁ ଖୁଆଇପାରିଲି ନାହିଁ। ସମୟ ସମୟରେ ତାଙ୍କ ଖୁସି ପାଇଁ ଚିଙ୍ଗୁଡ଼ି ତରକାରି ମଧ୍ୟ କରୁଥିଲୁ।

ଗୋଟିଏ କଥା ଉପସ୍ଥାପିତ ନକରି ରହିପାରିବି ନାହିଁ। ଥରେ ତାଙ୍କର ସମ୍ମାନନୀୟ। ସହଧର୍ମିଣୀ ଡ଼ାକ୍ତର ସରସ୍ୱତୀ ସ୍ୱାଇଁଙ୍କର ବ୍ରହ୍ମପୁର ମେଡ଼ିକାଲ କଲେଜର ଛାତ୍ରଛାତ୍ରୀମାନେ ତାଙ୍କ ଘରେ ଅତିଥି ହେବାକୁ ଆସିଲେ। ସେମାନେ ଉତ୍ତର ଭାରତ ପରିଭ୍ରମଣରେ ଆସିଥାଆନ୍ତି। ତାଙ୍କ ପାଇଁ ଘରଟିର ପ୍ରତ୍ୟେକ କୋଠରୀ ପୂରିଗଲା- ଟଏଲେଟ (ସ୍ନାନାଗାର) ସବୁ ଛାତ୍ରଛାତ୍ରୀମାନେ ବ୍ୟବହାର କଲେ, ରବିରାୟ ନିଜେ କିପରି ଟଏଲେଟ ଯିବେ, ସ୍ନାନ କରିବା ଏସବୁ ସମସ୍ୟା ଉପୁଜିଲା- ରାତି ଏଗାରଟା ବେଳେ ମୋ ପ୍ରକୋଷ୍ଠର କବାଟ ବାଡ଼େଇଲେ। ମୁଁ କବାଟ ଖୋଲିଲି। ରବିରାୟଙ୍କୁ ଦେଖି ଆଶ୍ଚର୍ଯ୍ୟ ହେଲି। ସେ ମୋତେ କହିଲେ, "କ୍ଷୀରୋଦ, ତୁମ ସ୍ନାନାଗାର ଓ ଟଏଲେଟ ମୁଁ ଟିକେ ବ୍ୟବହାର କରିବି, ତୁମର ଆପତ୍ତି ନାହିଁ ତ" ?- ମୁଁ ହତବାକ୍ ହୋଇଗଲି। ଘର ତାଙ୍କର, ମୁଁ ଅତିଥି, ତାଙ୍କ ଆତିଥେୟତାର ଶତକଡ଼ା ଶହେଭାଗ ସୁବିଧା ନେଉଛି, ମୋ ପ୍ରକୋଷ୍ଠକୁ ସଂଲଗ୍ନିତ ଟଏଲେଟକୁ ବ୍ୟବହାର କରିବା ପାଇଁ ମୋ ଅନୁମତି ମାଗୁଛନ୍ତି। ଏପରି ଉଦାରତା, ଦୟାଶୀଳତା, ମହାନୁଭବତା କେବଳ ରବିରାୟଙ୍କ ପାଖରେ ଥିଲା। ରାଜ୍ୟର ଅନେକ ଅତିଥି ଆସନ୍ତି। ସମସ୍ତଙ୍କୁ ସହୃଦୟତାର ସହିତ ସେ ଅଭ୍ୟର୍ଥନା କରିଥାନ୍ତି। କେହି ପର ନୁହନ୍ତି, ସମସ୍ତେ ନିଜର। ରାଜ୍ୟର ଯେକୌଣସି ଅଞ୍ଚଳର ଲୋକ ହୋଇଥାଆନ୍ତୁ।

ଅନେକ କଥା ତଥା ସ୍ମୃତି ତାଙ୍କୁ ନେଇଅଛି। ତାଙ୍କ ବିୟୋଗରେ

ଶ୍ରଦ୍ଧାସୁମନ ଅର୍ପଣ କରିବା ସମୟରେ କାହାକୁ ଲେଖିବି, କାହାକୁ ବାଦ ଦେବି ଠିକ୍ କରିପାରୁନାହିଁ। ଦେଶର ସେ ସମୟର ସମାଜବାଦୀମାନଙ୍କ ସହିତ ତାଙ୍କର ସମ୍ପର୍କ ଅତିଦୃଢ଼ ଓ ଘନିଷ୍ଠ ଥିଲା- ମୁଁ ତାଙ୍କର ବଂଧୁ ମଧୁଲିମାଏ, ମଧୁ ଦଣ୍ଡବତେ, ଜର୍ଜ ଫର୍ଣ୍ଣାଡ଼ିସ, ରାଜନାରାୟଣ ପ୍ରଭୃତିଙ୍କୁ ତାଙ୍କ ସହିତ ଦେଖୁଛି। ସେମାନଙ୍କ ଚିନ୍ତା ରାଜ୍ୟରେ ସମାଜବାଦୀ ଆଦର୍ଶ ଜାଜ୍ୱଲ୍ୟମାନ ହୋଇଥାଏ। ମୋର ସ୍ମୃତିରେ ଅଛି, ନୀଲମ ସଂଜୀବ ରେଡ୍ଡୀ ସେତେବେଳେ ଲୋକସଭାର ବାଚସ୍ପତି ଥାଆନ୍ତି, ସେ ବୟସ୍କ ବ୍ୟକ୍ତି, ଲୋକସଭାର ଜଣେ ବରିଷ୍ଠ ସାଂସଦ। ରବିରାୟଙ୍କ ସହିତ ସମସ୍ତଙ୍କୁ ନାଁ ଧରି ଡ଼ାକିଥାନ୍ତି। ରବିରାୟ ନଛୋଡ଼ବନ୍ଧା ହିନ୍ଦୀରେ କହିବେ, ଇଂରାଜୀରେ କହିବେ ନାହିଁ। ପ୍ରଶ୍ନ, ସ୍ୱଳ୍ପ ମିଆଦି ପ୍ରଶ୍ନ ଦୃଷ୍ଟି ଆକର୍ଷଣକାରୀ ପ୍ରସ୍ତାବ, ଏସବୁକୁ ନିର୍ଦ୍ଧାରିତ ସମୟରେ ସଂସଦ ଭବନରେ ପହଞ୍ଚାଇ ଥାଆନ୍ତି। ବାଚସ୍ପତିଙ୍କ ସହିତ କଳିକରନ୍ତି ଯଦି ତାଙ୍କର ପ୍ରସ୍ତାବମାନ ବାଚସ୍ପତିଙ୍କର ଦୃଷ୍ଟି ଆକର୍ଷଣ କରିନାହିଁ। ଜଣେ ସାଂସଦ ଭାବରେ ଏଥିପାଇଁ ଗଭୀର ପରିଶ୍ରମ କରିଥାଆନ୍ତି। ଏଥିପାଇଁ ଯେଉଁ ସମୟ ଧାର୍ଯ୍ୟ ହୋଇଥାଏ ତାରି ଭିତରେ ଏସବୁକୁ ସଂସଦ ଭବନକୁ ପଠାଇଥାଆନ୍ତି। ଜଣେ ସାଂସଦ ଭାବରେ ନିଜକୁ ଜନସାଧାରଣଙ୍କର ହେବାପାଇଁ ଏପରି ସମର୍ପିତ କରିଥାଆନ୍ତି। ସେ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରୁଥିଲେ। ଏସବୁ ପ୍ରକ୍ରିୟାରେ ଭଙ୍ଗା ପଡ଼ିଗଲା- ସମାଜ ତଥା ଜାତିପାଇଁ ତାଙ୍କଠୁ ଦିଗ୍‌ଦର୍ଶନ ମିଳିବ ନାହିଁ। ଯାହା ସ୍ମୃତିରେ ଅଛି ସେତେବେଳେ ସଂଜୀବ ରେଡ୍ଡୀ କେବଳ ଆମ ଓଡ଼ିଶାର ପ୍ରଜା ସମାଜବାଦୀ ନେତା ସୁରେନ୍ଦ୍ରନାଥ ଦ୍ୱିବେଦୀଙ୍କୁ "ସୁରେନ୍ଦ୍ର ବାବୁ" ବୋଲି କହୁଥିଲେ। ଫ୍ରାଙ୍କ୍ ଆନ୍ଥୋନିଙ୍କୁ ମିଷ୍ଟର ଆନ୍ଥୋନୀ ବୋଲି ସଂବୋଧନ କରୁଥିଲେ। ଜଣେ ସଭ୍ୟ ବା ସଭ୍ୟା ତାଙ୍କ କଥା ନଶୁଣିଲା ନାହିଁ ସେ କହୁଥିଲେ, "ଆଇ ଆମ୍ ଅନ୍ ମାଇଁ ଲେଗସ୍ ପ୍ଲିଜ ସିଟ୍ ଡ଼ାଉନ୍"- ସଂସଦ ଭିତରେ ଓ ସଂସଦ ବାହାରେ ରବିରାୟ ସମସ୍ତଙ୍କର ପ୍ରିୟ ଥିଲେ। କେନ୍ଦ୍ରୀୟ କକ୍ଷରେ ସ୍ୱର୍ଗୀୟା ନନ୍ଦିନୀଙ୍କୁ ଅନେକ ଥର କହନ୍ତି ଯେ, ଓଡ଼ିଶାର ଖବରକାଗଜରେ ତୁମେ ମୁଖ୍ୟମନ୍ତ୍ରୀ ହେବ ବୋଲି ପ୍ରକାଶିତ ହୋଇଛି। ଆଜି ସମସ୍ତଙ୍କୁ ଚା' ଖର୍ଚ୍ଚ ଦେଇଦିଅ। ନନ୍ଦିନୀ ଦେବୀ ସମସ୍ତଙ୍କୁ ହସି ହସି ଚା ପିଆନ୍ତି। ଏଇ ଥଟ୍ଟା ତାମସା ସତରେ ଦିନେ ସତ୍ୟରେ ପରିଣତ ହେଲା- ସେ ମୁଖ୍ୟମନ୍ତ୍ରୀ ହେଲେ।

ସେତେବେଳେ (୬୮-୬୯) ରବିରାୟ ସଂଯୁକ୍ତ ସୋସିଆଲିଷ୍ଟ ଦଳର ନେତା ଥାଆନ୍ତି। ସ୍ୱର୍ଗତ ସୁରେନ୍ଦ୍ର ନାଥ ଦ୍ୱିବେଦୀ ପ୍ରଜା ସୋସିଆଲିଷ୍ଟ ଦଳର ସଂସଦୀୟ ନେତା ଥାଆନ୍ତି। ସଂସଦୀୟ ଦଳର ନେତା ଭାବରେ ଏମାନେ ଅତି ଗୁରୁତ୍ୱପୂର୍ଣ୍ଣ ପଦବୀ ମଣ୍ଡନ କରିଥିଲେ ଓ ସବୁ ସମୟରେ ସମ୍ମାନିତ ହେଉଥିଲେ। ଥରେ ସ୍ୱର୍ଗୀୟା ମାଳତୀ ଚୌଧୁରୀ ତାଙ୍କର ଅନୁଗାମୀଙ୍କ ସହ ନିଶା ନିବାରଣ ଆନ୍ଦୋଳନର କାର୍ଯ୍ୟ ପାଇଁ ନୂଆଦିଲ୍ଲୀ ଆସିଥିଲେ। ଆଗରୁ ଜଣାଇଥିଲେ ଯେ, ସେ ରବିରାୟଙ୍କର ଅତିଥି ହେବେ। ସେଦିନ ପୂର୍ବାହ୍ନରେ ରବିରାୟ ମୋତେ କହିଥିଲେ ଯେ, "କ୍ଷୀରୋଦ, ମାଳତୀ ଦେବୀ ଆସିବେ, ଶୀଘ୍ର ଫେରିଆସିବ"। ମୁଁ ଜାଣେ ନାହିଁ କାହିଁକି ମାଳତୀ ଦେବୀଙ୍କ ପ୍ରତି ମୋର ସମ୍ମାନ ଏତେ ନଥିଲା। ତାଙ୍କୁ ଆଡ଼େଇ ଯିବାପାଇଁ ମୁଁ ଡ଼େରିରେ ଆସିଲି। ରବିରାୟ କବାଟ ଫିଟାଇଲେ ଓ ମୋ ଉପରେ ବିରକ୍ତ ହୋଇ କହିଲେ ଯେ, "ମାଳତୀ ଦେବୀ ଓ ତାଙ୍କ ସାଙ୍ଗରେ ଆସିଥିବା ସମସ୍ତେ କେହି ଖାଇନାହାଁନ୍ତି, ସେମାନଙ୍କର ମତ ପରିବାରର ସମସ୍ତେ ନଆସିଲା ପର୍ଯ୍ୟନ୍ତ ରାତ୍ର ଭୋଜନ ନେବେ ନାହିଁ। ତୁମେ କାହିଁକି ଡ଼େରିକଲ ?"- ମୁଁ ଲଜ୍ଜିତ ହେଲି, ଦୁଃଖ ପ୍ରକାଶ କଲି ଓ ଖାଇବସିଲି। ଖାଇବା ପୂର୍ବରୁ ପ୍ରାର୍ଥନା ଅର୍ପଣ କରାଗଲା।ମାଳତୀ ଦେବୀଙ୍କୁ ଦେଖି, ତାଙ୍କ ଜୀବନଚର୍ଯ୍ୟାକୁ ଅନୁଭବ କରି ତାଙ୍କ ପ୍ରତି ମୋର ସମ୍ମାନ ଯଥେଷ୍ଟ ବୃଦ୍ଧି ପାଇଲା"। ମୋର ତାଙ୍କ ଉପରେ ଯେଉଁ ଭ୍ରାନ୍ତ ଧାରଣା ଥିଲା ସେଥିପାଇଁ ମୁଁ ଭଗବାନଙ୍କ ନିକଟରେ କ୍ଷମା ଭିକ୍ଷା କଲି। ତାଙ୍କୁ ମୁଁ ମୋ ଜୀବନରେ ଜଣେ ମହିୟସୀ ମହିଳା ଭାବରେ ସେହିଦିନ ଠାରୁ ଗ୍ରହଣ କରିଛି। ୧୯୫୫-୫୬ରେ ରାଜ୍ୟର ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କର ସେ ସହଧର୍ମିଣୀ ଥିଲେ। ସୀମା ଆନ୍ଦୋଳନ ସମୟରେ ତାଙ୍କ ଭୂମିକାକୁ ନେଇ କେହି କେହି ତାଙ୍କ ବିରୋଧରେ ମୋ ମନକୁ ବିଷାକ୍ତ କରିପକାଇଥିଲେ। ରବିରାୟଙ୍କ ଅଭିଭାବକତ୍ୱରେ ମୋର ତାଙ୍କୁ ନେଇ ସେଇ ଅନୁଭବ ବଦଳିଗଲା।

ଏଇ ଅବସରରେ ଆଉ ଗୋଟିଏ କଥା ସ୍ମୃତିରେ ଅଛି। ସ୍ୱର୍ଗତ ସୁରେନ୍ଦ୍ର ନାଥ ଦ୍ୱିବେଦୀ ରବିରାୟଙ୍କ ଘରକୁ ସାଧାରଣ ଭାବରେ ଆସିନଥାନ୍ତି। ସେଦିନ ମାଳତୀ ଦେବୀଙ୍କୁ ସାକ୍ଷାତ କରିବା ପାଇଁ ଆସିଥିଲେ। ସୁରେନ୍ଦ୍ର ନାଥ ଦ୍ୱିବେଦୀଙ୍କୁ ଦେଖି ମାଳତୀ ଦେବୀ ଭାବ ବିହ୍ୱଳିତ ହୋଇ ତାଙ୍କୁ କୁଣ୍ଢାଇ ପକାଇ କହିଲେ- "ସୁରିଆ, ତୁ ଚନ୍ଦା ହୋଇଗଲୁ। ତୋ ବାଳ ସବୁ କୁଆଡ଼େ ଗଲା" ? ଏ ବିଷୟରେ ରବିରାୟଙ୍କୁ ଜିଜ୍ଞାସା କରି ମୁଁ ଯାହା ଜାଣିଲି, କଂଗ୍ରେସ ଦଳର ସମାଜବାଦୀମାନଙ୍କର ସ୍ୱର୍ଗୀୟ ମାଳତୀ ଦେବୀ ମା' ଥିଲେ, ସମୟରେ ଭାଉଜ ହୋଇଥିଲେ। ସମସ୍ତଙ୍କୁ ରାନ୍ଧି ବାଢ଼ି ଖୁଆଉଥିଲେ। ଅନେକ କଥାରେ ସେମାନଙ୍କୁ ସେ ଦିଗଦର୍ଶନ ଦେଉଥିଲେ।

ରବିରାୟ ୯୮ ବର୍ଷରେ ଆମଠୁ ବିଦାୟ ନେଇଗଲେ। ସେ ଶତାୟୁ ହୋଇପାରିଥାନ୍ତେ। ଏବେ ଆମ ସମସ୍ତଙ୍କ ପାଇଁ ଅଣବାହୁଡ଼ା ହୋଇଗଲେ। ତାଙ୍କୁ ଖୋଜି ଆଉ ଲୋଡ଼ି ତାଙ୍କ ସ୍ନେହଶ୍ରଦ୍ଧା ସଶରୀରରେ ଆଉ ପ୍ରାପ୍ତ ହେବନାହିଁ, କିନ୍ତୁ ଜଣେ ଆଦର୍ଶ ସ୍ଥାନୀୟ ଜନନେତା, ଜନସେବକ ଓ ଅଭିଭାବକ ଭାବରେ ତାଙ୍କ ଆଦର୍ଶ ଦେଶବାସୀଙ୍କୁ ସବୁ ସମୟରେ ବିହ୍ୱଳିତ କରିବ। ତାଙ୍କ ବିୟୋଗରେ ସୃଷ୍ଟ ଶୂନ୍ୟତା, ଅପୂରଣୀୟ ହୋଇରହିବ। ରବିରାୟ ଅମର ହୋଇ ରୁହନ୍ତୁ।

**ଜେଲ୍‌ରୋଡ଼, ଖୋର୍ଦ୍ଧା**
**ମୋ : ୯୪୩୭୩୦୨୪୧୭**



# ଓଡ଼ିଆର ପ୍ରାଣ- ଭାରତ ଭାସ୍କର ରବି ରାୟ

**ସତ୍ୟବାଦୀ ବଳିଆରସିଂହ**

ଗତ ମାର୍ଚ୍ଚ ୬ତାରିଖ ଓଡ଼ିଶା ତଥା ଭାରତ ପାଇଁ ଥିଲା ବିଷାଦର ଦିବସ । ସମାଜବାଦର ଆତ୍ମଦୀକ୍ଷାରେ ଅଭିମନ୍ତ୍ରିତ ସନ୍ନ୍ୟାସୀ, ସ୍ୱାଭିମାନର ତେଜୋମୟ ରବି, ରବି ରାୟ ଧରାପୃଷ୍ଠରୁ ବିଦାୟ ନେଲେ । ସେ ଥିଲେ ସଂଯୁକ୍ତ ସୋସିଆଲିଷ୍ଟ ପାର୍ଟିର ପ୍ରଥମ ଓଡ଼ିଆ ସାଂସଦ ତଥା ଲୋକସଭାରେ ଦଳର ଦଳପତି । ସେ ଥିଲେ ଲୋକସଭାରେ ପ୍ରଥମ ଓଡ଼ିଆ ବାଚସ୍ପତି । ଲୋକସଭାରେ ଓଡ଼ିଆରେ ଭାଷଣ ଦେବାରେ ପ୍ରଥମ ଓଡ଼ିଆ ସାଂସଦ ।ପାର୍ଲାମେଣ୍ଟରେ ପ୍ରଶ୍ନକାଳ ପରେ ମୁଲତବୀ ପ୍ରସ୍ତାବ ଆଲୋଚନା ଏବଂ ତା'ପରେ ହେଉଥିବା ଶୂନ୍ୟକାଳ (ଜିରୋ- ଆୱାର)ର ପ୍ରବର୍ତ୍ତକ ଆଦି ବହୁ ନୂତନ ଦିଗନ୍ତର ସେ ଥିଲେ ସ୍ରଷ୍ଟା । ସମାଜବାଦୀ ଦଳର ସ୍ରଷ୍ଟା ରାମ ମନୋହର ଲୋହିଆ ଓ ଗାନ୍ଧିବାଦୀ ନବକୃଷ୍ଣ ଚୌଧୁରୀଙ୍କ ଜୀବନାଦର୍ଶରୁ ସେ ଅନେକ କଥା ଶିକ୍ଷାଲାଭ କରିଥିଲେ । ଲୋକସଭାର ପୂର୍ବତନ ବାଚସ୍ପତି ଥିବା ହେତୁ କେନ୍ଦ୍ର ସରକାର ତାଙ୍କ ପାଇଁ ଗୋଟିଏ ଦିନ ରାଷ୍ଟ୍ରୀୟ ଶୋକ ଦିବସ ପାଳନ କଲେ । ରାଜ୍ୟ ସରକାର ମଧ୍ୟ ଦିନକ ପାଇଁ ପାଳିଲେ । ହୁଏତ ସେ ଅନ୍ୟ ରାଜ୍ୟରେ ଜନ୍ମ ଗ୍ରହଣ କରିଥିଲେ ତାଙ୍କ ପାଇଁ ତିନିଦିନ କିଂବା ସାତଦିନ ବ୍ୟାପୀ ଶୋକସଭା ପାଳନ କରାଯିବା ବିଚିତ୍ର ନଥିଲା । ସମ୍ବାଦପତ୍ର ଓ ଦୂରଦର୍ଶନରେ ତାଙ୍କ ଉପରେ ଅଧିକ ଗୁରୁତ୍ୱ ଦିଆଯାଇ ପ୍ରଚାର ପ୍ରସାର କରାଯାଇପାରିଥାନ୍ତା, କିନ୍ତୁ ଦୁଃଖର କଥା ତାହା ହେଲାନାହିଁ । ମାଆ, ମାତୃଭୂମି ଓ ମାତୃଭାଷାକୁ ନିବିଡ଼ ଭାବରେ ଭଲ ପାଉଥିବା ସ୍ୱାଭିମାନୀ ରବି ରାୟ ଇଚ୍ଛା ପୋଷଣ କରିଥିଲେ ତାଙ୍କର ଅନ୍ତିମ ସଂସ୍କାର ନିଜ ଗାଁ ଭଅଁରାଗଡ଼ ଶ୍ମଶାନରେ କରିବା ପାଇଁ । ଏହି ଅନ୍ତିମ ଇଚ୍ଛାକୁ ଧର୍ମ ପତ୍ନୀ ଡ଼ାକ୍ତର ସରସ୍ୱତୀ ସ୍ୱାଇଁ ଓ ପାଳିତ ପୁତ୍ର ପୁତୁରା ସୌମେନ୍ଦ୍ର କୁମାର ରାୟ ଅକ୍ଷରେ ଅକ୍ଷରେ ପାଳିଥିଲେ । ସାତ ତାରିଖ ଦିନ ଜନ୍ମମାଟି ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ବ୍ଲକ ଭଅଁରାଗଡ଼ ଶ୍ମଶାନରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିହାରର ମୁଖ୍ୟମନ୍ତ୍ରୀ ନିତୀଶ କୁମାର, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶରଦ ଯାଦବଙ୍କ ସମେତ ରାଜ୍ୟର ବହୁ ମନ୍ତ୍ରୀ, ନେତା, ସ୍ଥାନୀୟ ବ୍ୟକ୍ତି, ବୁଦ୍ଧିଜୀବୀ ଏବଂ ତାଙ୍କର ବହୁ ପ୍ରଶଂସକ ଯୋଗଦେଇ ଶେଷ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

ସ୍ୱର୍ଗତ ରାୟ ୧୯୨୬ ମସିହା ନଭେମ୍ବର ୨୬ ତାରିଖରେ ପିତା ଘନଶ୍ୟାମ ରାୟ ଓ ମାତା ସୁନାମଣି ଦେବୀଙ୍କ କୋଳମଣ୍ଡନ କରିଥିଲେ । ନିଜ ଗ୍ରାମରୁ ପ୍ରାଥମିକ ଶିକ୍ଷା ସମାପ୍ତ ପରେ ସେ ଭିଙ୍ଗାରପୁର ହାଇସ୍କୁଲରେ ଛାତ୍ରାବାସରେ ରହି ଅଧ୍ୟୟନ କରିଥିଲେ । ତୁଳସୀ ଦୁଇପତ୍ରରୁ ବାସିଲା ପରି ତାଙ୍କ ନେତୃତ୍ୱ ସେଠାରେ ବିକଶିତ ହୋଇଥିଲା । ଛାତ୍ରାବାସର ସଂପାଦକ ଭାବେ ନେତୃତ୍ୱ ନେବାର ଦକ୍ଷତା ପ୍ରତିପାଦିତ କରିଥିଲେ । ସେ ରେଭେନ୍ସା କଲେଜରେ ଛାତ୍ର ସଂସଦର ସଭାପତି ଓ ୧୯୫୦ ମସିହାରେ ମଧୁସୂଦନ ଲ' କଲେଜର ସଭାପତି ହୋଇପାରିଥିଲେ । ୧୯୪୬ ମସିହାରେ ରେଭେନ୍ସା କଲେଜରେ ତ୍ରିରଙ୍ଗା ପତକା ଉଡ଼ାଇ କାରାବରଣ କରିଥିବା ରବି ରାୟ ୧୯୫୦ ମସିହାରେ ରାମ ମନୋହର ଲୋହିୟାଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ସଂଯୁକ୍ତ ସୋସିଆଲିଷ୍ଟ ପାର୍ଟିରେ ଯୋଗଦେଇଥିଲେ ।

ରବି ରାୟ ନିଜର ସାଂଗଠନିକ ଦକ୍ଷତା, ବିଚକ୍ଷଣ ବାଗ୍ମିତା ପାଇଁ ୧୯୫୪ ମସିହାରେ ସର୍ବଭାରତୀୟ ସମାଜବାଦୀ ପାର୍ଟିର ଯୁବକ ସଂସ୍ଥାର ସଂପାଦକ ପଦ ପାଇଥିଲେ । ୧୯୬୭ ମସିହା ୪ର୍ଥ ସାଧାରଣ ନିର୍ବାଚନରେ ସେ ସଂଯୁକ୍ତ ସୋସିଆଲିଷ୍ଟ ପାର୍ଟିର ପ୍ରାର୍ଥୀ ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ କଂଗ୍ରେସ ପ୍ରାର୍ଥୀ ବିଭୁଦେନ୍ଦ୍ର ମିଶ୍ରଙ୍କୁ ବିପୁଳ ଭୋଟ ବ୍ୟବଧାନରେ ପରାଜିତ କରିଥିଲେ । ସେତେବେଳେ ସଂଯୁକ୍ତ ସୋସିଆଲିଷ୍ଟ ପାର୍ଟିର ୧୭ଜଣ ଲୋକସଭାକୁ ନିର୍ବାଚିତ ହୋଇଥିବାବେଳେ ଓଡ଼ିଶାରୁ ଏକମାତ୍ର ରବି ରାୟ ପୁରୀ ଆସନରୁ ଜିତିଥିଲେ । ଦଳର ଏହି ସତର ଜଣଙ୍କ ମଧ୍ୟରେ ରାଜ ନାରାୟଣ ଓ ମଧୁ ଲିମାୟେଙ୍କ ଭଳି ଟାଣୁଆ ନେତା ଥିଲେ ମଧ୍ୟ ରବି ରାୟଙ୍କୁ ଦଳର ନେତାଭାବେ ବଛା ଯାଇଥିଲା । ନିଜର ସାଲିସ ବିହୀନ ବ୍ୟକ୍ତିତ୍ୱ, ନିଷ୍ଠାପର ଉଦ୍ୟମ, ଦୃଢ଼ ଇଚ୍ଛାଶକ୍ତି ଓ ବିଚକ୍ଷଣ ସାଂଗଠନିକ ଦକ୍ଷତା ପାଇଁ ଏହି ବାଗ୍ମୀ ପୁରୁଷଙ୍କୁ ଦଳପତି ରୂପେ ବଛାଯାଇଥିଲା । ସେ ଲୋକସଭାରେ ସାଂସଦ ଭାବେ ପାଦଦେଇ ଜଣେ ସ୍ୱାଭିମାନୀ ଓଡ଼ିଆ ଭାବେ ନିଜର ସ୍ୱାଭିମାନକୁ ପ୍ରତିଷ୍ଠା କରିଥିଲେ । ସଂସଦରେ ସେ ପ୍ରଥମେ ଓଡ଼ିଆରେ ବକ୍ତବ୍ୟ ଦେଇଥିଲେ । ଓଡ଼ିଆରେ ମତ ରଖିବା ଦେଖି ଅନେକ ବାରଣ କଲେ । ପୂର୍ବରୁ ସଂସଦରେ କେବଳ ଇଂରାଜୀ ଓ ହିନ୍ଦୀରେ ଆଲୋଚନା ହେଉଥିଲା । ରବିରାୟ ନିଜ ନିଷ୍ପତ୍ତିରେ ଅଟଳ ରହି ଓଡ଼ିଆରେ ବକ୍ତୃତା ଦେଲେ । ସେ ରୋକଠୋକ୍ ଶୁଣାଇଦେଲେ "ମୁଁ ମୋ ମାତୃଭାଷା ଓଡ଼ିଆରେ ବକ୍ତୃତା ଦେବି, ଏଣିକି କିଏ ବୁଝୁ କି ନ ବୁଝୁ ।" ସ୍ଥିତି ଏମିତି ହେଲା ଯେ ତତ୍କାଳୀନ ବାଚସ୍ପତି ନୀଲମ୍ ସଂଜୀବ ରେଡ୍ଡୀ ଏହାକୁ ସ୍ୱୀକାର କରି ରବିରାୟଙ୍କୁ ଓଡ଼ିଆରେ କହିବା ପାଇଁ ଅନୁମତି ଦେଲେ । ସେହି ସମୟରୁ ବାଚସ୍ପତିଙ୍କ ନିଷ୍ପତ୍ତି ଅନୁସାରେ ପ୍ରାଦେଶିକ ଭାଷାରେ ମତ ରଖିବା ପାଇଁ ସ୍ଥିର ହୋଇଥିଲା । ଏହାକୁ ଅନୁବାଦ କରାଯିବା ପାଇଁ ସ୍ଥିର ହୋଇଥିଲା । ଏହି ପରମ୍ପରା ଆଜି ପର୍ଯ୍ୟନ୍ତ ଚାଲିଆସିଛି । ରବି ରାୟ ଛାତ୍ର ଜୀବନରେ ଇଂରାଜୀ ଫଳକରେ କଳାଛକି ମାରି କାରାବରଣ କରିଥିଲେ । ଓଡ଼ିଆ ଭାଷା ପାଇଁ ସ୍ୱାଭିମାନର

ବାର୍ତ୍ତା ଦେଇଥିବା ଅନ୍ୟ ଦୁଇଜଣ ରାଜନେତାଙ୍କ ଏ ପ୍ରସଙ୍ଗରେ ଚର୍ଚ୍ଚାକୁ ଆସିଥାଏ। ସେମାନେ ହେଲେ ବାଗ୍ମୀ ବିଶ୍ୱନାଥ କର ଓ ନବକୃଷ୍ଣ ଚୌଧୁରୀ। ପରାଧୀନ ଭାରତରେ ବାଗ୍ମୀ ବିଶ୍ୱନାଥ ୧୯୧୨ ମସିହା ଡ଼ିସେମ୍ବର ମାସ ୨୪ ତାରିଖରେ ବିହାର- ଓଡ଼ିଶା ବିଧାନସଭାରେ ଓଡ଼ିଆରେ ଭାଷଣ ଦେଇଥିଲେ। ସେହିପରି ନବକୃଷ୍ଣ ଚୌଧୁରୀ ମୁଖ୍ୟମନ୍ତ୍ରୀ ଥିବାବେଳେ ୧୯୫୪ ମସିହାରେ ଓଡ଼ିଆ ସରକାରୀ ଭାଷା ଆଇନ ପ୍ରଣୟନ କରିଥିଲେ।

ଓଡ଼ିଆ ପ୍ରାଣ ରବିରାୟ ନିଜ ମାତୃଭାଷାକୁ ଯେଭଳି ଗୁରୁତ୍ୱ ଦେଉଥିଲେ ନିଜ ଗାଁକୁ ମଧ୍ୟ ସେଭଳି ଗୁରୁତ୍ୱ ଦେଉଥିଲେ। ତାଙ୍କ ପୁତୁରା ଦେବ ପ୍ରସାଦ ରାୟ ମହାପାତ୍ର ପୁରୀ ଏସ୍.ସି.ଏସ୍. କଲେଜରେ ୧୯୬୭-୭୧ରେ ଥିଲେ ମୋର ସହପାଠୀ। ସେ କୁହନ୍ତି, ରବି ଦାଦା ଗାଁକୁ ଆସିଲେ ଗାଁର ସୁଖ ଦୁଃଖରେ, ଯାନିଯାତ୍ରାରେ ଏପରିକି ନ୍ୟାୟ ନିଷ୍ପତ୍ତିରେ ଯୋଗଦେଇ ପରାମର୍ଶ ଦେଇଥାନ୍ତି। ନିଜ ଗାଁ ଲୋକଙ୍କ ସହିତ ଗାଁ ଭାଇ ଭଳି ମିଳାମିଶା କରିବାରେ ସେ ଅପାର ଆନନ୍ଦ ପାଉଥିଲେ। ସାଧାରଣ ଜୀବନଯାପନ ହିଁ ଥିଲା ତାଙ୍କ ଜୀବନର ବୈଶିଷ୍ଟ୍ୟ, ଯଦିଓ ସେ ସାମନ୍ତ (ଗଡ଼ ଅଧିନ ସମସ୍ତ ଗାଁ ଦଳପତି) ପରିବାରର ବ୍ୟକ୍ତି ଥିଲେ।

ରବି ରାୟ ଲୋକସଭାରେ ବାଚସ୍ପତି ଥିବାବେଳେ ସଂସଦୀୟ କାର୍ଯ୍ୟକ୍ରମର ପ୍ରଥମ ଥର ଦୂରଦର୍ଶନ ପ୍ରସାରଣ ହୋଇଥିଲା। ୧୯୯୧ ଡ଼ିସେମ୍ବର ୨୦ ତାରିଖରେ ସଂସଦର ମିଳିତ ଅଧିବେଶନକୁ ରାଷ୍ଟ୍ରପତି ସମ୍ବୋଧନ କରିବା କାର୍ଯ୍ୟକ୍ରମକୁ ପ୍ରଥମ ଥର ପାଇଁ ଦୂରଦର୍ଶନରେ ଆଲୋଚନାର ସିଧାପ୍ରସାରଣ ଦିଗରେ ପଦକ୍ଷେପ ନେବାକୁ ବାଟ ଫିଟାଇଥିଲେ। ଏ ସମ୍ପର୍କରେ ପୂର୍ବରୁ ପ୍ରସ୍ତାବ ଥିଲେ ବି ରବି ରାୟ ବାଚସ୍ପତି ଥିବା ସମୟରେ ଏହା କାର୍ଯ୍ୟକାରୀ ହୋଇଥିଲା। ସେ 'ଆଣ୍ଟି ଡ଼ିଫେକ୍ସନ୍ ଲ'କୁ କାର୍ଯ୍ୟକାରୀ କରି ୬ଜଣ ସାଂସଦଙ୍କୁ ବହିଷ୍କାର ଆଦେଶ ଦେଇଥିଲେ। ଏପରିକି ପାର୍ଲାମେଣ୍ଟର ସେକ୍ରେଟାରୀଙ୍କ ଦୁର୍ନୀତି ବିରୋଧରେ ମହାଭିଯୋଗ ଆଣି ତାଙ୍କୁ ବହିଷ୍କାର କରିଥିଲେ। ବାଚସ୍ପତି କାଳର ଶେଷ ସମୟରେ ସୁପ୍ରିମକୋର୍ଟର ଜଣେ ବିଚାରପତି କେ. ରାମସ୍ୱାମୀଙ୍କ ବିରୋଧରେ ମହାଭିଯୋଗ (Impeachment) ଆସିଲା। ଏହା ଗ୍ରହଣ ନକରିବା ପାଇଁ ତାମିଲନାଡୁ ସାଂସଦମାନଙ୍କ ପକ୍ଷରୁ ଚାପ ସୃଷ୍ଟି ହୋଇଥିଲା। କିନ୍ତୁ ରବି ରାୟ ଏହି ମହା ଅଭିଯୋଗକୁ ପାର୍ଲାମେଣ୍ଟରେ ଆଗତ ପାଇଁ ଐତିହାସିକ ପଦକ୍ଷେପ ନେଇଥିଲେ। କାରଣ ତାଙ୍କ ପୂର୍ବରୁ ସୁପ୍ରିମକୋର୍ଟର କୌଣସି ବିଚାରପତିଙ୍କ ବିରୋଧରେ ମହାଅଭିଯୋଗ ଆସିନଥିବାରୁ ସେ ଚର୍ଚ୍ଚାରେ ଥିଲେ।

"ପାର୍ଲାମେଣ୍ଟାରୀ ଡ଼େମୋକ୍ରାସି" ନାମରେ ଏକ ଇଂରାଜୀ ପୁସ୍ତକ ଲେଖିଥିଲେ ରବି ରାୟ। ସେ ମଧ୍ୟ ଇଂରାଜୀରେ "ଦି ଅଦର ସାଇଡ଼" ନାମରେ ଏକ ପତ୍ରିକାର ସଂପାଦନା କରୁଥିଲେ। ସେହିଭଳି ହିନ୍ଦୀରେ 'ଚଉଖମ୍ଭା' ଏବଂ ଓଡ଼ିଆରେ 'ଜନ' ଓ 'ସମତା' ନାମକ ପତ୍ରିକାର ସଂପାଦକ ଥିଲେ। ସେ ବିଭିନ୍ନ ଓଡ଼ିଆ ଓ ଇଂରାଜୀ ପତ୍ରପତ୍ରିକାରେ ସ୍ତମ୍ଭ ଲେଖୁଥିଲେ। ଏଭଳି ଜଣେ ଗୁଣୀବ୍ୟକ୍ତିଙ୍କୁ ସର୍ବଭାରତୀୟ ପ୍ରେସ କାଉନସିଲ ଅଧ୍ୟକ୍ଷ ପଦରେ ଆସୀନ କରାଇଥିଲା।

ରବି ରାୟ ତାଙ୍କ ଜୀବନରେ ବହୁ ଅନୁଷ୍ଠାନ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି। ତା'ର ତାଲିକା ଏତେ ଲମ୍ବା ଯେ ଉଲ୍ଲେଖ କରିବା ସମ୍ଭବ ନୁହେଁ। ସେ ପାଇଥିବା ପ୍ରମୁଖ ସମ୍ମାନ ସମ୍ବର୍ଦ୍ଧନା ହେଲା ପଣ୍ଡିତ ନୀଳକଣ୍ଠ ସ୍ମୃତି ସମ୍ମାନ, ଭାରତ ଜ୍ୟୋତି ସମ୍ମାନ, ରାଷ୍ଟ୍ରୀୟ ଗୌରବ ସମ୍ମାନ, ପ୍ରାଣନାଥ ସମ୍ମାନ, ଉତ୍କଳ ଶ୍ରୀ ସମ୍ମାନ, ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଉତ୍କଳ ରତ୍ନ ସମ୍ମାନ, ସାରଳା ସାହିତ୍ୟ ସଂସଦର କଳିଙ୍ଗ ରତ୍ନ ସମ୍ମାନ, ବାରଣାସୀର କାଶୀ ବିଦ୍ୟାପୀଠ ପକ୍ଷରୁ ମହାତ୍ମାଗାନ୍ଧୀ ସ୍ମୃତି ସମ୍ମାନ, ଭାରତୀ ଫାଉଣ୍ଡେସନ ପକ୍ଷରୁ 'ଦେଶରତ୍ନ ସମ୍ମାନ', ଖ୍ରୀ ୨୦୦୨ରେ ଭାରତ ପକ୍ଷରୁ ତିବତୀୟ ସମାରୋହରେ ଦଲାଇଲାମାଙ୍କ ଠାରୁ Light of Truth ସମ୍ମାନ, ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଡ଼ିଲିଟ୍ ସମ୍ମାନ ଆଦି ଅନ୍ତର୍ଭୁକ୍ତ।

ରବି ରାୟ ବାଚସ୍ପତି ଥିବାବେଳେ କମନ ୱେଲ୍‌ଥ ନେସନ୍ସର ବାଚସ୍ପତିମାନଙ୍କର ସମ୍ମିଳନୀରେ ଯୋଗଦେଇଥିଲେ। ସେଠାରେ ସେ ବାଚସ୍ପତିମାନଙ୍କ ସମ୍ମିଳନୀର ବାଚସ୍ପତି ଭାବେ ନିର୍ବାଚିତ ହୋଇ ସଭା ନିର୍ବାହ କରିଥିଲେ। ସେ ଲୋକସଭାକୁ ୩ଥର ଏବଂ ରାଜ୍ୟସଭାକୁ ଲୋକଦଳର ପ୍ରାର୍ଥୀ ଭାବେ ଥରେ ନିର୍ବାଚିତ ହୋଇଥିଲେ। ସେ କେନ୍ଦ୍ରରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଥିବାବେଳେ ଆମ ରାଜ୍ୟରେ ଜାତୀୟ ଆୟୁର୍ବେଦ କେନ୍ଦ୍ର ପ୍ରତିଷ୍ଠା ଏବଂ ଭଦ୍ରକରେ ୟୁନାନି ଡ଼ାକ୍ତରଖାନା ପ୍ରତିଷ୍ଠା କରିଥିଲେ। ନୂଆଦିଲ୍ଲୀରୁ ପୁରୀକୁ ଉତ୍କଳ ଏକ୍ସପ୍ରେସ ଚଳାଚଳର ସେ ମୁଖ୍ୟ ପୁରୋଧା ଥିଲେ।

ଅଣ କଂଗ୍ରେସ ମନ୍ତ୍ରୀମଣ୍ଡଳ ଗଠନ ନେଇ ଏକଦା ଟାଇମ୍ସ ଅଫ୍ ଇଣ୍ଡିଆ ଗ୍ରୁପର 'ଦିନମାନ' ରେ ଦେଶର ୪ମୁଖ୍ୟ ନଗର- ଦିଲ୍ଲୀ, ବମ୍ବେ, କଲିକତା ଓ ମାଡ୍ରାସ୍‌ରେ ଜନମତ ସଂଗ୍ରହ ହୋଇ ପ୍ରଧାନମନ୍ତ୍ରୀ ପଦପାଇଁ ବିକଳ୍ପ ନାମ ପ୍ରକାଶିତ ହୋଇଥିଲା। ସେଥିରେ ଅଣକଂଗ୍ରେସ ପ୍ରଧାନମନ୍ତ୍ରୀ ରୂପେ ରବିରାୟଙ୍କ ନାମ ମୁଖ୍ୟ ଭାବେ ସ୍ଥାନିତ ହୋଇଥିଲା। ବାସ୍ତବରେ ସାରା ଦେଶ ପାଇଁ ସେ ଯଶର ଉତ୍ତୁଙ୍ଗ ଶିଖରୀରେ ପହଞ୍ଚି ପାରିଥିଲେ।

୧୯୫୦ ମସିହାରେ ସୋସିଆଲିଷ୍ଟ ଦଳରେ ଯୋଗ ଦେଇଥିବା ରବି ରାୟ ପରେ ଲୋକଦଳ, ଜନତା ଦଳ, ସମତା ଦଳ ଆଦିରେ ରହିଥିଲେ ମଧ୍ୟ ୧୯୯୬ରେ ରାଜନୀତିରୁ ସନ୍ନ୍ୟାସ ନେଇଥିଲେ। ଦଳୀୟ ରାଜନୀତିର ଦାଓପେଞ୍ଚ, ଅର୍ଥ, ସ୍ୱାର୍ଥ ଏବଂ ମିଛ ଠାରୁ ନିଜକୁ ଦୂରେଇ ରଖିଥିଲେ ସେ। ନିଜ ଗାଁ, ରାଜ୍ୟ, ଓଡ଼ିଆ ଭାଷା ତଥା ସାଧାରଣ ଲୋକଙ୍କ ଅଭାବ ଅସୁବିଧାକୁ ପ୍ରାଧାନ୍ୟ ଦେଇ ଆସୁଥିବା ରବି ରାୟଙ୍କ ଚିତାଗ୍ନି ଜଳିଉଠିଥିଲା ନିଜ ଗାଁ ଶ୍ମଶାନରେ। ସାରା ରାଜ୍ୟ, ଦେଶ ତାଙ୍କୁ ମନେ ପକାଉଥିବାବେଳେ ଗାଁ ଲୋକେ ବାହୁନି ବାହୁନି କାନ୍ଦୁଥିଲେ। ସ୍ୱାଭିମାନୀ ଓଡ଼ିଆ ପୁଅ ରବି ଅସ୍ତମିତ ହେଲେ। କିଂତୁ ଏହି କୀର୍ତ୍ତିମୟ ରବି ଯୁଗ ଯୁଗ ଧରି ଭାସ୍କର ସମ ଭାସ୍ୱର ହୋଇରହିବେ।

**ସହଯୋଗୀ ସାଂପଦକ, ଆମରିସତ୍ୟ**
**ମୋ :୯୨୩୭୦୮୯୫୦୯**

ବିଜ୍ଞାନ ବିଚିତ୍ରା

# କେତେକ ଔଷଧୀୟ ବୃକ୍ଷ ଏବଂ ତାର ବ୍ୟବହାର



ଡକ୍ଟର ପ୍ରେମଚାନ୍ଦ ମହାନ୍ତି

**ଜୁଆଣି (Trachyspermum ammi)** ଏହା ଏକ ଲମ୍ବ ସିଧା ହୋଇ ବଢୁଥିବା ଗଛ ଯାହାର ପତ୍ର ଗୁଡିକ ଛୋଟ ଛୋଟ ଏବଂ ଖୋଳପା ମୋଟା, ମସୃଣ, ଲୋମଶ ଓ ଗାଢ ସବୁଜ ରଙ୍ଗର ହୋଇ ଥାଏ।



ଏହାକୁ ଭାରତର ବିଭିନ୍ନ ପ୍ରାନ୍ତରେ ଚାଷ କରାଯାଏ। ଏହାର ସର୍ବୋଚ୍ଚ ଉଚ୍ଚତା ୯୦ ସେମି ହୋଇଥାଏ। ପତ୍ର ଗୁଡିକ ପିନ୍ନେଟ୍ ଶୈଳୀରେ ଓ ଫୁଲ ସବୁ ଶୀର୍ଷରେ ଧଳାରଙ୍ଗର ଛୋଟ ଅମ୍ବେଲ୍ ଆକାରରେ ଫୁଟିଥାଏ। ଫଳଗୁଡିକ ଅଣ୍ଡାକୃତିର ଧୂସର ରଙ୍ଗ ଓ କଂଟକିତ,ଏକ ମଞ୍ଜି ବିଶିଷ୍ଟ କୁନ୍ଦିଳ ହୋଇଥାଏ। ଏହାର ସୁଗନ୍ଧଯୋଗୁଁ ଏହାକୁ ମସଲା ଭାବେ ରନ୍ଧନ କ୍ରିୟାରେ ଲଗାଯାଏ। ଅନେକ ପ୍ରକାର ବିସ୍କୁଟ, ଚକୋଲେଟ ଓ ପାନୀୟରେ ଏହାକୁ ମିଶାଯାଏ। ଏହା ଅଜୀର୍ଣ୍ଣ, ପେଟମୋଡା, ଓ ଉତ୍ତେଜକ ରୂପେ ବାନ୍ତି,ଝାଡା ର ଉପଶମ ନିମନ୍ତେ ବ୍ୟବହୃତ ହୁଏ। ଜୁଆଣିକୁ ଅଧିକାଂଶ ସମୟରେ ଆଶାଫୋଟିଡା, ମାଇରୋବାଲାନ୍ସ ଓ ଲବଣ ସହ ମିଶ୍ରିତ କରି ସେବନ କରାଯାଏ। ଗଳା ଦରଜ, ବ୍ରୋଙ୍କାଇଟିସ ରେଗୀଙ୍କପାଇଁ ଏହାକୁ କଫ୍ ସିରପ ଆକାରରେ ଦିଆଯାଏ।ଏହାକୁ ବାଟି ପେଟ ମୋଡା ଜାଗାରେ ପଟି ଆକାରରେ ଦେଲେ ଯନ୍ତ୍ରଣା ଲାଘବ ହୁଏ। ଶ୍ୱାସରୋଗୀ ଏହାର ଫଳକୁ ଗରମ ପାଣିରେ ଫୁଟାଇ ବାମ୍ଫ ଆକାରରେ ନିଃଶ୍ୱାସରେ ନେଲେ ଆରାମ ମିଳେ। କୌଣସି ଘା ବା କ୍ଷତରୁ ରକ୍ତ ଓ ପୂଜ ବୋହିବା ବନ୍ଦ କରିବାକୁ ଜୁଆଣିର ପ୍ରଲେପ ଦିଆଯାଏ। ସାଲମୋନେଲା ଟାଇଫସ୍, ମାଇକ୍ରୋକକସ୍ ପାୟୋଜିନସ ଭାର ଅରିଅସ ଓ ଇ କୋଲାଇ ବିରୁଦ୍ଧରେ ଏହା ଆଂଟିବାୟୋଟିକ୍ ଭଳି କାମ କରେ। ଏହାର ଚେର ଅନ୍ତଃବାୟୁନାଶକ ତଥା ମୂତ୍ରବର୍ଦ୍ଧକ ଭାବେ କାର୍ଯ୍ୟ କରିଥାଏ। ଏହାର ଫଳକୁ ବାଷ୍ପ ପାତନ ପ୍ରଣାଳୀରେ ଗରମ କଲେ ଏଥିରୁ ଏକ ତେଲ ବାହାରେ ଯାହା ଥାଇମଲ୍ ର ଏକ ମୁଖ୍ୟ ଉତ୍ସ। ଏହା ରଙ୍ଗହୀନ କିମ୍ବା ଧୂସର ହଳଦିଆ ହୋଇଥାଏ। ଏହା ସୁଗନ୍ଧଯୁକ୍ତ ଓ ପାଟିକୁ ରାଗ ଲାଗେ। ଜୁଆଣି ରସକୁ ଏକ ଆଂଟିସେପ୍ଟିକ ଓ କାର୍ମିନେଟିଭ ଭାବେ ବହୁ ପୁରାତନକାଳରୁ ପ୍ରଚଳନ କରାଯାଉଛି। ଏହାକୁ କେତେକ କୀଟନାଶକ ଓ ସାବୁନରେ ବି ବ୍ୟବହାର କରାଯାଏ। ଏମ୍ଫାଇସେମା ଓ ବ୍ରଙ୍କିଆଲ୍ ନିମୋନିଆ ରୋଗପାଇଁ ଏକ କଫ ଉଦ୍ରେକକାରୀ ପଦାର୍ଥ ରୂପେ ଜୁଆଣିକୁ ଦିଆଯାଏ। କେତେକ ପରୀକ୍ଷଣରୁ ଜଣାଯାଏ ଯେ ଏହାର ପାରାସିମ୍ପାଥୋମିମେଟିକ୍ ପ୍ରଭାବ ହେତୁ ଏହା କ୍ଷୁଦ୍ରାନ୍ତ୍ର ,ଶ୍ୱାସନଳୀ ଓ ଫୁସଫୁସ ର ମାଂସପେଶୀକୁ ସଙ୍କୁଚିତ କରିପାରେ। ବେଙ୍ଗ ଓ ବିରାଡିଙ୍କ କ୍ଷେତ୍ରରେ ଜୁଆଣିର ପ୍ରୟୋଗ ସୂଚାଏ ଯେ ଏହା ହୃତପିଣ୍ଡର ମାଂସପେଶୀକୁ ସଙ୍କୁଚିତ କରି ରକ୍ତଚାପ କମ୍ କରିବାରେ ସାହାଯ୍ୟ କରେ। ଏହା ନିରାପଦ ହୋଇଥିବାରୁ ଏହାର ତେଲକୁ ଏକ ଆଂଟିମାଇକ୍ରୋବିଆଲ ଏଜେଂଟ ଭାବେ ବ୍ୟବହାର କରାଯାଏ। ଏପରି ବି ହୁଏ ଯେ ଏହାର ପ୍ରଭାବକୁ କ୍ଲୋରାମ୍ଫେନିକଲ ସହ ତୁଳନା କରାଯାଇପାରେ। ଏହାର ଫଞ୍ଜିଟକ୍ସିକ୍ ଗୁଣ ଯୋଗୁଁ ଡର୍ମାଟୋଫାଇଟ୍ସ ଓ ଉଦ୍ଭିଦ କବକମାନଙ୍କ ବିପକ୍ଷରେ ଏହାକୁ ପ୍ରୟୋଗ କରାଯାଏ। କେତେକ ଭିଟାମିନ ସହ ଏହାକୁ ମିଶ୍ରିତ କରି ରୋଗ ପ୍ରତିଷେଧକ ଶକ୍ତି ବୃଦ୍ଧିପାଇଁ ବହୁବର୍ଷ ରୁ ପୀଡିତ ରୋଗୀ ମାନଙ୍କୁ ଦିଆଯାଇଥାଏ।

**ପଳାଶ (Butea monosperma)** ଏହା ଏକରତ୍ତୁପାତି ବୃକ୍ଷ ଯାହା ସମଗ୍ର ଭାରତରେ ଦେଖାଯାଏ।ଏହାର ଛାଲିଗୁଡିକ ଇଷତ୍ ନୀଳ



ମାଟିଆ କିମ୍ବା ହାଲୁକା ମାଟିଆ ରଙ୍ଗର ହୋଇଥାଏ। ପତ୍ର ଗୁଡିକ ତିନୋଟି ଲେଖାଏଁ ଛୋଟ ଡେମ୍ଫ ଯୁକ୍ତ ହୋଇ ଛୋଟ ବୃନ୍ତ ସହ ଲାଗିଥାଏ। ପତ୍ର ସବୁ ଚର୍ମିଳ, ଓଲଟ ଅଣ୍ଡାକୃତିହୋଇ ତ୍ରିକୋଣାକାର ବେସ୍‌ରେ ଲାଗିଥାଏ। ଫୁଲ କଢଗୁଡିକ ଗାଢ ବାଦାମି ରଙ୍ଗର କିନ୍ତୁ ଫୁଲଗୁଡିକ

କମଳା ବା ଲାଲ ରଙ୍ଗର କିମ୍ବା ହଳଦିଆ ରଙ୍ଗର ହୋଇଥାଏ। ଫୁଲସବୁ ଅସୀମାକ୍ଷ ଢଙ୍ଗରେ ପ୍ରାୟ ୧୫ ସେମି ଲମ୍ବ ବୃନ୍ତରେ ଲାଗି ରହିଥାଏ। ସବା ଉପରେ କେବଳ ଗୋଟିଏ ମଞ୍ଜି ଯାହା ସମାନ୍ତର ଓ ଦକ୍ଷିଣାବର୍ତ୍ତୀ ହୋଇ ଡାଳସହ ଲାଗିଥାଏ। ଯଦି ଏହାର କାଣ୍ଡରେ କ୍ଷତ ସୃଷ୍ଟି ହୁଏ ତେବେ ସେହି ଜାଗାରୁ ଏକ ଅଠା ବାହାରେ ଯାହାକୁ ବୁଟିଆ ଗମ୍ ବା ବେଙ୍ଗଲ୍ କିନୋ କୁହାଯାଏ। ସତେଜ ଥିଲେ ଏହି ଅଠାକୁ ଘାଆ କିମ୍ବା କ୍ଷତସ୍ଥାନରେ ଲଗା ଯାଇପାରେ। ଏହି ଅଠା ଆଷ୍ଟ୍ରିଞ୍ଜେଟ୍ ହୋଇଥିବାରୁ ଏହାକୁ ତରଳ ଝାଡା ,ପାକସ୍ଥଳୀର ରକ୍ତସ୍ରାବ ଏବଂ ଧଳାସ୍ରାବ ଏବଂ ରାଜଯକ୍ଷ୍ମା ରୋଗୀଙ୍କୁ ଔଷଧ ଆକାରରେ ଦିଆଯାଏ।ଏହି ଅଠାର ଦ୍ରବଣକୁ କ୍ଷତ ,ପ୍ରସବ ଯନ୍ତ୍ରଣା ଏବଂ ଫିତାକୃମି ସଙ୍କ୍ରମଣରୁ ରକ୍ଷା ନିମନ୍ତେ ବ୍ୟବହାର କରାଯାଏ। ପଳାଶର ଅଠାରେ ଲିଉକୋସିଆନିଡିନ୍, ପ୍ରୋସିଆନିଡିନ, ଗାଲିକ୍ ଅମ୍ଳ ଓ ଅଠା ଜାତୀୟ ପଦାର୍ଥ ରହିଥାଏ। ପୁନଶ୍ଚ ଏହା ରାଇବୋଫ୍ଲାବିନ ଓ ଥାଇଆମିନରେ ସମୃଦ୍ଧ ଥିବାରୁ ଏହାକୁ ଖାଦ୍ୟ ଆକାରରେ ବି ଗ୍ରହଣ କରାଯାଏ। ଏହାର ଅନ୍ୟ ବ୍ୟବହାର ହେଲା ଚମଡା ଶିଳ୍ପରେ ଟେନିଙ୍ଗ ପାଇଁ ଓ କପଡା ରଙ୍ଗେଇବା ପାଇଁ। ଏହି ଗଛର ଛାଲି ପିତା, ଗନ୍ଧଯୁକ୍ତ, କାମୋଦ୍ଦୀପକ ଓ କୃମି ନାଶକ ଅଟେ। ଏହାର କ୍ୱାଥକୁ କାଶ,କଫ,ଜ୍ୱର,ଅନିୟମିତ ଋତୁସ୍ରାବ ଏବଂ ରକ୍ତସ୍ରାବ ବନ୍ଦ କରିବାକୁ ଦିଆଯାଏ। ଆଲକୋହଲ୍ ମିଶ୍ରିତ ଛାଲି ଇ କୋଲି ଓ ମାଇକ୍ରୋକକସ୍ ପାଇରୋଜିନ୍ସ ବିରୁଦ୍ଧରେ ଆଂଟି ବାୟୋଟିକ ଭଳି କାମ କରେ। ଏଥିରେ ଥିବା ଫେନଲିକ ଯୌଗିକର ସୋଡିଅମ୍ ଲବଣ ଶ୍ୱାସ ବିପକ୍ଷରେ ବିଶେଷ ଉପକାରୀ ହୋଇଥାଏ।

ଏହାର ଚେର ଫାଇଲେରିଆ, ବିଭିନ୍ନ ଦୃଷ୍ଟିଦୋଷ ଯଥା ଅନ୍ଧାରକଣା ରୋଗପାଇଁ ଉପକାରୀ ଅଟେ। ମହିଳା ମାନଙ୍କପାଇଁ ଏହା ଅସ୍ଥାୟୀ ଗର୍ଭନିରୋଧକର କାର୍ଯ୍ୟ କରିଥାଏ। ଚେରର ଉପର ଅଂଶ ବେଦନାନାଶକ, ଓ କୃମିନାଶକ ଅଟେ। ଏହାକୁ ଅର୍ଶ, ମଳକଂଟକ ଓ ଟ୍ୟୁମର ଲାଘବ ପାଇଁ ଦିଆଯାଏ। ଫୁଲଗୁଡିକ ଆଷ୍ଟ୍ରିଞ୍ଜେଂଟ ମୂତ୍ରବର୍ଦ୍ଧକ, ଡେପୁରେଟିଭ , ଇମେନାଗୋଗ ଓ ପୋଲଟିସ୍ ଆକାରରେ ଘା,ବଥ ଓ ଫୁଲା କମାଇବାକୁ ବ୍ୟବହାର କରାଯାଏ। ଫୁଲର କ୍ୱାଥକୁ ତରଳ ଝାଡା ଓ ପ୍ରସୂତୀକାଳୀନ ସମସ୍ୟା ଦୂର କରିବାକୁ ଦିଆଯାଏ। ଗରମ ଅବସ୍ଥାରେ ପଳାଶ ମଞ୍ଜିର ଆଲକୋହଲିକ ଦ୍ରବଣ ମହିଳା ମାନଙ୍କ ଗର୍ଭ ରହୁ ନ ଥିଲେ କିମ୍ବା ଡିମ୍ବାଣୁ ତିଆରି ନ ହେଉଥିଲେ ଔଷଧ ଆକାରରେ ସୁଫଳ ପ୍ରଦାନ କରିଥାଏ। ଏହି ମଞ୍ଜିକୁ ଲୁଣ ସହ ସିଝାଇ ସେହି ଦ୍ରବଣକୁ ରକ୍ତହୀନତା ଭୋଗୁଥିବା ରୋଗୀଙ୍କୁ ଦେଲେ ସୁଫଳ ମିଳିଥାଏ। ପଳାଶର ଏହି ସବୁ ଔଷଧୀୟ ଗୁଣ ଯୋଗୁଁ ସୁଶ୍ରୁତ ଏହାକୁ ବ୍ରହ୍ମବୃକ୍ଷ ବୋଲି ନାମିତ କରିଥିଲେ। ଭାବପ୍ରକାଶ ଏଥିପାଇଁ ପଳାଶର ଉପକାରିତାକୁ ଆଠଭାଗରେ ବର୍ଣ୍ଣନା କରିଛନ୍ତି। ଯଥା ଏହା ଦୀପାଣ (ହଜମକାରୀ),ବୃଶ୍ୟ(କାମୋଦ୍ଦୀପକ), ସର(ପେଟ ସଫା ରଖିବା), ବ୍ରଣଜୀତ(ଘାଆକୁ ଶୁଖାଇବା), ଗୁଲ୍ମଜାତ(ଖାଦ୍ୟନଳୀର ଦୋଷ ଦୂର କରିବା)କୃମିହର (କୃମି ଜାତୀୟ ଜୀବଙ୍କ ବଂଶ ବୃଦ୍ଧିକୁ ରୋକିବା। ଏହିସବୁ ଗୁଣ ଯୋଗୁଁ ଉତ୍ତର ପ୍ରଦେଶ, ମଧ୍ୟ ପ୍ରଦେଶ ଓ ଝାଡଖଣ୍ଡ ରାଜ୍ୟ ପଳାଶକୁ ରାଷ୍ଟ୍ରୀୟଫୁଲର ମାନ୍ୟତା ପ୍ରଦାନ କରିଛନ୍ତି।

**ଗେଣ୍ଡୁ ଫୁଲ (Calendula officinalis)** ;-ଭାରତରେ ମୁଖ୍ୟତଃ ଏହି ଫୁଲକୁ ବଗିଚା ବା ଗୃହର ସୌନ୍ଦର୍ଯ୍ୟ ବୃଦ୍ଧିପାଇଁ ଲଗାଯାଏ। ଏହା ବର୍ଷରେ ଏକ ନିର୍ଦ୍ଦିଷ୍ଟ ଋତୁରେ ଫୁଟେ। ଏହାର ଔଷଧୀୟ ଗୁଣ ମଧ୍ୟ କମ୍ ନୁହଁ। ଏହାର ଫୁଲ ,ପତ୍ର ଓ ଡାଳରୁ ବାହାରୁଥିବା ଅଂଶ ପୀଡାନାଶକାରୀ



ଓ ଶ୍ୱାସ, ହୃଦରୋଗୀଙ୍କ ପାଇଁ ଉପାଦେୟ ବୋଲି ପରୀକ୍ଷଣରୁ ଜଣା ଯାଇଛି। ଏହାର କଢରୁ ପ୍ରସ୍ତୁତ କାଲେଣ୍ଡୁଲା ନାମକ ଔଷଧ ଏକ ସ୍ନାୟୁ ଉତ୍ତେଜକ, ଜ୍ୱରନାଶକ, ଅନ୍ତଃବାୟୁନାଶକ ଓ ସୁଡୋରିଫିକ୍ ଟନିକ୍ କୃମିନାଶକ ଓ ବାନ୍ତି ପ୍ରତିରୋଧକ ରୁପେ କାର୍ଯ୍ୟ କରେ। ଏଥିରୁ ତିଆରି ମଲମକୁ ଘା , ଅଲସର ଓ କ୍ଷତରେ ଲଗାଇଲେ ସୁଫଳ ମିଳିଥାଏ। ଭେରିକୋଶ ଭେନ ଫୁଲାରୋଗରେ ପୂଜ ସୃଷ୍ଟି ନ ହେବା ପାଇ ଏହାର ପତ୍ରକୁ ବାଟି ପଟି ଆକାରରେ ଦିଆଯାଏ। ଏହାର ଇଷ୍ଟ୍ରୋଜେନିକ୍ ଓ ଆଂଟି ମାଇକ୍ରୋବିଆଲ୍ ପ୍ରଭାବ ମଧ୍ୟ ରହିଛି। ବିଭିନ୍ନ ଚର୍ମରୋଗ, ହର୍ପିସ୍ ଓ ଶୁଖୁ ନ ଥିବା ଘା ଜାଗାରେ ଲେପନ କଲେ ସୁଫଳ ମିଳେ। ଏହାର ମଞ୍ଜିରୁ ବାହାରୁଥିବା ତେଲ ଲୋହିତରକ୍ତ କଣିକା ସମାୟନ ଓ ପୀଡାନାଶ କରିବାରେ ସହାୟତା କରେ। ଏହି ତେଲକୁ ସାବୁନ୍, ଅତର ଓ ପ୍ରସାଧନ ସାମଗ୍ରୀରେ ସୁଗନ୍ଧକ ଭାବେ ବ୍ୟବହାର କରାଯାଏ।

**ଗାର୍ଡେନ ଲେଟ୍ୟୁସ୍ (Lactuca sativa)** ଏହା ଏକ ସିଧା ମସୃଣ ଓ ୦.୫ ରୁ ୧.୨ ମି; ଲମ୍ବର ଗଛ ଯାହା ବର୍ଷକୁ ଥରେ ହୋଇଥାଏ। ଏହାର ପତ୍ରଗୁଡିକ କୁଂଚିତ ,୧୨.୫ ରୁ ୨୫ ସେମି ର ହୋଇଥାଏ ଯାହାକୁ ଖାଦ୍ୟଭାବେ କୋବିଭଳି ତରକାରୀ କରି ଖିଆଯାଏ। ଏହି ପତ୍ରଗୁଡିକ ମଣ୍ଡଳାକାର ,ଆୟତ ଓଲଟ ଅଣ୍ଡାକୃତି କିମ୍ବା ଲିଙ୍ଗୁଲେଟ ,ସାଧାରଣ ଓ କୁଂଚିତ ହୋଇଥାଏ। ଏଥିରେ ଭିଟାମିନ,ଖଣିଜ ଲବଣ ସହ ବିଟା କେରୋଟିନ୍, ଭିଟାମିନ ବି,ସି,ଇ,କେ ଓ ନିକୋଟିନିକ ଅମ୍ଳକୋଲିନ ଫଲିକ୍ ଏସିଡ୍ ଆଦି ରହିଥାଏ। ଏହାର ପତ୍ର ମିଠା ,କ୍ଷୁଧାବର୍ଦ୍ଧକ ଓ ସ୍ତନ୍ୟବର୍ଦ୍ଧକ ଅଟେ। ଏହା ଭୋକ ବଢାଏ, ରକ୍ତକୁ ଶୁଦ୍ଧ କରେ ଏବଂ ବାନ୍ତି ଲାଗୁଥିଲେ,ପେଟ ଜଳୁଥିଲେ, ମୁଣ୍ଡବ୍ୟଥା, ଶ୍ୱାସରୋଗ, କାଛୁକୁଣ୍ଡିଆ, ଧବଳ କୁଷ୍ଠ ଆଦି ରୋଗପାଇଁ ଅତି ପ୍ରଭାବି ଢଙ୍ଗରେ କାର୍ଯ୍ୟ କରିଥାଏ।ଏହାର ମଞ୍ଜି ଗୁଡିକ ସୁବାସଯୁକ୍ତ ଓ କାମୋଦ୍ଦୀପକ ଅଟନ୍ତି। ଆୟୁର୍ବେଦ ଶାସ୍ତ୍ରାନୁଯାୟୀ ମୁଣ୍ଡବିନ୍ଧା, କେଶ ଝଡିବା

ଏବଂ ଚକ୍ଷୁଦୋଷ ଦୂର କରିବାରେ ଏହି ମଞ୍ଜି ସହାୟତା କରିଥାଏ। ସତେଜ ଅବସ୍ଥାରେ ଏହି ଗଛଟି ନିଶା ଉଦ୍ରେକକାରୀ ହୋଇ ଥିବା ହେତୁ ଏହାକୁ ଜ୍ୱଳନ, କ୍ଷତ ଏବଂ ଘାଆରେ ମଲମ ଆକାରରେ ଦିଆଯାଏ।

**ପ୍ରାକ୍ ଋତୁସ୍ରାବ ଜନିତ ଯନ୍ତ୍ରଣା** ;-ପ୍ରତ୍ୟେକ ମହିଳା ନିଜ ଜୀବନରେ ଏହି ଅବସ୍ଥାର ଶିକାର ହୋଇଥିବେ। ଏଥିପାଇଁ କୌଣସି ପରୀକ୍ଷା ନାହିଁ, କିନ୍ତୁ ଜଣେ ଯଦି ୨ ରୁ ୩ ମାସ ପର୍ଯ୍ୟନ୍ତ ଏହାର ଲକ୍ଷଣଗୁଡିକୁ ନିରେଖି ଦେଖିବ ତେବେ ତା ସଂପର୍କରେ ନିଜେ ହିଁ ଜାଣିପାରିବ ଯେ ପ୍ରାକ୍ ଋତୁସ୍ରାବ ଜନିତ ଯନ୍ତ୍ରଣା କଣ । ଏପରି କରିବା ଦ୍ୱାରା ଜଣେ ଜାଣିପାରିବ କିପରି ଏ ଅବସ୍ଥାକୁ ନିୟନ୍ତ୍ରିତ କରିବ ଓ ଏହାର ଚିକିତ୍ସାପାଇଁ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ କି ନାହିଁ କିନ୍ତୁ ତା ପୂର୍ବରୁ କେତେକ ସାଧାରଣ ଉପାୟ ଅବଲମ୍ବନ କଲେ ଏଥିରୁ ସାମୟିକ ଉପଶମ ମିଳିଥାଏ। ଯେପରିକି

୧)ନିୟମିତ କିଛି ବ୍ୟାୟାମ କରନ୍ତୁ ଯଥା ଚାଲିବା ,ସାଇକଲ ଚଳାଇବା, ପହଁରିବା,ସ୍କିପିଙ୍ଗ କରିବା ଇତ୍ୟାଦି। ନିଜକୁ ସୁହାଇଲା ଭଳି ବ୍ୟାୟାମକୁ ଆପଣ ବାଛି ପାରନ୍ତି।

୨)ମାନସିକ ଚାପରୁ ଦୂରେଇ ରହନ୍ତୁ। ଏଥିପାଇଁ ଉପାୟ ନିଜେ ସ୍ଥିର କରନ୍ତୁ।

୩)କ୍ୟାଫେନ୍ ଯୁକ୍ତ ଖାଦ୍ୟ ଅଧିକ ଖାଆନ୍ତୁ ନାହିଁ।

୪)ପତ୍ୟହ ଏହି ସମୟସୀମା ଭିତରେ ଭିଟାମିନ ଓ ଖଣିଜ ଲବଣଯୁକ୍ତ ଖାଦ୍ୟ ଖାଆନ୍ତୁ କିମ୍ବା ଔଷଧ ଆକାରରେ ନିଅନ୍ତୁ।


୫)ଖାଦ୍ୟରେ ଲୁଣର ପରିମାଣ କମ୍ କରନ୍ତୁ। ଯଦିଓ ବୈଜ୍ଞାନିକ ଦୃଷ୍ଟିକୋଣରୁ ଏହା ସାଙ୍ଗରେ ଲୁଣର କିଛି ସମ୍ପର୍କ ନାହିଁ ତଥାପି ଅନୁଭୂତି କହେ ଲବଣାଂଶ କମ୍ କଲେ ଯନ୍ତ୍ରଣାରୁ ଉପଶମ ମିଳିଥାଏ। ଏବଂ ଏହି ସମୟସୀମା ଅଳ୍ପ ପୀଡାଦାୟକ ହୁଏ।

୬)ଏହାକୁ ଲାଘବ କରିବାପାଇଁ କେତେକେ ଉଭୟ ପାକୃତିକ ଓ କୃତ୍ରିମ ପ୍ରୋଜେଷ୍ଟେରନ୍‌କୁ ଔଷଧ ଆକାରରେ ନିଅନ୍ତି। କିନ୍ତୁ ଗବେଷଣା ସୂଚାଏ ଯେ ଏହା ଏତେ ପ୍ରଭାବୀ ନୁହେଁ। ଏହି ସମୟରେ ଡାଇୟୁରେଟିକ୍ସ ବ୍ୟବହାରକୁ ବର୍ଜନ କରିବା ଉଚିତ। ଆଜିକାଲି ଅନେକ ଡାକ୍ତର ଆଂଟିହିଷ୍ଟାମିନ୍ ସହ କିଛି ଯନ୍ତ୍ରଣା ନିବାରକ ଔଷଧ ମଧ୍ୟ ଦେଉଛନ୍ତି। ଯେଉଁ ରୋଗୀମାନେ ଓଭୁଲେସନ୍ ରୋକିବାକୁ ଔଷଧ ବ୍ୟବହାର କରିଥାନ୍ତି ସେମାନେ ଏହି ଯନ୍ତ୍ରଣାକୁ ଏତେ ଅନୁଭବ କରି ପାରନ୍ତି ନାହିଁ। କେତେକଙ୍କ ମତରେ ଆଂଟିଡିପ୍ରେସେଂଟ ଔଷଧ ମଧ୍ୟ ଏହି ଯନ୍ତ୍ରଣା ଲାଘବ କରିବାରେ ସହାୟତା କରିଥାଏ।

**ବିଭାଗୀୟ ମୁଖ୍ୟ (ରସାୟନ ବିଜ୍ଞାନ )**
**ଏନ୍. ଏ. ସି. ମହାବିଦ୍ୟାଳୟ ,**
**ବୁର୍ଲା ମୋ -୯୪୩୭୧୨୭୮୨୦**

# ସକାଳ ବନ୍ଦନା-ସଂଜ ପ୍ରାର୍ଥନା-(୧୧)

**ରମେଶ ମଙ୍ଗରାଜ**



ହସ ତ' ଦେଇଛ ଲୁହ ତ' ଦେଇଛ
ଦେଇଛ ତ' ଦୁଃଖ ସୁଖ
ଆହେ' ମହାପ୍ରଭୁ କୁହ ତେବେ କିଆଁ
ମଳିନ କରିବି ମୁଖ।।୦।।

ଷାଠିଏ ପଉଟି ମାଗିବି କାହିଁକି
ପେଟ ଚାଖଣ୍ଡକ ପାଇଁ
ଧନ ଦଉଲତ କାହିଁକି ମାଗିବି
ସାଥେ ଯଦି ନେବିନାହିଁ
ତମେ ଥାଉ ଥାଉ ଆନ କାହା ପାଖେ
କାହିଁକି ମାଗିବି ଭିକ
ଆହେ' ମହାପ୍ରଭୁ......... ।।୧।।

ମନରେ ଭାବିଲେ ଆଖି ପଲକରେ
ପାଉଛି ତୁମ ଦର୍ଶନ
କି'ସୁନ୍ଦର ଆହା କେଡ଼େ ମନଲୋଭା
ତୁମରି କଳା ବଦନ
ଏମିତି ଦର୍ଶନ ନିତି ମିଳୁଥାଉ
ନନେଲେ ନନିଅ ପାଖ
ଆହେ ମହାପ୍ରଭୁ......... ।।୨।।

**କବି ଓ କବିତା ଭବନ**
**ମହୁଲ/ ଅଙ୍ଗାରପଡ଼ା/ ଖୋର୍ଦ୍ଧା- ୭୫୨୦୫୪**
**ମୋ- ୯୧୭୮୬୨୬୨୮୦**

ପୁରୀ ଶଂକରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜଙ୍କର ଅମୃତ ବଚନ: ଭାଗ-୧

# ଜ୍ଞାନ ଏବଂ କ୍ରିୟା ଶକ୍ତିର ସମନ୍ୱୟ

ଅନୁବାଦ: ଡ.ପ୍ରଫୁଲ୍ଲ କୁମାର ରଥ



ଜ୍ଞାନ ଏବଂ କ୍ରିୟା ଶକ୍ତିର ସମନ୍ୱୟରେ ଜୀବନ ସଂଚାଳିତ ହୋଇଥାଏ। ରାଷ୍ଟ୍ରର ସଂଚାଳନରେ ମଧ୍ୟ ସେହିପରି ଦୁଇଟି ଶକ୍ତିର ସମନ୍ୱୟ ଏକାନ୍ତ ଆବଶ୍ୟକ। ଉଦାହରଣ ଦେଉଛି। କର୍ମେନ୍ଦ୍ରିୟ କାନ ଦ୍ୱାରା ବ୍ୟକ୍ତି ଆକାଶର ଗୁଣଧର୍ମ ଶବ୍ଦକୁ ଶୁଣିବା ପାଇଁ ସମର୍ଥ ହୋଇଥାଏ। ସେହିପରି ବାକ୍ ଇନ୍ଦ୍ରିୟ ସାହାଯ୍ୟରେ ଉକ୍ତ ଶବ୍ଦକୁ ବିସର୍ଜିତ କରିଥାଏ। ଉଭୟ ମଧ୍ୟରେ ସମନ୍ୱୟ ରହିଅଛି। ଜ୍ଞାନ ଶକ୍ତି ଏବଂ କ୍ରିୟା ଶକ୍ତି ମଧ୍ୟରେ ସ୍ଥାପିତ ସାମଞ୍ଜସ୍ୟ ହେତୁରୁ ଆପଣ ଆମର ଜୀବନ ସଚଳ ହୋଇଥାଏ। ନେତ୍ର ଜ୍ଞାନ ଇନ୍ଦ୍ରିୟ ଦ୍ୱାରା ଆମେ ଗନ୍ତବ୍ୟକୁ ଦର୍ଶନ କରିଥାଉ ଏବଂ ପାଦ କର୍ମେନ୍ଦ୍ରିୟ ଦ୍ୱାରା ଗନ୍ତବ୍ୟକୁ ଗମନ କରିଥାଉ। ମୁଁ କେବଳ ସଂକେତ କଲି।

ଗୋଟିଏ ମର୍ଯ୍ୟାଦା ଅଛି। ଜ୍ଞାନରେ ବ୍ୟକ୍ତି ପରତନ୍ତ୍ର ଅର୍ଥାତ୍ ପରାଧୀନ ହୋଇଥାଏ। ଭଗବତ୍‌ପାଦ ଶଙ୍କରାଚାର୍ଯ୍ୟ ମହାଭାଗ ଲେଖିଛନ୍ତି - ଜ୍ଞାନ ପ୍ରମାଣତନ୍ତ୍ର ହେଉ ବା ବସ୍ତୁତନ୍ତ୍ର, ତନ୍ତ୍ରମାନେ ଏଠାରେ ଅଧୀନ। ଯିଏ ଜ୍ଞାନ ହୁଏ ତାହା ପ୍ରମାଣର ଅଧୀନ ହୋଇଥାଏ ବା ବସ୍ତୁର ଅଧୀନ ହୋଇଥାଏ। ଏବଂ ଯିଏ କର୍ମ ତାହା ଅନୁରୂପ କର୍ତ୍ତାର ଅଧୀନ ହୋଇଥାଏ, ପୁରୁଷର ଅଧୀନ ହୋଇଥାଏ। ଜ୍ଞାନରେ ସ୍ୱାତନ୍ତ୍ର୍ୟ ଅର୍ଥାତ ସ୍ୱାଧୀନତା ନାହିଁ।

ଉଦାହରଣ ନିଅନ୍ତୁ। ଆପଣ ଯାତ୍ରାରେ ବାହାରିଛନ୍ତି। ଯଦି ସେହି ସମୟରେ କିଏ ଛିଙ୍କି ଦେଲା ତେବେ ତାହା ଶୁଣିବାକୁ ଆପଣ ବାଧ୍ୟ। ସେଥିପାଇଁ ଜ୍ଞାନରେ ଆମର ସ୍ୱାଧୀନତା ନାହିଁ। କାରଣ ଜ୍ଞାନ ବସ୍ତୁତନ୍ତ୍ର ଅଟେ ବା ପ୍ରମାଣତନ୍ତ୍ର ଅଟେ। ଜଣେ ବ୍ୟକ୍ତି ଶ୍ରୋତ୍ର ଇନ୍ଦ୍ରିୟ ଦ୍ୱାରା ଯେତିକି ଜାଣେ, ଯେତିକି ଶୁଣିଥାଏ ସେତିକି ଜ୍ଞାନ ହାସଲ କରିଥାଏ, ବାକ୍ ଇନ୍ଦ୍ରିୟ ଦ୍ୱାରା ସେ ସେତିକି ମାତ୍ର କହିପାରିଥାଏ। ମୁଁ ତେଣୁ ସଂକେତ କଲି ଯେ ଜୀବନରେ ଜ୍ଞାନ ଇନ୍ଦ୍ରିୟ ଅଛି ଓ କର୍ମେନ୍ଦ୍ରିୟ ମଧ୍ୟ ଅଛି। ମାତ୍ର ଉଭୟ ଇନ୍ଦ୍ରିୟ ମଧ୍ୟରେ ସମନ୍ୱୟ ଓ ସାମଞ୍ଜସ୍ୟ ଦ୍ୱାରା ହିଁ ଜୀବନଯାପନ ସମ୍ଭବ ହୋଇଥାଏ।

ନିଜ ଜୀବନକୁ ଅନୁଧ୍ୟାନ କଲେ ଦେଖିବେ ଯେ ଜୀବନ ଯାପନର ଯେଉଁ ପ୍ରକ୍ରିୟା ରହିଛି, ଯେଉଁ ପ୍ରଣାଳୀ ଅଛି ବା ପଦ୍ଧତି ଅଛି ତାହା ବ୍ୟଷ୍ଟି ଜୀବନ। ଆମକୁ ଭଗବାନ ଗୋଟିଏ ପ୍ରୟୋଗଶାଳା ରୂପରେ ଆମର ବ୍ୟକ୍ତି ଜୀବନ ଦେଇ ଅଛନ୍ତି। ତାହାକୁ ଆଧାର କରି ଆମେ ସମଷ୍ଟି ଜୀବନକୁ ବୁଝି ପାରିବା। ସମଷ୍ଟିକୁ ସଂଚାଳନ କରିବାର ଦକ୍ଷତା ଲାଭ କରି ପାରିବା। ଜଗତର ଉତ୍ପତ୍ତିର ରହସ୍ୟକୁ ଜାଣିବାକୁ ହେଲେ ସ୍ୱପ୍ନାବସ୍ଥାକୁ ଅନୁଶୀଳନ କରନ୍ତୁ। ଜଗତର ସ୍ଥିତି ରହସ୍ୟକୁ ଜାଣିବା ପାଇଁ ଜାଗ୍ରତ ଅବସ୍ଥାର ଅନୁଶୀଳନ କରନ୍ତୁ ଏବଂ ଜଗତର ସଂହାର ରହସ୍ୟକୁ ଜାଣିବା ପାଇଁ ସୁଷୁପ୍ତି ଅବସ୍ଥାକୁ ଅନୁଶୀଳନ କରନ୍ତୁ।

ଏହାର ଅର୍ଥ କଅଣ ହେଲା? ବ୍ୟଷ୍ଟି ଜୀବନରେ ସାଂଖ୍ୟଯୋଗ ବେଦାନ୍ତ ଆଦି ଯେତେ ବୈଦିକ ଦର୍ଶନ ଅଛି ସେ ସବୁର ଆଧାରରେ ପରିଜ୍ଞାନ ପ୍ରାପ୍ତ କଲେ ଯାଇଁ ବ୍ୟକ୍ତି ସମଷ୍ଟିକୁ ଠିକ ଭାବରେ ବୁଝି ପାରିବ ଏବଂ ସମଷ୍ଟିରେ ଯଦି କୌଣସି ଉଚିତ ଶୋଧନ ବା ସଂସ୍କାରର ଆବଶ୍ୟକତା ଥାଏ ତେବେ ତାହା କରିବାକୁ ସମର୍ଥ ହେବ। ଏବେ ଯଦି କେହି କହିବ, ଜ୍ଞାନେନ୍ଦ୍ରିୟ ନିରପେକ୍ଷ କର୍ମେନ୍ଦ୍ରିୟ ଦ୍ୱାରା ବ୍ୟବହାର ଅର୍ଥାତ କାର୍ଯ୍ୟ କରିବା। ମାତ୍ର ତାହା ଦ୍ୱାରା କେତେ ଯେ ବିସଂଗତି ହେବ ତାହା ମୁଁ ବ୍ୟାଖ୍ୟା କରିବା ଚାହୁଁନାହିଁ। କିନ୍ତୁ ଆଜି ସେହି ପରିସ୍ଥିତି ଭାରତରେ ଏବଂ ବିଶ୍ୱରେ ସୃଷ୍ଟି ହୋଇଅଛି। ବ୍ୟାସପୀଠ ନିରପେକ୍ଷ ହୋଇ ଶାସନତନ୍ତ୍ର ଯଦି କହିବ ଏତିକି ହିଁ ଯଥେଷ୍ଟ, ଏତିକି ପର୍ଯ୍ୟାପ୍ତ , ବ୍ୟାସପୀଠର କୌଣସି ଆବଶ୍ୟକତା ଅଛି କି? ଏହା ସେହି ପ୍ରକାରର ଅନର୍ଗଳ ପ୍ରଳାପ ଯେପରି ଜଣେ କହେ ଜ୍ଞାନେନ୍ଦ୍ରିୟର ଆବଶ୍ୟକତା କଅଣ ଅଛି, କର୍ମେନ୍ଦ୍ରିୟରେ ତ ଆମର ସବୁ କାମ ହୋଇଯିବ, ସବୁ ଚଳିଯିବ। ସତରେ ସବୁ ଚଳିବ କି? ଚଳିବ ନାହିଁ।

ଏବେ ସାଧାରଣ ବ୍ୟାବହାରିକ କ୍ଷେତ୍ରରେ ଯେଉଁ ଭାଷା ସମସ୍ତଙ୍କର ବୁଝିଲା ପରି ହେବ ସେହି ଭାଷାରେ କହିବା। ଆମକୁ ଏହି କଥାକୁ ନେଇ ପ୍ରଶଂସାବୋଧ ହେଉଛି ଯେ ଭଗବତ୍ କୃପାରୁ, ଗୁରୁମାନଙ୍କର କୃପାରୁ ଆମେମାନେ ଯେଉଁ ଅଭିଯାନ ଚଳାଇ ଅଛୁ ତାହା ଦର୍ଶନ ଶାସ୍ତ୍ରରେ ଲେଖାଯାଇଅଛି। ଏପରି ସ୍ଥିତିରେ ଏକ କୋଟି ଗୁପ୍ତଚରଙ୍କର କ୍ଷମତା ନାହିଁ ଯେ ଆମର ଅଭିଯାନକୁ ବୁଝି ପାରିବେ ଏବଂ ତଦନୁସାର ସରକାରଙ୍କୁ ବିଜ୍ଞାପିତ କରି ପାରିବେ। ଯିଏ ଏହା କରି ପାରିବ ତାହାର ମୂର୍ଦ୍ଧନା ଫାଟି ଯିବ। ଆମର ସାରା ଅଭିଯାନ ବେଦାନ୍ତ, "୨ସାଂଖ୍ୟ ଯୋଗ ଦର୍ଶନକୁ ଆଧାର କରି ଚାଲିଅଛି ଏବଂ ଏହି ଦର୍ଶନରେ ଯେଉଁ ପାରଙ୍ଗତ ବିଦ୍ୱାନମାନେ ଅଛନ୍ତି ସେମାନେ ଆମର ସମର୍ଥକ ହୋଇଯିବେ। ଆମ ଝା ମହୋଦୟ ଗୋଟିଏ କଥା କହିଲେ। ସବୁ ଲୋକ ତ ଶୁଣୁଛନ୍ତି, ସେମାନେ କିନ୍ତୁ ଜିଜ୍ଞାସୁ ନୁହନ୍ତି। ଯେଉଁଦିନ ଜିଜ୍ଞାସୁ ହୋଇ ଶ୍ରୋତା ଶୁଣିବାକୁ ଆରମ୍ଭ କରିବେ ସେଦିନ ଆମର ଅଭିଯାନ ଆଗକୁ ମାଡି ଚାଲିବ।

ଥରେ ଗୋ-ରକ୍ଷା ପାଇଁ ଆନ୍ଦୋଳନ କରିବା ଅଭିଯୋଗରେ ଆମକୁ ତିହାଡ ଜେଲରେ ୫୨ ଦିନ, ଏହି ପଦରେ ଅଧିଷ୍ଠିତହେବା ପୂର୍ବର

କଥା, ପୂଜ୍ୟ ଗୁରୁଦେବ ଧର୍ମସମ୍ରାଟ ମଧ୍ୟ ଥିଲେ, ତାଙ୍କରି ମାର୍ଗଦର୍ଶନରେ ଆମେମାନେ ଚାଲୁଥିଲୁ, ରହିଥିଲୁ। ସନ୍ଧ୍ୟାବେଳେ ପ୍ରବଚନ ହୁଏ। ଦୈବ ଯୋଗକୁ ସେ ଦିନ ଦୟାନନ୍ଦଜୀଙ୍କର ଜନ୍ମଦିବସ ପଡିଲା। ଆର୍ଯ୍ୟସମାଜୀ କହିବାକୁ ଲାଗିଲେ, ଗୁରୁଦେବଙ୍କ ଉଦ୍ଦେଶ୍ୟରେ, ଆପଣଙ୍କୁ ଛାଡି ଆଉ କିଏ ଅଛି ଯିଏ ଅଧ୍ୟକ୍ଷତା କରିବାକୁ ଯୋଗ୍ୟ ହେବ ? ଆମେମାନେ ଆଶ୍ଚର୍ଯ୍ୟ ହେଲୁ ଯେ, ଗୁରୁଦେବ ତ ଆର୍ଯ୍ୟସମାଜୀମାନଙ୍କୁ ନାପସନ୍ଦ କରନ୍ତି, ସେମାନଙ୍କର ସମାଲୋଚନା କରନ୍ତି। ସ୍ୱାମୀ ଦୟାନନ୍ଦଙ୍କ ଉପରେ କହିବେ ତ କଅଣ କହିବେ ? ମାତ୍ର ସେ ଘଂଟାଏ କାଳ ଭାଷଣ ଦେଲେ ଓ ସବୁ ଆର୍ଯ୍ୟସମାଜୀ ଖୁସି ହୋଇଗଲେ।

ଗୁରୁଦେବ କହିଥିଲେ, ଯେ ସନାତନୀମାନଙ୍କର କେଉଁ ଭୁଲ ଲାଗି, କେଉଁ ପ୍ରମାଦ ଲାଗି ଦୟାନନ୍ଦଙ୍କର ଆବିର୍ଭାବ ହୋଇଥିଲା ? ମୂର୍ତିପୂଜାର ଅତିରେକ ହୋଇଗଲା ନା। ଏହିପରି କୀର୍ତନର ଅତିରେକ ହୋଇଗଲା ବଂଗଳାରେ ଚୈତନ୍ୟଙ୍କ ନାମରେ, ହେଲେ ହେଲା କଅଣ ? କମ୍ୟୁନିଜିମ ବାହାରି ଆସିଲା। ଏହି ପରି ବୁଦ୍ଧିଜିମ୍‌ରେ ବୌଦ୍ଧ ପୁରାଣର ଅତିରେକ ହୋଇଗଲା। ସେଠି ମଧ୍ୟ କମ୍ୟୁନିଜିମ୍ ଆସିଗଲା। ଏଭଳି ଭାବରେ ଦେଖିବାକୁ ଗଲେ ଦେଖାଯିବ ଯେ କୌଣସି ତନ୍ତ୍ର ଦେଖିବାକୁ ମିଳିବ ନାହିଁ ଯାହା ପକ୍ଷରୁ ବିପଦ ନାହିଁ। ଆମର କେଉଁ ପ୍ରମାଦ ହେତୁରୁ, କେଉଁ ଅତିରେକ କାରଣରୁ, କେଉଁ ମୂର୍ଖତା ହେତୁରୁ ? ଗୋଟିଏ କାରଣ ହେଉଛି ଅଜ୍ଞାନତା ଆଉ ଗୋଟିଏ କାରଣ ହେଉଛି ଅତିରେକ। କେଉଁଠି ଅତିରେକ କାରଣ ତ ଆଉ କେଉଁଠି ଅଜ୍ଞାନ ହେଉଛି କାରଣ।

ବ୍ରାହ୍ମଣ କାହିଁକି ବିଗିଡି ଗଲେ ? ଶାସ୍ତ୍ରରେ ଲେଖା ହୋଇଅଛି ବ୍ରାହ୍ମଣ ଜୀବନ ସମ୍ମାନ ପାଇବା ପାଇଁ। କଦାଚିତ କୌଣସି ବ୍ୟକ୍ତି ନିଜ ମୂର୍ଖତା ହେତୁ, ଅଜ୍ଞାନତା ହେତୁ ନିଜର ବୋକାମି ହେତୁ କୌଣସି ସମ୍ମାନ ପାଇବାକୁ ଯୋଗ୍ୟ ବ୍ରାହ୍ମଣଙ୍କର ଅପମାନ କରିଦିଏ ତେବେ ବ୍ରାହ୍ମଣ ଜଣକ ମନେ କରିବେ ତାହା ଅପମାନ ନୁହେଁ , ଅମୃତ। ଏବଂ ଯଦି ଆଉ କେହି ତାଙ୍କର ବ୍ୟକ୍ତିତ୍ୱ ଦ୍ୱାରା ପ୍ରଭାବିତ ହୋଇ ସମ୍ମାନ କରେ ତେବେ ତାହାକୁ ବିଷ ବୋଲି ବିଚାରିବାକୁ ହେବ। ଏହା ହିଁ ହେଉଛି ବ୍ରାହ୍ମଣ୍ୟ ଧର୍ମ। କିନ୍ତୁ ଯେତେବେଳେ ବ୍ରାହ୍ମଣ ବିଚାରିଲେ ଯେ ସମସ୍ତଙ୍କଠାରୁ ଦାନ ନେବା, ସମ୍ମାନ ନେବା ଧର୍ମ ସେହିଠାରୁ ବ୍ରାହ୍ମଣଙ୍କର ପତନ ହୋଇଗଲା। ଦଣ୍ଡୀ ସ୍ୱାମୀଙ୍କର ପତନ କାହିଁକି ହେଲା ? ଦଣ୍ଡ ଗ୍ରହଣ ମାତ୍ରେ ନରନାରାୟଣ ହୋଇଯାଆନ୍ତି। କିନ୍ତୁ ସେମାନେ ନିଜକୁ ନାରାୟଣ ବୋଲି ମନେ କରିବାକୁ ଲାଗିଲେ। ଏହା ଆମକୁ ବୁଝେଇବା ପାଇଁ ନା ଆମ ଆଗରେ ଯେଉଁମାନେ ବସିଛନ୍ତି ସେମାନଙ୍କୁ ବୁଝେଇବା ପାଇଁ ?

ଆମକୁ ନାରାୟଣ ବୋଲି ମନେକର ଓ ଆମେ ନାରାୟଣ ହୋଇଗଲୁ ପାଦ ଲମ୍ବେଇଛୁ ପୂଜା କର, ଆମକୁ ଭେଟି ଦିଅ। ହର ହର ମହାଦେବ।

**ପୂର୍ବତନ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ, ୩୪୫,**
**ବରମୁଣ୍ଡା (ଗାଁ), ଭୁବନେଶ୍ୱର - ୩,**
**ମୋ. ୯୯୩୭୦୧୪୫୮୪**

# ଏଇ ମାଟି ଆମ ଚନ୍ଦନ

**ବାବାଜୀ ଚରଣ ଜେନା**



ଉଠରେ ଉଠରେ ଓଡ଼ିଆ ଉଠ
ଗଡ଼ିଲାଣି ବେଳ ଦେଖରେ ଦେଖ
କେତେଦିନ ଆଉ ଚେଇଁ ଶୋଇଥିବ
କହିବା ଠାରୁ କରିବା ଶିଖ..........।୧।

ତୋ ପୂର୍ବ ପୁରୁଷ ଗଢ଼ିଥିଲେ ପରା କଳାର ଏଇ କୋଣାର୍କ
ସାରା ଜଗତରେ ବିଦିତ ହୋଇଛି ଛୁଟାଇ ତାର ମହକ
ବିକି ଭାଙ୍ଗି କେତେ ବସି ଖାଉଥିବ
ନିଜେ ଆଜି କିଛି କରିକି ଦେଖ..........।୨।

ଆମର ଓଡ଼ିଆ ମାଧବ ପୁଅ ତ ଯାଉଥିଲେ ଦୂରଦେଶ
ବଣିଜ ବେପାର କରିଆଣୁଥିଲେ କେତେ ଧନଜନ ଯଶ
ଗୋଡି ନଖଟିକି ନିଜେ କର କିଛି
ହସିବ ଆମର ଏଇ ମୂଲକ..........।୩।

ଅଚିନ୍ତାରେ ଯଦି ଶୋଇରହିଥିବ ପଛରେ ତ ପଡ଼ିଥିବ
ସମୟ ସାଥିରେ ଚାଲୁଥିଲେ ତୁମେ ନୁହେଁ କିଛି ଅସମ୍ଭବ
ସପନ ନଦେଖି କର୍ମବୀର ହୁଅ
ଗଢ଼ାଅ ଆଜିର ପ୍ରଗତି ଚକ..........।୪।

ଆମ ଗୋପବନ୍ଧୁ ମଧୁସୂଦନ କରିଗଲେ କେତେଦାନ
ଲକ୍ଷ୍ମଣ ନାଇକ ଏଇମାଟି ପରେ ଦେଇଗଲେ ତାଙ୍କ ପ୍ରାଣ
ଏଇ ମାଟି ଆମ ଚନ୍ଦନର ସମ
ଆନନ୍ଦରେ ତାକୁ ମଥାରେ ମାଖ..........।୫।

**ପୋପରଡ଼ା, ନୂଆବଜାର, କଟକ-୪**
**ମୋ- ୯୪୩୭୮୩୪୭୧୯**

# ରାମାୟଣ କାଳର ଦେବ, ନର, ବାନର ଓ ରାକ୍ଷସ

**ଇଂ ଯଜ୍ଞ ପ୍ରକାଶ ଦାସ**



ବାଲ୍ମୀକିଙ୍କ ରଚିତ ରାମାୟଣରେ ଦେବ, ନର, ବାନର ଓ ରାକ୍ଷସ- ଏହି ଚାରି ନାମ ଅନେକ ସ୍ଥଳରେ ଦେଖିବାକୁ ମିଳେ। ପରବର୍ତ୍ତୀ କାଳରେ ସେମାନଙ୍କୁ ଆଳଂକାରିକ ରୂପରେ ବିଚିତ୍ର ଦେହଧାରୀ ବୋଲି କଳ୍ପନା କରାଗଲା। ପ୍ରକୃତ ପକ୍ଷରେ ସେମାନେ ଭିନ୍ନ ଭିନ୍ନ ଜାତି ନୁହନ୍ତି; ମନୁଷ୍ୟ ମାତ୍ର।

ଆଜିକାଲି ଆମ ଦେଶରେ ସିଂହ, ନାଗ, ବାଘ, ଭାଲ୍ଲୁ (ଭାଲୁ) ଆଦି ସଂଜ୍ଞାରେ ଅନେକ ମନୁଷ୍ୟ ଅଛନ୍ତି। ରାମାୟଣ କାଳରେ ମଧ୍ୟ ଦେବ, ନର, ବାନର ଓ ରାକ୍ଷସ ସଂଜ୍ଞାର ମନୁଷ୍ୟ ବିଭିନ୍ନ ପ୍ରାନ୍ତରେ ବାସ କରୁଥିଲେ। ସେମାନଙ୍କର ପୋଷାକ, ଖାଦ୍ୟପେୟ ଓ ରାଜନୀତିରେ କିଛି ଭିନ୍ନତା ଥିଲା। ହିମାଳୟ ପାଦଦେଶରେ ରହୁଥିବା ମନୁଷ୍ୟମାନଙ୍କୁ 'ଦେବ', ଉତ୍ତରଭାରତର ଲୋକମାନଙ୍କୁ 'ନର', ଦାକ୍ଷିଣାତ୍ୟର ଲୋକମାନଙ୍କୁ 'ବାନର' ଓ ଲଂକାର ମନୁଷ୍ୟମାନଙ୍କୁ 'ରାକ୍ଷସ' କୁହାଯାଉଥିଲା। ସେତେବେଳେ ଲଂକା ଏକ ପ୍ରକାଣ୍ଡ ଭୂଖଣ୍ଡ ଥିଲା। ତାହାର ଅନେକ ଅଂଶ କାଳକ୍ରମେ ଜଳମଗ୍ନ ହୋଇଅଛି।

ଦେବ ଓ ନରମାନଙ୍କ ମଧ୍ୟରେ ଉତ୍ତମ ସଂପର୍କ ଥିଲା। ଦେବମାନଙ୍କର ରାଜାଙ୍କୁ 'ଇନ୍ଦ୍ର' କୁହାଯାଉଥିଲା ଓ ନରମାନଙ୍କର ଅଧିପତି ଥିଲେ 'ନରପତି'। ଦେବକନ୍ୟାମାନଙ୍କ ସହିତ ନର-ପୁରୁଷମାନଙ୍କର ବିବାହ ହେଉଥିଲା। ଦେବରାଷ୍ଟ୍ରକୁ ସ୍ୱର୍ଗ କୁହାଯାଉଥିଲା। ନରପତିମାନଙ୍କ ଆମନ୍ତ୍ରଣ ପାଇ ଦେବସେନା ଦେବରାଷ୍ଟ୍ର ବା ଆର୍ଯ୍ୟାବର୍ତ୍ତକୁ ଆସୁଥିଲେ। ବାନର ରାଷ୍ଟ୍ର ଓ ରାକ୍ଷସ ରାଷ୍ଟ୍ର ମଧ୍ୟରେ ବେଳେବେଳେ ସୁସମ୍ପର୍କ ଥିବାବେଳେ ସମୟ ସମୟରେ ଶତ୍ରୁତା ରହିଥିଲା। ନରପତି ଶ୍ରୀରାମ ରାକ୍ଷସ ରାଷ୍ଟ୍ର ବିରୁଦ୍ଧରେ ଦେବ, ନର ଓ ବାନର- ଏହି ତିନି ରାଷ୍ଟ୍ରକୁ ଏକାଠି କରିଥିଲେ। ଫଳରେ ସେ ବିଜୟ ଲାଭ କଲେ।

ଦେବ, ନର, ବାନର ଓ ରାକ୍ଷସମାନେ ଯେ ମନୁଷ୍ୟ ଥିଲେ, ତାହାର ଅନେକ ପ୍ରମାଣ ରହିଛି।

(୧) ଦେବ, ନର, ବାନର ଓ ରାକ୍ଷସଙ୍କ ମଧ୍ୟରେ ବିବାହ ହେଉଥିଲା ଓ ସେମାନେ ମନୁଷ୍ୟ ସନ୍ତାନ ଜନ୍ମ ଦେଉଥିଲେ। ମହାଭାରତ କାଳରେ ନରଜାତିର କୁନ୍ତୀ ଓ ମାଦ୍ରୀଙ୍କଠାରେ ଦେବପୁରୁଷମାନେ ପାଣ୍ଡବଙ୍କୁ ଜନ୍ମ ଦେଇଥିଲେ।

(୨) ହନୁମାନ ସୀତାଙ୍କର ଅନ୍ୱେଷଣ କରୁ କରୁ ଲଂକାରେ ରାଜପ୍ରସାଦ ମଧ୍ୟରେ ରାକ୍ଷସ ବେଶରେ ପହଞ୍ଚିଗଲେ। କୌଶଳ କ୍ରମେ ରାତ୍ରିରେ ଅନ୍ତଃପୁରର ଝରକା ବାଟେ ଦେଖିଲେ ଯେ ରାଣୀମାନେ ଏକତ୍ର ଶୟନ କରୁଥିଲେ। ସେମାନଙ୍କ ମଧ୍ୟରେ ଦେବ, ନର, ବାନର ଓ ରାକ୍ଷସୀ ବେଶଧାରୀ ରାଣୀ ରହିଥିଲେ। ହନୁମାନ ସେମାନଙ୍କ ମଧ୍ୟରେ ରାଣୀ ମନ୍ଦୋଦରୀଙ୍କୁ ମାତା ସୀତା ଭାବି ନେଇଥିଲେ। କିଛି ସମୟ ପରେ ତାଙ୍କର ଭ୍ରମ ଦୂର ହେଲା।

(୩) ରାମଙ୍କ ପିତୃକୁଳ ସହିତ ରାବଣଙ୍କ ମାତୃକୁଳର ସଂବନ୍ଧ ଥିବା କଥା ରାମାୟଣରେ ଉଲ୍ଲେଖ ଅଛି।

(୪) ଦେବ, ନର, ବାନର ଓ ରାକ୍ଷସମାଙ୍କର ବେଶଭୂଷା ଓ ଜାତୀୟ ପୋଷାକ ଅଲଗା ଥିଲା। ମାତା ସୀତାଙ୍କର ଅନ୍ୱେଷଣ କରି ଯେତେବେଳେ ରାମ ଓ ଲକ୍ଷ୍ମଣ ବନରେ ବୁଲୁଥିଲେ, ସେତେବେଳେ ହନୁମାନ ବାନର ବେଶ ତ୍ୟାଗକରି ଭିକ୍ଷୁ ବେଶରେ ସେମାନଙ୍କୁ ସାକ୍ଷାତ କରିଥିଲେ।

(୫) ଲଂକାରେ ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ରାମ କହିଥିଲେ- "ମୁଁ, ଲକ୍ଷ୍ମଣ, ବିଭୀଷଣ ଓ ଚାରିଜଣ ମନ୍ତ୍ରୀ ନରବେଶରେ ରହିବୁ। ଅନ୍ୟମାନେ ବାନର ପୋଷାକ ପିନ୍ଧି ଯୁଦ୍ଧ କରିବେ।"

(୬) ଲଂକା ଯୁଦ୍ଧ ସମୟରେ ରାବଣଙ୍କ ରାକ୍ଷସ ଗୁପ୍ତଚରମାନେ ବାନର ବେଶରେ ସୁଗ୍ରୀବଙ୍କ ଶିବିରରେ ପ୍ରବେଶ କରିଥିଲେ।

(୭) ଦେବ, ନର, ବାନର ଓ ରାକ୍ଷସମାନଙ୍କ ମଧ୍ୟରେ ରାଜା, ପୁରୋହିତ, ସୈନିକ, ବୈଦ୍ୟ, ଶିଳ୍ପୀ, କାରିଗର, ଚିତ୍ରକାର, ସ୍ୱର୍ଣ୍ଣକାର, ପାଚକ, କୁମ୍ଭକାର ଆଦି ବିଭିନ୍ନ ବୃତ୍ତିର ମନୁଷ୍ୟ ଥିଲେ। ରାମାୟଣର ଅନେକ ସ୍ଥଳରେ ଏହାର ଉଲ୍ଲେଖ ରହିଛି।

ବେଦ, ଉପନିଷଦ, ଦର୍ଶନ ଶାସ୍ତ୍ରଗୁଡ଼ିକ ମନୁଷ୍ୟ ଜାତିର ଆଧ୍ୟାତ୍ମିକ ସାହିତ୍ୟ। କିନ୍ତୁ, ରାମାୟଣ ଆମର ଆଦିକାବ୍ୟ। କାବ୍ୟରେ ଆଳଂକାରିକ ରୂପରେ ଦେବ, ନର, ବାନର ଓ ରାକ୍ଷସ ରାଷ୍ଟ୍ରର ମନୁଷ୍ୟମାନଙ୍କୁ ଭିନ୍ନ ଭିନ୍ନ ରୂପ ଓ ପୋଷାକ ମାଧ୍ୟମରେ ଚିତ୍ରଣ କରାଯାଇଛି। କିନ୍ତୁ ସେମାନେ ସମସ୍ତେ ମନୁଷ୍ୟ ଥିଲେ। ସେଥିପାଇଁ ସେମାନେ ନିଜ ନିଜ ରାଷ୍ଟ୍ରରେ କଳା, ଶିଳ୍ପ, ବାଣିଜ୍ୟ, ରଣନୀତି, ରାଜ୍ୟବ୍ୟବସ୍ଥା, ବିଜ୍ଞାନ ଆଦି କ୍ଷେତ୍ରରେ ପରାକାଷ୍ଠା ଲାଭ କରିଥିଲେ।

**ଉପ ମହାପ୍ରବନ୍ଧକ,**
**ରାଉରକେଲା, ଇସ୍ପାତ କାରଖାନା**
**ମୋ- ୮୮୯୫୫୦୦୪୫୪**

# ଘର

ସୁଧୀର କୁମାର ମହାପାତ୍ର

ସବୁଦିନ ପରି ମୁଁ ସେଦିନ ବି ବିଳମ୍ବରେ ଘରକୁ ଫେରିଥିଲି । ମୋ ବୋଉ ଘରର କୋଣ ଆଡକୁ ଅଧାଛାଇ ଅଧା ଆଲୁଅ ଜାଗାଟାରେ ବସିଥିଲା । କିଛି ଚିନ୍ତିତ ଥିଲା ପରି ଲାଗୁଥିଲା । ନନା ଅନେକ ସମୟ ଆଗରୁ ଶୋଇପଡିଥିଲେ । ଘର ବୁଡିଗଲେ କି ଭାସିଲେ ତାଙ୍କର କିଛି ମୁଣ୍ଡ ଖେଳେଇବାର ନାହିଁ । ବଡ ବିଚିତ୍ର ଧରଣର ଲୋକ ସେ । ବିଚିତ୍ର କହିଲେ ଅବଶ୍ୟ ଅଜବ ନୁହେଁ । ତଥାପି କୌଣସି ଘଟଣାର ସେ ଆପେକ୍ଷିକ ଗୁରୁତ୍ୱ ଅନୁଭବ କରିପାରନ୍ତିନି । ଅନ୍ୟ ପ୍ରକାରେ ବୁଝିବାକୁ ଗଲେ , ଦୁଃଖେ ରାମ୍ ସୁଖେ ରାମ୍ ହେଉଛି ନନାଙ୍କ ଲକ୍ଷଣ । ଏମିତି ତ ବିଳମ୍ବରେ ଘରକୁ ଫେରିଛି । ତେଣୁ ସବୁଦିନ ଭଳି ବୋଉ ଆଜି ମଧ୍ଯ କିଛି ତାଗିଦ୍ କରିବ ହିଁ କରିବ ଏହି ଭୟ ମନରେ ଥାଏ । ପୁଅ ମୋର ଝିଅ ଦୁଇଟାର ବାପା ହେଲାଣି । ସଂସାର ଜଞ୍ଜାଳ କଣ ଅଳ୍ପ ବହୁତ ଜାଣିଲାଣି । ହେଲେ କେବକୁ ଯାର ହିତାହିତ ଜ୍ଞାନ ହେବ କେଜାଣି ! ଏମିତି ଅନେକ ଅନେକ ... । ହେଲେ ମୋ ବୋଉର ତାଗିଦ୍‌କୁ ଆଦୌ ପସନ୍ଦ କରୁ ନଥିଲା ମୋର ସ୍ତ୍ରୀ ଜାନକୀ । ସେ ଭିତରେ ଭିତରେ ଭାରି ବିଦ୍ରୋହ କରୁଥିଲା । ଏମିତି ମନେ ମନେ ଅନେକ ଗାଳି ଦେଉଥିଲା । ସେ ମୋ ବୋଉକୁ ବୁଝି ପାରୁ ନ ଥିଲା । ସେ ଯିଏ ମୋତେ ଗାଳି କରୁଛି ସେ ମୋ ବୋଉ । ସିଏ ମୋତେ ସଂସାର ଦେଖିବାର ସୌଭାଗ୍ୟ ଦେଇଛି । ବକ୍ଷରୁ ତାର ମମତା ଧାର ଦେଇ ବଳିଷ୍ଠ କରିଛି । ହାତ ଧରି ଚାଲି ଶିଖାଇଛି । ଆଉ ଖରା,ବର୍ଷା,ଶୀତ ଓ ବିପଦ ଆପଦରୁ ରକ୍ଷା କରିବାକୁ ତାର ପଣତକୁ ମୋରି ଉପରେ ବିଛାଇ ଦେଇଛି, ସୀମାନ୍ତର ସୈନ୍ୟମାନଙ୍କୁ ସୁରକ୍ଷା ଦେଇଥିବା ବଙ୍କର୍ ଭଳି ।

ମୋ ସ୍ତ୍ରୀ ଥିଲା ଶିକ୍ଷିତା । ସହରୀ ସଭ୍ୟତାର ଛାପ ତାରି ଉପରେ ବାରି ହୋଇଯାଉଥିଲା ସ୍ପଷ୍ଟ ରୂପରେ । ବୋଉ ମୋର ଗାଉଁଲି । ପୁରୁଣା କାଳର ଲୋକ ,ଯିଏ କି ସ୍ୱାଧୀନ ଦେଶର ଜଣେ ପରାଧୀନ ନାଗରିକ । କାରଣ ହାତେ ଓଢଣା ତଳେ ଲୁଚାଇ ରଖିଥିବା ତାର ମୁହଁଟି ମୋ ଗାଆଁର ଲୋକେ ଆଜି ବି ଦେଖି ନାହାନ୍ତି । ଆଜକୁ ପ୍ରାୟ ୫୦ ବର୍ଷ ତଳେ ମୋ ବୋଉ ମୋ ଗାଆଁକୁ ନୂଆ ବୋହୂ ହୋଇ ଆସିଥିଲା । ଏବେ ତାକୁ ପାଖା ପାଖି ଷାଠିଏ କି ପଂଚଷଠି , ସତୁରୀ ବର୍ଷ ହେବ । ତଥାପି ଅନେକେ ଏବେ ବି ନୂଆବୋଉ ବୋଲି ସମ୍ବୋଧନ କରନ୍ତି । ତେଣୁ ଆଧୁନିକତାର ଉଗ୍ର ଛାପ ତଳେ ଥିବା ମୋ ସ୍ତ୍ରୀକୁ ବୋଉର ଗାଳି,ତାଗିଦ୍ ଆଦୌ ଭଲ ଲାଗୁ ନ ଥିଲା । ଗୋଟିଏ ରକମର୍ କ୍ଷୁବ୍ଧ ହେଉଥିଲା ସେ ମୋ ବୋଉ ଉପରେ ।

କେବେ ଯଦି ଘରକୁ ବିଳମ୍ବରେ ଫେରେ ତେବେ ମୁଁ ପୂର୍ବ ପରି ଏବେ ମଧ୍ଯ ମୋ ବୋଉର କଥାରେ କାନ ଧରି ଘର ଭିତରକୁ ଯିବା ଆସିବା କରେ । ସେଦିନ କିନ୍ତୁ ବୋଉ କିଛି ବି ପଦିଏ କହି ନ ଥିଲା । ମାତ୍ର ବୋଉ କିଛି କହିବା ଆଗରୁ ମୁଁ ମୋର କାନ ଧରି ବୋଉର ଗୋଡ ପାଖରେ ବସିପଡିଲି । ଅଭିଯୋଗ କରି କହିଲି ଆଜି ତୁ କାହିଁକି ତାଗିଦ୍ କରୁନୁ ବୋଉ ? କଣ ହୋଇଛି ତୋର ? ଅନ୍ଧାର ଆଲୁଅ ମଧ୍ଯରେ ସ୍ଥିର ଲୁଚକାଳି ଖେଳୁଥିବା ମୋ ବୋଉ, ଉପରକୁ ମୁହଁ ଉଠାଇ ବାଷ୍ପରୁଦ୍ଧ କଣ୍ଠରେ କହିଲା, ନା ଆଉ ପାରୁନିରେ । କହିଲା ବେଳକୁ ଆଖିରୁ ତାର ଧାର ଧାର ହୋଇ ଲୁହ ଝରିଯାଉଥିଲା । ବୋଉର ମୁହଁକୁ ଟିକେ ଟେକିଧରି ପଚାରିଲି , କାହିଁକି ଲୋ ବୋଉ , ତୋତେ ଏ ଅଧିକାରରୁ କିଏ ବଂଚିତ କରିଛି ? ଏତିକିବେଳେ ତାରି ଆଖିରୁ ବୋହି ଆସୁଥିବା ଅମାନିଆ ଲୁହ ଧାରରୁ କେଇ ଟୋପା ମୋ ହାତରେ ପଡିଗଲା । ଅନୁଭୂତ ହେଲା ମା ମନରେ ଭରି ରହିଥିବା ଦୁଃଖର ଆଗ୍ନେୟଗିରିରୁ ଉଦ୍‌ଗାରିତ ଲାଭାର ଉଷ୍ଣତା । ମାତ୍ର ଯେଉଁଠି ପଡୁଥିଲା ପୋଡୁ ନ ଥିଲା କିଛି । ବରଂ ନିଜର ତରଳ ଲାଭାରେ ସେ ନିଜେ ପୋଡିଚାଲିଥିଲା ତାର ମାତୃସତ୍ତାକୁ । ଏତିକି ବେଳେ ତାର ଆଖିରୁ ବୋହି ଆସୁଥିବା ଅମାନିଆ ଲୁହ ଧାର ମୋର ଅନ୍ତରାତ୍ମାକୁ ଛିନ୍‌ଭିନ୍ କରିଦେଇଥିଲା । ପଚାରିଲି କଣ ହୋଇଛି ତୋର ? ବୋଉର ନୀରବତାରୁ ସନ୍ଦେହ ହେଲା ମୋ ସ୍ତ୍ରୀ ଉପରେ । କାଳେ କିଛି ଶାଶୂ ବୋହୂଙ୍କ ଭିତରେ ଝଗଡା ହୋଇଥିବ । ସନ୍ଦେହ ମୋର ଘନୀଭୂତ ହେବାକୁ ଲାଗିଲା । ସନ୍ଦେହ ଯେତିକି ବଢୁଥାଏ ସେତିକି ବଢୁଥାଏ ମୋ ବୋଉର ନୀରବତା । ମାତ୍ର ନୀରବ ହୋଇ ନ ଥାଏ ମୋ ବୋଉ ଆଖିର ଲୁହଧାର । ମା ସିଏ । ତା ଆଖିର ଲୁହ ଧାର ସଂସାରକୁ ଭସ୍ମ କରିଦେଇପାରେ । ଧାଇଁ ଗଲି ମୋର ରୁମ୍ ଭିତରକୁ । ଆଜି ଏକବାର୍ ରୁମ୍ ଭିତରଟା ଶୂନଶାନ୍ । ଅନ୍ୟଦିନ ଭଳି ମୋର ଫେରିବା ବାଟକୁ ଜଗି ରହିନି ମୋ ସ୍ତ୍ରୀ । ଡାଇନିଙ୍ଗ୍ ଟେବୁଲ୍ ଉପରେ ଖାଦ୍ୟ ସବୁ ଯେମିତି ସେମିତି ରହିଛି । ପିଲାମାନେ ନ ଖାଇ ନ ପିଇ ଶୋଇଯାଇଥିଲେ । ମୋତେ ଦେଖି ସ୍ତ୍ରୀ ମୋର ବିଳପି ଉଠିଲା । ଛାତିରେ ମୋର ଛନକା ପଶିଗଲା । ମନେହେଲା କୈକେୟୀ ଆଜି ଦଶରଥ ଆଗମନକୁ ଅପେକ୍ଷାରତା । ତାପରେ ଯାହାହେବ ତାହା ଜଳଜଳ ହୋଇ ଦେଖାଯାଉଥିଲା ମତେ । ସ୍ତ୍ରୀଙ୍କର ମାନଭଂଜନ ଭଙ୍ଗପାଇଁ ଆଜିକାଲି କୃଷ୍ଣ ହେବା ବଡ ଦୁରୁହ ବ୍ୟାପାର । କାରଣ କୃଷ୍ଣଙ୍କ ପ୍ରେମରେ ଶ୍ରୀ ରାଧାଙ୍କ ମାନଭଂଜନ ହୋଇଥିଲା । ହେଲେ ଆଜି ଦିନରେ ପତ୍ନୀଙ୍କ ପ୍ରତାରଣାରେ ପରିବାରର ଐକ୍ୟ ଭଂଜନ ହିଁ ଏକାନ୍ତ ସାର ।

ତଥାପି ବୁଝୁବୁଝୁ ସ୍ତ୍ରୀଙ୍କଠାରୁ ଯାହା ସବୁ ଶୁଣିଲି ମୋତେ ମଧ୍ଯ ବହୁତ ବିରକ୍ତ ଲାଗିଲା । ହେଲେ, କାହା ଉପରେ ବିରକ୍ତ ହେବି ? ଧର୍ମ ଯୁଦ୍ଧରେ ପ୍ରତିପକ୍ଷ ଶତ୍ରୁ ଭଳି ଦିଶି ନ ଥିଲେ ମହାବୀର ଅର୍ଜୁନଙ୍କୁ । ସମସ୍ତେ ଥିଲେ

ଆପଣାର , ଅତି ଆପଣାର । ତେଣୁ ଅର୍ଜୁନ ଅସ୍ତ୍ର ତ୍ୟାଗ କଲା ପରି ମୁଁ ମୋର କ୍ରୋଧ ତ୍ୟାଗ କରି ବୋଉ ପାଖକୁ ଚାଲିଗଲି । ବୋଉ ସେମିତି ମନ ମାରି ବସିଥାଏ । ନେହୁରା ହୋଇ କହିଲି, ଆସ୍ ଖାଇବୁ । ତୁ ଖାଇନୁ , ମୁଁ ବି ଖାଇନି । ଆଉ ତୋ ବୋହୂ ମଧ୍ୟ । କଣ ହୋଇଛି ଆଜି ଏ ଘରେ କେଜାଣି । ସବୁ ରନ୍ଧା ସରିଥିଲେ ମଧ୍ୟ ପିଲା ଦିଟା ମୋର ଉପାସରେ ଶୋଇଛନ୍ତି ଏକଥା ପ୍ରତି କାହାର ଟିକେ ହେଲେ ବି ନଜର ନାହିଁ । ଯା ଦେଖିବୁ ସେ ପିଲା ଦିଟା ନିଦ ବାଉଳିରେ କେମିତି ପାଟି ପାକୁ ପାକୁ କରୁଛନ୍ତି । ସକାଳ ପହରୁ ତୋ କଥାରେ ତୁ ଅଟଳ ରହିଛୁ । ହେଲେ , ମୋତେ ତୋ କଥାଟା ଆଦୌ ପସନ୍ଦ ହେଲାନି ବୋଲି ଜୀବନରେ ପ୍ରଥମ ଥର ପାଇଁ ତୋର କଥାକୁ ମୁଁ ଅମାନ୍ୟ କରିଛି । କାହିଁକି ଜାଣୁ ? ତୋର ଏ କଥା କାହିଁକି କେଜାଣି ମୋତେ ଆଦୌ ଭଲ ଲାଗୁନି । ତୋ ମନ କଥା ମୁଁ ଜାଣି ପାରୁନି କି ତୋ ସହ ଏକମତ ହେଇପାରୁନି । ଠିକ୍ ଅଛି । ତୋର ଇଚ୍ଛା ଯାହା ତାହା ହିଁ କରିବି । ଏବେ ତୁ ଖାଇବୁ ଚାଲ୍ । ରାତି ଅନେକ ହେଲାଣି । ବୋଉ କିନ୍ତୁ ଇଂଚେ ବି ସେଠାରୁ ଘୁଂଚିଲାନି । କହିଲି, ଦେଖ୍ ବୋଉ ନନାଙ୍କ ସହ ମୋର ସେତେଟା ଘନିଷ୍ଠତା ନାହିଁ, ତୋ ସହ ଯେତିକି ଅଛି । ନନା ତ ଗୋରୁ ଗଙ୍ଗା । ରାତିକୁ ଦିନ କହିଲେ ବି ସେ ମୋ କଥାରେ ହଁ ଭରିବେ । କାହିଁକି ନା ତାଙ୍କର ମୋ ଉପରେ ସେତିକି ବିଶ୍ୱାସ ରହିଛି । ହେଲେ ଘରର ମୁରବି ହିସାବରେ ଏତେଟା ସରଳତା ଏକ ଯୌଥ ପରିବାର ପାଇଁ ଶୁଭ ସୂଚନା ନୁହେଁ । ଅନ୍ତତଃ ତୋ ସହ କଥାବାର୍ତ୍ତା ହୋଇ ପିଲାଙ୍କ ଭବିଷ୍ୟତ ବିଷୟରେ ଉଚିତ୍ ପଦକ୍ଷେପ ନେବା ନନାଙ୍କର ନୈତିକ କର୍ତ୍ତବ୍ୟ ।

କଥା ଉପରେ କଥାଟିଏ କହି ମୋର କହିବା କଥାକୁ ଚାପି ଦେବାକୁ ବୋଉ ଚେଷ୍ଟା କଲା । କହିଲା, ହଁ ଏଇଟା କେବଳ କହିବା କଥା । ବାପା ମାଆ ବୁଢାବୁଢୀ ହେଲେ ସେମାନେ ତୁମମାନଙ୍କ ପରି ପୁଅଝିଅମାନଙ୍କ ପାଇଁ ଅଦରକାରୀ ହୋଇ ପଡନ୍ତି । ମାଆଟିଏ ମୁଁ । ତୁମମାନଙ୍କୁ ଜନ୍ମଦେଇ କଣ ମୁଁ ଏତିକି ଆଶା କରିବିନି ଯେ, ମୋ ପିଲାମାନେ ବାପା ମାଆ ବୋଲି ପଦିଏ ମିଠା କଥା କି ମୁଠାଏ ଭାତ ଦିଅନ୍ତୁ ବୋଲି । ଆରେ ତମେମାନେ ତ ବାପା ମାଆ ହେଲଣି । ଆମେ ତୁମମାନଙ୍କୁ ଆଉ ଅଧିକ କଣ କହିବୁ !

ସେତିକିବେଳକୁ ନନାଙ୍କ ନିଦ ଭାଙ୍ଗିଯାଇଥିଲା । ଉଠି ଆସି ପାଖରେ ଠିଆ ହେଲେ । କହିଲେ, କିରେ ! ମାଆପୁଅ ଏ ଯାଏଁ ନ ଶୋଇ କଣ କରୁଛ ? ବୋଉ ତାର ଚିରାଚରିତ ଧାରାରେ ବିରକ୍ତି ଭାବ ପ୍ରକାଶ କରି କହିଲା, ଘର ବୁଡି ପାଣି ଆଣ୍ଠୁଏ ହେଲାଣି । ହେଲେ କୁମ୍ଭୀରର ଯାଏ କେତେ ନା ଆସେ କେତେ ? ନନା ବି ଛାଡନ୍ତି କୁଆଡେ । ଉତ୍ତରଟା ଫଟାଫଟ୍ ଦେଇ କହିଲେ, ଶେଖର ବୋଉ ! ଯାହାର ଚାରିଚାରିଟା ଭେଣ୍ଡା ପୁଅ ବୁଡିଯାଉଥିବା ଘରର ଚାରିଟା ଖମ୍ବ ପରି , ତାର ଘର ବୁଡିଯିବାର ଆଶଙ୍କା କରିବା ମୁର୍ଖାମି- ସେ କଥା ତୁମେ କଣ ଜାଣିନ ?

ହେଲା, ନନା... ହେଲା । ବୋଉକୁ ମଜାରେ ହେଉ କି ସତରେ ହେଉ ଯେମିତି ଏତେ ସବୁ କଥା କହି ପାରୁଛ, ସେତିକି ସମସ୍ତଙ୍କ ପ୍ରତି ଟିକେ କର୍କଶ ଭାବ ପ୍ରକାଶ କରିଥିଲେ ହୁଏତ ଆଜି ଏ ଦିନ ଦେଖିବାକୁ ମିଳି ନ ଥାନ୍ତା । ଏବେ ବି ସମୟ ଅଛି ନନା । ତୁମର ଭଲପାଇବାର ହୃଦୟ ଭିତରେ ନ ହେଉ ପଛକେ ମୁହଁ ଉପରେ ଟିକେ ରୁକ୍ଷର ଛବିଟେ ହୁଏତ ଆମ ପରିବାରକୁ ଆସନ୍ନ ବିପଦରୁ ରକ୍ଷା କରିପାରନ୍ତା । ନନା ସ୍ମିତ ହାସ ବଦନରେ କହିଲେ, ମୋର କିଛି କରିବାର ନାହିଁରେ ବାବା । ତୁମମାନଙ୍କର ଇଚ୍ଛା ଯାହା ତାହା ହିଁ କର । ହାତରେ ପାଂଚଣ ଧରିବା ମୋ ଦେଇ ସମ୍ଭବ ନୁହେଁ ରେ । ହେଲେ ଏମିତି କିଛି କର ଯେମିତି ଏ ବଂଶର ମର୍ଯ୍ୟାଦା କ୍ଷୁର୍ଣ୍ଣ ନ ହେଉ । କହି କହି ତାଙ୍କ ଶୋଇବା ଘରକୁ ଚାଲିଗଲେ ନନା । ନନାଙ୍କ ଯିବା ବାଟକୁ ଏକ ଲୟରେ ଚାହିଁ ରହିଥିଲି ମୁଁ । ବୋଉ ମୁହଁରେ ବି ନନାଙ୍କ ପ୍ରତି ଥିବା ଭାବନାର ଅଛିଣ୍ଡା ସମୀକରଣ ବେଶ୍ ବାରି ହେଇଯାଉଥିଲା ।

ନନାଙ୍କ ସରଳତାରେ ଅପାରଗତା କି ନୀରବତା କେଜାଣି ତାହା ଅସ୍ପଷ୍ଟ ଥିଲା ମୋ ପାଇଁ । ମୋତେ କିନ୍ତୁ ନନାଙ୍କର ଏପରି ଚିନ୍ତାଧାରା ଠିକ୍ ଲାଗିଲାନି । ତାଙ୍କ ପଛେ ପଛେ ପାଖକୁ ଯାଇ କହିଲି, ନନା ! ମୋର କିଛି କହିବାର ଥିଲା । ବୋଉ ମୋ ପଛରେ ଠିଆ ହୋଇ କହିଲା, ପୁଅ ଯାହା କହିବାର ଅଛି କହୁନୁ । ଏହା ହେଉଛି ପ୍ରକୃଷ୍ଟ ସମୟ । ନଚେତ୍ ବିଳମ୍ବ ହୋଇ ଯାଇପାରେ । ମନରେ ବଳ ସଂଚୟ କରି କହିଲି, ନନା ଆମେ ଭାଇମାନେ ସବୁ ଅଲଗା ଅଲଗା ହୋଇଯିବା ଉଚିତ୍ ।

ନନା ଏତେ ଜୋର୍‌ରେ ଚିତ୍କାର କଲେ ଯେ ନିଜର ଭାରସାମ୍ୟ ହରାଇ ଲଥ୍ କିନା ବସିପଡିଲେ । ଥରି ଥରି କହିଲେ, ଆରେ ଏ ସୋମନାଥ ଦାସ ବଂଚିଥିବା ଯାଏଁ ଏସବୁ ହେବାକୁ ଦେବନି ।

ବୋଉ ନନାଙ୍କ ପାଖରେ ବସି ତାଙ୍କ ଦେହ ହାତରେ ହାତ ବୁଲାଇ କହିଲା , ମୋତେ ଟିକେ ବୁଝିବାକୁ ଚେଷ୍ଟା କର ଶେଖର ନନା । ମୋର ବି ସେହି ଇଚ୍ଛା । ଯଦି ଏମିତି କଲେ ସମସ୍ତେ ଶାନ୍ତିରେ ଚଳିପାରିବେ ,ତେବେ ଏଥିରେ ଅସୁବିଧା ରହିଲା କେଉଁଠି ? ହାତୀ ବନସ୍ତରେ ଥିଲେ ବି ରଜାର । ଭାଇ ଯୋଉଠି ଥିଲେ ବି ରକ୍ତ ସମ୍ପର୍କ କେବେ ବି ଅସ୍ୱୀକାର କରି ପାରିବନି । ବରଂ ଥାଳି ଗିନା ପାଖରେ ଆଉ ଗୋଟେ ଥାଳି କି ଗିନା ଥିଲେ ଆଘାତ ପାଇ ଶବ୍ଦ କରୁଛି । ଅଲଗା ହେଲେ.... !! ଆମେ ଥିବା ବେଳେ ଏମାନେ ଏକାଠି ଚଳିବା ଯଦି ହୋଇ ନ ପାରିଲା , ଆମ ଅନ୍ତେ ଏମାନେ କଣ....। ତମେ ଟିକେ ଭଲ କରି ଚିନ୍ତା କର ଶେଖର ନନା .. ଯୌଥପରିବାରର ସ୍ୱପ୍ନ ଆଜି ଦିନରେ ଦେଖିବା ବେକାର କଥା । ଅଢେଇ ଦିନ ଏହା ସୁରୁଖୁରୁରେ ଚାଲେ କି ନାହିଁ ,ମତାନ୍ତର-ମନାନ୍ତର ବେଶି ।

ବୋଉର କଥା ନନାଙ୍କ ମନରେ କିଛି ପ୍ରଭାବ ପକାଇଲା ପରି ଅନୁମାନ ହେଲା । ନିଜର ଅନିଚ୍ଛା ସତ୍ତ୍ୱେ ନନା ନୀରବ ସମର୍ଥନ ଜଣାଇଲେ । ବସିବା ସ୍ଥାନରୁ ଉଠିବାକୁ ଚେଷ୍ଟା କରୁ କରୁ ଭାରସାମ୍ୟ ହରାଇ ପାଖରେ ଥିବା ଖମ୍ବ ଉପରକୁ ଆଉଜି ପଡିଲେ । ପାଖ କୋଠରୀମାନଙ୍କରୁ ଅନ୍ୟମାନେ ବି ପାଖକୁ ଆସି ଠିଆ ହୋଇଯାଇ ଥିଲେ ।

ଘର ଅଗଣାରେ ଥିବା ଜାମୁକୋଳି ଗଛଟା ଏକଦମ୍ ନିର୍ବିକାର । ବାର୍ଦ୍ଧକ୍ୟର ତାଡନା ତାକୁ ଛୁଇଁ ନ ଥିଲା ସତେ । ଏକମାତ୍ର ସେ ଠିଆ ହୋଇଥିଲା ଅପତ୍ୟ ବିନା । ଘରର ଜଂଜାଳ ନ ଥିଲା ତାକୁ । ହେଲେ , ଯେଉଁ ଘରର ଅଗଣା ଉପରେ ସେ ଠିଆ ହୋଇଥିଲା ସେହି ଘରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣି ଝଡରେ ଅବଶ ହୋଇଯାଇଥିଲା ତାର ଶରୀର । ଦୋଳାୟମାନ ଶାଖାରେ କିନ୍ତୁ ବଣି ଦମ୍ପତି ନୀଡ ରଚନାରେ ଲାଗି ପଡିଥିଲେ। ବଣି ଦୁଇଟି ଥଂଟରେ କାଠିକୁଟା ଧରି ଘର ଗଢିବାରେ ଲାଗିବା ବେଳେ ପ୍ରଶ୍ନର ବଳୟ ଭିତରେ ଛନ୍ଦି ହୋଇଯାଇଥିଲା ନନାଙ୍କ ମନ । ବୋଉକୁ ଡାକି କହୁଥିଲେ, ଦେଖୁଛ ... ଶେଖର ବୋଉ , ସେ ବଣି ଦୁଇଟାକୁ । ସଂସାର ଭିତରେ ଝଡ ଆସେ । ଝଡକୁ ନ ଡରି ନୀଡ ଗଢିବାରେ ସେମାନେ କେମିତି ମନପ୍ରାଣ ଦେଇ ଲାଗିଛନ୍ତି । ବଣିର ତ ପୁଣି ଛୁଆପିଲା ହେବେ । ସେମାନଙ୍କ ଡେଣାରେ ପର ଲାଗିବା ପରେ ସେମାନେ ଅନ୍ୟତ୍ର ଉଡିଯିବେ ... ଆଉ ନିଜ ନିଜର ନୀଡ ଗଢିବେ । ଏ ହେଉଛି ସଂସାରର ନୀତି । କଥାରେ ଅଛି ପରା, ଯେତେ ଝିଅକୁ ସେତେ ବର ... ଆଉ ... ଯେତେ ପୁଅକୁ ସେତେ ଘର । ତେଣୁ ଆମେ ଏଥିରେ ଭାଙ୍ଗି ପଡିବାର କିଛି ନାହିଁ । ସେମାନେ ଯଦି ଅଲଗା ଅଲଗା ରହି ସୁଖରେ ରହିବେ ଭାବୁଛନ୍ତି , ତେବେ ରହନ୍ତୁ ସେମାନେ । ଏକଥା କହି ଚଟାଣ ଉପରେ ନନା ଲଥିକିନା ବସି ପଡିଲେ । ଆଉ କହିଲେ, ଆରେ ପିଲାମାନେ ! ଆମେ ବୁଢାବୁଢୀ ଦୁଇଟା କାହା ଭାଗରେ ରହିବୁ ନା, ଆମକୁ ବି ଭାଇଭାଗ ହେବାକୁ ପଡିବ.... ?

ପ୍ରଶ୍ନର ଗଭୀରତା ମାପି ହେଉ ନ ଥିଲା । ରାତ୍ରିର ଅନ୍ଧକାର ବଢୁଥିଲା । ଆଉ ତା ସାଥିରେ ବଢୁଥିଲା ନନା,ବୋଉଙ୍କର ଅସ୍ପଷ୍ଟ ଭବିଷ୍ୟତର ଚିନ୍ତା ।

**ଗୁଞ୍ଜିବାରଣ, ନୟାଗଡ**

ମୋ-୮୬୫୮୩୭୭୩୭୭

# ସୁ-ଡୋକୁ

ସୁ-ଡୋକୁ ଏକ ଗାଣିତିକ ଧନ୍ଦା । ନିମ୍ନରେ ପ୍ରଦତ୍ତ ଧନ୍ଦାଟିର ଖାଲି ସ୍ଥାନକୁ ଏପରି ଭାବରେ ପୂରଣ କର ଯେପରି ଧାଡି ଗୁଡିକୁ ଯେଉଁ ପଟରୁ ସିଧା ମିଶାଇଲେ ଯୋଗଫଳ ସମାନ ହେଉଥିବ ଏବଂ କୌଣସି ସଂଖ୍ୟା ଦ୍ୱିତୀୟ ଥର ବ୍ୟବହାର ହୋଇନଥିବ । ସଂଖ୍ୟା ଗୁଡିକ ୧ ଠାରୁ ୯ ମଧ୍ୟରେ ହୋଇଥିବ ।

| | | | | | | | | |
|---|---|---|---|---|---|---|---|---|
| | | 9 | | 3 | 8 | 4 | | |
| 3 | 4 | | 2 | | 9 | | | 8 |
| | 6 | 8 | | 4 | | 3 | | 9 |
| 2 | 1 | | | 8 | | 6 | | 4 |
| | 3 | | | | | | 5 | |
| 8 | | 4 | 6 | 5 | | | 1 | 2 |
| 4 | | 7 | | 1 | | 2 | 9 | |
| 6 | | | 4 | | 2 | | 8 | 5 |
| | | 2 | 3 | 9 | | 7 | | |

ସୁ-ଡୋକୁ ଉତ୍ତର ୩୮ ପୃଷ୍ଠାରେ

# ସମ୍ପର୍କର ସରୁଧାର



ବସନ୍ତ କୁମାର ଷଡ଼ଙ୍ଗୀ

ଦିବସ ସରିଲେ ସନ୍ଧ୍ୟା ନଇଁଲେ ଓହ୍ଲାଇ ଆସିବ ରାତ୍ରି
ରାତ୍ରି ଆସିବ ଅନ୍ଧାର ବହିବ ଚେତନା ପାଇବ ତନ୍ତ୍ରି।
ମୋ ଚେତନା ହଜେ ବାହୁଡ଼ା ପକ୍ଷୀର ନୀଡ଼ପଶା ସୁଖଦେଖି
କିଚିରି ମିଚିରି ଯାହାଗଲା ଯାଉ ବଳକା ଅମୃତ ଏଠି।
ମନ୍ଦିର ଥିଲା ମୁଖଶାଳା ଥିଲା ମୂର୍ତ୍ତିବି ଥିଲା ସାଜି,
ବର୍ଷା ବସନ୍ତ ବୈଶାଖ ଅଛି ନିଜେ ବି ସମାଧି ଆଜି।
ମୂର୍ତ୍ତୀ ଖୋଜୁନି ମନ୍ଦିର ଖୋଜୁନି ଖୋଜୁଛି ଅଲୋଡ଼ା ତିଥି
ଲିଭି ଲିଭି ଯାଉ ଧ୍ରୁବ ଆକାଶୁ ବଶିଷ୍ଠ ଓ ଅରୁନ୍ଧତୀ।
ସାବଲିଳ ତୁମ ଅବହେଳା ସାଥେ ଅଲ୍ଲିଅଳ ଅହଙ୍କାର
ମାପି ପାରୁନାହିଁ ଯୋଡ଼ି ପାରୁନାହିଁ ସମ୍ପର୍କର ସରୁଧାର।
ସକାଳରୁ ସଂଜ ସଂଜରୁ ସକାଳ ଚିରା ପୃଷ୍ଠା ଇତିହାସ
ଜହ୍ନଭରା ରାତି ଲାଗେଫାଙ୍କାଫାଙ୍କା ମିଠା ମିଠା ଅବଶୋଷ।
ହେଲି ମୁଁ ଶ୍ରୀଖଣ୍ଡି ହେଲି ବୃହନ୍ନଳା ହିସାବକୁ କରି ଜଡ଼
ଅଭିଷ୍ଟ ସାରଥି ହୋଇପାରିଲିନି ମୁଁ ଅଭିମନ୍ତ୍ରିତ ମୂଢ଼।
କାଗଜ ଫୁଲ ମୁଁ ସୁରଭି ବିହୀନ ରଙ୍ଗ ମୋର ଅଣଦେଖା
ଲେଖାଥିଲା ବୋଧେ ସମ୍ପର୍କ ଭାଗ୍ୟରେ ଅଳ୍ପ ଆୟୁଷର ରେଖା।
ବୈରାଗ୍ୟ ପଞ୍ଚକ ପଢ଼ିପାରୁନାହିଁ ଆଖିରେ ଆଖିଏ ଲୁହ,
ବିଦଗ୍ଧ ଶତକ ଲେଖିପାରୁନାହିଁ ହାତ ଥରୁଅଛି ରୁହ।
ଖୋଜି ମୁଁ ପାଉନି କାହିଁକି ମୁଁ ହେବି ନିରୁଦ୍ଦିଷ୍ଟ ବିଲୟକ,
ଖୁରି ଖାଉନିକି ପଙ୍ଗୀ ମୁଁ ନଉନି ପୂର୍ଣ୍ଣ ମଣିଷ ଶାବକ।
ବାଟ ଭାଙ୍ଗିଦେବା ଦେଖାହେଲେ କେବେ ସତେ ଅଜଣା ଅତିଥି,
ଭୁଲି ଭୁଲି ଯିବା ଇଚ୍ଛା ଅନିଚ୍ଛାର ଯେତେପଙ୍କିଳ ଚତୁର୍ଥୀ।
ବିବାସନା ମନ ନିରାଶର ନିଦ ପଳାଶିତ ସମ୍ଭାବନା,
ବୁଝାଇ କି ହୁଏ ସମ୍ପର୍କ ପାଉଣା କଲେ ଅର୍ଥର ମାଜଣା।
ନାଭି ପଦ୍ମ ନିଶା ଉତୁରି ଗଲାଣି ଓଲଟ ବୃକ୍ଷ ମୋ ଲୟ,
ମୋକ୍ଷ ଝୁମୁଛି ବନ୍ଧନ କରୁଛି ବଞ୍ଚିବାର ଅଭିନୟ।
ସ୍ୱର୍ଗର ଦାନବ ନର୍କ ଦେବତା ମୁଁ ମହାକାଶର ତୁ ବାସ୍ନା,
ଦାନା ଘେନା କିବା କରିବ କଙ୍କାଳ ଭଲନର୍କ ନିରାଜନା।
ନଅଙ୍କ ଦୁର୍ଭିକ୍ଷ ଘୁଣ ଦେହଖାଏ ଦୁର୍ଚ୍ଛନା ମାରେନି ମୁଣ୍ଡି,
ଆଖି ଚଇତାଳି ମଲାଜହ୍ନ ଓଠ ଏଇ ମୋ ଜୁଗଳ ବନ୍ଦି।
ଜ୍ଞାନ ମୋ ଖଣ୍ଡିତ ବିଦିଶା ଧୂମାଳ ଅନୁନୟ ହେ କାଣ୍ଡାରି,
ହିସାବ ନିକାଶ ପରଦା ପଛରେ ନଖେଳୁ ଚକା ଭଉଁରି।
ଅନ୍ତିମ ଅଙ୍କର ଶ୍ୱେତ ସଙ୍କେତ ଏ ସ୍ପନ୍ଦିତ ହେଲାଣି ସ୍ନାୟୁ,
ଭଗ୍ନ ଶିରିପାଟା କିଏ ସେ ପିନ୍ଧିବ ଅବୁଝା ମୁଁ ନା ତୁ'।

ଗ୍ରା/ପୋ- ବରପଲ୍ଲୀ ଭା/ଜି- ନୟାଗଡ଼
ପିନ୍-୭୫୨୦୭୦
ମୋ- ୯୯୩୭୪୭୦୦୩୭

# ମା'ନୁହେଁ ଅପବିତ୍ରା



ବିଭୁପ୍ରସାଦ ହରିଚନ୍ଦନ

ମହାଭାରତ ଯୁଦ୍ଧ ଆସନ୍ନ। ରାତି ପାହିଲେ ସୂର୍ଯୋଦୟ ହେବା ସହିତ ଆରମ୍ଭ ହେବ ମହାସମର। କୁରୁକ୍ଷେତ୍ର ଯୁଦ୍ଧ ଭୂମିର ବିସ୍ତୀର୍ଣ୍ଣ ପ୍ରାନ୍ତରର ଗୋଟିଏ ପଟେ ପାଣ୍ଡବ ସେନା ଓ ଅପରପଟରେ କୌରବସେନା ନିଜ ନିଜର ସେନା ଶିବିର ମଧ୍ୟରେ ଅସ୍ତ୍ରଶସ୍ତ୍ରଗୁଡ଼ିକୁ ଶାଣ କରିବା ସହିତ ପରଖି ନେଉଥାନ୍ତି। ସମସ୍ତେ ଯେ ଯାହାର କାମରେ ବ୍ୟସ୍ତ ଥା'ନ୍ତି।

କୁରୁସେନାର ମୁଖ୍ୟ ସେନାପତି ପିତାମହ ଭୀଷ୍ମ ନିଜର ଧନୁକୁ ଉତ୍ତମ ଭାବେ ନିରୀକ୍ଷଣ କରୁ କରୁ ଦେଖିଲେ ମହାବଳୀ ଦୁର୍ଯୋଧନ ଅତ୍ୟନ୍ତ ଇତଃସ୍ତତ ଭାବରେ ସେନା ଶିବିର ମଧ୍ୟରେ ପଦଚାଳନା କରୁଛନ୍ତି। କିଛିକ୍ଷଣ ମଧ୍ୟରେ ପିତାମହ ଭୀଷ୍ମ ମାନୀ ଦୁର୍ଯୋଧନ ନିକଟରେ ପହଞ୍ଚିବା ସହିତ ପ୍ରଶ୍ନକଲେ, "ବତ୍ସ, ରାତ୍ରିର ଅଂଧକାର ମଧ୍ୟରେ ତୀବ୍ର ପଦବ୍ରଜରେ କାହିଁକି ବିଚରଣ କରୁଛ। କ'ଣ ହୋଇଛି ତୁମର? ତୁମ ମନରେ କିଛି ଶଙ୍କା ଦେଖାଦେଇଛି କି?"

ପିତାମହଙ୍କ ଏପରି ପ୍ରଶ୍ନରେ କୁରୁଶ୍ରେଷ୍ଠ କହିଲେ, "ହେ ପିତାମହ! ମୋ ମନକୁ କାହିଁକି କେଜାଣି ଏକ ଅଜଣା ଭୟ ଆପେ ଆପେ ଆସିଯାଉଛି। ମୁଁ ଯୁଦ୍ଧରେ ଜିଣିବି- ତ ପିତାମହ।"

ଭୀଷ୍ମ କହିବାକୁ ଲାଗିଲେ, "ଆରେ ପୁତ୍ର ଦୁର୍ଯୋଧନ, ତୋ ସହିତ ଆମେ ସପ୍ତରଥୀ ଯଥା- ଭୀଷ୍ମ, ଦ୍ରୋଣ, କର୍ଣ୍ଣ, ଅଶ୍ୱତ୍ଥମା, ଜୟଦ୍ରଥ, ଭୂରିଶ୍ରବା ଓ ଶଲ୍ୟ ଇତ୍ୟାଦି ମହାରଥୀମାନେ ଅଛନ୍ତି। ପୁଣି ଆମର ସୈନ୍ୟ ବଳ ମଧ୍ୟ ପାଣ୍ଡବମାନଙ୍କ ଅପେକ୍ଷା ଅଧିକ ଅଛି। ତୋର ତାହାଲେ ଡ଼ର କାହିଁକି?" "ପିତାମହ ମୋର ସେହି ଗୋଟିଏ ଡ଼ର କପଟୀ ଶ୍ରୀକୃଷ୍ଣଙ୍କୁ" ବୋଲି ଦୁର୍ଯୋଧନ କହିଲେ। ସେଥିପାଇଁ ମୁଁ ଅଥୟ ହୋଇପଡୁଛି। ଯୁଦ୍ଧରେ ମୁଁ କିଭଳି ବିଜୟୀ ହେବି ସେହି କଥାହିଁ ମୋ ମନକୁ ଆନ୍ଦୋଳିତ କରୁଛି। ମୋତେ ଉପାୟ କୁହନ୍ତୁ ପିତାମହ, ମୁଁ କ'ଣ କରିବି। ମୋର ଯୁଦ୍ଧରେ ବିଜୟ ଦରକାର, ହଁ-ହଁ, ମୋର ବିଜୟ ଦରକାର ପିତାମହ।

ଦୁର୍ଯୋଧନର ଏପରି କଥାଶୁଣି ପିତାମହ କହିଲେ ପୁତ୍ର ଶ୍ରୀକୃଷ୍ଣଙ୍କୁ ଟକ୍କର ଦେଲାଭଳି ଗୋଟିଏ ଶକ୍ତି ଆମପାଖରେ ଅଛି। ସେ କି'ଏ ଜାଣିଛ? ସେ ହେଉଛି ତୋ ମା' ଗାନ୍ଧାରୀ। ମୋ ମା' ପାଖରେ ଏତେ ଐଶ୍ୱରୀୟ ଶକ୍ତି ଅଛି ବୋଲି ଆପଣ ଜାଣିଲେ କିଭଳି? ପୁଣି ଏକଥା ଆଗରୁ ମୋତେ କହିନଥିଲେ କାହିଁକି?

ହେ ଦୁର୍ଯୋଧନ! ତୁ ତୋ ମା'କୁ ଚିହ୍ନିପାରିନୁ। ସେ ଜଣେ ଶ୍ରେଷ୍ଠ ପତିବ୍ରତା ନାରୀ ଏବଂ ତାର ଏକାଗ୍ରତା ନିଷ୍ଠା, ସାଧୁତା ଓ ସାଧନା ତାକୁ ଜଣେ ଅଦ୍ୱିତୀୟ ଅଧିଦୈବିକ ଶକ୍ତିର ଅଧିକାରିଣୀ କରିପାରିଛି। କିନ୍ତୁ ପୁତ୍ର ତୁ ତୋର ଆତ୍ମଗର୍ବ ଓ ଅହଂକାର ପାଇଁ ଆଜି ପର୍ଯ୍ୟନ୍ତ ଜାଣିପାରିନାହୁଁ। ଏ ଯୁଦ୍ଧ ପାଇଁ ତୁ କେବେ ବି ତୋ ମା'ଠୁ ଆଶୀର୍ବାଦ ଆଣିନଥିବୁ- ମୁଁ ଏକଥା ଜାଣିପାରୁଛି। ଡ଼େରି ହେଲେ ମଧ୍ୟ ତୁ ତୋ ମା'ପାଖକୁ ଯାଇ 'ବିଜୟୀ ଭବ' ଆଶୀର୍ବାଦ ଟିକକ ନେଇଆସ। ଦେଖିବୁ ଶ୍ରୀକୃଷ୍ଣର କପଟତା ତୋର କିଛି କ୍ଷତି କରିପାରିବ ନାହିଁ। ତୁ ନିଶ୍ଚୟ ଯୁଦ୍ଧରେ ବିଜୟୀ ହେବୁ, ଏହା ଧ୍ରୁବ ସତ୍ୟ। ଆଉ ଡ଼େରି ନକରି ନିଜ ମାତା ପାଖକୁ ଯାଅ ପୁତ୍ର- କୋହଭରା କଣ୍ଠରେ କହିଲେ ଗଙ୍ଗାପୁତ୍ର ଭୀଷ୍ମଦେବ।

ଦୁର୍ଯୋଧନ ମା'ଗାନ୍ଧାରୀଙ୍କ ପାଖକୁ ଯିବାକୁ ବାହାରିପଡ଼ିଲେ। ମନେମନେ ଭାବୁଥାନ୍ତି ପିତାମହଙ୍କ କଥାଯଦି ସତ୍ୟହୁଏ ଏବଂ ମା'ମୋତେ 'ବିଜୟୀ ଭବ' ବୋଲି ଯଦି ଆଶୀର୍ବାଦ ଦିଅନ୍ତି ତା'ହେଲେ ଏ ଯୁଦ୍ଧରେ ମୋର ବିଜୟ ଅବଶ୍ୟମ୍ଭାବୀ। ଏଭଳି ଭାବି ଭାବି ସେ ଆସି ମା' ଗାନ୍ଧାରୀଙ୍କ ପ୍ରକୋଷ୍ଠରେ ପହଞ୍ଚିସାରିଥାନ୍ତି। ମା' ଗାନ୍ଧାରୀ ମଧ୍ୟ ସେହି ରାତ୍ରିରେ ପଲଙ୍କ ଉପରେ ଶୋଇପାରିନାହାନ୍ତି ଏବଂ ଅନେକ କଥା ଭାବି କାନ୍ଦି ପକାଉଥାନ୍ତି। ଠିକ୍ ଏହି ସମୟରେ କାହାର ଆଗମନକୁ ସେ ଠିକ୍ ଠଉରେଇ ପାରିଲେ, ଦେହର ଗନ୍ଧରୁ ପୁତ୍ର ଦୁର୍ଯୋଧନ ଆସିଛି ବୋଲି ଜାଣିପାରି ଅତି ଆଦରରେ ଡ଼ାକିଲେ- ପୁତ୍ର ଦୁର୍ଯୋଧନ- ଆ ମୋ ପୁତ୍ର ମୋ ପାଖକୁ ଆସ। ମୁଁ ଯୁଦ୍ଧ ପୂର୍ବରୁ ଶେଷ ସ୍ପର୍ଶ ତୁମକୁ ଦେବି। ଚମକି ପଡ଼ିଲେ ଦୁର୍ଯୋଧନ - ଏ କ'ଣ କହୁଛୁ ମା'। ମୁଁ ତୋର ପୁଅ- ମୋତେ ଖାଲି 'ବିଜୟୀ ଭବ' ଆଶୀର୍ବାଦଟିଏ ଦିଏ ମା, ମୁଁ ଯୁଦ୍ଧରେ ବିଜୟୀ ହେବି। ତୋ ପାଖରେ ଅଫୁରନ୍ତ ଶକ୍ତି ଅଛି ମା'। ମୋତେ ଥରେ ଆଶୀର୍ବାଦ ଦିଏ ମା'- ମୋର ବିଜୟ ଅବଶ୍ୟମ୍ଭାବୀ।

କାନ୍ଦି କାନ୍ଦି ଗାନ୍ଧାରୀ କହିଲେ, ରାତି ପାହିଲେ ଯୁଦ୍ଧ ହେବ। ତୁ ପାଗଳଙ୍କ ଭଳି କ'ଣ ଗୁଡ଼ାଏ ଗପିଚାଲିଛୁ? ତୋ ପାଖରେ ବିରାଟ ସୈନ୍ୟବାହିନୀ ଅଛି ପୁଣି ସପ୍ତରଥୀ ଅଛନ୍ତି। କାହିଁ ଭୟ କରୁଛୁ?

ଦୁର୍ଯୋଧନ କହିଲେ, ମା' ତୋର ଆଶୀର୍ବାଦ ବିନା ମୋର ବିଜୟ ହେବନାହିଁ- ଏକଥା ମୋତେ ପିତାମହ କହିଛନ୍ତି। ଶ୍ରୀକୃଷ୍ଣର କପଟତା ପାଇଁ ତୋର ଶକ୍ତି ହିଁ ମୋର ଲୋଡ଼ା। ତୁ' କଣ ତୋର ସନ୍ତାନକୁ ଆଶୀର୍ବାଦ ଦେବୁନି ମା'?

ଜଗତର ମଙ୍ଗଳ ପାଇଁ ମୁଁ ଜଣେ ମା' ନିଶ୍ଚୟ ଆଶୀର୍ବାଦ ଦେବି, କହି ଗାନ୍ଧାରୀ ଉଦାସ କଣ୍ଠରେ ଗାଇ ଉଠିଲେ। -

"କୁରୁମଣି ଘେନ ଆଶିଷ ମୋହର
ଜନନୀର ବରାଭୟ,
ଅକ୍ଷୟ ହେଉ ପୁଣ୍ୟଜଗତେ
ଧର୍ମର ହେଉ ଜୟ।"

ଏ କି  ଆଶୀର୍ବାଦ ଦେଲୁ ମା'- ଗର୍ଜନ କରିଉଠିଲେ କୁରୁଶ୍ରେଷ୍ଠ। ତୁ କଣ କହିଲୁ ମା'- ଧର୍ମର ଜୟହେବ ଅଥଚ ତୋ ପୁତ୍ରର ଜୟ ହେବନି। ଏ କ'ଣ ତୋ ପୁତ୍ର ପ୍ରତି  ଆଶୀର୍ବାଦ? ତୁ ମୋର ଜନ୍ମଦାତ୍ରୀ ମା'ନୁହେଁ , ନହେଲେ ଏପରି କହିନଥାନ୍ତୁ। ତୁ ଜଣେ ପାପାଚାରିଣୀ, ବ୍ୟଭିଚାରିଣୀ, ଅଭିମାନିନୀ, କୁଟୀଳା, ଅହଂକାରିଣୀ, ଅମାନବୀ, ପାପିନୀ, ସ୍ୱଗୋତ୍ରହାରିଣୀ। ମା' ତୁ କଣ ଚାହୁଁଛୁ ତୋ ଆଖି ଆଗରେ ତୋ ବଂଶ ନିଶ୍ଚିହ୍ନ ହୋଇଯାଉ।

କୋହ ସମ୍ବରଣ କରି ଗାନ୍ଧାରୀ କହିଲେ, ପୁଅ- ନିଆଁକୁ ଅଣ୍ଟିରେ ରଖିଲେ, ଅଣ୍ଟି ପୋଡ଼ିଯିବରେ। କାଳେ କାଳେ ସବୁଯୁଗରେ ସତ୍ୟ, ଧର୍ମ ଓ ନ୍ୟାୟର ଜୟ ହୋଇଛି। ତୁ ଯଦି ସତ୍ୟ, ଧର୍ମ ଓ ନ୍ୟାୟରେ ଥିବୁ- ତାହେଲେ ତୋର ବିଜୟ ନିଶ୍ଚିତ। ଏଥିପାଇଁ କାହାରି   ଆଶୀର୍ବାଦ ଦରକାର ନାହିଁ।

ପୁଣି ଗର୍ଜିଉଠିଲେ ଦୁର୍ଯୋଧନ-   ମୋ ସହିତ ଉନଶତ ପୁତ୍ରଙ୍କୁ ଜନ୍ମ ଦେଇଛୁ ସତ, ହେଲେ ମା'ର ଆଶିଷ ଦେବାକୁ ଭୁଲିଯାଉଛୁ ତୁ। ପ୍ରକୃତରେ ତୁ ମୋ ମା' ନୁହେଁ। ସନ୍ତାନର ଦୁଃଖସୁଖରେ ସାଥୀ ହେବାକୁ ଚାହୁଁନୁ ତୁ। ତୁ ଅମଙ୍ଗଳକାରିଣୀ, ତୁ ଡ଼ାକିନୀ, ତୁ ଜିଲ୍ଲାଦିନୀ, ତୁ ଆତ୍ମଘାତିନୀ, ତୁ କୁଳାନାଶିନୀ, ତୁ ଅପବିତ୍ରା। ମୋର ତୋଭଳି ଗୋଟେ ମା'ର ଆବଶ୍ୟକତା ନାହିଁ। ତୁ କେବଳ ମୋ ପାଇଁ ଦିଗବଳୟ ମା'। ରକ୍ତ, ମାଂସର ଶରୀରଧାରୀ ମା' ଗାନ୍ଧାରୀ ଆଉ କେତେ ବା ଭର୍ତ୍ସନା ସହିବେ। ଦୁଃଖରେ ଭୋ' ଭୋ' କରି କାନ୍ଦି ପକାଇଲେ ଗାନ୍ଧାରୀ ଓ କହିଲେ, ସତ୍ୟ, ଧର୍ମ ଓ ନ୍ୟାୟର ପଦ ସଦାକାଳେ ବଳିୟାନ୍ ପୁତ୍ର। ଧର୍ମାନୁଯାୟୀ ଫଳ ଅବଶ୍ୟ ଫଳିବ। ମୋତେ ଆଉ ଅଧିକ ବ୍ୟସ୍ତ କରନା ପୁତ୍ର - ମୁଁ ଅସହାୟା। ମୁଁ ସ୍ନେହମୟୀ ଜନନୀ ସତ ହେଲେ ଭାଗ୍ୟ ବିଧାତା ନୁହେଁ। ମୋତେ ଆଉ ଅପମାନିତ କରନି। ଉଦାସ କଣ୍ଠରେ ଗାନ୍ଧାରୀ କହିଉଠିଲେ-

"ଯାଅ ବୀର ରଣେ       ଧରଣୀବକ୍ଷୁ
ପାପରାଶି ହେଉ କ୍ଷୟ,
ଅକ୍ଷୟ ହେଉ          ପୁଣ୍ୟ ଜଗତେ
ଧର୍ମର ହେଉଜୟ।"


ଏହିକଥା ପଦକ ଶୁଣିବାପରେ ଦୁର୍ଯୋଧନ ଅତ୍ୟନ୍ତ ଦୁଃଖରେ ସେନାଶିବିରକୁ ଫେରିଯାଇଛନ୍ତି। ଏହି ଯୁଦ୍ଧରେ ଦୁର୍ଯୋଧନଙ୍କର ପରାଜୟ ଓ ପରିଶେଷରେ ବୀରଗତି ମଧ୍ୟ ପ୍ରାପ୍ତି ହୋଇଛି। ପରିଶେଷରେ ମୁଁ ଏତକି କହିପାରେ-

"ମା' ସିନା ସିଏ ସନ୍ତାନବତ୍ସଳା         ପିଲା ପାଇଁ ତା'ର ମନ ବ୍ୟାକୁଳ,
ସତ୍ୟ, ଧର୍ମ, ନ୍ୟାୟ ପଥରେ ଚାଲିଲେ  ମା' ଆଶୀର୍ବାଦେ ମିଳିବ ବଳ।।

**ପ୍ରଧାନଶିକ୍ଷକ-**
**ସାମନ୍ତରାପୁର ପ୍ରକଳ୍ପ ଉପ୍ରା ସ୍କୁଲ, ଖୋରଧା**
**ମୋ :୭୦୭୭୯୮୩୮୪୦**

# ମାତୃଭାଷା ପ୍ରେମୀ ରବିରାୟ

**ତ୍ରିଲୋଚନ ମହାପାତ୍ର**



୧୯୭୭ ମସିହା ନିର୍ବାଚନରେ ଜନତା ଦଳ ସଂଖ୍ୟାଗରିଷ୍ଠ ହେବାରୁ ମୋରାରଜୀ ଦେଶାଇ ପ୍ରଧାନମନ୍ତ୍ରୀ ହେଲେ। ପ୍ରତାପଚନ୍ଦ୍ର ହେଲେ ଶିକ୍ଷାମନ୍ତ୍ରୀ। ରବିରାୟ ଥାନ୍ତି ଜନତା ଦଳର ସାଧାରଣ ସମ୍ପାଦକ। ଦେଶର ପ୍ରତି ପିଲା ନିଜ ମାତୃଭାଷାରେ ପ୍ରାଥମିକ ଶିକ୍ଷାଲାଭ କରିବାକୁ ନିୟମ ପ୍ରଣୟନ କରିବା ନିମନ୍ତେ ସେ ପ୍ରଧାନମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କୁ ବୁଝେଇଲେ। ମାତ୍ର ସେ ଦୁହେଁ ତାହା ଗ୍ରହଣ କଲେନାହିଁ।

.ସେ ଥରେ ଜନତା ଦଳ ଶାସିତ ମୁଖ୍ୟମନ୍ତ୍ରୀମାନଙ୍କର ସମ୍ମିଳନୀ ଡକାଇଲେ। ସମସ୍ତଙ୍କ ମତାମତ ନେଇ ଅନ୍ତୋଦୟ ଯୋଜନା ନାମକ ଏକ ନୂଆ ଯୋଜନା ଆରମ୍ଭ ହେଲା ଦେଶର ଦରିଦ୍ର ତମ ବ୍ୟକ୍ତି ଏହି ଯୋଜନାଦ୍ୱାରା ଉପକୃତ ହେବାର ନିଷ୍ପତ୍ତି ଗ୍ରହଣ କରାଗଲା। ସେଥିରେ ଦୁଇଟି ମୁଖ୍ୟ ଲକ୍ଷ୍ୟଥିଲା ପ୍ରଥମତଃ ଦେଶର ପ୍ରତିବ୍ୟକ୍ତି ଭଲ ଓ ବିଶୁଦ୍ଧ ଜଳ ପାଇପାରିବେ ଏବଂ ଦ୍ୱିତୀୟତଃ ଶିକ୍ଷାମାଧ୍ୟମରେ ନିଜ ନିଜ ମାତୃଭାଷାକୁ ବିକଶିତ କରାଯିବ।

ଅଧିକାଂଶ ଯୋଜନାପରି ଏ ଯୋଜନାର ଲକ୍ଷ୍ୟ କାଗଜପତ୍ରରେ ହିଁ ରହିଗଲା।

ବହିଘର,ଜଟଣୀ
ମୋ.୯୯୩୮୯୯୪୮୨୨

# ହୃଦୟ

**ଡ. ପ୍ରଦୀପ କୁମାର ମିଶ୍ର**

ହୃଦୟ କହିଲା ପ୍ରିୟ ଆଖି ମୋର
ତୁମେ ବେଶୀ ଦେଖ ନାହିଁ,
ତୁମ ଦେଖିବାରେ ଅଶେଷ ବେଦନା
କେବଳ ଭୋଗୁଛି ମୁହିଁ।

ଉମରକୋଟ୍,କୋରାପୁଟ
ମୋ-୯୪୩୭୫୨୫୧୦୫

# ଶୁଭ ସନ୍ଧ୍ୟା

ଗୋବିନ୍ଦ ଚନ୍ଦ୍ର ମହାରଣା



ପଶ୍ଚିମ ଆକାଶେ ରବି ଅସ୍ତ ଗଲେ
ଦିନ ଆସୁଅଛି ସରି
ଦଳ ଦଳ ପକ୍ଷୀ କଳରବ କରି
ନୀଡ଼କୁ ଯାଆନ୍ତି ଫେରି।
ଦେବ ମନ୍ଦିରରେ ଶୁଭିଲାଣି ଶଙ୍ଖ
ଘଣ୍ଟ କାହାଳୀର ସ୍ୱନ,
କୃଷକ ଶ୍ରମିକ ଫେରିଲେ ଘରକୁ
ଶ୍ରମ କରି ସାରାଦିନ।
ଚରା ସାରି ଗାଈ ଗୋଠ ବାହୁଡ଼ିଲେ
ଦାଣ୍ଡରେ ଉଡ଼ିଲା ଧୂଳି ,
କୁଳବଧୂମାନେ ଚଉରା ମୂଳରେ
ସଞ୍ଜଦୀପ ଦେଲେ ଜାଳି।
ନୀଳ ଆକାଶରେ ଗୋଟି ଗୋଟି ହୋଇ
ଫୁଟିଲେଣି କେତେ ତାରା ,
କିରିକରି ହୋଇ ହସିଲାଣି ଜହ୍ନ
ବତରି ଜୋଛନା ଧାରା।
କଳା ଶାଢ଼ୀ ପିନ୍ଧି ସଜବାଜ ହୋଇ
ଆସିଲା ରଜନୀ ରାଣୀ,
ଅନ୍ଧକାର କୋଳେ ବୁଡିଗଲା ଧୀରେ
ଆମର ପ୍ରିୟ ଧରଣୀ।
ଠାକୁର ପୂଜା ସାରି ପିଲାମାନେ
ପଢ଼ିବାକୁ ଗଲେ ବସି,
ମନଦେଇ ପାଠ ପଢୁଥିଲେ ସିନା
ବାପା ମାଆ ହେବେ ଖୁସି।

ମଙ୍ଗଳା ନଗର, ଲେନ୍‌-୧, ଖୋର୍ଦ୍ଧା
ମୋ : ୯୪୩୮୭୩୪୬୪୪

# ଜୀବନ

ନିରୁପମା ମହାପାତ୍ର



ଜୀବନଟା ଏକ ମଲାଜହ୍ନ ପରି
ଦେଖୁ ଦେଖୁ ଲିଭିଯିବ,
ସଂସାରର ହିତ କାମନା କରିଲେ
ଚନ୍ଦ୍ରପରି ଝଟକିବ। (୧)

ଜୀବନଟା ଏକ ଜହ୍ନିଫୁଲ ପରି
ସକାଳେ ମଉଳି ଯିବ,
ପରହିତ ପାଇଁ ଉତ୍ସର୍ଗୀତ ହେଲେ
ଚମ୍ପାପରି ମହକିବ। (୨)

ଜୀବନଟା ଏକ ଦଦରା ପଣତ
ଭିଡ଼ିଦେଲେ ଚିରିଯିବ,
ସାଇତିବା ପାଇଁ କଷ୍ଟ ସହିଥିଲେ
ଆଗକୁ ସୁଖ ମିଳିବ। (୩)

ଜୀବନଟା ଏକ ପାଚିଲା ପତର
କେତେବେଳେ ଝଡ଼ିଯିବ,
ଏବେଠାରୁ ଯେବେ ହରିଙ୍କି ଡ଼ାକିବ
ଭବସାଗରୁ ତରିବ। (୪)

ଜୀବନକୁ କେବେ ତୁଚ୍ଛ ମଣନାହିଁ
ମଣିଷ ଜନ୍ମ ଦୁର୍ଲଭ ,
ଦୟା ସ୍ନେହ କ୍ଷମା ହୃଦୟରେ ଥିଲେ
କର୍ମେ ଈଶ୍ୱର ଲଭିବ। (୫)

ରାମେଶ୍ୱର, ଖୋର୍ଦ୍ଧା
ମୋ : ୯୯୩୮୩୮୨୭୩୨

# ବୋଉ

ଅଧ୍ୟାପକ ଅଶୋକ କୁମାର ରାୟସିଂହ



ହାଟରେ ହେଉ କି ବାଟରେ ହେଉ,
ତୁଣ୍ଡ ଜାଣି ପାଖେ ହାଜର ହେଉ,
ବଣିଆ ସୁନାକୁ ପରଖିଲା ପରି
ଠଉରିଣ ଥାଏ ଦୂରରୁ ବୋଉ ।।୧।।

ଥନଭାଙ୍ଗି କ୍ଷୀର ଖୋଇଛି ମୋତେ,
ମୋ ପାଇଁ ଗଂଜଣା ସହିଛି କେତେ,
ବୋଉର ପଣତ ନୀଳଚକ୍ର ନେତ
ଦେଖିଣ ଦୂରୁ ହୁଏ ଦଣ୍ଡବତ।।୨।।

ମୁହଁ ଦେଖି ଜାଣେ ପେଟର ଭୋକ,
କୋଳରେ ପୂରାଇ ଦିଅଇ ବୋକ,
ମୋର ମନଜାଣି କରି ଖିରିପୁରି
ଖୋଇ ମାରିଥାଏ ଭୋକର ପୋକ।।୩।।

ବୋଉ ହେଲେ ଘର ଅଡ଼ଙ୍ଗ ମାଟି ,
ମୁହଁ ଦାଣ୍ଡ ଘର ବାଉଁଶ ଟାଟି,
ଯେତେ ବଡ଼ ହେଲେ ବୋଉର ନଜରେ
ଭାବେ ସଦା ମୁହଁ ଟିକି ପିଲାଟି।।୪।।

ବୋଉ ହସିଦେଲେ ହସଇ ଘର,
ତା' ହସରେ ଥାଏ ପୀୟୂଷ ଧାର,
ବୋଉର କତିରେ ଶୋଇଥିଲେ ମୁହଁ
ବାଆ ବତାସକୁ ନଥାଏ ଡ଼ର।।୫।।

ଶୁଝି ହେବନାହିଁ ବୋଉର ଋଣ,
କିବା ବଖାଣିବି ତାହାରି ଗୁଣ,
କୋଳେଇ କାଖେଇ କରିଛି ମଣିଷ
ସେଠି ବଢ଼ିଛି ମୋ କେତେ ଫଗୁଣ।।୬।।

ଅରବିନ୍ଦ ନଗର, ଖୋର୍ଦ୍ଧା
ମୋ : ୯୫୫୬୭୯୩୨୨୪



ଯିଏ ଅନ୍ୟକୁ ଅନୁକରଣ କରେ ନାହିଁ, ସେ ପ୍ରକୃତରେ ସ୍ୱାଧୀନ।



# ନିଆରା ମଣିଷ, ନିଆରା କାମ

ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ

କୋଲବର୍ଟ ନେମ୍‌ଭାର୍ଡ଼। ସେ ଜଣେ ଲାଇବ୍ରେରୀଆନ୍। ଲାଇବ୍ରେରୀ ବୋଇଲେ କଅଣ? ଲାଇବ୍ରେରୀରେ ଥାଏ କେତେ ନା କେତେ ବହି। ସେଠାରୁ ବହିନେଇ ସେଇଠି ବସି ପଢ଼ିହୁଏ। କେହି କେହି ବି ସେଠାରୁ ବହି ଧାର ନେଇପାରନ୍ତି। ଘରେ ବହିଟିକୁ ପଢ଼ିସାରି ଫେରସ୍ତ କରିଦିଅନ୍ତି ଲାଇବ୍ରେରୀକୁ। ପୁଣି ବାଛି ନିଅନ୍ତି ମନ ପସନ୍ଦ ବହି। ଲାଇବ୍ରେରୀର ସବୁ ଦାୟିତ୍ୱ ତୁଲେଇ  ଥାଅନ୍ତି ଲାଇବ୍ରେରୀଆନ୍। ଲାଇବ୍ରେରୀ ପାଇଁ ସେ ହିଁ ବହି କିଣନ୍ତି। ଅଲଗା ଅଲଗା ବିଷୟର ବହି ଅଲଗା ଅଲଗା ଥାକରେ ରଖନ୍ତି। ପାଠକମାନଙ୍କୁ ବହି ଦିଅନ୍ତି। ସେମାନଙ୍କ ଠାରୁ ବହି ଫେରସ୍ତ ନିଅନ୍ତି। ବହିଗୁଡ଼ିକର ହେପାଜତ କରିବା ବି ତାଙ୍କ କାମ।

ଆମେରିକାର ନିୟୁୟର୍କରେ ବ୍ରୋଙ୍କ୍। ବ୍ରୋଙ୍କ୍‌ରେ ରହିଛି ମୋରିସାନିଆ ବ୍ରାଞ୍ଚ ଲାଇବ୍ରେରୀ। ଏଇ ଲାଇବ୍ରେରୀର ଲାଇବ୍ରେରୀଆନ୍ ହେଉଛନ୍ତି କୋଲ୍‌ବଟ୍ ନେମ୍‌ଭାର୍ଡ଼୍। ସେଇଠି ସେ କାମ କରିଆସୁଛନ୍ତି ୨୫ବର୍ଷ ଧରି। କିନ୍ତୁ ୨୦୦୮ ମସିହା ଠାରୁ ସେ ଗୋଟିଏ ଭଲକାମ ହାତକୁ ନେଇଛନ୍ତି। କି ପ୍ରକାରର ଭଲକାମ ହାତକୁ ନେଇଛନ୍ତି ସେ?

କଳାପ୍ୟାଣ୍ଟ୍ ଓ କଳାକୋଟ୍ ପିନ୍ଧି ସେ ବାହାରି ପଡ଼ନ୍ତି ଲାଇବ୍ରେରୀରୁ। ହାତରେ ସୁଟ୍‌କେଶ୍। ତାଙ୍କୁ ଦେଖିଲେ ଜଣାପଡ଼େ, ସେ ବୋଧହୁଏ ଜଣେ ବୁଲା ବିକାଳି। ସତରେ କଅଣ ସେ ବୁଲା ବିକାଳି କାମ କରନ୍ତି?

ନାଁ, ଜମାନୁହେଁ। ସୁଟ୍‌କେଶ୍‌ଟି ଧରି ସେ ଆରମ୍ଭ କରିଦିଅନ୍ତି ଚାଲିବା। ଜମା ୧୦ମିନିଟ୍‌ର ବାଟ। ସେତକ ବାଟ ଚାଲିଚାଲି ସେ ପହଞ୍ଚିଯାଆନ୍ତି 'କ୍ରୋଟୋନା ଇନ୍‌ରେ'। ଇନ୍ ହେଉଛି ଏକ ଛୋଟ ହୋଟେଲ୍। ସେଠାରେ ରହିବା ଓ ଖାଇବାର ସୁବିଧା ଥାଏ। କିନ୍ତୁ ସେଇ କ୍ରୋଟୋନା ଇନ୍‌ରେ ରହନ୍ତି ଘରଦ୍ୱାର ନଥିବା ୮୭ଟି ପରିବାର। ବାପାମାଆ ଆଉ ସେମାନଙ୍କ ପୁଅଝିଅ।

ନେମ୍‌ଭାର୍ଡ଼ ସେଠାରେ ପହଞ୍ଚିଯାଇ ଖୋଲିବସନ୍ତି ସୁଟ୍‌କେଶ୍‌ଟିକୁ। ସୁଟ୍‌କେଶ୍ ଭିତରେ ସେ ନେଇଥାନ୍ତି ପିଲାମାନଙ୍କ ମନଲାଖି ଗପବହି, ଗୀତବହି। ସେ ସେହି ବହି କେତୋଟି ବାହାର କରୁ ନ କରୁଣୁ ମାଇକ୍ ସାହାଯ୍ୟରେ ଘୋଷଣା କରାଯାଏ- "ନେମ୍‌ଭାର୍ଡ଼ ଆସିଗଲେ। ନେଭ୍‌ଭାର୍ଡ଼ ଆସିଗଲେ। ଗପଶୁଣିବା ଓ ଗୀତ ଶୁଣିବାପାଇଁ ତୁମ ପିଲାମାନଙ୍କୁ ପଠେଇଦିଅ।"

ଛୋଟଛୋଟ ପୁଅଝିଅମାନେ ଆସି ପହଞ୍ଚିଯାଆନ୍ତି ଗୋଟିଏ ଛୋଟ କୋଠରି ଭିତରେ। ପିଲାଏ ବସିବା ପାଇଁ ଛୋଟ ଛୋଟ ଚଉକି। ସାମନାରେ ଅଳପ ଉଚ୍ଚର ଟେବୁଲ୍। ବାସ୍, କୋଠରୀଟି ସାଙ୍ଗେ ସାଙ୍ଗେ ପାଲଟିଯାଏ ଗୋଟିଏ କୁନି ଲାଇବ୍ରେରୀ। ଆଉ ନେମ୍‌ଭାର୍ଡ଼? ସେ ବି ଓହ୍ଲେଇ ଆସନ୍ତି କୁନିକୁନି ପିଲାମାନଙ୍କ ଦୁନିଆକୁ।

ବହିରୁ ପଢ଼ି ସେମାନଙ୍କୁ ଗପ ଶୁଣାନ୍ତି। ପିଲାମାନଙ୍କୁ ପାଖରେ ବସେଇ ସେମାନଙ୍କ ସହ ଏକାଠି ବହି ପଢ଼ନ୍ତି। ଗୀତପଢ଼ି ଶୁଣାନ୍ତି। ପୁଣି ସେମାନଙ୍କ ସାଙ୍ଗରେ ଏକାଠି ଗୀତ ଗାଆନ୍ତି ମଧ୍ୟ। ଏଥିରେ ପିଲାମାନଙ୍କ ଖୁସି ଦେଖେ କିଏ? ପିଲାମାନଙ୍କ ହସ ସାଙ୍ଗକୁ ନିଜେ ବି ଗଡ଼ିଯାଆନ୍ତି ହସିହସି। କିନ୍ତୁ ବହିଗୁଡ଼ିକ ପୁଣି ସୁଟ୍‌କେଶ୍‌ରେ ପୂରେଇ ସେ ଯେତେବେଳେ ଫେରିଯିବା ପାଇଁ ବସନ୍ତି ନା, ସେତେବେଳେ ପିଲାମାନଙ୍କ ଉଦାସିଆ ମୁହଁଗୁଡ଼ିକୁ ଦେଖି ତାଙ୍କ ମୁହଁରେ ବି ଉଦାସ ଛାଇଯାଏ।

ଆଚ୍ଛା, ନେମ୍‌ଭାର୍ଡ଼ ଏମିତିକା କାମ କାହିଁକି କରୁଛନ୍ତି? କାହିଁକି କରିଆସୁଛନ୍ତି ୨୦୦୮ ମସିହା ଠାରୁ? ତାଙ୍କ ଉଦ୍ଦେଶ୍ୟ ଅତି ମହତ୍। ପିଲାମାନଙ୍କଠାରେ ସେମାନଙ୍କର ଏଇ ପିଲା ବୟସରୁ ବହି ପଢ଼ିବା ପ୍ରତି ଆଗ୍ରହ ସୃଷ୍ଟି କରିବା ହିଁ ତାଙ୍କର ଲକ୍ଷ୍ୟ। ପିଲାମାନେ ଥରେ ବହିପଢ଼ାର ପାଲରେ ପଡ଼ିଗଲେ ତାହା ଆଉ ଛାଡ଼ିପାରିବେନି। ବହିପଢ଼ାର ଅଭ୍ୟାସ ସେମାନଙ୍କ ଠାରେ ସାରାଜୀବନ ରହିଯିବ। ବହିପଢ଼ାର ମଜା ନିଆରା। ଏହା ଯେତେସବୁ ଉପକାର କରେ, ତାହା ବଖାଣି ହେବନାହିଁ। ଅନେକେ କହନ୍ତି ଯେ ଦୁନିଆରେ ବହିଠାରୁ ବଳି ଭଲ ବନ୍ଧୁ ନାହାନ୍ତି।

ନେମ୍‌ଭାର୍ଡ଼ ଯେଉଁ ପିଲାମାନଙ୍କୁ ଗପ ଓ ଗୀତ ଶୁଣେଇ ଆସୁଛନ୍ତି, ସେମାନଙ୍କ ବାପାମାଆ ବଡ଼ ଗରିବ। କିନ୍ତୁ ସେଇ ଗରିବ ପିଲାମାନଙ୍କୁ 'ବହିପଢ଼ା ସେବା' ଯୋଗେଇ ଆସୁଛନ୍ତି ସେ। ତାଙ୍କର ଏଇ କାମ ଅନ୍ୟମାନଙ୍କର ଆଖି ଖୋଲିଦେଇଛି। ଆମେରିକାର ଯେଉଁ ଯେଉଁ ଜାଗାରେ ଘରଦ୍ୱାର ନଥିବା ପରିବାରଗୁଡ଼ିକ ପାଇଁ ରହିବା ଓ ଖାଇବାର ବ୍ୟବସ୍ଥା ଅଛି, ନେମ୍‌ଭାର୍ଡ଼ଙ୍କ ଠାରୁ ପ୍ରେରଣାପାଇ ସେଠାକାର ପିଲାମାନଙ୍କୁ ବହିପଢ଼ି ଗପ ଓ ଗୀତ ଶୁଣାଇବା ନିମନ୍ତେ ଅନ୍ୟମାନେ ବି ଆଗେଇ ଆସିଲେଣି। ପିଲାମାନଙ୍କ ବହି ଛାପୁଥିବା ପ୍ରକାଶକମାନେ ବି ମାଗଣାରେ ଯୋଗେଇଦେଲେଣି କେତେ ନା କେତେ ବହି।

ନେମ୍‌ଭାର୍ଡ଼ ଏତିକିରେ ସନ୍ତୁଷ୍ଟ ରହିନାହାନ୍ତି। ସେ ପିଲାମାନଙ୍କୁ ଲାଇବ୍ରେରୀର ସଭ୍ୟ କରିଦେଲେଣି। ସେମାନଙ୍କୁ ଧରେଇଦେଲେଣି ଲାଇବ୍ରେରୀ କାର୍ଡ଼। ପିଲାମାନଙ୍କର ଘରଦ୍ୱାର ନାହିଁ। ନାହିଁ ନିଜର କୌଣସି ଆଶ୍ରୟ ନେବାଜାଗା। ମାତ୍ର ନେମ୍‌ଭାର୍ଡ଼ ସେଇ ପିଲାମାନଙ୍କୁ ଧାରଣା

ଦେଇଚାଲିଛନ୍ତି ଯେ ବହିଠାରୁ ବଳି ନିରାପଦ ଆଶ୍ରୟ ଆଉ କିଛିନାହିଁ। ବହିପଢ଼ିବାରେ ରୁଚି ରଖିଲେ ବହି ହିଁ ମଣିଷକରି ଗଢ଼ିଦେବ ସେମାନଙ୍କୁ।

ସତରେ, କୋଲ୍‌ବର୍ଟ୍ ନେମ୍‌ଭାର୍ଡ଼ ଜଣେ ନିଆରା ମଣିଷ। ତାଙ୍କ କାମ ବି ନିଆରା !

**'ଅଭୀପ୍‌ସା'**
**ସେକ୍ଟର-୬,ପ୍ଲଟ୍ ନମ୍ବର-୧୧୩୧**
**ଅଭିନବ ବିଡ଼ାନାସୀ,କଟକ-୭୫୩୦୧୪**
**ମୋ-୯୪୩୭୭୬୬୧୧୭**

# ସ୍ୱାଭିମାନ

**ଡକ୍ଟର ବସନ୍ତ କିଶୋର ସାହୁ**



ଦିନକୁ ଦିନ ଅସୁର ଭାବ ମନରେ ଯାଏ ବଢ଼ି,
ସେଇଥି ପାଇଁ ଆନ୍ତରିକତା ଯାଉଛି ମନୁ ଛାଡ଼ି ।
ବଡ଼କୁ ଆଜି ମାନୁନି ସାନ ଅହଙ୍କାରରେ ବୁଡ଼ି,
ସାନ ପାଖରେ ସମ୍ମାନବୋଧ ଗଲାଣି କାହିଁ ଛାଡ଼ି ॥

ସ୍ୱାର୍ଥ ଆଶାରେ ସମ୍ପର୍କ ସେତୁ ଗଢୁଛୁ ଆମେ ଆଜି,
କୁହ କେମିତି ଶାନ୍ତି ମିଳିବ କିଏସେ ଦେବ ଖୋଜି ।
ପରିଶ୍ରମର ମୂଲ ନବୁଝି ମାଗଣା ସବୁ ମିଳୁ,
ଘୋଷା କଥାକୁ ମନରେ ହେଜି ମିଛରେ ଖାଲି ଭାଳୁ ॥

ଦେଶ ସମ୍ପତ୍ତି ଆମ ସମ୍ପତ୍ତି ଭାବିବୁ ଆମେ ଯେବେ,
ଦେଶ ପାଇଁକା କରିବୁ କାମ ମନ ଲଗାଇ ସେବେ ।
ଦେଶପ୍ରେମର ରକତ ଧାରା ବହୁଛି ସବୁ ପ୍ରାଣେ,
ଜାଗ୍ରତ ହୋଇ ଭାରତବାସୀ ଶପଥ ନିଅ ଟାଣେ ॥

**କୁସୁପୁର, ଭାୟା-ବାଲିଚନ୍ଦ୍ରପୁର,**
**ପିନ୍-୭୫୪୨୦୫, ଜି-କଟକ**
**ମୋ : ୯୪୩୭୫୨୬୨୦୧**

# ଆତ୍ମବିଶ୍ୱାସ

**ପଦ୍ମନାଭ ପାଣିଗ୍ରାହୀ**



ଆମରି ସତ୍ୟ
ପଂଚ ମହାଭୂତର ସମାହାର
ଆତ୍ମଜ୍ଞାନର ସୋପାନରେ ସୋପାନ ଅତିକ୍ରମ କରି
ପରମ ସତ୍ୟର ମୃତ୍ୟୁହୀନ ରାଜ୍ୟରେ ପ୍ରବେଶ ।

ଆମରି ସତ୍ୟ
ମାୟାର ସମସ୍ତ ବନ୍ଧନ ଛିନ୍ନ କରି
ପରମାତ୍ମାଙ୍କ ବେଦୀରେ
ଆତ୍ମ ସମର୍ପଣ
ଅବଚେତନ ମନରେ ଲୁଚି ରହିଥିବା
କୋହକୁ ଦୂର କରି
ଏକାଧାରରେ ପରିତୃପ୍ତ
ଆନନ୍ଦର ଜୁଆରର ସୃଷ୍ଟି ।

ଆମରି ସତ୍ୟ
ସତ୍ୟ,ଧର୍ମ, ନ୍ୟାୟର ଆହ୍ୱାନ
ପଥର ଛାତିରେ ଫୁଟାଇଛି ଫୁଲ
ସମସ୍ୟାର ବୁଢ଼ିଆଣୀ ଜାଲରେ
ଛନ୍ଦି ହେଲାବେଳେ
ଢ଼ାଳିଦିଏ ଆତ୍ମବିଶ୍ୱାସର ଆଶୀର୍ବାଦଧାରା ।

ଆମରି ସତ୍ୟ
ବୈଜ୍ଞାନିକ, ଦାର୍ଶନିକ, ଆଧ୍ୟାତ୍ମିକ
ସାହିତ୍ୟର ମନ୍ତ୍ର ମୁଗ୍ଧକାରୀ ବ୍ୟାଖ୍ୟା
କବି ପ୍ରାଣରୁ ଝରିଯାଉଥିବା
ମଧୁମୟ ଅପାସୋରା ସ୍ମୃତି ।

ଆମରି ସତ୍ୟ
ଦିବ୍ୟଜ୍ଞାନର ବାହକ
କୋମଳମତି ବାଳକ ବାଳିକାଙ୍କର
ମେଧାଶକ୍ତିର ପରିଚିତିରେ
କରିଛି ପ୍ରତିଭା ଚୟନ ।

**ବନମାଳୀ କଲୋନୀ, ଜଟଣୀ**
**ମୋ : ୯୩୩୮୨୨୧୩୭୪**



# ଉତ୍କଳ ଦିବସ ଅନୁଚିନ୍ତା

**ପ୍ରଫେସର ବସନ୍ତକୁମାର ସାମନ୍ତ**

ଆଜି ଅପ୍ରେଲ ପହିଲା, ଉତ୍କଳ ଦିବସ । ଏକାଅଶି ବର୍ଷ ତଳେ ଆଜିର ଦିନରେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ହୋଇଥିଲା । ସବୁ ଓଡିଆଙ୍କ ପାଇଁ ଏହି ଦିନଟି ସ୍ମରଣୀୟ । କାରଣ ଆଜି ଆମେ ଆମର ପରିଚୟ ପାଇଥିଲୁ ।

ଆଜି ଦିନଠାରୁ ଆମେ ଏ ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ଜାତି, ଏକ ସ୍ୱତନ୍ତ୍ର ଭାଷା, ଏକ ସ୍ୱତନ୍ତ୍ର ପ୍ରଦେଶ, ଏକ ସ୍ୱତନ୍ତ୍ର ଭୂଖଣ୍ଡର ଅଧିବାସୀ ଭାବେ ପରିଚିତ ହେଲୁ । ଊନବିଂଶ ଶତାବ୍ଦୀର ପ୍ରାରମ୍ଭରେ ଓଡିଶାର ଭୌଗୋଳିକ ପରିଚୟ ଅତି ସୀମିତ ଥିଲା । ଆଜିର ଓଡିଶାର କେନ୍ଦ୍ରାଞ୍ଚଳର କେତେକ ଜିଲାକୁ ଛାଡିଦେଲେ ଓଡିଶା ବୋଲି କିଛି ନଥିଲା ଏବଂ ଓଡିଆ ଭାଷାର ମଧ୍ୟ କୌଣସି ଅସ୍ତିତ୍ୱ ନଥିଲା । ଅନେକ ସମାଲୋଚକଙ୍କ ମତରେ ବିଭିନ୍ନ କାରଣ ଯୋଗୁଁ ଓଡିଶା ଖଣ୍ଡ ବିଖଣ୍ଡିତ ହୋଇ ଯାଇଥିଲା । ଗୋଟିଏ ଅଂଶ ବଙ୍ଗରେ, ଗୋଟିଏ ଅଂଶ ବିହାରରେ,ଗୋଟିଏ ଅଂଶ ମଧ୍ୟ ପ୍ରଦେଶରେ ଓ ଗୋଟିଏ ଆନ୍ଧ୍ରରେ ଥିଲା । ଓଡିଶାର ବୋଲି କିଛି ନଥିଲା । ସବୁଠାରୁ ଆଶ୍ଚର୍ଯ୍ୟ ଏବଂ ଦୁଃଖର କଥା, ସମସ୍ତେ ସବୁ ଅଞ୍ଚଳରେ ଏହାକୁ ହୃଦୟଙ୍ଗମ କରୁଥିଲେ । କିନ୍ତୁ ବିଧିର ବିଡମ୍ବନା – ସମସ୍ତେ ଏକତ୍ରିତ ହୋଇ ସଂଘବଦ୍ଧ ଭାବେ ଓଡିଶାର ଏକତ୍ରୀକରଣ ପାଇଁ ଚେଷ୍ଟା କରି ପାରୁନଥିଲେ । ପଶ୍ଚିମ ଓଡିଶାରେ ବିର୍ସା ମୁଣ୍ଡାଙ୍କ ଠାରୁ ଆରମ୍ଭ କରି ଦକ୍ଷିଣରେ ବିକ୍ରମ ଦେବଙ୍କ ପର୍ଯ୍ୟନ୍ତ ଅନେକ ସଂଗ୍ରାମୀ ଏହି ମହାସମରରେ ଝାସ ଦେଇ ଜୀବନ ଉତ୍ସର୍ଗ କରଛନ୍ତି । ରାଜା, ମହାରାଜାଙ୍କ ଠାରୁ ଆରମ୍ଭ କରି ଲେଖକ ତଥା ବିଭିନ୍ନ ଅନୁଷ୍ଠାନ ସମସ୍ତେ ନିଜ ନିଜ ପରିସରରେ ଏଥିପାଇଁ ଚେଷ୍ଟା କରିଛନ୍ତି । ଆଜି ଦିନରେ ସେମାନଙ୍କ ଅମର କଥା ମନେପଡେ, ସେମାନଙ୍କ ଜୀବନ ଉତ୍ସର୍ଗୀକରଣର ଗାଥା ମନେପଡେ । ସେମାନଙ୍କ ପାଇଁ ଆମେ ଗର୍ବ ଅନୁଭବ କରୁ ।

ଏହି ମହାସମରର ସାମୂହିକ ପ୍ରୟାସର ଅୟମାରମ୍ଭ ହୋଇଥିଲା ରମ୍ଭା ରାଜପ୍ରାସାଦରେ । ସେତେବେଳର ଖଲ୍ଲିକୋଟର ରାଜା ହରିହର ମର୍ଦ୍ଦରାଜ ତାଙ୍କ ଏକ ମାତ୍ର ପୁତ୍ର ରାମଚନ୍ଦ୍ରଙ୍କ ସ୍ୱନକ୍ଷତ୍ର ପାଳନ ଅବସରରେ ଓଡିଶାର ସମସ୍ତ ରାଜା, ମହାରାଜା, ଜମିଦାର ଏବଂ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ନିମନ୍ତ୍ରଣ କରି ଏକତ୍ରିତ କରିଥିଲେ । ସେଇ ଦିନଟି ଥିଲା ଜାନୁଆରୀ ୧୩, ୧୯୦୨ । ଏହାପରେ ୧୯୦୩ ମସିହାରେ ଜନ୍ମ ନେଇଥିଲା ଉତ୍କଳ ସମ୍ମିଳନୀ । ସମୟ କ୍ରମେ ଏହି ଉତ୍କଳ ସମ୍ମିଳନୀ ଏପରି ଏକ ମଞ୍ଚର ରୂପ ନେଲା ଯାହା ମାଧ୍ୟମରେ ଓଡିଶାର ନ୍ୟାଯ୍ୟ ଦାବୀ ଆଗରେ ବ୍ରିଟିଶ ସରକାର କେବଳ ଭାରତରେ ନୁହେଁ, ଲଣ୍ଡନରେ ମଧ୍ୟ ମୁଣ୍ଡ ନୁଆଁଇବାକୁ ବାଧ୍ୟ ହୋଇଥିଲେ ଏବଂ ଅପ୍ରେଲ ପହିଲା ୧୯୩୬ରେ ଜନ୍ମନେଲ ପରାଧୀନ ଭାରତରେ ଛଅ ଗୋଟି ଜିଲା କଟକ, ପୁରୀ, ବାଲେଶ୍ୱର, ଗଞ୍ଜାମ, ସମ୍ବଲପୁର ଓ ଅନୁଗୁଳକୁ ନେଇ ନୂଆ ସ୍ୱତନ୍ତ୍ର ପ୍ରଦେଶ – ଓଡିଶା ।

ଓଡିଶା ଏକ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇବାରେ ସେତେବେଳର ରାଜା, ମହାରାଜାଙ୍କ ଅବଦାନ କିଛି କମ୍ ନଥିଲା । ଏହି ପରିପ୍ରେକ୍ଷୀରେ ସର୍ବପ୍ରଥମେ ମନେପଡେ ଖଲ୍ଲିକୋଟ ରାଜ ପରିବାର କଥା । ଦେଖିବାକୁ ଗଲେ ଏହି ପରିବାର ଓଡିଆ ଜାତୀୟ ଆନ୍ଦୋଳନର କର୍ଣ୍ଣଧାର ଥିଲେ । ଏକ ଭାଷା, ସଂସ୍କୃତି, ସାହିତ୍ୟ ତଥା ଆଞ୍ଚଳିକ ଭିତ୍ତିକ ଏକତ୍ରୀକରଣ ଯାହାକି ଓଡିଶାକୁ ଏକ ସ୍ୱାତନ୍ତ୍ର୍ୟ ଆଣିଦେବ – ସେ ଦିଗରେ ଏ ପରିବାରର ଅବଦାନ ଅତୁଳନୀୟ । ସେହିପରି ମୟୂରଭଞ୍ଜ ରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ବାମଣ୍ଡାର ବାସୁଦେବ ସୁଢଳ ଦେବ, ଜୟପୁରର ବିକ୍ରମ ଦେବ ବର୍ମା, କଳାହାଣ୍ଡିର ପ୍ରତାପ କେଶରୀ ଦେବ ତଥା ଓଡିଶାର ତତ୍କାଳୀନ ସମସ୍ତ ରାଜା ମହାରାଜାଙ୍କ ବିଭିନ୍ନ ସମୟରେ ବିଭିନ୍ନ ଉପାୟରେ ସାହାଯ୍ୟ ଚିର ସ୍ମରଣୀୟ ।

ଓଡିଶାର ଏକତ୍ରୀକରଣ ପାଇଁ ଓଡିଆ ଜନସାଧାରଣଙ୍କ ଅବଦାନ ମଧ୍ୟ କିଛି କମ ନଥିଲା। ସର୍ବପ୍ରଥମେ ମନେପଡେ ବାରିଷ୍ଟର ମଧୁସୂଦନ ଦାସ । ବୋଧହୁଏ କୌଣସି ଜନପ୍ରତିନିଧିମାନଙ୍କ ସଭା ଯଥା ବିଧାନ ସଭାରେ ସେ ପ୍ରଥମେ ଏ ବିଷୟରେ ସ୍ୱର ଉତ୍ତୋଳନ କରିଥିଲେ । ଅନ୍ୟାନ୍ୟ ନେତୃମଣ୍ଡଳୀଙ୍କ ମଧ୍ୟରେ ଆଗ ଧାଡିରେ ଥିଲେ ବାଲେଶ୍ୱରର ରାଜା ବୈକୁଣ୍ଠନାଥ ଦେ, କଟକର ବିଚିତ୍ରାନନ୍ଦ ପଟ୍ଟନାୟକ, ନୀଳମଣି ବିଦ୍ୟାରତ୍ନ, ଫକୀର ମୋହନ ସେନାପତୀ, ଗଙ୍ଗାଧର ମେହେର ପ୍ରମୁଖ । ସେହିପରି କର୍ମବୀର ଗୌରୀଶଙ୍କର ରାୟ, ଗଡଜାତ ଗାନ୍ଧୀ ସାରଙ୍ଗଧର ଦାସ, ଜଗବନ୍ଧୁ ସିଂହ, ପଣ୍ଡିତ ଗୋଦାବରୀଶ ମିଶ୍ର, ଗୋପବନ୍ଧୁ ଦାସ, ଚନ୍ଦ୍ରଶେଖର ବେହେରା, ଗଞ୍ଜାମର ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ନିରଞ୍ଜନ ପଟ୍ଟନାୟକ, ଶଶିଭୂଷଣ ରଥ, ଦିବାକର ପଟ୍ଟନାୟକ, ଜଗତସିଂହପୁରର ଜାତୀୟକବି ବୀରକିଶୋର ଦାସଙ୍କ ଅବଦାନ ଭୁଲିବାର ନୁହେଁ । ଓଡିଶାର ଭାଷା ଭିତ୍ତିକ ଏକତ୍ରୀକରଣ ପାଇଁ ସେତେବେଳର ଓଡିଶାର ପୁରପଲ୍ଲୀରେ ଆରମ୍ଭ ହୋଇଥିବା ଆନ୍ଦୋଳନ ଓ ଜନଜାଗରଣ ଅବିସ୍ମରଣୀୟ।

ଓଡିଶାର ଏକତ୍ରୀକରଣ ଆନ୍ଦୋଳନର ବାର୍ତ୍ତା ସାଧାରଣ ଜନତାଙ୍କ ନିକଟରେ ପହଞ୍ଚାଇବା ପାଇଁ ଛାପାଖାନା ତଥା ଗଣମାଧ୍ୟମର ଭୂମିକା ମଧ୍ୟ କିଛି କମ୍ ନଥିଲା । କଟକର କଟକ ପ୍ରିଣ୍ଟିଂ କମ୍ପାନୀ ସେ ସମୟରେ ଏକ

ଆଗଧାଡିର ଛାପାଖାନା ଥିଲା ଯେଉଁଠାରୁ ଅନେକ ପତ୍ର ପତ୍ରିକା, ସମସାମୟିକ ବହୁ ଖ୍ୟାତନାମା ବ୍ୟକ୍ତିଙ୍କ ସଂପାଦନାରେ ପ୍ରକାଶିତ ହୋଇଥିଲା । ଖଲ୍ଲିକୋଟ ରାଜ ପରିବାରଙ୍କ ପୃଷ୍ଟପୋଷକତାରେ ରମ୍ଭାରେ ସ୍ଥାପିତ ହୋଇଥିଲା ମର୍ଦ୍ଦରାଜ ପ୍ରେସ ଯେଉଁଠାରୁ କି ପ୍ରଜାବଂଧୁ ନାମକ ଏକ ସାପ୍ତାହିକ ପତ୍ରପତ୍ରିକା ମଧ୍ୟ ପ୍ରକାଶିତ ହେଉଥିଲା ଯାହା ମଧ୍ୟରେ ଉତ୍କଳ ମଧୁପ ନାମକ ଏକ ପତ୍ରିକା ମଧ୍ୟ ଥିଲା । ଇଂରେଜ ସରକାର ଏହିପରି ପ୍ରକାଶନରେ ଅଙ୍କୁଶ ଲଗାଇବା ସତ୍ତ୍ୱେ ମର୍ଦ୍ଦରାଜ ରାଜ ପରିବାର ଗୁପ୍ତ ଭାବରେ ଏହି ଛାପାଖାନାରୁ ଜାତୀୟତାବାଦର ବାର୍ତ୍ତା ବହନ କରୁଥିବା ଅନେକ ଲେଖା, କବିତା ଇତ୍ୟାଦି ପ୍ରକାଶ କରୁଥିଲେ। କଟକର ସତ୍ୟବାଦୀ ପ୍ରେସ୍, ବ୍ରହ୍ମପୁରର ଆଶା ପ୍ରେସ୍, ବାଲେଶ୍ୱରର ଉତ୍କଳ ପ୍ରେସ୍, ବାମଣ୍ଡାରେ ରାଜା ସୁବଳ ଦେବଙ୍କ ଛାପାଖାନା ଆଦି ଅନେକ ଛାପାଖାନା ବିଭିନ୍ନ ସମୟରେ ବିଭିନ୍ନ ସଂଗ୍ରାମୀଙ୍କ ଦେଶ ମିଶ୍ରଣର ଅନେକ ସମ୍ବାଦ, ଅନେକ ଲେଖା ପ୍ରକାଶିତ କରି ଓଡିଆ ଜନସାଧାରଣଙ୍କୁ ଦେଶ ପ୍ରେମରେ ଉଦ୍‌ବୁଦ୍ଧ କରିଥିଲେ। ସେ ସମୟରେ ବିଭିନ୍ନ ଛାପାଖାନାରୁ ସାପ୍ତାହିକ ଉତ୍କଳ ଦୀପିକା (୧୮୬୬), ଉତ୍କଳ ମଧୁପ (୧୮୭୮), ସମ୍ବଲପୁର ହିତୈଷିଣୀ (୧୮୮୯), ଉତ୍କଳ ପ୍ରଭା (୧୮୯୧), ଗଞ୍ଜାମ ନ୍ୟୁଜ (୧୮୯୬), ଗଞ୍ଜାମ ଓଡିଶା ହିତବାହିନୀ (୧୮୯୯), ପ୍ରଜାବନ୍ଧୁ (୧୯୦୨), ସାପ୍ତାହିକ ଆଶା (୧୯୧୩),ସତ୍ୟବାଦୀ (୧୯୧୪),ସାପ୍ତାହିକ ସମାଜ (୧୯୧୯) ଆଦି ଅନେକ ପତ୍ରିକା ମାଧ୍ୟମରେ ଓଡିଶା ତଥା ଓଡିଶାବାସୀଙ୍କ ସମସ୍ତ ଅଭାବ, ଅସୁବିଧା,ଦୁଃଖ, ଦୁର୍ଦ୍ଦଶା ସମ୍ପର୍କରେ ସ୍ୱର ଉତ୍ତୋଳନ କରି ରାଜ୍ୟରେ ଚତୁର୍ଥ ସ୍ତମ୍ଭର ପ୍ରାଧାନ୍ୟ ପ୍ରତିଷ୍ଠା କରିଥିଲେ ।

ଓଡିଶାର ଏକତ୍ରିକରଣ ତଥା ସ୍ୱାଧୀନତା ସଂଗ୍ରାମରେ ମହିଳା ସଂଗ୍ରାମୀଙ୍କ ଏକ ଗୌରବମୟ ଭୂମିକା ରହିଛି । ସେମାନେ ନିଜର ସୁଖ, ସ୍ୱାଚ୍ଛନ୍ଦ୍ୟକୁ ପରିହାର କରି ପୁରୁଷଙ୍କ ସଙ୍ଗେ କାନ୍ଧକୁ କାନ୍ଧ ମିଳାଇ ସଂଗ୍ରାମୀ ଭୂମିକା ଅତି ସୁଚାରୁ ରୂପେ ନିର୍ବାହ କରି ପାରିଥିଲେ । ସେମାନଙ୍କ ଜନ୍ମଭୂମି ପ୍ରତି ତ୍ୟାଗ, ଉତ୍ସାହ, ଆନୁଗତ୍ୟ ଓ ଦେଶପ୍ରେମର ପଟାନ୍ତର ନାହିଁ । ଓଡିଶାର ଏକତ୍ରୀକରଣ ସଂଗ୍ରାମର ଅସାଧାରଣ ତଥା ଖ୍ୟାତି ସମ୍ପନ୍ନ ମହିଳାଙ୍କ ମଧ୍ୟରେ ରମା ଦେବୀ, ମାଳତୀ ଚୌଧୁରୀ, ସରଳା ଦେବୀ, ଚମ୍ପା ଦେବୀ, ଗୋଦାବରୀ ଦେବୀ, କୋକିଳା ଦେବୀ, ନିର୍ମଳା ଦେବୀ, ଜାହ୍ନବୀ ଦେବୀ, ଶୋଭାବତୀ ପଣ୍ଡା, କିଶୋରୀମଣି ଦେବୀ, କୁନ୍ଦଲତା ଦେବୀ, ସରସ୍ୱତୀ ଗିରି, ବରଲକ୍ଷ୍ମୀ, ହେମଲତା ସାମନ୍ତ, ଅପୂର୍ବ ଦେବୀ, ସ୍ୱାର୍ଯ୍ୟାମ୍ମା, ପି. ତାରାମ୍ମା, ଅର୍ପିତା ଲକ୍ଷ୍ମୀବାଈ, କୃଷ୍ଣକାମିନୀ ଦେବୀ, ତୁମୁଲୁ ଆରାହାଲୁ, ଅନ୍ନପୂର୍ଣ୍ଣା ମହାରଣା, ସୀତାଦେବୀ ଖାଡଙ୍ଗା ପ୍ରମୁଖ ଅଗ୍ରଗଣ୍ୟା । ଏହି ମହିଳା ସଂଗ୍ରାମୀଙ୍କ ସହିତ ବିଭିନ୍ନ ସମୟରେ ହଜାର ହଜାର ନାରୀ ସଂଗ୍ରାମୀ ବିଭିନ୍ନ ସ୍ଥାନରେ ଆନ୍ଦୋଳନରେ ଝାସ ଦେଇଥିଲେ । ସେମାନେ ଘର ଘର ବୁଲି ଜେଲଦଣ୍ଡ ଭୋଗୁଥିବା ସଂଗ୍ରାମୀଙ୍କ ପରିବାରକୁ ଆର୍ଥିକ ସାହାଯ୍ୟ ପ୍ରଦାନ ପୂର୍ବକ ଚାନ୍ଦା ଆଦାୟ କରିବା ଠାରୁ ଆରମ୍ଭ କରି ସତ୍ୟାଗ୍ରହୀମାନଙ୍କୁ ଫୁଲଚନ୍ଦନ ଦେଇ ଉତ୍ସାହିତ ଏବଂ ବନ୍ଦାପନା କରିବା ତଥା ନିଜ ଅଞ୍ଚଳରେ ମହିଳାମାନଙ୍କୁ ଏକତ୍ର କରି ଶୋଭାଯାତ୍ରା ମଧ୍ୟ କରୁଥିଲେ । ସେମାନଙ୍କ ସେବା, ତ୍ୟାଗ, ସମର୍ପଣ ଭାବ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ଥିଲା ।

ଓଡିଶାର ଏହି ସ୍ୱାଧୀନତା ସଂଗ୍ରାମରେ ବ୍ୟକ୍ତିଙ୍କ ଅବଦାନ ଯେତିକି ଥିଲା, ସାମୂହିକ ଭାବେ ବିଭିନ୍ନ ଅନୁଷ୍ଠାନ ଓ ସମ୍ମିଳନୀର ପ୍ରଚେଷ୍ଟା ମଧ୍ୟ କିଛି କମ୍ ନଥିଲା । ୧୮୮୨ରେ କଟକରେ ସର୍ବପ୍ରଥମେ ଉତ୍କଳ ସଭା ନାମକ ଏକ ଅନୁଷ୍ଠାନ ସବୁ ଓଡିଆ ମନରେ ଓଡିଆ ଦେଶପ୍ରେମ ଜାଗ୍ରତ କରିବା ଲକ୍ଷ୍ୟରେ ଆରମ୍ଭ ହୋଇଥିଲା । ସେହିପରି ସମ୍ବଲପୁର ଓ ବ୍ରହ୍ମପୁରରେ ମଧ୍ୟ ସମଭାବାପନ୍ନ ଅନୁଷ୍ଠାନମାନ ଗଠିତ ହୋଇଥିଲା । ଓଡିଶା ଏକ ସ୍ୱତନ୍ତ୍ର ରାଜ୍ୟ ଲକ୍ଷ୍ୟରେ ଏହି ଅନୁଷ୍ଠାନଗୁଡିକ କାର୍ଯ୍ୟ କରୁଥିଲା । ୧୯୦୩ରେ ଖଲ୍ଲିକୋଟର ରାଜା ହରିହରଙ୍କ ଉଦ୍ୟମରେ ଗଞ୍ଜାମ ଜାତୀୟ ସମିତି ଗଠିତ ହୋଇଥିଲା। ଏହାର ଏକ ଅଧିବେଶନ ଅପ୍ରେଲ ୧୯୦୩ରେ ବ୍ରହ୍ମପୁରରେ ରାଜା ହରିହର ମର୍ଦ୍ଦରାଜଙ୍କ ନେତୃତ୍ୱ ତଥା ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ମଧୁସୂଦନ ଦାସ ମଧ୍ୟ ଉପସ୍ଥିତ ଥିଲେ । ଏବି ସମ୍ମିଳନୀରେ ଆଉ ଏକ ବୃହତ୍ତର ଅଧିବେଶନର ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ଏକ ଏକତ୍ରିତ ଓଡିଶା ପାଇଁ ବ୍ରିଟିଶ ସରକାରଙ୍କ ଠାରେ ଦୃଢ ଦାବୀ କରାଯିବା ପାଇଁ ମଧ୍ୟ ଅନ୍ୟ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା । ଏହା ପରେ ଡିସେମ୍ବର ୧୯୦୩ରେ ଜନ୍ମନେଲା ଉତ୍କଳ ସମ୍ମଳନୀ । ଏହି ସମ୍ମିଳନୀର ବିଭିନ୍ନ ସମୟରେ ଓଡିଶାର ବିଭିନ୍ନ ସ୍ଥାନରେ ଅଧିବେଶନମାନ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମିଳନୀ ଏକ ବଳିଷ୍ଠ ମାଧମ ହେଲା ଓଡିଶାର ନ୍ୟାଯ୍ୟ ଦାବୀ ଉପସ୍ଥାପନା କରିବାରେ । ଦୀର୍ଘ ତିନି ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ନିରବଚ୍ଛିନ୍ନ ଚେଷ୍ଟା ଓ ସଂଗ୍ରାମ ଫଳବତୀ ହେଲା ୧୯୩୬ରେ ଏବଂ ଅପ୍ରେଲ ପହିଲାରେ ଜନ୍ମ ନେଲା ସ୍ୱତନ୍ତ୍ର ପ୍ରଦେଶ।

ମାତ୍ର ଛଅଟି ଜିଲା ଏବଂ ୬୦ଟି ବିଧାନସଭା ଆସନ ବିଶିଷ୍ଟ ଏକ ରାଜ୍ୟକୁ ନେଇ ଓଡିଶା ଗଠିତ ହେଲା । ତଥାପି ପଶ୍ଚିମବଙ୍ଗରେ ରହିଗଲା ସିଂହଭୂମି ଓ ମେଦିନୀପୁର, ବିହାରରେ ଷଢେଇକଳା, ଖରସୁଆଁ ଏବଂ ଆନ୍ଧ୍ରପ୍ରଦେଶରେ ମଞ୍ଜୁଷା, ଇଚ୍ଛାପୁର, ବିଶାଖାପାଟଣା, ଶ୍ରୀକାକୁଲମ୍, ନୌପଡା, ଟିକାଲି, ଜଳନ୍ତରର ଆଦି ବିଚ୍ଛିନ୍ନାଞ୍ଚଳ ଭାବରେ ଆଜି ମଧ୍ୟ ରହିଛି । ସେଠାରେ ଓଡିଆମାନେ ମଧ୍ୟ ପାଳନ କରୁଛନ୍ତି ଉତ୍କଳ ଦିବସ ଏବଂ ବର୍ତ୍ତମାନର ପୀଢିକୁ ମନେପକାଇ ଦେଉଛନ୍ତି ଏହି ଦିବସର ଗୁରୁତ୍ୱ ।


ସେ ଯାହାହେଉନା କାହିଁକି ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ଏକ ଅତି ସମୟ ସାପେକ୍ଷ ଓ ଅନେକ ବର୍ଷର ନିରବଚ୍ଛିନ୍ନ ଚେଷ୍ଟା ଓ ଉଦ୍ୟମ ଥିଲା। ଓଡିଆ ଭାଷାଭାଷୀ ଅଞ୍ଚଳକୁ ଏକାଠି କରି ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବାରେ ଯେଉଁ ଅଗଣିତ ବିଶିଷ୍ଟ ବ୍ୟକ୍ତି, ରାଜା ମହାରାଜା, ସାଧାରଣ ଜନତା ସେମାନଙ୍କ ଜୀବନ ଉତ୍ସର୍ଗ କରିଥିଲେ ସେମାନଙ୍କ ଉଦ୍ଦେଶ୍ୟରେ ସମସ୍ତ ଓଡିଆଙ୍କ ସହ ଏହି ଲେଖକଙ୍କ ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ।

**ଅବସରପ୍ରାପ୍ତ ଅଧ୍ୟକ୍ଷ,**
**ନେହେରୁ ପାର୍କ ହିଲପାଟଣା,ବ୍ରହ୍ମପୁର**
**ମୋ : ୯୪୩୭୯୪୫୫୨୦**

# ସଫଳ ବିଜ୍ଞାନୀ – ଏଡିସନ୍



ସ୍ୱସ୍ତିଦା ପାଳ



ଯେଉଁ କେତେକ ବିଶ୍ୱ ବନ୍ଦିତ ବୈଜ୍ଞାନିକ ନିଜର ମେଧା ଓ ଉଚ୍ଚ ଚିନ୍ତନ ତଥା ବିଜ୍ଞାନୀ ମନ ଦେଇ ବିଭିନ୍ନ ତତ୍ତ୍ୱ ଓ ତଥ୍ୟ ଉପରେ ସ୍ୱକୀୟ ଗବେଷଣା ଚଳାଇ ବିଶ୍ୱକୁ ବିଜ୍ଞାନ ପଥର ନୂତନ ଆଲୋକ ପ୍ରଦାନ କରିଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ଶ୍ରେଷ୍ଠ ବୈଜ୍ଞାନିକ ଥିଲେ ଥୋମାସ୍ ଆଲଭା ଏଡିସନ୍ । ବହୁ ପ୍ରତିକୂଳ ପରିସ୍ଥିତି ବିରୁଦ୍ଧରେ ଲଢି କେବଳ ନିଜର ଅସମ୍ଭବ ଧୈର୍ଯ୍ୟଶକ୍ତି ଓ ବିଜ୍ଞାନ ସମ୍ମତ ପରୀକ୍ଷଣ ଓ ତୀକ୍ଷଣ ଅନ୍ତର୍ଦୃଷ୍ଟି କୁ ପାଥେୟ କରି ସେ ମାନବଜାତିକୁ ଭେଟି ଦେଇଛନ୍ତି ଅନେକ ଉପାଦେୟ ଉପକରଣ ସମୂହ। ସଂଶିତ ପ୍ରବନ୍ଧଟି ବିଜୁଳିବତିର ଜନ୍ମକଥାକୁ ସୂଚାଏ।

ଉନବିଂଶ ଶତାବ୍ଦୀର ପ୍ରାରମ୍ଭରେ ଉଇଲିୟମ୍ ୱାଲେସ୍ ନାମକ ଜଣେ ବୈଜ୍ଞାନିକ ଉଦ୍ଭାବନ କରିଥିବା ବିଦ୍ୟୁତ୍ ଚାପ ଆଲୋକ ବା ଇଲେକ୍ଟ୍ରିକ୍ ଆର୍କଲ୍ୟାମ୍ପରେ ବହୁ ଦୋଷ ଦୁର୍ବଳତା ଥିଲା। ବତିଟି ଥରେ ଜଳିବାକୁ ଆରମ୍ଭ କଲାବେଳେ ସୁସୁ ଶବ୍ଦ କରିବା ସହ ପ୍ରବଳ ଗରମ ଓ ଦୁର୍ଗନ୍ଧ ହେଉଥିଲା। ଏଥିରେ ବ୍ୟବହୃତ କାର୍ବନ ଦଣ୍ଡ ଖୁବ୍ କମ୍ ସମୟ ପାଇଁ ଜଳିବା ସହ ଅତିକ୍ଷୀଣ ଆଲୋକ ସୃଷ୍ଟି କରୁଥିଲା। କିନ୍ତୁ ଏହି ସମୟକୁ ଏଡିସନ୍ ବିଦ୍ୟୁତ୍ କ୍ଷେତ୍ରରେ ବହୁ ଅଧ୍ୟୟନ କରିବା ସହ ପରୀକ୍ଷା ନିରୀକ୍ଷା କରି ଧାରଣା ନେଇଥିଲେ ଯେ ବିଦ୍ୟୁତ୍ ଦ୍ୱାରା ନିଶ୍ଚିତ ଭାବେ ଶସ୍ତା, ସୁନ୍ଦର ଓ ନିରାପଦ ବତୀ ପ୍ରସ୍ତୁତ କରାଯାଇପାରିବ। ୧୮୭୮ ମସିହା ମାର୍ଚ୍ଚ ମାସରୁ ଏଥିପାଇଁ ତାଙ୍କର ନିଜସ୍ୱ ଗବେଷଣାଗାରରେ ରୀତିମତ ଗବେଷଣା ଆରମ୍ଭ କରିଦେଇଥିଲେ। ସେତେବେଳକୁ ମେନ୍‌ଲୋ ପାର୍କର ଯାଦୁକର ରୂପେ ତାଙ୍କୁ ସମଗ୍ର ଆମେରିକା ଜାଣି ସାରିଥାଏ। ସମ୍ବାଦଦାତାମାନଙ୍କୁ ଏ ସମ୍ବନ୍ଧରେ ନିଜସ୍ୱ ଚିନ୍ତନବ୍ୟକ୍ତ କରି ଏଡିସନ୍ କହିଥିଲେ ଯେ, ସେ ପ୍ରାୟ ଦୁଇବର୍ଷ ସମୟ ମଧ୍ୟରେ ଏକ ସୁରକ୍ଷିତ ବିଦ୍ୟୁତ୍ ବତୀ ପ୍ରସ୍ତୁତ କରି ପାରିବେ।

ଦିନରାତି ଗବେଷଣାଗାରରେ ବିତାଇ ଗୋଟିଏ ପରେ ଗୋଟିଏ ପର୍ଯ୍ୟାୟ ଅତିକ୍ରମ କରି ଗବେଷଣାରେ ମନୋନିବେଶ କରିଥିଲେ ଏଡିସନ୍। ତେବେ ୱାଲେସ୍‌ଙ୍କ ଆର୍କଲାଇଟ୍‌ରୁ ସୁରାକ ନେଇ ଏଡିସନ୍ ପ୍ରଥମେ ପତଳା ଧାତବ ତାରକୁ ଗରମ କରି ଆଲୋକ ସୃଷ୍ଟି କରିବା ପାଇଁ ପରୀକ୍ଷା କରିଥିଲେ। ଏହି ପତଳା ଧାତବ ତାରର ନାମ ଦେଇଥିଲେ ଫିଲାମେଂଟ୍। ତେବେ ପରୀକ୍ଷାରୁ ଜଣାଗଲାଯେ ଏହି ଫିଲାମେଂଟ୍ ଗୁଡିକ ବାୟୁ ସଂସ୍ପର୍ଶରେ ଆସି ଉତପ୍ତ ହେଲେ ମୁହୂର୍ତ୍ତକ ମଧ୍ୟରେ ପୋଡି ପାଉଁଶ ହୋଇଯାଉଛି।୧୮୭୯ ମସିହା ଏପ୍ରିଲ୍ ବେଳକୁ ଏଡିସନ୍ ଚିନ୍ତାକଲେ ଯେ ଯଦି କୌଣସି ଉପାୟରେ ଏହି ଫିଲାମେଂଟ ଗୁଡିକୁ ବାୟୁଶୂନ୍ୟ କାଚ ଗ୍ଲୋବ୍ ମଧ୍ୟରେ ରଖି ଉତପ୍ତ କରା୍ଯାଏ, ତେବେ କଣ ହେବ?ଏହି ପରୀକ୍ଷା କରିବା ପାଇଁ ଫିଲାଡେଲ୍‌ଫିଆ କାଚ ଗ୍ଲୋବ୍ ତିଆରି କରୁଥିବା ଲଡ୍‌ୱିମ୍ ବୋଏମ୍ ନାମକ ଜଣେ ବ୍ୟକ୍ତିକୁ ନିଜ ଗବେଷଣାଗାରରେ ନିଯୁକ୍ତି ଦେଇ ସେ କାଚଗ୍ଲୋବ୍ ନିର୍ମାଣ କରାଇଚାଲିଲେ। ଏହାପରେ ଆରମ୍ଭ ହେଲା ଗ୍ଲୋବ୍‌ଗୁଡିକୁ ବାୟୁଶୂନ୍ୟ କରିବାର ଅଭିଯାନ। ସେ ସମୟରେ ଆମେରିକାରେ କେବଳ ଗୋଟିଏ ମାତ୍ର ଏୟାର୍ ପମ୍ପସେଟ୍ ପ୍ରିନସଟନ୍ ବିଶ୍ୱବିଦ୍ୟାଳୟ ଅଧିନରେ ଥିଲା। ବହୁ କଷ୍ଟରେ ସେହି ପମ୍ପସେଟ୍‌ଟିକୁ ଆଣି ନିଜ ଗବେଷଣାଗାରରେ ସ୍ଥାପିତ କରାଇବା ସହ କାଚଗ୍ଲୋବ୍ ଗୁଡିକୁ ବାୟୁଶୂନ୍ୟ କରାଇବା ପର୍ଯ୍ୟାୟରେ ସେ କେତେକାଂଶରେ ସଫଳ ହେଲେ।

ଏଥର କେତୋଟି କାଚଗ୍ଲୋବ୍ ରେ ଫିଲାମେଂଟ୍ ଖଞ୍ଜି ସେଗୁଡିକୁ ବାୟୁ ନିଷ୍କାସନ ପମ୍ପ ସହ ସଂଯୋଗ କରାଯାଇ ଗ୍ଲୋବ୍ ମୁହଁକୁ ଜଉମୁଦ ଦେଇ ବିଦ୍ୟୁତ୍ ପ୍ରବେଶ କରାଇବା ଦ୍ୱାରା ଏଡିସନ୍ ସଫଳ ହେଲେ ସତ ମାତ୍ର ସଫଳତା ଆଂଶିକ ଥିଲା। କାରଣ ବାୟୁଶୂନ୍ୟ କାଚଗ୍ଲୋବ୍ ଭିତରେ ମଧ୍ୟ ଫିଲାମେଂଟ୍ ଗୁଡିକ ଖୁବ୍ ବେଶିରେ ଅଧଘଂଟା ମଧ୍ୟରେ ଜଳି ପାଉଁଶ ହୋଇ ଯାଉଥିଲା। ତଥା ଆଲୋକ ମଧ୍ୟ ନିର୍ବାପିତ ହୋଇଯାଉଥିଲା। ଏଣୁ ବହୁ ପରୀକ୍ଷଣ ପରେ କିଛି ସୂତା ବିଡା ଉପରେ ବତୀ କଳାର କାର୍ବନକୁ ଆସ୍ତରଣ ରୂପେ ନେଇ ତାକୁ ଅଗ୍ନି ପ୍ରତିରୋଧକ ଟ୍ରେ ଉପରେ ରଖି କିଛି ଘଂଟା ଉତପ୍ତ କରିବା ପରେ ସେହି ସୂତା ଜଳିଯାଉଥିଲା ଏବଂ ଖୁବ୍ ସତର୍କତାର ସହ ସୂତା ଉପରେ ଥିବା ଅଙ୍ଗାର ଆସ୍ତରଣକୁ କାଚଗ୍ଲୋବ୍ ଭିତରେ ଧରି ରଖି ଦୁଇଟି ଧାତବ ଦଣ୍ଡ ସହ ତାହାକୁ ସଂଯୁକ୍ତ କରି ବାୟୁ ଅପସାରକ ଯନ୍ତ୍ର ସହ ଖଞ୍ଜି ବାୟୁ ଅପସାରଣ କରିବା ପରେ ଧାତବ ଖଣ୍ଡ ମାଧ୍ୟମରେ ବିଦ୍ୟୁତ୍ ପ୍ରବାହ କରାଇବାରେ ଫିଲାମେଂଟ୍ ଜଳି ଉଠିବା ସହ ଉଜ୍ଜ୍ୱଳ ଆଲୋକ ସୃଷ୍ଟି ହେଲା। ସେଦିନ ଥିଲା ଅକ୍ଟୋବର ୧୯,୧୮୭୯ ମସିହା। ସେହିଦିନ ହିଁ ଉଜ୍ଜ୍ୱଳ ଆଲୋକ ତଳେ ବିନିଦ୍ର ରଜନୀ ଅତିବାହିତ କରିଥିଲେ ଏଡିସନ୍ ଦମ୍ପତି। କ୍ରମାଗତ ଭାବେ ପାଳିକରି ପରୀକ୍ଷାଗାରରେ ସମସ୍ତ କର୍ମଚାରୀ ଏହି ଉଜ୍ଜ୍ୱଳ ଆଲୋକ ପ୍ରଦାନକାରୀ ବତୀକୁ ଦିନଦିନ ଧରି ଜଗିରହିଥାନ୍ତି। ଅକ୍ଟୋବର ୨୧, ୧୮୭୯ରେ ଜନ୍ମନେଲା ପୃଥିବୀର ପ୍ରଥମ ବିଜୁଳିବତି।

ଆମେରିକାର ପ୍ରଖ୍ୟାତ ସମ୍ବାଦପତ୍ର ନିଉୟର୍କ ହେରାଲ୍ଡ୍‌ର ସମ୍ବାଦଦାତା ଏ ସଂପର୍କରେ ଏକ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରି ଡିସେମ୍ବର ୨୧ ତାରିଖ ସଂସ୍କରଣରେ ପ୍ରକାଶ କରିଥିଲେ ବିଜୁଳିବତିର ଉଦ୍ଭାବନ କାହାଣୀ। ରିପୋର୍ଟ ପ୍ରସ୍ତୁତ ହେବା ସମୟ ମଧ୍ୟରେ ଏଡିସନ୍ ଓ ତାଙ୍କ ସହକର୍ମୀମାନେ ବହୁସଂଖ୍ୟାରେ ବଲ୍ବ ପ୍ରସ୍ତୁତ କରିସାରିଥିଲେ। ସେହି ବର୍ଷ ଡିସେମ୍ବର ୩୧ ତାରିଖରେ ନିଉୟର୍କରେ ଏକ ସ୍ୱତନ୍ତ୍ର ଟ୍ରେନ ଆସି ପହଂଚିଲା ଯେଉଁଥିରେ କି ବହୁସଂଖ୍ୟକ ଯାତ୍ରୀ ଦୂର ଦୂରାନ୍ତରୁ ଛୁଟି ଆସିଥିଲେ ସୃଷ୍ଟିର ପ୍ରଥମ ବିଜୁଳିବତୀକୁ ସ୍ୱଚକ୍ଷୁରେ ଦେଖିବାପାଇଁ । ବର୍ତ୍ତମାନର ଯୁଗରେ ଭାବିଲେ ବିସ୍ମିତ ହେବାକୁ ହୁଏ ଯେ ଶେଷଡିସେମ୍ବରର ପ୍ରବଳ ତୁଷାରପାତ ଓ ଥଣ୍ଡାକୁ ଭ୍ରୂକ୍ଷେପ ନକରି ସେମାନେ ମେନଲୋ ପାର୍କ(ଏଡିସନ୍ ଙ୍କ ଗବେଷଣାଗାର ଅଂଚଳ)ର ଲ୍ୟାମ୍ପପୋଷ୍ଟର ଚତୁଃପାର୍ଶ୍ୱରେ ବେଢିଯାଇ ୧୮୭୯କୁ ବିଦାୟଦେଇ ୧୮୮୦କୁ ସ୍ୱାଗତ ଜଣାଇଥିଲେ ଏଡିସନ୍‌ଙ୍କ ନିର୍ମିତ ପୃଥିବୀର ପ୍ରଥମ ବିଜୁଳିବତୀର ଆଲୋକ ତଳେ।

ଏହାପରେ ନିଜ ସହଯୋଗୀ ବୋଏମଂକୁ ନିର୍ଦ୍ଦେଶ ଦେଇଥିଲେ ଯେ, ଯେଉଁ ବଲ୍ବ ଗୁଡିକୁ ପମ୍ପସେଟ୍ ସଂଲଗ୍ନ ଟିଉବ୍ ଉପରେ ଜଳୁଥିବ, ସେହି ବଲବ୍ ଗୁଡିକର ନିମ୍ନଭାଗକୁ ଜଉମୁଦ ଦ୍ୱାରା ବନ୍ଦ କରିବାପାଇଁ, ଏବଂ ଏହିପରି ମାତ୍ର କେତେଘଂଟା ସମୟମଧ୍ୟରେ ବହୁସଂଖ୍ୟାରେ ବିଜୁଳିବତୀ ପ୍ରସ୍ତୁତ ହୋଇପାରିଥିଲା। ସମବେତ ଜନତାଙ୍କ ଭିଡ ଠେଲି ଦୃପ୍ତ କଣ୍ଠରେ ନିଃସନ୍ଦେହ ଏଡିସନ୍ ଘୋଷଣା କରିଥିଲେ –" ମୋର ଏହି ଉଦ୍ଭାବନ ଦ୍ୱାରା ପୃଥିବୀ ପୃଷ୍ଠରେ ଅନିର୍ଦ୍ଦିଷ୍ଟ କାଳଯାଏ ବିଜୁଳିବତୀ ଜଳିପାରିବ"।

ଏହିପରି ଅନେକ ସଫଳ ଉଦ୍ଭାବନର ନାୟକ ଏଡିସନ୍‌ଙ୍କର ସଫଳ କାହାଣୀ କେବଳ ସମ୍ଭବ ହୋଇଥିଲା ତାଙ୍କର ଦୃଢ ଆତ୍ମବିଶ୍ୱାସର ଓ ଗଭୀର ବୈଜ୍ଞାନିକ ମନନଶୀଳତାହେତୁ। ୧୮୪୭ ମସିହା ଫେବ୍ରୁଆରୀ ୧୧ ତାରିଖରେ ଜନ୍ମିତ ଏହି ଯୋଗଜନ୍ମା ବୈଜ୍ଞାନିକଙ୍କର ୧୭୦ ତମ ଜନ୍ମ ବାର୍ଷିକୀ ଅବସରରେ ତାଙ୍କର ବହୁବିଧ ଉଦ୍ଭାବନ ସମୂହପାଇଁ କୃତଜ୍ଞ ବିଶ୍ୱ ତାଙ୍କୁ ଆଜି ପ୍ରଣାମ ଜଣାଏ। ରୋଚ୍  ଏକସ୍ ଟର୍ମିନେଟର୍ ଯନ୍ତ୍ର ଦ୍ୱାରା ଅସରପା ମାରିବାଠାରୁ ଆରମ୍ଭକରି ଟେଲିଗ୍ରାଫ୍ ସିଷ୍ଟମରେ ଭୋଟ୍ ରେକର୍ଡର ଓ ଡ୍ୟୁପ୍ଲେକ୍ସ ସିଷ୍ଟମ୍ ଲଗାଇବା ସହ ଷ୍ଟକ୍ ଏକ୍ସଚେଞ୍ଜ୍ ରେ କାର୍ଯ୍ୟରତ ଟେଲିଗ୍ରାଫିକ୍ ଷ୍ଟକ୍ ଟିକର୍, ଆଧୁନିକ ଟାଇପମେସିନ୍‌ର ପୁନଃନିର୍ମାଣ, ଗ୍ରାମୋଫୋନ୍ ର ଉଦ୍ଭାବନ ମହମଦିଆ କାଗଜ ପ୍ରସ୍ତୁତି, ବିଜୁଳିବତୀ ତଥା ଚଳମାନ ଛବିର ଜନ୍ମଦାତା ରୂପେ ବିଶ୍ୱ ବିଜ୍ଞାନାକାଶର ଜଣେ ଜ୍ୟୋତିର୍ମୟ ନକ୍ଷତ୍ର ରୂପେ ସେ ଚିରଭାସ୍ୱର ହୋଇରହିଥିବେ। ଏହି ମହାମନିଷୀଙ୍କ ଜୀବନାଦର୍ଶ ନୂତନପୀଢିର ଯୁବବିଜ୍ଞାନୀମାନଙ୍କ ପାଇଁ ସଂଗ୍ରାମପଥରେ ପାଥେୟ ହୋଇଥାଉ।

**ସହକାରୀ ଶିକ୍ଷୟିତ୍ରୀ**
**ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜଟଣୀ**
**ମୋ : ୯୭୭୮୫୫୬୮୯୮**

# ଫୁଲ ଓ ଫଗୁଣ

## ଡ.ସରଳା ବେହେରା



ଫୁଲ! ଫଗୁଣ ଆସିଲେ
ତୋର କାହିଁ
ବଢ଼ିଯାଏ ଏତେ ମୂଲ,
ସକାଳୁ ସଞ୍ଜ
ଭଅଁର ଖାଲି
କରୁଥାଏ ତୋତେ ଗେଲ।

ଫୁଲ! ତୁ କାଳେ
ପ୍ରେମର ସମତୁଲ
ସରାଗେ ତୋତେ
ଅରପେ କେହି
ପ୍ରତିଦାନେ ମାଗେ ମୂଲ,
ସଭିଏଁ କହନ୍ତି
ଦୁନିଆରେ ତୁ ସବୁଠୁ ପରା ଭଲ।

ଫୁଲ! ପ୍ରୀତିରେ ତୋର
ବାଉଳା ହୋଇ ମୁଁ
ଦିନରାତି ମସ୍‌ଗୁଲ,
ସତ କହୁଛି
ପକାଇ ରାଣ
ପାଉଛି ତୋତେ ଭଲ।

**କ୍ୱାଟର ନଂ-ବି/୨୦୨,ହାଲ ଟାଉନ୍‌ସିପ୍**
**ସୁନାବେଡା, କୋରାପୁଟ୍**
**ମୋ : ୯୪୩୭୭୪୬୪୬୭**

# ଚର୍ମ



**ଡ଼ାଃ ଧନେଶ୍ୱର ସାହୁ**

## ଏହା କ’ଣ ?

ଏହା ଆମ ଶରୀରକୁ ଆବୃତ୍ତ କରିଥିବା ଏକ ଅଙ୍ଗ। ଏହା ଶରୀରର ସବୁଠାରୁ ବଡ଼ ଅଙ୍ଗ।

## ଏହାର ଆୟତନ ଓ ଓଜନ କେତେ ?

ଏହାର ଆୟତନ ୨୦-୨୨ ସ୍କୋୟାର ଫୁଟ୍। ଏହାର ଓଜନ ୩.୫ କି.ଗ୍ରାରୁ ୧୦ କି.ଗ୍ରା।

## ଚର୍ମର ଗଠନ:-

ଚର୍ମର ଦୁଇଟି ସ୍ତର ଅଛି।

୧. ଏପିଡ଼ରମିସ୍ ଓ ୨. ଡ଼ରମିସ୍

### ୧. ଏପିଡ଼ରମିସ:-

ଏହା ଚର୍ମର ଉପରସ୍ତର। ଏଠାରେ ରକ୍ତନଳୀ ନଥାଏ। ଏହା ଶରୀରକୁ ଜଳରୋଧକ ପ୍ରତିବନ୍ଧକ ଯୋଗାଇଥାଏ। ଏହା ଚର୍ମର ଟୋନ୍ ସୃଷ୍ଟିକରେ। ଏହା ୫ଭାଗରେ ବିଭକ୍ତ। ଉପରୁ ତଳ ଅନୁସାରେ

(କ) ଷ୍ଟ୍ରାଟମ୍ କରନିଅମ୍ (ଖ) ଷ୍ଟ୍ରାଟମ୍ ଲୁସିଡ଼ମ୍

(ଗ) ଷ୍ଟ୍ରାଟମ୍ ଗ୍ରାନୁଲୋସମ୍ (ଘ) ଷ୍ଟ୍ରାଟମ୍ ସ୍ପାଇନୋସମ୍

(ଙ) ଷ୍ଟ୍ରାଟମ ବେସାଲେ

### ୨. ଡରମିସ୍:-

ଏହା ଏପିଡ଼ରମିସ ତଳକୁ ଥାଏ। ଏହା କଠିନ ପ୍ରସାରଶୀଳ, ନମନୀୟ। ଏଥିରେ ରକ୍ତନଳୀ, ସିବାସିଅସ୍ ଗ୍ଲାଣ୍ଡ ସ୍ୱିଟ୍ ଗ୍ଲାଣ୍ଡ, ହେୟାର ଫଲିକଲ୍, ନରଭ୍ ଏଣ୍ଡିଙ୍ଗସ୍, ଲିଂପନଳୀ, ବିଭିନ୍ନ ପ୍ରକାରର ସେଲ୍ ଯଥା ମାଷ୍ଟ ସେଲସ୍, ଫାଇବ୍ରୋବ୍ଲାଷ୍ଟସ୍, ଷ୍ଟ୍ରକ୍‌ଚରାଲ୍ ପ୍ରୋଟିନ୍ ଯଥା କୋଲାଜେନ୍, ଇଲାଷ୍ଟିନ୍ ଥାଏ। ଏହା ପୁଣି ଦୁଇଭାଗରେ ବିଭକ୍ତ। ଉପରୁ ତଳକୁ

(କ) ପାପିଲାରି ସ୍ତର (ଖ) ରେଟିକୁଲାର ସ୍ତର

## ଚର୍ମର ଘନତ୍ୱ କେତେ ?

ପାଖାପାଖି ୨ମି.ମି। ହାତ ଓ ପାଦର ଚର୍ମ ମୋଟା।

## ଚର୍ମର ରଙ୍ଗ:-

ଚର୍ମର ଏପିଡ଼ରମିସ୍‌ରେ ଥିବା ମେଲାନୋସାଇଟ୍ ନାମକ ଏକ ସ୍ୱତନ୍ତ୍ର ସେଲ୍‌ରୁ ତିଆରି ହେଉଥିବା ମେଲାନିନ୍ ପିଗମେଣ୍ଟ ଉପରେ ଚର୍ମର ରଙ୍ଗ ନିର୍ଭର କରେ। ଏହା ଗୋରା, କଳା, ସାବନା ଇତ୍ୟାଦି ହୋଇଥାଏ।

## ଚର୍ମ କେଉଁ କେଉଁ ଟିସୁ ନେଇ ଗଠିତ ହୋଇଛି ?

ଚର୍ମ ଚାରିପ୍ରକାରର ଟିସୁ ନେଇ ଗଠିତ ହୋଇଛି। ସେଗୁଡ଼ିକ ହେଲା ମସଲ୍ ଟିସୁ, ଏପିଥେଲିଆଲ ଟିସୁ, କନେକ୍ଟିଭ୍ ଟିସୁ, ନରଭସ୍ ଟିସୁ।

## ଚର୍ମର ବିକାଶ ପକ୍ରିୟା:-

ଏକ୍ଟୋଡ଼ର୍ମ, ମିଜୋଡ଼ର୍ମ ଓ ନ୍ୟୁରାଲକ୍ରେଷ୍ଟ ସେଲ୍‌ରୁ ଚର୍ମର ବିକାଶ ହୋଇଛି।

## ଚର୍ମର କାର୍ଯ୍ୟ:-

୧.ଶରୀରକୁ ରକ୍ଷାକରେ। ଏହା ଏକ ପ୍ରତିବନ୍ଧକ ଭାବରେ କାମ କରେ।

- ଅଲଟ୍ରାଭାଓଲେଟ୍ ରେଡ଼ିଏସନ୍‌ଠାରୁ ରକ୍ଷାକରେ।
- ଜଳୀୟ ଅଂଶ କମିବା ଠାରୁ ରକ୍ଷାକରେ।
- ଜୀବାଣୁମାନଙ୍କ ଠାରୁ ରକ୍ଷାକରେ।
- କେମିକାଲ୍ ଠାରୁ ରକ୍ଷାକରେ।
- ମେକାନିକାଲ୍ ଇଂପାକ୍ଟ ଓ ପ୍ରେସର ଠାରୁ ରକ୍ଷାକରେ।

୨.ଶରୀରର ଉତ୍ତାପ ନିୟନ୍ତ୍ରଣ କରେ।

- ପେରିଫେରାଲ୍ ରକ୍ତ ସଂଚାଳନର ପରିବର୍ତ୍ତନ ଓ ଜଳୀୟ ଅଂଶ ବାଲାନ୍ସ ନିୟନ୍ତ୍ରଣ କରେ।

୩.ଶରୀରର ଛୁଇଁବା, ଥଣ୍ଡା, ଗରମ, ପ୍ରେସର, କଷ୍ଟ ଅନୁଭବକୁ ମସ୍ତିଷ୍କକୁ ପଠାଏ।

- ଭିଟାମିନ୍ ଡ଼ି ତିଆରି କରେ।
- ଶରୀରରୁ କେତେକ ଜିନିଷ ଯଥା ପାଣି, ଇଉରିଆ, ଆମୋନିଆ ଓ ଇଉରିକ୍ ଏସିଡ଼୍ ଆଦି ବାହାର କରିବାରେ ସାହାଯ୍ୟ କରେ।
- ଇମ୍ୟୁନିଟି କାମକରେ:- ଏପିଡରମିସ୍ ,ଲାଙ୍ଗରହାନ୍ ସେଲସ୍, ଫାଗୋସାଇଟିକ୍ ସେଲସ୍। ଡ଼େଂଡ୍ରାଇଟିକ୍ ସେଲସ୍,
- ଏହା ଖଣ୍ଡିଆ ନହୋଇ ଚଳିପାରେ ଓ ବଢ଼ିପାରେ।
- ସିବାସିଅସ୍ ଗ୍ଲାଣ୍ଡ ସିବମ ତିଆରି କରନ୍ତି ଓ ଚର୍ମକୁ ତେଲିଆ କରି ରଖନ୍ତି। ସ୍ୱିଟ୍‌ଗ୍ଲାଣ୍ଡ ଝାଳ ତିଆରି କରନ୍ତି। ହେୟାରଫଲିକରୁ ହେୟାର ହୁଏ।

## ଚର୍ମର ପୁନଃଜନ୍ମ ସମୟ କେତେ ?

୨୭ରୁ ୩୫ଦିନ।

ଏପିଡ଼ରମିସର ୯୫% ସେଲସ ନୂଆ ଚର୍ମ ସେଲ ତିଆରି କରନ୍ତି। ଆଉ ଯେଉଁ ୫% ସେଲସ ରହନ୍ତି ସେମାନେ ମେଲାନିନ ତିଆରି କରନ୍ତି।

## ଚର୍ମରେ କଣ କଣ ରୋଗ ହୁଏ ?

- ରାସ୍
- ଡ଼ରମାଟାଇଟିସ୍
- ଏକଜେମା
- ସୋରିଆସିସ
- ଡ଼ାଣ୍ଡ୍ରଫ୍
- ଆକନି ବା ବ୍ରଣ
- ସେଲୁଲାଇଟିସ୍
- ଚର୍ମ ପୂଜ
- ରୋଜାସିଆ
- ଓ୍ୱାର୍ଟସ ବା ଭାତୁଡ଼ି
- ମେଲାନୋମା
- ବେସାଲ୍ ସେଲ କାର୍ସିନୋମା
- ସ୍କ୍ୱାମସ ସେଲ୍ କାର୍ସିନୋମା
- ସିବୋରେଇକ୍ କେରାଟୋସିସ୍
- ଆକ୍ଟିନିକ୍ କେରାଟୋସିସ୍
- ହରପିସ ସିଂପଲେକ୍ସ:-
  ଭୂତାଣୁ-୧
  ଭୂତାଣୁ- ୨
- ଟିନିଆ ଭରସିକଲର୍
- ହାଇଭସ୍
- ଭାଇରାଲ୍ ଏକଜାଥାମ୍
- ହରପିସ୍ ଜୋଷ୍ଟର
- କାଛୁ କୁଣ୍ଡିଆ
- ଯାଦୁ
- ପିଂପଲସ୍
- ସନବର୍ଣ୍ଣ
- ଫ୍ରେକଲସ୍
- ରିଂକଲସ୍
- ପୋଡ଼ାଜଳା

## ଚର୍ମର କଣ କଣ ପରୀକ୍ଷା କରାଯାଏ ?

- ଚର୍ମ ବାଇଓପସି
- ଆଲର୍ଜି ପରୀକ୍ଷା
- ଟୁବରକୁଲିନ ଚର୍ମ ପରୀକ୍ଷା ବା ମୁଣ୍ଟକ୍ସ ଟେଷ୍ଟ।

## ଚର୍ମର ଚିକିତ୍ସା:-

ରୋଗ ଅନୁସାରେ ଚିକିତ୍ସା।

- କରଟିକୋଷ୍ଟିର ଏଡ଼ସ୍
- ଆଣ୍ଟିବାଇଓଟିକସ୍
- ଆଣ୍ଟିଫଙ୍ଗାଲ୍
- ଆଣ୍ଟି ହିଷ୍ଟାମିନସ୍
- ଚର୍ମ ଅପରେସନ୍
- ଇମ୍ୟୁନୋମୋଡୁଲେଟରସ୍
- ଚର୍ମ ମଏସ୍ୱରାଇଜରସ
- ପୋଡ଼ାଜଳା ପାଇଁ ଡ୍ରେସିଙ୍ଗ।

## ଚର୍ମର ଯତ୍ନ:-

ଚର୍ମ ଆମର ଏକ ଉପକାରୀ ଅଙ୍ଗ ହୋଇଥିବାରୁ ତାର ଉପଯୁକ୍ତ ଯତ୍ନ ନେବା ଦରକାର।

- ଚର୍ମକୁ ସୂର୍ଯ୍ୟକିରଣରୁ ରକ୍ଷା କରିବା ଉଚିତ।
  - ସନସ୍କ୍ରିନ୍ ବ୍ୟବହାର କରି।
  - ଖରା ସମୟରେ ଛାଇରେ ରହି।
  - ଦେହକୁ ପୂରା ଘୋଡ଼ାଇବା ଭଳି ଲୁଗାପଟା ପିନ୍ଧି।
- ଧୂମପାନ ନକରିବା।

ଧୂମପାନ କଲେ ଚର୍ମରେ ଭାଙ୍ଗ ପଡ଼ିଯାଏ ଓ ଚର୍ମ ବୟସ୍କିଆ ପରି ଦେଖାଯାଏ।

- ଚର୍ମ ଶୁଷ୍କ ନହେବା ପାଇଁ ମଏଶ୍ଚରାଇଜର ବା ପ୍ରସାଧନ ଦ୍ରବ୍ୟ ବ୍ୟବହାର କରିବା ଉଚିତ।
- ଗାଧୋଇବା ସମୟ ସୀମିତ କରିବା ଉଚିତ। ଗାଧୋଇସାରି ଚର୍ମକୁ ଧୀରେ ଶୁଷ୍କ କରିବା ଉଚିତ।
- ଟାଣ ସାବୁନ ବ୍ୟବହାର କରିବା ଉଚିତ ନୁହେଁ।
- ସତର୍କତା ସହ ଦାଢ଼ି କାଟିବା ଉଚିତ।
- ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ଉଚିତ।
- ଚର୍ମ ଶୁଷ୍କ ନହେବା ପାଇଁ ଉପଯୁକ୍ତ ପରିମାଣର ପାଣି ପିଇବା ଉଚିତ।
- ପ୍ରଦୂଷଣ, ଧୂଆଁ ଆଦି ବାହ୍ୟ ଷ୍ଟ୍ରେସ୍‌ଠାରୁ ଚର୍ମକୁ ଦୂରେଇ ରଖିବା ଉଚିତ।
- ମେକଅପ୍ ସମୟରେ ହାଇପୋଆଲରଜିକ୍ ମେକଅପ୍ ନେବା ଉଚିତ।
- ସ୍ୱାସ୍ଥ୍ୟକର ଚର୍ମ ପାଇଁ ଜୀବନ ଶୈଳୀରେ ଉନ୍ନତି ଆଣିବା ଉଚିତ।

ଚର୍ମ ଶରୀରର ସବୁଠାରୁ ବଡ଼ ଅଙ୍ଗ ଓ ଓଜନ ମଧ୍ୟ ସବୁ ଅଂଶଠାରୁ ଅଧିକ। ଏହା ଆମର ବହୁ ଉପକାରରେ ଆସୁଥିବାରୁ ଚର୍ମର ଉପଯୁକ୍ତ ଯତ୍ନ ନେବା ଉଚିତ। ଚର୍ମରେ ହେଉଥିବା ରୋଗପାଇଁ ଡ଼ାକ୍ତରଙ୍କ ପରାମର୍ଶ କରି ଚିକିତ୍ସା କଲେ ଉପଶମ ମିଳିଥାଏ। ଠିକ୍ ସମୟରେ ଚିକିତ୍ସା ନକଲେ ଅସୁବିଧାରେ ପଡ଼ିପାରନ୍ତି।

**ପୂର୍ବତନ ଜିଲ୍ଲାମୁଖ୍ୟ ଚିକିତ୍ସାଧିକାରୀ, ଖୋର୍ଦ୍ଧା**
**ମୋ : ୯୪୩୭୧୦୭୬୧୩**

# ବାୟୁ ପ୍ରଦୂଷଣ ଓ ଏହାର କୁ-ପ୍ରଭାବ

ଅଜୟ କୁମାର ସାହୁ



ସଂପ୍ରତି ସମଗ୍ର ପୃଥିବୀରେ ଦୃଶ୍ୟ ହେଉଥିବା ବିଭିନ୍ନ ପରିବେଶଗତ ସମସ୍ୟା ମଧ୍ୟରୁ ଶବ୍ଦ ପ୍ରଦୂଷଣ ପରି ବାୟୁ ପ୍ରଦୂଷଣ ମଧ୍ୟ ଅନ୍ୟତମ । ଏହା ପୃଥିବୀର ଏକ ମାରାତ୍ମକ ସମସ୍ୟା ରୂପେ ଦେଖା ଦେଇଛି । ଏହା ବିଶେଷକରି ଶିଳ୍ପାଞ୍ଚଳ ଅଭିବୃଦ୍ଧି ଓ ଜନ ସମୃଦ୍ଧି ଦେଶ ମାନଙ୍କରେ ଅନୁଭବ ହୁଏ ଏବଂ ଏହା ବାୟୁର ମୌଳିକ ଗଠନରେ ପରିବର୍ତ୍ତନ ଆଣିଥାଏ । ବାୟୁ ପ୍ରଧାନତଃ ଶିଳ୍ପାଞ୍ଚଳର କଳକାରଖାନା, ତାପଜଶକ୍ତି ଷ୍ଟେସନ, ଘରୋଇ ନିର୍ଗତ ଧୂଆଁ ଏବଂ ଗ୍ୟାସ ଯୋଗୁଁ ଦୂଷିତ ହୋଇଥାଏ । ଜଳନ୍ତା କୋଇଲା, କାଠ, ଏବଂ ନଡାପାଳ ଇତ୍ୟାଦିରୁ ସୃଷ୍ଟି ହେଉଥିବା କାର୍ବନ ଡାଇଅକସାଇଡ୍ ଓ ସଲଫର ଡାଇଅକସାଇଡ୍,ବ୍ୟୋମଯାନ, ମଟରଗାଡି ଇତ୍ୟାଦିରୁ ନିର୍ଗତ ଗ୍ୟାସୀୟ ଧୂଆଁରୁ ବାହାରୁଥିବା କାର୍ବନ ଅକ୍ସାଇଡ୍, ନାଇଟ୍ରୋ ଅକ୍ସାଇଡ ବାୟୁରେ ମିଶି ଏହାକୁ ଦୂଷିତ କରିଥାଏ । ବିଶେଷକରି ବିଦ୍ୟୁତ୍ ପ୍ରକଳ୍ପସାର, ସ୍ପଞ୍ଜ ଆଇରନ ଓ ଆଲୁମିନିୟମ କାରଖାନା ଗୁଡିକ ଦ୍ୱାରା ଭୟଙ୍କର ବାୟୁ ପ୍ରଦୂଷଣ ହେଉଅଛି ।

ବାୟୁରେଥିବା କୌଣସି ଦ୍ରବ୍ୟ ଯଦି ପାରିପାର୍ଶ୍ୱିକ କିମ୍ବା ମାନବ ସମାଜର କ୍ଷତି ଘଟାଏ ତାହାକୁ ଆମେ ବାୟୁ ଦୂଷିତ ହେଲା ବୋଲି ବିଚାର କରୁ । ଏହା କଠିନ କିମ୍ବା ତରଳ ବିନ୍ଦୁ ସଦୃଶ କିମ୍ବା ବାଷ୍ପୀୟ ହୋଇପାରେ । ଅନ୍ୟପକ୍ଷରେ ଏହା ମଧ୍ୟ ମାନବକୃତ ହୋଇପାରେ । ମୁଖ୍ୟତଃ ଏହା ଦୁଇ ପ୍ରକାରର । ଯଥା- ପ୍ରାଇମେରୀ ଏବଂ ସେକେଣ୍ଡାରୀ ।

ପ୍ରାଇମେରୀ ପ୍ରଦୂଷଣ ସିଧା ସଳଖ ଆଗ୍ନେୟ ଉଦ୍‌ଗୀରଣ, ଗାଡି ମଟରରୁ ନିର୍ଗତ କାରବନ ଅକ୍ସାଇଡ କିମ୍ବା କଳ କାରଖାନାରୁ ନିର୍ଗତ ସଲଫର ଅକ୍ସାଇଡ ପ୍ରଭାବରୁ ହୋଇଥାଏ । କୃଷି ଜାତୀୟ ପଦାର୍ଥର ପ୍ରକ୍ରିୟାକରଣରୁ ଆମୋନିଆ ସୃଷ୍ଟି ହୋଇ ବାୟୁକୁ ମଧ୍ୟ ଦୂଷିତ କରିଥାଏ । ଏହା ବ୍ୟତିତ ବାହାରେ ଫୋପଡା ହୋଇଥିବା ବାସି, ଦୁର୍ଗନ୍ଧ ଗ୍ୟାସ ବାୟୁରେ ମିଶି ବାୟୁ ପ୍ରଦୂଷଣ କରିଥାଏ । ଧୂପ, ପେଣ୍ଟସ୍,କେଶକଳା କରିବା ପାଇଁ ବ୍ୟବହୃତ ବିଭିନ୍ନ ରାସାୟନିକ ତୈଳ, ବାର୍ଣ୍ଣିସ ଇତ୍ୟାଦିରୁ ମଧ୍ୟ ବାୟୁ ଦୂଷିତ ହୋଇଥାଏ। ଜମିରେ ବ୍ୟବହୃତ ହେଉଥିବା ରାସାୟନିକ ଔଷଧ, ଟକ୍ସିକ ଗ୍ୟାସ ଏବଂ ପରମାଣୁ ଯୁଦ୍ଧ ଉପକରଣ ଇତ୍ୟାଦିରୁ ଧୂଆଁ,ଜଙ୍ଗଲରେ ନିଆଁ ଲାଗି ସେଥିରୁ ନିର୍ଗତ କାର୍‌ବନ ଅକ୍ସାଇଡ, ପୋଡାପଲିଥିନ କିମ୍ବା ପ୍ଲାଷ୍ଟିକରୁ ନିର୍ଗତ ଧୂଆଁ ବାୟୁକୁ ଦୂଷିତ କରିଥାଏ । ଟ୍ରଫିକ୍ ଜନିତ ସମସ୍ୟାରୁ ମଧ୍ୟ ବଡ ବଡ ସହରରେ ବାୟୁ ଦୂଷିତ ହୋଇଥାଏ । ବିପୁଳ ପରିମାଣର କୃଷି ବର୍ଜ୍ୟ ପଦାର୍ଥକୁ ଖୋଲା ସ୍ଥାନରେ ପୋଡିବା ଦ୍ୱାରା ନିର୍ଗତ ଧୂଆଁରୁ ବାୟୁ ପ୍ରଦୂଷଣ ହୋଇଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର ରିପୋର୍ଟ ଅନୁଯାୟୀ ପ୍ରଦୂଷଣଯୁକ୍ତ ବାୟୁ ମନୁଷ୍ୟର ଶ୍ୱାସକ୍ରିୟା, ହୃଦରୋଗ, ଫୁସ୍‌ଫୁସ୍ କ୍ୟାନସର ଇତ୍ୟାଦିର କାରଣ ହୋଇପାରେ । ଏହା ଶ୍ୱାସ ପ୍ରଶ୍ୱାସ ନେବା ଓ କାଶିବା ଇତ୍ୟାଦିରେ ବିଶେଷ କୁ ପ୍ରଭାବ ପକାଇଥାଏ । ଏହାଦ୍ୱାରା ଆମକୁ ବାରମ୍ବାର ଡାକ୍ତର ଖାନାକୁ ଯିବାକୁ ପଡିଥାଏ । ଏପରିକି ବେଳେ ବେଳେ ଏହା ମୃତ୍ୟୁର କାରଣ ହୋଇଥାଏ । ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର ଆକଳନ ଅନୁଯାୟୀ ଅନ୍ତଃ ଏବଂ ବାହ୍ୟ ଦୂଷିତ ବାୟୁର ପ୍ରଭାବରେ ବାର୍ଷିକ ପୃଥିବୀରେ ପ୍ରାୟ ୩୩ ନିୟୁତ ଜନ ସାଧାରଣଙ୍କର ମୃତ୍ୟୁ ହୋଇଥଏ । ମନୁଷ୍ୟର ଆୟୁଷ କମିବାରେ ଦୂଷିତ ବାୟୁ ମଧ୍ୟ ଏକ କାରଣ । ପୃଥିବୀର ବିଭିନ୍ନ ସହରରେ ବାସ କରୁଥିବା ଶିଶୁମାନେ ଉଚ୍ଚ ବାୟୁ ପ୍ରଦୂଷଣ ଯୋଗୁଁ କାଶ, ଥଣ୍ଡା,ନିମୋନିଆ ଏବଂ ଅନ୍ୟାନ୍ୟ ଶ୍ୱାସ ଜନିତ ରୋଗରେ ପୀଡିତ ହେବା ଉପରୋକ୍ତ ବିଶ୍ୱ ସଂସ୍ଥାର ରିପୋର୍ଟରୁ ଜଣାଯାଏ ।

୧୯୮୪ ମସିହା ନଭେମ୍ବର ମାସରେ ଭାରତର ଭୋପାଳ ସହରସ୍ଥିତ ୟୁନିୟନ କାରବାଇଡ ଫ୍ୟାକ୍ଟରୀରୁ ନିର୍ଗତ ଆମୋନିଆ ଗ୍ୟାସର ପ୍ରଭାବରେ ହଜାର ହଜାର ଲୋକ ମୃତ୍ୟୁବରଣ କରିବା ସହ କେତେକ ଅନ୍ଧ ହୋଇ ଯାଇଥିଲେ ଯାହାର ପ୍ରଭାବ ଆଜି ପର୍ଯ୍ୟନ୍ତ ଲାଗି ରହିଛି । ବିକଶିତ ଦେଶ ମାନଙ୍କରେ ଅତ୍ୟନ୍ତ ବାୟୁ ପ୍ରଦୂଷଣ କାରଣରୁ ହୃଦଘାତଜନିତ ମୃତ୍ୟୁ ସଂଖ୍ୟା ବେଳକୁ ବେଳ ବୃଦ୍ଧି ହେବାରେ ଲାଗିଛି । ସଂପ୍ରତି ବାୟୁ ପ୍ରଦୂଷଣ ସମଗ୍ର ବିଶ୍ୱରେ ଏକ ଜଟିଳ ସମସ୍ୟାରୂପେ ପରିଣତ ହୋଇଛି । ୱେଷ୍ଟ ଇଂଲଣ୍ଡର ବ୍ରିଷ୍ଟଲସ୍ଥିତ ବିଶ୍ୱବିଦ୍ୟାଳୟର ଦୁଇ ପ୍ରଫେସର ଗ୍ରାହାମ୍‌ପାରଖ୍ରଷ୍ଟ ଏବଂ ଡଃ ଟିମ୍ ଚାଟରନ୍ ସେମାନଙ୍କର ସଦ୍ୟ ପ୍ରକାଶିତ ଏକ ରିପୋର୍ଟରେ ଉଲ୍ଲେଖ କରିଛନ୍ତି ଯେ ବ୍ରିଟେନରେ ପ୍ରତିବର୍ଷ ବାୟୁପ୍ରଦୂଷଣ କୁ ପ୍ରଭାବରୁ ୫୦ ହଜାରରୁ ଅଧିକ ଲୋକ ପ୍ରାଣ ହରାଉଛନ୍ତି । ଏପରିକି ଟ୍ରାଫିକ ଦୁର୍ଘଟଣା ଜନିତ ମୃତ୍ୟୁଠାରୁ ମଧ୍ୟ ପ୍ରଦୂଷଣ ଜନିତ ମୃତ୍ୟୁ ସଂଖ୍ୟା ଢେର ଅଧିକ । ସେହିପରି "ଲାନସେଟ୍' ନାମକ ଏକ ଅଗ୍ରଣୀ ଚିକିତ୍ସା ପତ୍ରିକାରେ ପ୍ରକାଶିତ ହୋଇଛି ଯେ ଭାରତରେ ପ୍ରଦୂଷିତ ବାୟୁ ଶ୍ୱାସକ୍ରିୟାରେ ଗ୍ରହଣ କରି ପ୍ରତିମିନିଟରେ ଦୁଇ ଜଣଙ୍କର ମୃତ୍ୟୁ ହେଉଛି । ଏକ ନୂଆ ରିପୋର୍ଟ ଅନୁଯାୟୀ ବାୟୁପ୍ରଦୂଷଣ ଯୋଗୁ ବିଶ୍ୱରେ ଯେତେ ଅକାଳ ମୃତ୍ୟୁ ଘଟୁଛି ତାହାର ଅର୍ଦ୍ଧ ପ୍ରତିଶତରୁ ଅଧିକ ଭାରତ ଓ ଚାଇନାରେ ଘଟିଥାଏ । ଅତି ଛୋଟ କଣିକା ଦ୍ୱାରା ଭାରତ ଓ ଚାଇନାରେ ଫୁସ୍ ଫୁସ୍ ଜନିତ ମୃତ୍ୟୁ ଘଟଣା ବେଳକୁ ବେଳ ବୃଦ୍ଧି କରିବାରେ ଲାଗିଛି । ଏହା "ଷ୍ଟେଟ୍ ଅଫ୍ ଗ୍ଲୋବାଲ୍ ଏୟାର୍ ୨୦୧୭' ରିପୋର୍ଟରେ କୁହାଯାଇଛି । ବାୟୁମଣ୍ଡଳରେ ଭାସମାନ ଅବସ୍ଥାରେ ଥିବା ବିଷାକ୍ତ ସୂକ୍ଷ୍ମ କଣିକାକୁ କ୍ରମାଗତ ଭାବେ ଶ୍ୱାସ ପ୍ରଶ୍ୱାସରେ ନେବାଦ୍ୱାରା ସୁସ୍ଥ ଲୋକଟିଏ



ଖୁବ୍ କମ ସମୟରେ ବିଭିନ୍ନ ଜ୍ୱର ରୋଗର ଶିକାର ହୋଇଥାଏ । ଉପରୋକ୍ତ ବାର୍ଷିକ ରିପୋର୍ଟରେ ମଧ୍ୟ ପ୍ରକାଶ ପାଇଛି ଯେ ୧୦ଟି ଅଧିକ ଜନବହୁଳ ସମେତ ଯୁରୋପୀୟ ଯୁନିୟନ, ବାଂଲାଦେଶ ଏବଂ ଭାରତରେ ୨୦୧୦ ମସିହାଠାରୁ ବାୟୁପ୍ରଦୂଷଣ ଜନିତ ମୃତ୍ୟୁ ସଂଖ୍ୟା ବର୍ଷକୁ ବର୍ଷ ବୃଦ୍ଧି ପାଇବାରେ ଲାଗିଛି । ଏହା ବିଶ୍ୱ ପାଇଁ ଏକ ଉଦ୍‌ବେଗଜନକ ବିଷୟ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ପରିବେଶ ସୁରକ୍ଷା ପାଇଁ ବାୟୁ ପ୍ରଦୂଷଣ ହ୍ରାସ ନିତାନ୍ତ ଜରୁରୀ, ଏଥିପାଇଁ ସମାଜରେ ଆମ ସମସ୍ତଙ୍କର ସହଯୋଗ ଏକାନ୍ତ ଆବଶ୍ୟକ । ଯେଉଁ କଳ କାରଖାନାମାନଙ୍କ ଯୋଗୁଁ ପରିବେଶ ଦୂଷିତ ହେଉଅଛି ତାହାକୁ ସରକାର ଚିହ୍ନଟ କରି ପ୍ରତିକାର ପାଇଁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ । ଓଡିଶାରେ ଶିଳ୍ପ ସଂସ୍ଥାଗୁଡିକ ପ୍ରଦୂଷଣ ନିୟନ୍ତ୍ରଣ କରିବାପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅନଲାଇନ ମନିଟରିଂ ବ୍ୟବସ୍ଥା କରିଛନ୍ତି । ପି.ସି.ବି ଇମ୍‌ସ୍ ଲଗାଇ ପ୍ରଦୂଷଣ ନିୟନ୍ତ୍ରଣ କରୁଥିଲେ ମଧ୍ୟ ବାସ୍ତବରେ ଆମ ରାଜ୍ୟରେ ବିଶେଷକରି ପାରାଦ୍ୱୀପ, ଯାଜପୁର, ଅନୁଗୁଳ, ରାଉରକେଲା ଭଳି ସ୍ଥାନରେ ଶିଳ୍ପସଂସ୍ଥା ମାନଙ୍କଦ୍ୱାରା ସାଂଘାତିକ ବାୟୁପ୍ରଦୂଷଣ ହେଉଅଛି । ମୁଖ୍ୟ ରାସ୍ତାର ଦୁଇ ପାର୍ଶ୍ୱରେ ପ୍ରର୍ଯ୍ୟାପ୍ତ ଗଛ ଲଗାଇ ଗାଡି ମଟରରୁ ନିର୍ଗତ ଧୂଆଁର ଭୀଷଣତାକୁ ହ୍ରାସ କରିବା ସହ ଜନ ସାଧାରଣଙ୍କର ସ୍ୱାର୍ଥ ଦୃଷ୍ଟିରୁ ସରକାର ପରିବେଶ ସୁରକ୍ଷା ଆଇନକୁ କଡ଼ାକଡ଼ି ଭାବରେ ଲାଗୁ କରିଲେ ସମାଜର ଅଶେଷ କଲ୍ୟାଣ ସାଧନ ହେବ। ପ୍ରଦୂଷଣ ରୋକିବା ଲାଗି ଜନସାଧାରଣ ଏବଂ ସରକାର ଏବେଠାରୁ ସଚେତନ ନହେଲେ ଭବିଷ୍ୟତରେ ନେଡିଗୁଡ କହୁଣୀକୁ ବୋହିଯିବାର ସମ୍ଭାବନା ।

**ପ୍ଲଟ ନଂ-ଏନ୍.-୫/୨୨୩**
**ଆଇ. ଆର.ସି.ଭିଲେଜ,ଭୁବନେଶ୍ୱର-୧୫**

# ଫୁଲ

ଭାରତୀ ଦାଶ


ନୈବେଦ୍ୟରେ ତୁ ନିବେଦନରେ ତୁ
ପୂଜାର ଆବାହନୀରେ ତୁ
ଭକ୍ତିର ପୁଷ୍ପାଞ୍ଜଳିରେ ତୁ
ପ୍ରକୃତି ରାଣୀର ମଥାରେ ଶୋଭିତ ମଥାମଣି ତୁ ।।

ତୋ ରୂପ ଶୋଭାରେ ନା ଅଛି ତୁଳନା
ନା ଅଛି ପଟାନ୍ତର
ସବୁ ଅମୂଲ ଦରବ ତୋ ଆଗରେ ଲାଗେ ତୁଚ୍ଛ ଛାର
ତୋ ପାଇଁକି ସାର୍ଥକ ଲଭେ ବିଭୁ ଅର୍ଚ୍ଚନ ପୂଜନ
ଥାଉ ପଛେ ଯେତେ ସବୁ ମୋତି ମାଣିକ୍ୟର ଅଳଙ୍କାର ।।

ତୋ ରୂପରେ ବିମୋହିତ ବିଭୁଙ୍କର ମନ
ତୋ ବାସ୍ନାରେ ମହକି ଉଠେ ମନ୍ଦିର ଅଂଗନ ।।
ପ୍ରଣବର ଓଁକାରରେ 'ନାଭି କମଳ' ବି ତୁ
ପ୍ରଳୟ ଜଳରେ ଭରସାର ନାବ ଅଟୁ ତୁ......
ତୋ ଶୋଭାରେ ରତ୍ନ ହୁଏ ରତ୍ନରାଜରେ ଶୋଭିତ
ତୋ ଗାଥା ବର୍ଣ୍ଣନାରେ ଶତମୁଖ କବି କି ଭାବୁକ ।

ବିଭୁ ଆଶୀର୍ବାଦରେ ଝରୁଥିବା କରୁଣା ଜଳ ତୁ ।
ସ୍ମୃତିର ସମାଧିରେ ଝରା ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ ତୁ ।।
ପ୍ରେମ ନିବେଦନରେ ପ୍ରୀତିର ସ୍ତବକଟିଏ ତୁ
ଶୁଭେଚ୍ଛା ଅର୍ପଣରେ ଦିବ୍ୟ ଉପହାର ତୁ ।।
ତୁ ହିଁ ଅଟୁ ତୋର ତୁଳନା
ତୋ ସଂଗେ ସରି ନୁହେଁ ସ୍ୱର୍ଗୀୟ ସୁଷମା ।।

ତୋପରି ମନରେ ମୋର ଥାଉ କୋମଳତା କର୍ମରେ ହରଷ
ସଭିଙ୍କୁ ମୁଁ ବିତରୁଥାଏ ସେବାର ପୀୟୁଷ ।।



**ସା/ପୋ- ଗୋପାଳପୁର**
**ଜି- ଜଗତସିଂହପୁର,**
**ପିନ୍- ୭୫୪୦୪୧**
**ମୋ- ୯୧୭୮୭୩୧୯୧୧**

# ସେଇ ପାନଖିଲଟି

ଡ. ରାମଚନ୍ଦ୍ର ଦେଓ

ରାଜା ଲାଙ୍ଗୁଳା ନରସିଂହଦେବଙ୍କ ଆଦେଶରେ କୋଣାର୍କର ସୂର୍ଯ୍ୟ ମନ୍ଦିରର ନିର୍ମାଣ କାମ ଚାଲିଥାଏ। ଓଡ଼ିଶାର ବଛା ବଛା ଶିଳ୍ପୀମାନେ ସେଇ କାର୍ଯ୍ୟ କରିବା ପାଇଁ ନିଯୁକ୍ତ ହୋଇଥାନ୍ତି। ପରିକଳ୍ପିତ ନକ୍ସା ଅନୁସାରେ ଶିଳ୍ପୀମାନେ ପଥର କାଟି ଗୋଟିଏ ପରେ ଗୋଟିଏ ମୂର୍ତ୍ତି ଗଢ଼ିଚାଲିଥାନ୍ତି। ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ମନ୍ଦିରର ନିର୍ମାଣ କାର୍ଯ୍ୟ ଶେଷ ହେବାପାଇଁ ରାଜାଦେଶ ଥିବାରୁ ଶିଳ୍ପୀମାନେ ନିଜ ନିଜ କାର୍ଯ୍ୟରେ ତତ୍ପର ଥିଲେ। ଗୋଟିଏ ଦିନ ବି ଏପଟ ସେପଟ ହେବାର ସମ୍ଭାବନା ନଥିଲା। ଶିଳ୍ପୀମାନେ ନିଜ ନିଜର ସମସ୍ତ ଶୈଳ୍ପିକ ଚାତୁରି ଖଟାଇ ମୂର୍ତ୍ତି ଗଢ଼ିବାରେ ଲାଗିଥାନ୍ତି। ଏ ସମସ୍ତ କାର୍ଯ୍ୟ ତଦାରଖ କରିବା ପାଇଁ ଲୋକ ନିଯୁକ୍ତ ହୋଇଥାନ୍ତି। ଏହା ବ୍ୟତୀତ କାମ ଠିକ୍ ଭାବରେ ପରିଚାଳିତ ହେଉଛି କି ନା ପର୍ଯ୍ୟବେକ୍ଷଣ କରିବା ପାଇଁ ସ୍ୱୟଂ ରାଜା ଓ ରାଣୀ ମଧ୍ୟ ମଝିରେ ମଝିରେ ଦେଖିବାକୁ ଆସୁଥିଲେ। ଶିଳ୍ପୀମାନଙ୍କର କର୍ମ ଚଞ୍ଚଳ ହାତର କୁଶଳତା ଓ ସେମାନଙ୍କର ଏକାଗ୍ରତା ଦେଖି ରାଜା ନିଜେ ମୁଗ୍ଧ ହୋଇଯାଉଥିଲେ।

ଦିନେ ରାଜା ଶିଳ୍ପୀମାନଙ୍କର କାର୍ଯ୍ୟ ଦେଖୁ ଦେଖୁ ଜଣେ ଶିଳ୍ପୀଙ୍କ ନିକଟରେ ପାଦ ତାଙ୍କର ଅଟକି ଗଲା। ଶିଳ୍ପୀଙ୍କର କାର୍ଯ୍ୟ କରିବାର ପ୍ରଣାଳୀ ଓ ଏକାଗ୍ରତା ଅନ୍ୟ ଶିଳ୍ପୀମାନଙ୍କଠାରୁ ଥିଲା ଭିନ୍ନ। ଟିକିଏ ଦୂରରେ ଥାଇ ସେ ଶିଳ୍ପୀଙ୍କର ଅଦ୍ଭୁତ ନିବିଷ୍ଟତା ଲକ୍ଷ୍ୟ କରିବାକୁ ଲାଗିଲେ। ସେ ଦେଖିଲେ, ବାମ ହାତରେ ଧରିଥିବା ଶିଳ୍ପୀଙ୍କର ଶାଣିତ ଛେଣି ଡ଼ାହାଣ ହାତରେ ଧରିଥିବା ହାତୁଡ଼ିର ମୃଦୁ ଆଘାତରେ ଖଣ୍ଡିଏ ପଥରର କ୍ଷୁଦ୍ର କ୍ଷୁଦ୍ର ଅଂଶ ତଳକୁ ଖସି ପଡୁଛି ଓ ସେ ସ୍ଥାନରେ ସୁନ୍ଦର ନୃତ୍ୟ ଭଙ୍ଗୀର ମୂର୍ତ୍ତିଟିଏ ଦୃଶ୍ୟମାନ ହେଉଛି। ମୂର୍ତ୍ତି ଉପରେ ଶିଳ୍ପୀଙ୍କର ଆଖି ଲାଖି ରହିଥାଏ। ସେ ନିଜ କାମରେ ଏମିତି ନିମଜ୍ଜି ଯାଇଥିଲେ ଯେ କେବଳ ସେଇ ପଥର ଖଣ୍ଡିକ ବ୍ୟତୀତ ଅନ୍ୟ କିଛି ସେ ଦେଖିପାରୁନଥିଲେ କି ନିହାଣ-ହାତୁଡ଼ିର ନିରଳସ ଠୁକୁ ଠୁକୁ ଶବ୍ଦ ତାଙ୍କ କାନରେ ତରଙ୍ଗ ସୃଷ୍ଟି କରିପାରୁନଥିଲା। ଶିଳ୍ପୀର ମନପ୍ରାଣ ଓ ଚେତନା ସବୁକିଛି ଯେମିତି ସେଇ ପଥର ମଧ୍ୟରେ ହଜିଯାଇଛି। ଅନ୍ୟକିଛି ପ୍ରତି ତାଙ୍କର ବିନ୍ଦୁମାତ୍ର ଖିଆଲ ମଧ୍ୟ ନାହିଁ। ଏକାଗ୍ର ଚିତ୍ତରେ କାର୍ଯ୍ୟ କରୁଥିବାବେଳେ ମଝିରେ ମଝିରେ ଶିଳ୍ପୀଙ୍କର ଗୋଟିଏ ହାତ ପଛକୁ ଲମ୍ବି ଆସୁଥାଏ ଓ ପଛରେ ଥିବା ତାଙ୍କର ଅନ୍ୟଜଣେ ସହକର୍ମୀ ତାଙ୍କ ହାତରେ ଗୁଞ୍ଜି ଦେଉଥିଲେ ପାନଖିଲଟିଏ। ପାନଖିଲଟି ତାଙ୍କର ହାତ ସ୍ପର୍ଶ କଲାମାତ୍ରେ ସେ ତାକୁ ନିଜ ପାଟିରେ ଗୁଞ୍ଜିଦେଇ ପୁନରାୟ ନିଜ କାମରେ ପୂର୍ବପରି ଲାଗିଯାଉଥିଲେ। ଏଥିପାଇଁ ସେ ଟିକିଏ ବି ସମୟ ନଷ୍ଟ କରୁନଥିଲେ କି ପଛକୁ ଅନାଇ କାହାରିକୁ ଦେଖିବାର କିମ୍ବା କିଛି କହିବାର ଅବକାଶ ଯେମିତି ତାଙ୍କର ନଥିଲା। ତାଙ୍କର ଦୃଷ୍ଟି ତାଙ୍କ ସୃଷ୍ଟ ପଥର ମୂର୍ତ୍ତି ଉପରେ ନିବଦ୍ଧ ଥିଲା, କ୍ଷଣିକ ପାଇଁ ମଧ୍ୟ ଏପଟ ସେପଟ ହେଉନଥିଲା। ତାଙ୍କର ଲକ୍ଷ୍ୟ ସ୍ଥିର ରହିଥିଲା ଅର୍ଦ୍ଧ ନିର୍ମିତ ଶିଳ୍ପକୀର୍ତ୍ତି ଉପରେ। ନିରନ୍ତର କାର୍ଯ୍ୟଜନିତ କ୍ଳେଶ ଦୂର ପାଇଁ ସେଇ ପାନଖିଲଟି ଯେମିତି ତାଙ୍କ ହାତ ଦୁଇଟିକୁ ଅଧିକ କର୍ମ ଚଞ୍ଚଳ କରୁଥିଲା ଓ ସେ ଏକାଗ୍ର ଚିତ୍ତରେ ତାଙ୍କରି କଳ୍ପିତ ମୂର୍ତ୍ତି ନିର୍ମାଣରେ ପୁଣି ନିମଜ୍ଜିତ ହୋଇ ଉଠୁଥିଲେ। ନିଜ କାମରେ ସେ ଏମିତି ନିବଦ୍ଧ ଥିଲେ ଯେ ତାଙ୍କ ହାତକୁ ପାନଖିଲ ବଢ଼ାଉଥିବା ଲୋକଟି ପ୍ରତି ଥରେ ବି ଅନେଇବାର ଅବକାଶ ତାଙ୍କର ନଥିଲା।

ରାଜା ଓ ରାଣୀ ଶିଳ୍ପୀର ଏ ପ୍ରକାର କର୍ତ୍ତବ୍ୟ ନିଷ୍ଠା ଦେଖି ଆଶ୍ଚର୍ଯ୍ୟ ହୋଇଗଲେ। ଶିଳ୍ପୀର ଶିଳ୍ପ ପରାକାଷ୍ଠା ଦେଖି ସେମାନଙ୍କ ମଥା ନତ ହୋଇଗଲା। କୌତୂହଳ ବଶତଃ ରାଜା ଶିଳ୍ପୀର ସହକର୍ମୀ ସ୍ଥାନରେ ଛିଡ଼ାହୋଇ ତାଙ୍କର କାର୍ଯ୍ୟକଳାପ ନିର୍ନିମେଷ ନେତ୍ରରେ ନିରୀକ୍ଷଣ କରିବାକୁ ଲାଗିଲେ। କିଛି ସମୟ ପରେ ଅଭ୍ୟାସ ବଶତଃ ସେଇ ଶିଳ୍ପୀଙ୍କର ହାତ ପାନପାଇଁ ପୁଣି ପଛକୁ ଲମ୍ବି ଆସିଲା। ରାଜା ସଙ୍ଗେ ସଙ୍ଗେ ନିଜ ପାନରୁ ଖଣ୍ଡିଏ ଶିଳ୍ପୀର ହାତରେ ଥୋଇଦେଲେ। ଶିଳ୍ପୀ ପୂର୍ବପରି ପାନଟି ପାଟିରେ ଦେଇ ନିଜର କାମରେ ପୁଣି ମନଦେଲେ। କିନ୍ତୁ ଏ କଣ, ଏ ପାନଟି ତ ସେ ପାନ ନୁହେଁ, ଭିନ୍ନ ସ୍ୱାଦର ଏକ ନିଆରା ପାନ। ଏମିତି ସୁବାସିତ ପାନ ତାଙ୍କର ଜିହ୍ୱା କେବେ ସ୍ପର୍ଶ କରିନଥିଲା। ପାନଟିର ଏ ଅପୂର୍ବ ସ୍ୱାଦ ଲାଭ କଲାପରେ ତାଙ୍କ ହାତର ହାତୁଡ଼ି ଯେଉଁଠିଥିଲା ସେଇଠି ଅଟକିଗଲା। ଛେଣିଟି ହାତୁଡ଼ିର ଆଘାତ ନପାଇ ପଥର ଦେହରେ ସେମିତି ଲାଖି ରହିଲା। ସେ ମୁହଁ ବୁଲାଇ ପଛକୁ ଅନାଇଲେ। ଦେଖିଲେ ସ୍ୱୟଂ ରାଜା ନରସିଂହଦେବ ହସ ହସ ବଦନରେ ତାଙ୍କୁ ଅନେଇଛନ୍ତି। ନିଜେ ରାଜା ଯେ ତାଙ୍କ ସହକର୍ମୀର ସ୍ଥାନରେ ରହି ତାଙ୍କୁ ପାନ ଦେଇଛନ୍ତି ଏକଥାରେ ତାଙ୍କର ଆଉ ସନ୍ଦେହ ରହିଲାନାହିଁ। ଛେଣି ଓ ହାତୁଡ଼ିକୁ ତଳେ ରଖି ଶିଳ୍ପୀ ହାତଯୋଡ଼ି ରାଜା-ରାଣୀଙ୍କୁ ପ୍ରଣାମ କଲେ। ଭୟ ଓ ସଙ୍କୋଚରେ ସର୍ବାଙ୍ଗ ଶରୀର ତାଙ୍କର କଦଳୀପତ୍ର ପରି ଥରିବାକୁ ଲାଗିଲା। ନିଜର ଭୁଲ ପାଇଁ ସେ ରାଜାଙ୍କର ପାଦତଳେ ପଡ଼ି କ୍ଷମା ପ୍ରାର୍ଥନା କଲେ। ରାଜା ଶିଳ୍ପୀଙ୍କୁ ତଳୁ ଉଠାଇ ନିଜ ଛାତିରେ ଜଡ଼େଇ ଧରି ତାଙ୍କର କର୍ମକୁଶଳତା ଓ ଏକନିଷ୍ଠ କର୍ତ୍ତବ୍ୟ ପରାୟଣତାର ଭୂୟସୀ ପ୍ରଶଂସା କରିବାକୁ ଲାଗିଲେ।

କୋଣାର୍କ ମନ୍ଦିର ନିର୍ମାଣ ଶେଷ ହେଲା। ସୂର୍ଯ୍ୟଦେବଙ୍କ ମୂର୍ତ୍ତି ପ୍ରତିଷ୍ଠା କରାଯାଇ ପୂଜା ଅର୍ଚ୍ଚନା ବି କରାଗଲା। କାଳକ୍ରମେ ମନ୍ଦିରଟି ମଧ୍ୟ ଭାଙ୍ଗି ନଷ୍ଟ ହେଲା। ରାଜା ନରସିଂହଦେବ କିମ୍ବା ସେ ଯୁଗର କର୍ତ୍ତବ୍ୟନିଷ୍ଠ ଶିଳ୍ପୀ କେହି ହେଲେ ଆଜି ଆଉ ନାହାନ୍ତି। ମାତ୍ର ଶିଳ୍ପୀର ସେଇ କଳା ନୈପୁଣ୍ୟହାତ ନିର୍ମିତ ମୂର୍ତ୍ତି ଆଜି ବି ଭଗ୍ନମନ୍ଦିର ଗାତ୍ରରେ ଜାଜ୍ୱଲ୍ୟମାନ ହୋଇଉଠୁଛି।

**ସଂପାଦକ, ଆମ ପରଶମଣି, ବାବୁସାହି,**
**ବାରିପଦା- ୭୫୭୦୦୧,**
**ମୋ : ୯୪୩୭୪୯୧୨୧୪**

(ଏବେ, କେବେ, କୋଉଠି- ୫୫)

# ଚାବି ଓ ହାତୁଡ଼ି



ସତ୍ୟନାରାୟଣ ସାମନ୍ତରାୟ (ସତ୍ୟକଞ୍ଚ)

କାରଣ, ସିଏ ଜଣେ ବ୍ୟଙ୍ଗକବି ! ଜଣାଶୁଣା ହାସ୍ୟାଭିନେତା। ବ୍ୟଙ୍ଗଛଳରେ ଶୁଖିଲାକାଠ ଓ ନିରସ ପଥରରୁ ସିଏ ପାଣି ବାହାର କରିପାରନ୍ତି। ଟି.ଭି. ଚ୍ୟାନେଲ୍‌ମାନଙ୍କରେ ଢ଼େର୍ କାଟ୍‌ତି। କେତେ କେତେ କବି ଆସରରେ ତାଙ୍କ ମନମୋହକ ବ୍ୟଙ୍ଗକବିତା ଶ୍ରୋତା ଓ ଦର୍ଶକଙ୍କୁ ଆମୋଦିତ କରେ। ମନରେ ମାଦକତା ଆଣେ। କେତେ ବାଗରେ, କେତେ ଢଙ୍ଗରେ ବ୍ୟଙ୍ଗକୁ ମାଧ୍ୟମକରି ସମାଜରେ ଘଟୁଥିବା ବିଭିନ୍ନ ଘଟଣା, ଦୁର୍ଘଟଣା, ଭାବନା ଓ ସମ୍ଭାବନାମାନଙ୍କୁ ନିଜସ୍ୱ ଶୈଳୀରେ ସିଏ କଟାକ୍ଷ କରିଥା'ନ୍ତି। ରାଜନେତାମାନଙ୍କର ଖାଣ୍ଟି ବଇରୀ। ଟିକିଏ ଖଇଚାର ଆଭାସ ପାଇଲେ ଅନେକ କଥା ଯୋଡ଼ି ପ୍ରସଙ୍ଗକୁ ମନମତାଣିଆ କରିବାର କୌଶଳ ତାଙ୍କୁ ଜଣା। ଚାକିରିଆ କିମ୍ବା ଅଫିସରମାନଙ୍କର ଦୋଷ-ଦୁର୍ଗୁଣକୁ କବିତା ମାଧ୍ୟମରେ ଉଗାଳି ପକାଇଲାବେଳେ ଶ୍ରୋତା ଖୁବ୍ ନିବିଷ୍ଟହୋଇ ତାଙ୍କ ସହ ତାଙ୍କ କଥାକୁ ଉପଭୋଗ କରିଥା'ନ୍ତି। ବିଭିନ୍ନ ସଭାସମିତି, ଉତ୍ସବାନୁଷ୍ଠାନରେ ପରିବେଷଣ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମମାନଙ୍କରେ ଯୋଗଦେଇ ହାସ୍ୟରସ ପରିବେଷଣକରି ବେଶ୍ କିଛି ମୋଟାଅଙ୍କ ବି ଆଦାୟ କରନ୍ତି। ମୋଟାମୋଟି ଭାବରେ ଆଜିକା ସମାଜ ଓ ସମୟରେ ସିଏ ଜଣେ ଆଗଧାଡ଼ିର ବ୍ୟଙ୍ଗକାର। ଏହି ବୃତ୍ତିକୁ ସିଏ ନିଜସ୍ୱ କରି ସାରିଥିବାବେଳେ, ପ୍ରକୃତରେ ସିଏ ଜଣେ ସରକାରୀ ବେତନଭୋଗୀ ଶିକ୍ଷକ। ସରକାରଙ୍କ ରାଜକୋଷ ତାଙ୍କୁ ପ୍ରତିମାସରେ ଚାଳିଶି ହଜାରରୁ ଉର୍ଦ୍ଧ୍ୱ ଦରମାଦେଇ ପାଳିପୋଷି ରଖିଛି। ମାତ୍ର, କାର୍ଯ୍ୟଦିବସମାନଙ୍କରେ ଏସବୁ ସଭାସମିତି ଓ ଚାନେଲ୍ ସୁଟିଂ କାର୍ଯ୍ୟ ଅନାୟାସରେ ସିଏ କରିପାରନ୍ତି। କାରଣ, ସିଏ ଜଣେ ବ୍ୟଙ୍ଗକବି !

ଏ ବିଷୟରେ ସେଦିନ ନୀଳାମ୍ବର ମୋ ଆଗରେ ବର୍ଣ୍ଣନା କରୁଥିଲା। କୌଣସି ଏକ ଦିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ନୀଳାମ୍ବରର ତାଙ୍କ ସହ ଦେଖା ହେଲା। ଦୈବାତ୍ ସେ ଦିନଟି ଗୋଟିଏ କାର୍ଯ୍ୟଦିବସ ଥାଏ। ହଠାତ୍ ନୀଳାମ୍ବର ତାର ସ୍ୱଭାବସୁଲଭ ଢଙ୍ଗରେ ତାଙ୍କୁ ପଚାରିଲା, ଆପଣ କାର୍ଯ୍ୟଦିବସମାନଙ୍କରେ ଏସବୁ କାର୍ଯ୍ୟକ୍ରମରେ କିପରି ଯୋଗଦିଅନ୍ତି ? ପୁଣି ଆପଣଙ୍କର ଟି.ଭି. କାର୍ଯ୍ୟକ୍ରମ ପାଇଁ ସୁଟିଂ ବି ଅଛି। ଆପଣ କିପରି ଶିକ୍ଷକତା ସହିତ ଏସବୁ କାର୍ଯ୍ୟକ୍ରମରେ ସନ୍ତୁଳନ ରକ୍ଷାକରନ୍ତି ? କେତେ ବା ଛୁଟି ନିଅନ୍ତି ଆପଣ ? ବର୍ଷକୁ ତ ନିର୍ଦ୍ଦିଷ୍ଟ କେତେଟା ଦିନ ଛୁଟି ଥାଏ। ଆପଣ ଏତେ ଦିନ କିପରି ସ୍କୁଲ୍ ବାହାରେ ରହି କାମ କରନ୍ତି ?

ନୀଳାମ୍ବରର ଏପରି ଆକସ୍ମିକ କଥାରେ ହତ୍‌ବଢ଼େଇ ଗଲେ ବିଚରା ବ୍ୟଙ୍ଗକବି। ନିଜକୁ ବଞ୍ଚେଇବାପାଇଁ କିଛି ଅଜବ ଯୁକ୍ତି ବି ନୀଳାମ୍ବର ଆଗରେ ଥୋଇଲେ। ଯେପରି, ସେ କହିଲେ, "ଆମର ପ୍ରଧାନ ଶିକ୍ଷକ ହୁଅନ୍ତୁ ବା ଅଫିସର୍, ସେମାନେ ମୋର ଅନୁପସ୍ଥିତିକୁ ନେଇ କେବେ କିଛି ପ୍ରଶ୍ନ କରିନାହାଁନ୍ତି। କାରଣ, ସେମାନେ ଜାଣନ୍ତି ମୁଁ ଆଜି ଯୋଉଠି ପହଞ୍ଚିଛି କିମ୍ବା ଯୋଉଠି ବସିପାରୁଛି ଓ ଯୋଉମାନଙ୍କ ସହ ବସିପାରୁଛି, ସେମାନେ ସେଠି ବସିପାରିବେନାହିଁ।" ଏକଥା କହିଲାବେଳେ ସିଏ କୁଆଡ଼େ ଆତ୍ମସନ୍ତୋଷର ସହ ହସିଦେଇଥିଲେ।

ନୀଳାମ୍ବର ପୁଣି ପଚାରିଲା, ଆପଣ ଅନ୍ୟମାନଙ୍କୁ ସେମାନଙ୍କ କାମରେ ଭୁଲ୍ ଦର୍ଶାନ୍ତି। ସେମାନଙ୍କୁ ସେଥିପାଇଁ ବ୍ୟଙ୍ଗ ସହିବାକୁ ପଡ଼େ। ଅପଦସ୍ତ ହେବାକୁ ପଡ଼େ। ତେବେ ଆପଣଙ୍କର ଏପରିଭାବେ ନିଜ କର୍ତ୍ତବ୍ୟରେ ଆବହେଳା ପାଇଁ ଆପଣ ଭାବୁନାହାଁନ୍ତି କି, ଆପଣ ମଧ୍ୟ ନିଜ ଶରରେ ନିଜେ ଶଯ୍ୟାଶାୟୀ ହେବେ ବୋଲି ?

ସିଏ କହିଲେ, ବେଳେବେଳେ ଲାଗେ। ମାତ୍ର, ମୁଁ ସମାଜର ଗୋଟେ ବୃହତ୍ତର ସ୍ୱାର୍ଥ ପାଇଁ କାମ କରୁଛି।

ନୀଳାମ୍ବର ପଚାରିଲା, କୋଉଟା ବୃହତ୍ତର ସ୍ୱାର୍ଥ ? ଅନ୍ୟର କାମକୁ ସମାଲୋଚନା କରିବା ନା ନିଜ କାମକୁ ନେଇ ସମାଲୋଚିତ ନହେବା ପାଇଁ କାମ କରିବା ? ଗୋଟିଏ ପଟେ ପିଲାଙ୍କ ଭବିଷ୍ୟତ ଓ ଅନ୍ୟପଟେ ଦୁଶ୍ଚରିତ୍ର ( ? ) ମାନଙ୍କର ଚରିତ୍ର ସଂହାର ! ପିଲାଙ୍କୁ ବିଦ୍ୟାଳୟରେ ଉଚିତ୍‌ଶିକ୍ଷା ନଦେଇ ଭବିଷ୍ୟତ ପାଇଁ ଅନେକ ଦୁଶ୍ଚରିତ୍ର ସୃଷ୍ଟି କଲାଭଳି ଏହା ହେଉନାହିଁ କି ? ବ୍ୟଙ୍ଗ ମାଧ୍ୟମରେ ସମାଜରେ କି ପ୍ରକାର ପରିବର୍ତ୍ତନ ହେଉଛି ବା ନହେଉଛି ତାହା ବଡ଼କଥା ନୁହେଁ। ବଡ଼କଥା ହେଉଛି ବାହାଲି ହୋଇଥିବା କାର୍ଯ୍ୟରେ ଅମନଯୋଗୀ ହୋଇ ଆଉ ଯାହା ବି କଲେ ତାହା ସାମାଜିକ ସ୍ୱାର୍ଥର ପରିପନ୍ଥୀ, ଏକଥା ଭୁଲିଗଲେ ଚଳିବନାହିଁ।

ବ୍ୟଙ୍ଗକବି କହିଲେ, ତାହା ଠିକ୍ ହୋଇପାରେ। ମାତ୍ର ସମାଜକୁ ନୂତନ ଦିଗ୍‌ଦର୍ଶନ ଦରକାର। ମୁଁ ନହେଲେ ଆଉ ଯିଏ ବି ଏ କାମ କରିବ। ଆମ ଭିତରେ ସେ କଳାଟିକକ ଅଛି ବୋଲି ତ ଆମେ ପରିବେଷଣ କରିପାରୁଛୁ। ଲୋକଙ୍କୁ ହସେଇମଜେଇ ପାରୁଛୁ। ସମାଜକୁ ପରିବର୍ତ୍ତନର ବାର୍ତ୍ତା ଦେଉଛୁ। ଏଥିରେ ଆପଣ ଖୁସି ହେବା କଥା।

ଏକଥାରେ ନୀଳାମ୍ବର ଖୁସି ହେଲା କି ଦୁଃଖ କଲା, ତାହା ମୋତେ

ବ୍ୟକ୍ତ କରିନଥିଲା। କିନ୍ତୁ, ନୀଳାମ୍ବରର କଥା ଶୁଣି ମୋତେ ଲାଗିଲା, ତା ଭିତରେ ଯେମିତି ଏକ ବିଦ୍ରୋହର ସ୍ଫୁଲିଙ୍ଗ କୌଣସି ସୁଯୋଗର ଅପେକ୍ଷାରେ ଅଛି। ସମୟ ଆସିଲେ ତାହା ବିରାଟ ଏକ ବାଡ଼ବାଗ୍ନିର ରୂପ ଯେ ନନେବ ତାହା ଏବେଠାରୁ କଳନା କରିବା ଅସମ୍ଭବ। ତେବେ ନୀଳାମ୍ବରକୁ ପ୍ରବୋଧନା ଦେବାକୁ କହିଲି, ଏଭଳି ଲୋକମାନେ ଜନ୍ମଜନ୍ମାନ୍ତରେ ବି ସମାଜରେ କୌଣସି ପରିବର୍ତ୍ତନର ମଙ୍ଗ ଧରି ପାରିବେନି। ଯୋଉମାନେ ନିଜ ଶରୀରକୁ ଚିହ୍ନି ନାହାଁନ୍ତି, ସେମାନେ ଅନ୍ୟ ଭିତରର ଆତ୍ମାକୁ ଧରିପାରିଥିବାର ଆତ୍ମପ୍ରୌଢ଼ୀ କରନ୍ତି। ବିଡ଼ମ୍ବନା ଯେ, ଏମାନେ କେବଳ ଗୁଡ଼ାଏ ବାଡ଼େଇଛାଟି ହୁଅନ୍ତି। ଦେହହାତ ଦରଜ ହୁଏ ଓ ମଗଜ ଗରମ ହୁଏ। କାରଣ ସମାଜରେ ଯେଉଁ ପରିବର୍ତ୍ତନର କଥା ଏମାନେ କହନ୍ତି, ତାହା କିପରି ସମ୍ଭବହେବ, ତାର ସୂତ୍ର ଏମାନଙ୍କୁ ଜଣା ନଥାଏ। ଯେପରି;

ଥରେ ଚାବି ଓ ହାତୁଡ଼ି କଥା ହେଉଥିଲେ। ହାତୁଡ଼ି ପଚାରିଲା, ତୁ ଏତେ ଟିକିଏ ବୋଲି ଲୁହା। ମୁଁ ତ ଏତେବଡ଼। ମୋ ପାଖରେ ପ୍ରଚୁର ଲୁହା ଅଛି। ମୋତେ ତ ତାଲା ଖୋଲିବାକୁ ତାକୁ ବାଡ଼େଇବାଡ଼େଇ ଭାଙ୍ଗିବାକୁ ପଡୁଛି। ମାତ୍ର, ତୁ ଏତେ ସହଜରେ ତାଲାକୁ ଖୋଲି ପାରୁଛୁ କେମିତି ?

**ବେଗୁନିଆ, ଖୋରଧା**
**ମୋ : ୯୪୩୮୭୩୪୮୧୬**

## ସୁ-ଡୋକୁ ଉତ୍ତର ୩୬ ପୃଷ୍ଠାର

| | | | | | | | | |
|---|---|---|---|---|---|---|---|---|
| 7 | 2 | 9 | 5 | 3 | 8 | 4 | 6 | 1 |
| 3 | 4 | 1 | 2 | 6 | 9 | 5 | 7 | 8 |
| 5 | 6 | 8 | 7 | 4 | 1 | 3 | 2 | 9 |
| 2 | 1 | 5 | 9 | 8 | 7 | 6 | 3 | 4 |
| 9 | 3 | 6 | 1 | 2 | 4 | 8 | 5 | 7 |
| 8 | 7 | 4 | 6 | 5 | 3 | 9 | 1 | 2 |
| 4 | 5 | 7 | 8 | 1 | 6 | 2 | 9 | 3 |
| 6 | 9 | 3 | 4 | 7 | 2 | 1 | 8 | 5 |
| 1 | 8 | 2 | 3 | 9 | 5 | 7 | 4 | 6 |

# ନିବେଦନ

**ଶ୍ରୀମତୀ ଉଷାରାଣୀ ଶତପଥୀ**



ପ୍ରଭୁ ତୁମେ ଖୋଜୁଥିଲ ସ୍ନେହର ପରଶ
ଭିଜୁଥିଲା ତୁମ ଆଖି
ଏଠି ଶତକ ଶିଶୁର ମରଣ ଖବର
ମାଆର ପଣତ ସାକ୍ଷୀ (୦)


ବାଛିନେଲ କଞ୍ଚା ରଖିଚ ପାଚିଲା
ଏହିକି ତୁମ ବିଚାର
କେଉଁ ଦୋଷବଳେ କି'ବା କର୍ମଫଳେ
ଜନନୀ ହେଲା ପଥର
କଅଁଳ କଳିକା ଫୁଟିବା ଆଗରୁ
ନିଜ ପାଶେ ନେଲ ଡ଼ାକି (୧)

ଜନମ ମରଣ ଚିରନ୍ତନ ସତ୍ୟ
ଅନ୍ୟଥା ନୋହିବ କେବେ
ପୂର୍ଣ୍ଣକଲ ଯେବେ ଶୂନ୍ୟ କଲ କାହିଁ
ନଦେଲେ ନଦିଅ ତେବେ
ତୁମେ ବୁଝିପାରିବନି ମାଆର ଆକୁଳ
ବିକଳରେ ଯାଏ ଫାଟି (୨)

ତୁମ ରଚନାର ଆରମ୍ଭ ସମାପ୍ତ
କିଛି ମୁଁ ବୁଝଇ ନାହିଁ
ନିୟତିର ଚକ ଘୁରୁଚି ନିରତ
ଦିନ ସଞ୍ଜ ଆସେ ନଇଁ
ଚକ୍ରପେଶି ନାଶକର ଅକାଳ ଚଡ଼କ
ମାତୃର ମାନରଖି (୩)

**ମଧୁସୂଦନ ନଗର, ଖୋର୍ଦ୍ଧା**
**ମୋ : ୯୪୩୯୨୪୩୦୭୮**

# ଶାସନ



**ଶକ୍ତିଶଙ୍କର ମିଶ୍ର**

୧୯୪୬ ମସିହା ଡିସେମ୍ବର ମାସ ହେବ । ସକାଳୁ ଖୋର୍ଦ୍ଧା ଥାନା ଚଳ ଚଞ୍ଚଳ । କଟକରୁ ତାରବାର୍ତ୍ତା ଆସିଛି । ବଡ଼ ସାହେବ ଫେରିବେ ବ୍ରହ୍ମପୁରରୁ କଟକ ଯିବେ ମଟର ଗାଡ଼ିରେ । ଖୋରଧା ଟ୍ରାଫିକରେ ଠିଆ ହୋଇଛନ୍ତି ଜମାଦାର ପ୍ରେମଚାନ୍ଦ ପାହାଡ଼ାସିଂହ। ଚଉଡ଼ା ଛାତିକୁ ମୋଟା ନିଶ ତା ସାଙ୍ଗକୁ ଇସ୍ତି କରା ପୋଷାକ । ଗୋଡ଼ରେ ପଟିଭିଡ଼ା ମୋଜାକୁ ମୁଣ୍ଡରେ ନାଲିଆ ଟୋପି । ବାମ କାନ୍ଧରୁ ମୋଟା ମାଟିଆ ଦଉଡ଼ିରେ ବଡ଼ ଷ୍ଟିଲ ହୁଇସିଲ । ଥରେ ଫୁଙ୍କିଲେ ଅଧା ମାଇଲକୁ ଶୁଭେ ।

ଠିକ୍ ୮ଟାରେ ଗାଡ଼ି ଦେଖାଦେଲା । ଲମ୍ବା ହର୍ଣ୍ଣରେ ମାଡ଼ି ଆସୁଛି ଚାନ୍ଦମାରି ପଡ଼ିଆ ପଟୁ । ଅଣ୍ଟା ପଟିକୁ ଟିକିଏ ସଜାଡ଼ି ଚାରିପଟକୁ ଚାହିଁଲେ ପ୍ରେମଚାନ୍ଦ । ଦେଖିଲେ ହଠାତ୍ ଟୁକୁ ମହାନ୍ତିଙ୍କ ଘର ଆଡୁ ଆସୁଛି ଗୋଟିଏ ଶଗଡ଼ । ହଂସ ମୁଣ୍ଡିରୁ ଦଣ୍ଡା ପର୍ଯ୍ୟନ୍ତ ଧାନବିଡ଼ାରେ ଭର୍ତ୍ତି । ଉପରେ ଭିଡ଼ା ହୋଇଛି ୧୬ ହାତର ବାଉଁଶ । ତା ଉପରେ ବସିଛି ଗୁରୁଜଙ୍ଗ ଜେନା ସାହିର ବନା ଜେନାଙ୍କ ପୁଅ ରଘୁ । ଆଗରେ ପାଞ୍ଚଣ ଧରି ଚାଲିଛନ୍ତି ବନା । ଦାମୁଡ଼ି ବଳଦ ଛନ ଛନ ହେଉଥିବା ଦେଖି ପ୍ରେମଚାନ୍ଦଙ୍କ ଅକଲ ଗୁଡୁମ୍ ।

ଏ ପଟେ ଲାଟଙ୍କ ମଟର ଗାଡ଼ି ସେପଟେ ଶଗଡ଼ । ଅନ୍ୟ ଉପାୟ ନପାଇ ହୁଇସଲ ମାରିଲେ ପାହାଡାସିଂହ ସାହେବଙ୍କ ଗାଡ଼ି ଅଟକିଥିଲା । ମଟର ପଛସିଟରେ ବସିଥିଲେ ସାହେବ । ହାତରେ ବହି, ମୁଣ୍ଡ ପୋତି ପଢୁଥିଲେ । ମଟର ଅଟକି ଯିବାରୁ ମୁଣ୍ଡ ଟେକି ଚାହିଁଲେ । ତାପରେ ପୁଣି ମୁଣ୍ଡ ପୋତି ବହିକୁ ଚାହିଁଲେ । ଏଣେ ଶଗଡ଼ ଡାକ୍ତର ସାହି ଭିତରେ ପଶିବା କ୍ଷଣି ହୁଇସିଲ୍ ମାରି ସାହେବଙ୍କ ଗାଡ଼ିକୁ ଯିବାକୁ ଇଙ୍ଗିତ ଦେବା ସହିତ ଗାଡ଼ି ପ୍ରେମଚାନ୍ଦଙ୍କ ଆଗ ଦେଇ ଯିବାବେଳେ ଡାହାଣ ଗୋଡ଼କୁ ଟେକି ପୁଣି ଦୁମ୍ କରି ତଳକୁ କଚି ହାତ ଟେକି ସାଲୁଟ କଲେ । ସାହାବ ମଧ୍ୟ କଡ଼େଇ ଚାହିଁ ଟିକେ ହସି ମୁଣ୍ଡ ପୋତିଲେ । ତେବେ ପ୍ରେମଚାନ୍ଦଙ୍କ ମନରେ ଛନକା, କାରଣ ଗାଡ଼ି ଡ୍ରାଇଭର ପ୍ରେମଚାନ୍ଦଙ୍କ ସାମ୍ନାରେ ଯିବା ବେଳେ ଆଖିକୁ ବଡ଼କରି ଗୁଣୁ ଗୁଣୁ ହୋଇ କହିଥିବା କଥା "ପୁଅ ରହ ନାମ ନେବୁଯେ" ପ୍ରେମଚାନ୍ଦ ଶୁଣି ଦେଇଥିଲେ ।

ଦିନ ୩ଟାରେ କଟକ ବଡ଼ ଅଫିସରୁ ତାର ଆସିଛି । ବଡ଼ବାବୁ ଖୁସିରେ ଜଣାଇଲେ ପ୍ରେମଚାନ୍ଦକୁ । ତାର ବାର୍ତ୍ତାଟି ହେଲା ଆଜଦିନ ୮ରେ ଖୋରଧା ସହର ଟ୍ରାଫିକ ରେ ଥିବା ଜମାଦାରଙ୍କୁ ମଟର ଗାଡ଼ିରେ ନିରୀକ୍ଷଣ ଦାୟୀତ୍ୱ ଦେଇ ପଦୋନ୍ନତି କରାଗଲା ପ୍ରେମଚାନ୍ଦଙ୍କ ଆନନ୍ଦ କହିଲେ ନ ସରେ ।

ଯା ଭିତରେ ବିତି ଯାଇଛି ୭ବର୍ଷ ।

ଜାମାଦାର ପ୍ରେମଚାନ୍ଦ ବର୍ତ୍ତମାନ ମୁଖ୍ୟ ଟ୍ରାଫିକ୍ ଇନିସ୍‌ପେକ୍ଟର । ୧୯୫୩ ମସିହାର କଥା, କଟକ ମୁଖ୍ୟ ଦପ୍ତରରେ ନିଯୁକ୍ତି ମିଳିଛି । ଏତେ ଦେଶ ସ୍ୱାଧୀନ ହୋଇ ସାରଛି । ଭୋଟ ହୋଇ ସରକାର ଗଠନ ହୋଇଛି । ସମସ୍ତ ସରକାରୀ କର୍ମଚାରୀ କର୍ତ୍ତବ୍ୟ ପାଇଁ ସଚେତନ । ନିଜ ନିଜ କର୍ତ୍ତବ୍ୟକୁ ସୂଚାରୁ ରୂପେ ସମ୍ପାଦନ ନିମନ୍ତେ ସମସ୍ତେ ତତ୍ପର । ପ୍ରେମଚାନ୍ଦ ବାଦ ଯାଆନ୍ତେ କିପରି ଥରେ ମୁଖ୍ୟ କାର୍ଯ୍ୟାଳୟରେ ଥିବା ସମୟରେ ଥାନାର ତାରବାର୍ତ୍ତା ଧରି ପହଞ୍ଚିଲେ ଜଣେ ସିପାହୀ । ବାର୍ତ୍ତାରେ ନିର୍ଦ୍ଦେଶ ଥିଲା ପଡ଼ୋଶୀ ରାଜ୍ୟ ମାନଙ୍କରୁ ଆସୁଥିବା ଟ୍ରକ୍ ତଥା ଅନ୍ୟ ମୋଟର ଯାନ ସମ୍ପର୍କରେ ତଥ୍ୟ ଦେବା ନିମନ୍ତେ । ଏଥିପାଇଁ ରାସ୍ତାରେ ଗାଡ଼ି ତନଖିକରି ତଥ୍ୟ ଦେବାକୁ ହେବ ।

ମେ ମାସ ସକାଳୁ ୨ଜଣ ସିପାହୀଙ୍କୁ ଧରି ରାଜ୍ୟ ମୁଖ୍ୟ ରାସ୍ତାରେ ତନଖି ଆରମ୍ଭ କଲେ । ସେହି ରାସ୍ତା ଦେଇ ବ୍ରହ୍ମପୁର ପଟୁ ଏବଂ ବାଲେଶ୍ୱର ପଟୁ ଆସୁଥିବା ଟ୍ରକ୍ ଗୁଡ଼ିକ ଯାଞ୍ଚ କରି ତଥ୍ୟ ସଂଗ୍ରହ କରଥାଆନ୍ତି । ପ୍ରେମଚାନ୍ଦ ସବୁ ବିଷୟ ଟିକିନିଖି ବୁଝି ଲେଖୁଥାଆନ୍ତି । ଯା ଭିତରେ ପ୍ରାୟ ଟ୍ରକଟିଏ ରାସ୍ତା ଉପରେ ଅଟକି ସାରିଲାଣି । ସିପାହି ଗାଡ଼ିକୁ ଅଟକାଇ ବାବୁଙ୍କ ପାଖକୁ ପଠାଉଥାଆନ୍ତି । ହଠାତ୍ ଗୋଟିଏ ନାଲିବତି ଲଗା ଧଳା କାର ଟ୍ରକ ପଛରେ ଅଟକିଗଲା । ସିପାହୀ ଦୌଡ଼ିଆସି ପ୍ରେମଚାନ୍ଦଙ୍କୁ ଜଣାଇଲା । ତରତର ହୋଇ ଟ୍ରକକୁ ଯାଞ୍ଚକରି ସାବଧାନ ମୁଦ୍ରାରେ ରାସ୍ତାରେ ଠିଆ ହୋଇ ହୁଇସିଲ ମାରିଲେ ପ୍ରେମଚାନ୍ଦ । ନାଲିବତି ଗାଡ଼ିଟି ଦ୍ରୁତ ଗତିରେ ଚାଲିଗଲା । ଗାଡ଼ି ଭିତରେ ଥିବା ମନ୍ତ୍ରୀ ମହୋଦୟ ନିଜ ସହକାରୀଙ୍କଠାରୁ ଜାଣିଲେ ଯେ, କିଏ ଜଣେ ଏମ୍.ଭି.ଆଇ ଗାଡ଼ି ଚେକିଂ କରୁଥିବାରୁ ମନ୍ତ୍ରୀଙ୍କ ଗାଡ଼ି ଅଟକିଲା ।

୨ଦିନ ପରେ ମୁଖ୍ୟ କାର୍ଯ୍ୟାଳୟରେ କାର୍ଯ୍ୟରତ ବେଳେ କମିଶନରଙ୍କ ପିଅନ ଆସି, ସାର୍ ଡାକୁଛନ୍ତି ଜଣାଇଲା । ଭୟ ଓ ଆଶଙ୍କାରେ ଅଫିସ୍ ଭିତରେ ପଶୁ ପଶୁ କମିଶନର ଚଢ଼ା ଗଳାରେ ପଚାରିଲେ "କ'ଣ ପାହାଡ଼ସିଂହ, ତମେ କଣ ଦେଶ ସ୍ୱାଧୀନ ହୋଇଛି ବୋଲି ଜାଣିନାହଁ?" ଏବେ ସମ୍ବାଳ ମନ୍ତ୍ରୀଙ୍କ ଗାଡ଼ିକୁ ଅଟକାଇଥିବାରୁ ତୁମକୁ ସସ୍‌ପେଣ୍ଡ କରିବାକୁ ନିର୍ଦ୍ଦେଶ ଆସିଛି । ପ୍ରେମଚାନ୍ଦଙ୍କ ପାଦତଳୁ ମାଟି ଖସିଯିବା ଭଳି ଅନୁଭବ କଲେ । ବାହାରକୁ ଆସି ବଡ଼ବାବୁଙ୍କ ଟେବୁଲରେ ଚାକିରୀରୁ ଇସ୍ତଫା ଦେଇ ଘରକୁ ଫେରିଲେ ପୂର୍ବତନ ଜମାଦାର ପ୍ରେମଚାନ୍ଦ ପାହାଡ଼ାସିଂହ ।

ଆମଘର, ମଙ୍ଗଳାନଗର, ଖୋରଧା
ମୋ : ୯୪୩୭୭୧୪୯୦୦



# ଅଷ୍ଟ୍ରେଲିଆକୁ ହରାଇଲା ଭାରତ

**ଆଶିଷ କୁମାର ରାୟ**

ବର୍ତ୍ତମାନ ସମୟରେ ଟେଷ୍ଟ କ୍ରିକେଟରେ ଭାରତ ହେଉଛି ବିଶ୍ୱର ଶ୍ରେଷ୍ଠତମ ଦଳ। ଏବେ ଅଷ୍ଟ୍ରେଲିଆ ବିପକ୍ଷରେ ସିରିଜ୍‌କୁ ୨-୧ରେ ଜିଣିନେଇ ଭାରତ ଏହାର ଏକ ନମ୍ବର ଆସନକୁ ଆହୁରି ଦୃଢ଼ କରିନେଇଛି। ଧର୍ମଶାଳାଠାରେ ଅନୁଷ୍ଠିତ ସିରିଜ୍‌ର ଚତୁର୍ଥ ତଥା ଅନ୍ତିମ ଟେଷ୍ଟରେ ଅଷ୍ଟ୍ରେଲିଆକୁ ଆଠ ୱିକେଟରେ ପରାସ୍ତ କରି ଭାରତୀୟ ଦଳ ହାସଲ କରିଛି ଏକ ବଡ଼ ଧରଣର ସଫଳତା। ପୂର୍ବରୁ ଉଭୟ ଦଳ ଗୋଟିଏ ଲେଖାଏଁ ଟେଷ୍ଟ ଜିତି ସମାନ ସ୍ଥିତିରେ ଥିବା ବେଳେ ଅନ୍ତିମ ଟେଷ୍ଟର ବିଜୟ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଛି। ପ୍ରବଳ ପ୍ରତିଦ୍ୱନ୍ଦିତାପୂର୍ଣ୍ଣ ଏହି ଟେଷ୍ଟ ସିରିଜ୍‌ରେ ଭାରତ ବିଜୟୀ ହୋଇ ବର୍ଡର-ଗାଭାସ୍କର ଟ୍ରଫି ଉପରେ ନିଜର ଅଧିକାର ସାବ୍ୟସ୍ତ କରିବା ସହିତ ଅନ୍ୟ ପ୍ରମୁଖ ଦଳମାନଙ୍କୁ ପକାଇ ଦେଇଛି ବହୁ ପଛରେ।




ଦେଖିବାକୁ ଗଲେ ଗତ ଦୁଇବର୍ଷ ଧରି ବିରାଟ କୋହଲୀଙ୍କ ନେତୃତ୍ୱରେ ଟେଷ୍ଟ କ୍ରିକେଟରେ ଭାରତ କ୍ରମାଗତ ଭାବେ ବିଭିନ୍ନ ଦେଶ ବିରୁଦ୍ଧରେ ବିଜୟୀ ହୋଇପାରିଛି। ୨୦୧୫ରେ ଶ୍ରୀଲଙ୍କାକୁ ୨-୧ରେ ତଥା ଦକ୍ଷିଣ ଆଫ୍ରିକାକୁ ୩-୦ରେ ହରାଇବା ପରେ ୨୦୧୬ରେ ୱେଷ୍ଟଇଣ୍ଡିଜକୁ ୨-୦ରେ, ନ୍ୟୁଜିଲାଣ୍ଡକୁ ୩-୦ରେ ଏବଂ ଇଂଲାଣ୍ଡକୁ ୪-୦ରେ ହରାଇ ଏହି ଦଳ ଟେଷ୍ଟ ସିରିଜମାନଙ୍କରେ ହାସଲ କରିଛି ଚମକପ୍ରଦ ବିଜୟ। କେବଳ ସେତିକି ନୁହେଁ ଗତ ଫେବ୍ରୁଆରୀ ମାସରେ ବାଂଲାଦେଶ ସହିତ ଖେଳାଯାଇଥିବା ଏକମାତ୍ର ଟେଷ୍ଟରେ ମଧ୍ୟ ଭାରତ ବିଜୟୀ ହୋଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଉପରୋକ୍ତ ଛଅଗୋଟି ଦଳ ସହିତ ଏହାର ଅନ୍ତିମ ସିରିଜ୍‌ରେ ବିଜୟୀ ହେବା ବ୍ୟତୀତ ଟେଷ୍ଟ ଖେଳୁଥିବା ଅନ୍ୟ ଦୁଇଟି ଦଳ ଯଥା- ଜିମ୍ବାବ୍ୱେ ବିପକ୍ଷରେ ୨୦୦୫ରେ ୨-୦ରେ ତଥା ପାକିସ୍ତାନ ବିପକ୍ଷରେ ୨୦୦୭ରେ ୧-୦ରେ ମଧ୍ୟ ଭାରତ ବିଜୟୀ ହୋଇଥିଲା। ଏହାପରେ ଏହି ଦୁଇଦଳ ସହିତ ଆଉ କୌଣସି ଟେଷ୍ଟ ସିରିଜରେ ଭାରତର ମୁକାବିଲା ହୋଇନାହିଁ।

ଟେଷ୍ଟ ଖେଳୁଥିବା ସମସ୍ତ ପ୍ରତିଦ୍ୱନ୍ଦୀଙ୍କ ବିରୁଦ୍ଧରେ ନିଜର ଅନ୍ତିମ ସିରିଜରେ ବିଜୟର ଲକ୍ଷ୍ୟ ପୂରଣ କରିବା ଦିଗରେ ଭାରତ ପାଇଁ ଆବଶ୍ୟକ ଥିଲା କେବଳ ଅଷ୍ଟ୍ରେଲିଆ ବିପକ୍ଷରେ ବିଜୟ। ୨୦୧୪-୧୫ରେ ଭାରତୀୟ ଦଳ ଅଷ୍ଟ୍ରେଲିଆ ଗସ୍ତରେ ଯାଇ ଶୋଚନୀୟ ପରାଜୟ ବରଣ କରିଥିଲା। ସେହି ଦୃଷ୍ଟିରୁ ଏଥର ଷ୍ଟିଭେନ୍ ସ୍ମିଥ୍‌ଙ୍କ ଦଳ ବିପକ୍ଷରେ ପୂର୍ବ ପରାଜୟର ପ୍ରତିଶୋଧ ନେବାର ଲକ୍ଷ୍ୟ ମଧ୍ୟ ଥିଲା ବିରାଟ କୋହଲୀଙ୍କ ଦଳ ସମ୍ମୁଖରେ। ତେବେ ପୁଣେଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଭାରତକୁ ଲାଗିଲା ଜୋରଦାର ଝଟକା। ଆମ ବ୍ୟାଟସ୍‌ମ୍ୟାନମାନେ ଉଭୟ ଇନିଂସରେ ଯଥାକ୍ରମେ ୧୦୫ ଓ ୧୦୭ ରନରେ ଅଲ୍‌ଆଉଟ ହୋଇ ୩୩୩ରନର ବିରାଟ ବ୍ୟବଧାନରେ ପରାଜୟ ବରଣ କଲେ। ଅଷ୍ଟ୍ରେଲିଆର ସ୍ପିନ୍ ବୋଲର ଷ୍ଟିଭ୍ ଓ'କୀଫ୍‌ଙ୍କ ବୋଲିଂ ଥିଲା ଅତ୍ୟନ୍ତ ପ୍ରଭାବଶାଳୀ। ପ୍ରଥମ ଇନିଂସରେ କେ.ଏଲ. ରାହୁଲଙ୍କ ୬୪ ରନର ଇନିଂସ ବ୍ୟତୀତ ବାକି ସମସ୍ତେ ଫେଲ୍ ମରିଥିଲେ। ଷ୍ଟିଭ୍ ଓ'କୀଫ୍ ଉଭୟ ଇନିଂସରେ ୩୫ରନରେ ଛଅଟି ଲେଖାଏଁ ୱିକେଟ (ମ୍ୟାଚରେ ୭୦ରନରେ ୧୨ୱିକେଟ) ନେଇ ଭାରତୀୟ ଦଳର ବ୍ୟାଟିଂ ବିପର୍ଯ୍ୟୟ ଘଟାଇବା ସହିତ ମ୍ୟାଚର ସର୍ବଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ପୁଣେ ଟେଷ୍ଟରେ ଭାରତୀୟ ବ୍ୟାଟ୍‌ସମ୍ୟାନ ମାନେ ସଂପୂର୍ଣ୍ଣ ବିଫଳ ହୋଇଥିବା ବେଳେ ଅଷ୍ଟ୍ରେଲିଆର ମ୍ୟାଟ୍ ରେନଶା, ଷ୍ଟିଭେନ୍ ସ୍ମିଥ୍, ମିଚେଲ୍ ଷ୍ଟାର୍କ ଆଦିଙ୍କର ବ୍ୟାଟିଂ ଦଳର ବିଜୟ ପାଇଁ ଥିଲା ବିଶେଷ ଉପଯୋଗୀ। ଷ୍ଟିଭ୍ ଓ'କୀଫ୍‌ଙ୍କ ସହିତ ଅଭିଜ୍ଞ ସ୍ପିନର୍ ନାଥାନ୍ ଲିୟନ୍ ଦ୍ୱିତୀୟ ଇନିଂସରେ ୫୩ରନରେ ଚାରିଟି ୱିକେଟ ନେଇ ଦଳର ବିଜୟ ପଥକୁ ସୁଗମ କରିଦେଲେ।

ତେବେ ନାଥାନ୍ ଲିୟନ୍‌ଙ୍କ ଚମତ୍କାର ବୋଲିଂର ନମୁନା ଦେଖିବାକୁ ମିଳିଲା ବେଙ୍ଗାଲୁରୁରେ ଖେଳାଯାଇଥିବା ଦ୍ୱିତୀୟ ଟେଷ୍ଟର ପ୍ରଥମ ଇନିଂସରେ। ବାମହାତୀ ସ୍ପିନ୍ ବୋଲର ଲିୟନ୍ ୫୦ରନରେ ଆଠଟି ୱିକେଟ



ଅକ୍ତିଆର କରିବା ଫଳରେ ଭାରତୀୟ ଦଳ ନିଜର ନୈରାଶ୍ୟଜନକ ପ୍ରଦର୍ଶନ ଜାରି ରଖି ଅଲ୍‌ଆଉଟ୍ ହୋଇଗଲା ମାତ୍ର ୧୮୯ରନରେ। କେବଳ କେ.ଏଲ. ରାହୁଲ ଯାହକିଛି ପ୍ରତିରୋଧ କରି ୯୦ରନ ସ୍କୋର କରିବା ଦିଗରେ ସମର୍ଥ ହୋଇଥିଲେ, ଅନ୍ୟଥା ଭାରତୀୟ ଦଳ ଆହୁରି କମ୍ ରନ କରିଥାନ୍ତା। ଏହାର ଜବାବରେ ଅଷ୍ଟ୍ରେଲିଆ ଯେତେବେଳେ ଡେଭିଡ ୱାର୍ଣ୍ଣର, ମ୍ୟାଟ୍ ରେନଶା, ଶନ୍ ମାର୍ଶ ଓ ମାଥ୍ୟୁ ୱେଡ୍‌ଙ୍କ ଉପଯୋଗୀ ସ୍କୋର ବଳରେ ୨୭୬ରନ କରିଦେଲା, ସେତେବେଳେ ଲାଗିଲା ଯେମିତି ଏ ମ୍ୟାଚଟି ମଧ୍ୟ ଭାରତ ହାତରୁ ଗଲା। କିନ୍ତୁ ଦ୍ୱିତୀୟ ଇନିଂସରେ ଚେତେଶ୍ୱର ପୁଜାରାଙ୍କ ୯୨ରନ ତଥା ରାହୁଲ ଓ ଅଜିଙ୍କ୍ୟା ରାହାଣେଙ୍କ ଅର୍ଦ୍ଧଶତକ ଯୋଗୁ ଭାରତର ସ୍ଥିତି କିଛିଟା ସୁଧୁରିଲା ଏବଂ ଦଳ ୨୭୪ରନ କରିବାରେ ସମର୍ଥ ହେଲା। ଏବେ ଅଷ୍ଟ୍ରେଲିଆକୁ ବିଜୟ ପାଇଁ ଅବଶ୍ୟକ ଥିଲା ମାତ୍ର ୧୮୮ରନ ଆଉ ଭାରତ ସମ୍ମୁଖରେ ଥିଲା କର ବା ମର ଭଳି ସ୍ଥିତି। ଯାହା ହେଉ ଆମ ବୋଲରମାନେ ସେମାନଙ୍କର ଚମତ୍କାରିତା ଦେଖାଇଲେ। ରବିଚନ୍ଦ୍ରନ ଅଶ୍ୱୀନ ୪୧ରନରେ ଛଅଟି ୱିକେଟ ନେଇ ଅଷ୍ଟ୍ରେଲୀୟ ବ୍ୟାଟିଂର ମେରୁଦଣ୍ଡ ଭାଙ୍ଗିଦେଲେ। ତାଙ୍କ ବ୍ୟତୀତ ଉମେଶ ଯାଦବ, ଇଶାନ୍ତ ଶର୍ମା ତଥା ପ୍ରଥମ ଇନିଂସରେ ଛଅଟି ୱିକେଟ ନେଇଥିବା ରବୀନ୍ଦ୍ର ଜାଦେଜାଙ୍କ ବୋଲିଂ ମଧ୍ୟ ଥିଲା ବେଶ୍ ଉପଯୋଗୀ। ଅଷ୍ଟ୍ରେଲିଆ ୧୧୨ରନରେ ଅଲ୍‌ଆଉଟ ହେବା ଫଳରେ ଭାରତ ୭୫ରନରେ ମ୍ୟାଚ ଜିତି ସିରିଜ୍‌ରେ ସମାନ ସ୍ତରକୁ ଚାଲିଆସିଲା।

ଏହାପରେ ରାଞ୍ଚିଠାରେ ଖେଳାଯାଇଥିବା ତୃତୀୟ ଟେଷ୍ଟଟି ଅମୀମାଂସିତ ଭାବେ ସମାପ୍ତ ହେଲା। ତେବେ ଏହି ଟେଷ୍ଟରେ ଭାରତୀୟ ଦଳର ପ୍ରଦର୍ଶନ ଥିଲା ଅତ୍ୟନ୍ତ ଉଚ୍ଚକୋଟୀର। ଅଧିନାୟକ ଷ୍ଟିଭ୍ ସ୍ମିଥଙ୍କ ୧୭୮ ଓ ଗ୍ଲେନ୍ ମାକ୍ସୱେଲ୍‌ଙ୍କ ୧୦୪ରନ ଯୋଗୁ ଅଷ୍ଟ୍ରେଲିଆ ୪୫୧ରନର ସ୍କୋର ଛିଡ଼ା କରିଦେଲା। ପ୍ରତ୍ୟୁତ୍ତରରେ ଭାରତର ଖେଳାଳିମାନେ ଦୃଢ଼ ବ୍ୟାଟିଂର ନମୁନା ଦେଖାଇ ୬୦୩ରନ ସଂଗ୍ରହ କରିନେଲେ। ଚେତେଶ୍ୱର ପୁଜାରାଙ୍କ ଧୈର୍ଯ୍ୟପୂର୍ଣ୍ଣ ୨୦୨, ଋଦ୍ଧିମାନ ଶାହାଙ୍କ ୧୧୭, ମୁରଲୀ ବିଜୟଙ୍କ ୮୨ ତଥା ରାହୁଲଙ୍କ ୬୭ରନର ଇନିଂସ ଏଥିପାଇଁ ମୁଖ୍ୟତଃ ଦାୟୀ ଥିଲା। ଏହି ଟେଷ୍ଟରେ ଭାରତ ଜୟଲାଭ କରିବା ନିମନ୍ତେ ପାରୁପର୍ଯ୍ୟନ୍ତ ଚେଷ୍ଟା କରିଥିଲା, ହେଲେ ଶନ୍ ମାର୍ଶ ଓ ପିଟର ହାଣ୍ଡସ୍କମ୍ବ ସତର୍କତାର ସହିତ ଖେଳି ଅର୍ଦ୍ଧଶତକ ହାସଲ କରିବା ସହିତ ପରାଜୟ ଏଡ଼ାଇବାରେ ସମର୍ଥ ହେଲେ। ରବୀନ୍ଦ୍ର ଜାଦେଜା ଚମତ୍କାର ବୋଲିଂ କରି ପ୍ରଥମ ଇନିଂସରେ ପାଞ୍ଚଟି ଓ ଦ୍ୱିତୀୟ ଇନିଂସରେ ଚାରିଟି ୱିକେଟ ନେଇଥିଲେ ହେଁ ଅଶ୍ୱୀନଙ୍କ ବୋଲିଂ ସେଭଳି କିଛି ଖାସ୍ ହୋଇପାରିଲା ନାହିଁ, ନଚେତ ବେଙ୍ଗାଲୁରୁ ଭଳି ରାଞ୍ଚି ଟେଷ୍ଟରେ ମଧ୍ୟ ବିଜୟ ଅସମ୍ଭବ ନଥିଲା।


ତେବେ ଭାରତ ପାଇଁ ଅଧିନାୟକଙ୍କ କୋହଲୀଙ୍କ ଖରାପ ଫର୍ମ ଥିଲା ଅଧିକ ଚିନ୍ତାର ବିଷୟ। ଗତ ସିରିଜମାନଙ୍କରେ ୱେଷ୍ଟଇଣ୍ଡିଜ, ନ୍ୟୁଜିଲାଣ୍ଡ, ଇଂଲାଣ୍ଡ ଓ ବାଂଲାଦେଶ ବିରୁଦ୍ଧରେ ଦ୍ୱିଶତକ ହାସଲ କରିଥିବା ବିରାଟ କୋହଲୀ ଅଷ୍ଟ୍ରେଲିଆ ସହିତ ତିନିଟିଯାକ ଟେଷ୍ଟରେ ଅର୍ଦ୍ଧଶତକଟିଏ ବି ହାସଲ କରିପାରିଲେ ନାହିଁ। ଏତଦବ୍ୟତୀତ କାନ୍ଧରେ ଆଘାତପ୍ରାପ୍ତ ହେବା ଯୋଗୁ ମଧ୍ୟ ଧର୍ମଶାଳା ଟେଷ୍ଟରୁ ବାଦପଡ଼ିଲେ। ହିମାଚଳ ପ୍ରଦେଶର ଧର୍ମଶାଳାଠାରେ ଅନୁଷ୍ଠିତ ଟେଷ୍ଟରେ ଅଧିନାୟକ ଦାୟିତ୍ୱ ବହନ କଲେ ଅଜିଙ୍କ୍ୟା ରାହାଣେ। ଏହି ସିରିଜରେ ପୁଣେ ଓ ରାଞ୍ଚି ସହିତ ଧର୍ମଶାଳାରେ ମଧ୍ୟ ପ୍ରଥମ ଥର ସକାଶେ ଟେଷ୍ଟମ୍ୟାଚର ଆୟୋଜନ ହେଉଥିଲା ଏବଂ ହିମାଳୟର ଉପତ୍ୟକରେ ଗଢ଼ି ଉଠିଥିବା ଏହି ମନୋରମ ଶୈଳନିବାସର କ୍ରିକେଟ ଷ୍ଟାଡିୟମରେ ମିଳିଲା ସିରିଜ ବିଜୟର ମନୋରମ ଉପହାର।

ପ୍ରଥମ ଦିନ ଅଧିନାୟକ ସ୍ମିଥଙ୍କ ଶତକ ତଥା ଡେଭିଡ ୱାର୍ଣ୍ଣର ଏବଂ ମାଥ୍ୟୁ ୱେଡ୍‌ଙ୍କ ଅର୍ଦ୍ଧଶତକ ବଳରେ ଅଷ୍ଟ୍ରେଲିଆ ଠିକ୍ ୩୦୦ରନରେ ଅଲ୍‌ଆଉଟ ହୋଇଗଲା। ଏହାପରେ ଆସିଲା ଭାରତର ପାଳି। ରାହୁଲ, ପୁଜାରା, ରାହାଣେ, ଅଶ୍ୱୀନ ଓ ଶାହା ନିଜ ନିଜର ଯୋଗଦାନ ଦ୍ୱାରା ଦଳର ସ୍କୋରକୁ ବଢ଼ାଇଲେ। ତେବେ ଅଷ୍ଟ୍ରେଲିଆର ରନ ସଂଖ୍ୟାକୁ ଟପିବା ଦିଗରେ ଅଧିକ ଅବଦାନ ଥିଲା ରବୀନ୍ଦ୍ର ଜାଦେଜାଙ୍କର। ଦ୍ରୁତଗତିରେ ସେ ୬୩ରନ ସଂଗ୍ରହ କରିବା ଫଳରେ ଭାରତ ୩୩୨ରନ ସଂଗ୍ରହ କରିନେଲା। ପ୍ରକୃତରେ ପ୍ରଥମ ଇନିଂସ ଅଗ୍ରଣୀ ଲାଭକରିବା ଥିଲା ଏକ ମାନସିକ ବିଜୟ, ଯାହାକି ଆମ ବୋଲରମାନଙ୍କୁ ଯୋଗାଇ ଦେଲା ପ୍ରବଳ ଉତ୍ସାହ। ଉମେଶ ଯାଦବ, ଜାଦେଜା ଓ ଅଶ୍ୱୀନ ପ୍ରତ୍ୟେକେ ତିନିଟି ଲେଖାଏଁ ୱିକେଟ ନେଇ ଅଷ୍ଟ୍ରେଲିଆର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଲେ। ଅଷ୍ଟ୍ରେଲିଆର ସମସ୍ତ ଖେଳାଳି ୧୩୭ରନରେ ପ୍ୟାଭେଲିୟନ ଫେରିଯିବା ଯୋଗୁ ଭାରତ ସମ୍ମୁଖରେ ରହିଲା ୧୦୬ରନର ବିଜୟ ଲକ୍ଷ୍ୟ। ରାହୁଲ ଓ ରାହାଣେ ଅପରାଜିତ ରହି ଏହି ଲକ୍ଷ୍ୟକୁ ହାସଲ କରିନେବା ଫଳରେ ଭାରତ ଆଠ ୱିକେଟରେ ହାସଲ କଲା କୃତିତ୍ୱପୂର୍ଣ୍ଣ ବିଜୟ। ରବୀନ୍ଦ୍ର ଜାଦେଜାଙ୍କୁ ମିଳିଲା ମ୍ୟାନ୍ ଅଫ୍ ଦି ମ୍ୟାଚ ତଥା ମ୍ୟାନ୍ ଅଫ୍ ଦି ସିରିଜର ପୁରସ୍କାର। ତେବେ ଏହି ସଂଘର୍ଷପୂର୍ଣ୍ଣ ସିରିଜ ବିଜୟରେ ଅଛେ ବହୁତେ ସମସ୍ତଙ୍କର ଅବଦାନ ଅନସ୍ୱୀକାର୍ଯ୍ୟ।

ମୋ:୯୪୩୭୬୨୭୫୧୪



# ସାଧାରଣ ଜ୍ଞାନ




## (1) ABBREVIATION

1. AMCS : Asset Management Companies
2. CAIT : Confederation of All India Traders
3. GIPC : Global Intellectual Property Centre
4. NRLM : National Rural Livelihood Mission
5. NCRTC : National Capital Region Transport Corporation
6. NSDA : National Skill Development Agency
7. NCLT : National Company Law Tribunal
8. TTCP :Telemetry & Telecommand Processor
9. I.I.P : Index of Industrial Production
10. SAFF : South Asia Football Federation

## (୨) ପୁସ୍ତକ ଓ ଲେଖକ

1. When Breath Becomes Air:- Paul Kalannithi
2. Aurangzeb: The Man and the Myth:-Audrey Traschke
3. The Travelling Belly: Eating Through India's By-lanes:- Kalyan Karmakar
4. How Trump won: The Inside Story of a Revolution:- Joel Pollak and Larry Schweikart
5. Veerappan: Chasing the Brigand :- K. Vijay Kumar
6. ଗୋବିନ୍ଦ ଭାଷ୍ୟ - ବଳଦେବ ବିଦ୍ୟାଭୂଷଣ
7. କାବ୍ୟ ମିମାଂସା - ରାଜଶେଖର
8.ମହାଭାଷ୍ୟ - ପତଞ୍ଜଳୀ
9. ସିଦ୍ଧାନ୍ତ ଶିରୋମଣୀ - ଭାସ୍କରାଚାର୍ଯ୍ୟ
10. ବେଣୀ ସଂହାର - ନାରାୟଣ ଭଟ୍ଟ

## (୩) ହରିଆଣା

| | | |
|---|---|---|
| ୧. | ଗଠନ | - ୦୧.୧୧.୧୯୬୬ |
| ୨. | ରାଜ୍ୟପାଳ | - କ୍ୟାପଟେନ୍ ସିଂ ସୋଲାଙ୍କି |
| ୩. | ମୁଖ୍ୟମନ୍ତ୍ରୀ | - ମନୋହର ଲାଲ ଖଟ୍ଟାର |
| ୪. | ରାଜଧାନୀ | - ଚଣ୍ଡିଗଡ଼ |
| ୪. | ଲୋକସଭା ଆସନ | - ୧୦ |
| ୫. | ବିଧାନସଭା ଆସନ | - ୯୦ |
| ୬. | ରାଜ୍ୟସଭା | - ୦୫ |
| ୭. | ରାଜଧାନୀ | - ଚଣ୍ଡିଗଡ଼ |
| ୮. | କ୍ଷେତ୍ରଫଳ | - ୪୪୨୧୨ବର୍ଗ କି.ମି. |
| ୯. | ଜନସଂଖ୍ୟା | - ୨୫୩୫୩୦୮୧ (୨୦୧୧) |
| | ପୁରୁଷ | - ୧୩୫୦୫୧୩୦ |
| | ସ୍ତ୍ରୀ | - ୧୧୮୪୭୯୫୧ |
| ୧୦. | ଲିଙ୍ଗ ଅନୁପାତ | - ୮୭୭ |
| ୧୧. | ସାକ୍ଷରତା ହାର | - ୭୬.୬୪% |
| ୧୨. | ଜିଲ୍ଲା | - ୨୨ |
| ୧୩. | ଗ୍ରାମ | - ୬୭୬୪ |

## (୪) ନୂତନ ନିଯୁକ୍ତି(ମୁଖ୍ୟମନ୍ତ୍ରୀ)

| | |
|---|---|
| ୧. ଉତ୍ତର ପ୍ରଦେଶ | - ଯୋଗୀ ଆଦିତ୍ୟ ନାଥ |
| ୨. ଉତ୍ତରାଖଣ୍ଡ | - ତ୍ରିଭେଦ ସିଂହ ରାଓ୍ଵତ୍ |
| ୩. ଗୋଆ | - ମନୋହର ପାରିକର |
| ୪. ପଞ୍ଜାବ | - କ୍ୟାପେଟନ୍ ଅମିରୀନ୍ଦର ସିଂହ |
| ୫. ମଣିପୁର | - ଏନ ବିରେନ୍ ସିଂ |

## _(୫) ଉତ୍ପାଦ ଆନ୍ଦୋଳନର ନାମ

| | |
|---|---|
| ୧. ତୈଳବୀଜ | ୟେଲୋ ରିଭୋଲ୍ୟୁସନ୍ |
| ୨. ଦୁଗ୍ଧ | ହ୍ୱାଇଟ୍ ରିଭୋଲ୍ୟୁସନ୍ |
| ୩. ପେଟ୍ରୋଲିୟମ୍ | ବ୍ଲାକ୍ ରିଭୋଲ୍ୟୁସନ୍ |
| ୪. ପଟାଟେ | ରାଉଣ୍ଡ ରିଭୋଲ୍ୟୁସନ୍ |
| ୫. ମିଟ୍ ଓ ଟମାଟୋ | ରେଡ୍ ରିଭୋଲ୍ୟୁସନ୍ |

## (୬) ପ୍ରସିଦ୍ଧ ଆନ୍ତର୍ଜାତୀୟ ସୀମାରେଖାର ନାମ ଓ ଦେଶ

| | | |
|---|---|---|
| ୧. ରେଡ୍ କ୍ଲିଫ୍ ଲାଇନ୍ | - | ଭାରତ ଓ ପାକିସ୍ଥାନ |
| ୨. ମ୍ୟାକ୍ ମୋହନ୍ ଲାଇନ୍ | - | ଭାରତ ଓ ଚୀନ୍ |
| ୩. ଡୁରାଣ୍ଡ ଲାଇନ୍ | - | ପାକିସ୍ଥାନ ଓ ଆଫଗାନୀସ୍ଥାନ |
| ୪. ହିଡ଼େନ୍ ବର୍ଗ ଲାଇନ୍ | - | ଜର୍ମାନୀ ଓ ପୋଲାଣ୍ଡ |
| ୫. ମାଜିନଟ୍ ଲାଇନ୍ | - | ଜର୍ମାନୀ ଓ ଫ୍ରାନ୍ସ |

## (୭) ପ୍ରସିଦ୍ଧ ବ୍ୟକ୍ତିଙ୍କ ସମାଧି ସ୍ଥଳ

| ବ୍ୟକ୍ତିଙ୍କ ନାମ | ସମାଧି ସ୍ଥଳ |
|---|---|
| ୧. ଚନ୍ଦ୍ରଶେଖର | ଏକତାଘାଟ |
| ୨. ଜଗଜୀବନ ରାମ | ସମତାସ୍ଥଳ |
| ୩. ରାଜୀବ ଗାନ୍ଧୀ | ବୀରଭୂମି |
| ୪. କେ.ଆର୍. ନାରାୟଣ | ଉଦୟଭୂମି |
| ୫. ଡ଼.ଶଙ୍କର ଦୟାଲ ଶର୍ମା | କର୍ମଭୂମି |

## (୮) ବିଶିଷ୍ଟ ଲୋକଙ୍କର ଜନପ୍ରିୟ ନାମ

| | |
|---|---|
| ୧. ସରୋଜିନୀ ନାଇଡୁ | ନାଇଟିଙ୍ଗେଲ ଅଫ୍ ଇଣ୍ଡିଆ |
| ୨. ଗୋପବନ୍ଧୁ ଦାସ | ଉତ୍କଳମଣି |
| ୩. ମଧୁସୂଦନ ଦାସ | ଉତ୍କଳଗୌରବ |
| ୪. ହରେକୃଷ୍ଣ ମହତାବ | ଉତ୍କଳ କେଶରୀ |

## (୯) ଓଡ଼ିଶା

୧. ୧୯୫୦ ମସିହା ପୂର୍ବରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ କ'ଣ କୁହାଯାଉଥିଲା ?
(କ) ବଡ଼ଲାଟ୍ (ଖ) ପ୍ରଧାନମନ୍ତ୍ରୀ
(ଗ) ଶାସନ ମୁଖ୍ୟ (ଘ) ମୁଖ୍ୟମନ୍ତ୍ରୀ

୨. ଆୟତନ ଦୃଷ୍ଟିକୋଣରୁ କେଉଁ ଜିଲ୍ଲାଟି କ୍ଷୁଦ୍ରତମ ଅଟେ ?
(କ) ପୁରୀ (ଖ) କେନ୍ଦ୍ରାପଡ଼ା
(ଗ) ଯାଜପୁର (ଘ) ଜଗତସିଂହପୁର

୩. ନିମ୍ନଲିଖିତ ମଧ୍ୟରୁ କିଏ ବକୁଳ ବନର ପଞ୍ଚସଖାଙ୍କ ମଧ୍ୟରେ ସାମିଲ ନଥିଲେ ?
(କ) ଗୋପବନ୍ଧୁ ଦାସ (ଖ) ଆଚାର୍ଯ୍ୟ ହରିହର
(ଗ) ଗୋଦାବରୀଶ ମହାପାତ୍ର (ଘ) ପଣ୍ଡିତ ନୀଳକଣ୍ଠ

୪. ଜଗନ୍ନାଥ ମନ୍ଦିର କେଉଁ ଶତାବ୍ଦୀର ବିସ୍ମୟ ଅଟେ ?
(କ) ଦ୍ୱାଦଶ (ଖ) ତ୍ରୟୋଦଶ
(ଗ) ଦଶମ (ଘ) ଏକାଦଶ

୫. ଓଡ଼ିଆ ଭାଷାରେ ବର୍ଣ୍ଣ ସଂଖ୍ୟା କେତେ ?
(କ) ୩୫ଟି (ଖ) ୪୯ଟି
(ଗ) ୪୨ଟି (ଘ) ୪୫ଟି

୬. କିଏ ରାଧାନାଥ ରାୟଙ୍କୁ 'କବିବର' ଉପାଧିରେ ସମ୍ମାନିତ କରିଥିଲେ ?
(କ) ସୁଡ଼ଳ ଦେବ (ଖ) ଗଜପତି କୃଷ୍ଣଦେବ ରାୟ
(ଗ) ମଧୁସୂଦନ ଦାସ (ଘ) ଗୋପବନ୍ଧୁ ଦାସ

୭. କେଉଁ ମସିହାରେ ଓଡ଼ିଆ ପ୍ରଥମ ଚଳଚ୍ଚିତ୍ର 'ସୀତା ବିବାହ' ନିର୍ମିତ ହୋଇଥିଲା ?
(କ) ୧୯୩୬ (ଖ) ୧୯୪୫
(ଗ) ୧୯୩୪ (ଘ) ୧୯୩୮

୮. ଓଡ଼ିଶାର ଶିଳ୍ପନିଗମ କେବେ ଗଠିତ ହୋଇଥିଲା ?
(କ)୧୯୮୨ (ଖ)୧୯୮୧
(ଗ)୧୯୭୬ (ଘ)୧୯୮୦

୯. ଗୋପବନ୍ଧୁ ଷ୍ଟାଡ଼ିୟମ କେଉଁଠାରେ ଅବସ୍ଥିତ ?
(କ) କଟକ (ଖ) ଭୁବନେଶ୍ୱର
(ଗ) ପାରାଦ୍ୱୀପ (ଘ) ବଲାଙ୍ଗୀର

୧୦. ଓଡ଼ିଶାର କେତେ ତମ ଜଣ ବହୁଳ ଜିଲ୍ଲା ହେଉଛି କଟକ ?
(କ) ପ୍ରଥମ (ଖ) ଦ୍ୱିତୀୟ
(ଗ) ତୃତୀୟ (ଘ) ପଞ୍ଚମ

## (୧୦) ଯୁକ୍ତି ପ୍ରଦର୍ଶନ ପରୀକ୍ଷା

୧. ନିମ୍ନଲିଖିତ ଶୂନ୍ୟସ୍ଥାନଟିର ସଂଖ୍ୟା କେତେ ?
୫ ୬ ୭
୯ ୧୨ ୧୬
୪ ୩ ୫
୮ ୯ ?
(କ)୧୩ (ଖ)୧୪ (ଗ) ୧୦ (ଘ) ୧୧

୨. ' ?' ଚିହ୍ନଟିରେ କେଉଁ ଶବ୍ଦଟି ରହିବ ?
Aniseed:Spices:: Oleander:?
(କ) Fruits(ଖ) Flowers (ଗ) Vegetables (ଘ) Dry fruits

୩. ' ?' ଚିହ୍ନଟି କ'ଣ ରହିବ ?
DG: 28:: LO:?
(କ)୧୯୫ (ଖ)୧୮୦ (ଗ)୨୦୦ (ଘ)୧୬୫

୪. ସିରିଜ୍‌କୁ କ୍ରମାଗତ ଭାବରେ ରଖି ଶୂନ୍ୟସ୍ଥାନ ପୂରଣ କର ?
abc-d-bc-d-b-cda
(କ) bacda (ଖ) cdaba
(ଗ) cacac (ଘ) dacdb

୫. ଯଦି alphabetically ଶବ୍ଦ ଗୁଡ଼ିକୁ ସଜାଇ ରଖାଯାଏ କେଉଁଟି ପ୍ରଥମେ ରହିବ ?
Sport , Spouse, Squash, Sporadic, Sprout
(କ) Sport (ଖ) Spouse (ଗ) Squash (ଘ) Sporadic

୬. କେଉଁଟି ଅନ୍ୟମାନଙ୍କ ଠାରୁ ଅଲଗା ?
(କ) POCG (ଖ) KLIZ
(ଗ) BUDX (ଘ) FQMV

୭. କ୍ରମାଗତ ଭାବରେ ଅନୁଧ୍ୟାନ କରି ' ?'ଟି କେତେ ?
1,4,9,16,25,36,49,?
(କ) 54 (ଖ) 56
(ଗ) 64 (ଘ) 81

୮. ଯଦି CABକୁ 'wuv' କୋଡ଼ ଦିଆଯାଏ ତେବେ 'DEAF'କୁ କେଉଁ କୋଡ଼ ଦିଆଯିବ ?
(କ) XYUZ (ଖ) UWYV
(ଗ) XWUY (ଘ) XZVU

୯. ଯଦି 15789 କୁ EGKPT କୋଡ଼ ଦିଆଯାଏ ଏବଂ 2346 କୁ 'ALUR' ଲେଖାଯାଏ ତେବେ 23549 କୁ କେଉଁ କୋଡ ଦେଇ ଲେଖାଯିବ ?
(କ) ALEUT (ଖ) ALGTU
(ଗ) ALGUT (ଘ) ALGRT

୧୦. ଗୋଟିଏ ବୁଢ଼ା ଲୋକକୁ ଦେଖାଇ କୈଳାସ କହିଲା, ତାର ପୁଅ ମୋର ପୁଅର ମାମୁଁ। ତେବେ ବୃଦ୍ଧଙ୍କ ସହ କୈଳାସର ସମ୍ପର୍କ କ'ଣ ?
(କ) ଭାଇ (ଖ) ମାମୁଁ
(ଗ) ଶ୍ୱଶୁର (ଘ) ବୁଢ଼ାବାପା

**ଉତ୍ତର**

୧. (ଖ) ପ୍ରଧାନମନ୍ତ୍ରୀ, ୨.(ଘ) ଜଗତସିଂହପୁର, ୩.(ଗ) ଗୋଦାବରୀଶ ମହାପାତ୍ର, ୪.(କ) ଦ୍ୱାଦଶ, ୫.(ଖ)୪୯ଟି, ୬.(କ)ସୁଡ଼ଳଦେବ, ୭. (କ) ୧୯୩୬, ୮.(ଖ)୧୯୮୧, ୯. (ଗ) ପାରାଦ୍ୱୀପ, ୧୦.(ଖ) ଦ୍ୱିତୀୟ

୧.(ଖ)୧୪ , ୨.(ଖ) Flowers, ୩. (ଖ)୧୮୦, ୪. (ଗ) cacac, ୫.(ଘ) Sporadic, ୬.(ଘ) FQMV, ୭. (ଗ) 64, ୮. (କ) XYUZ, ୯.(ଗ)ALGUT, ୧୦.(ଗ) ଶ୍ୱଶୁର

## (୧୧) ଇତିହାସ

୧. ଗ୍ରୀକ୍ ଶବ୍ଦ 'ହିଷ୍ଟୋରିଆ'ର ଅର୍ଥ ହେଉଛି ?
(କ) ଅନୁଶାସନ (ଖ) ଅନୁସନ୍ଧାନ
(ଗ) ଜିଜ୍ଞାସା (ଘ) ପରୀକ୍ଷା

୨. କିଏ ମିଶରକୁ ନୀଳନଦୀର ଦାନ ବୋଲି କହିଥିଲେ ?
(କ) ଫାରୋ ଖୁଫୁ (ଖ) ହେରୋଡ଼ୋଟସ୍
(ଗ) ଆଖ୍ ନାଟନ (ଘ) ନେଫରଟିଟି

୩. 'ସୁମେରୀୟ' ଶବ୍ଦର ଅର୍ଥ କ'ଣ ?
(କ)ସୁମେରୁ ଅଞ୍ଚଳ ଅଧିବାସୀ (ଖ)ସୁସ୍ଥ ଶରୀର ବିଶିଷ୍ଟ ବ୍ୟକ୍ତି
(ଗ)କୃଷ୍ଣବର୍ଣ୍ଣ ମସ୍ତକ ବିଶିଷ୍ଟ ମଣିଷ (ଘ)ଯାଯାବର

୪. କେଉଁମାନେ ପ୍ରଥମେ ଯୁଦ୍ଧରେ ଘୋଡ଼ା ଓ ରଥର ବ୍ୟବହାର କରିଥିଲେ ?
(କ) ସୁମେରୀଅ (ଖ) ବେବିଲୋନୀୟ
(ଗ) ଏସିରୀୟ (ଘ) ଚୀନ

୫. 'ତାଓ' ର ଅର୍ଥ କ'ଣ ?
(କ) ମାର୍ଗ (ଖ) ପୁଣ୍ୟମାର୍ଗ
(ଗ) ସତ୍ୟମାର୍ଗ (ଘ) ପ୍ରକୃତ ମାର୍ଗ

୬. ପ୍ରୟାଗ ପ୍ରଶସ୍ତି କେଉଁ ପ୍ରକାର ଅଭିଲେଖ ?
(କ) ପ୍ରଶଂସା ସୂଚକ (ଖ) ଧର୍ମୀୟ
(ଗ) ସ୍ମାରକ (ଘ) ଆଜ୍ଞାପତ୍ର

୭. ବୃହତ୍ତମ ସ୍ନାନାଗାର କେଉଁଠାରେ ଅବସ୍ଥିତ ?
(କ) ହରପ୍ପା (ଖ) ମହେଞ୍ଜୋଦାର
(ଗ) ମେହେରଗଡ଼ (ଘ) ରୂପାର

୮. ଆର୍ଯ୍ୟମାନଙ୍କର ସାମାଜିକ ଜୀବନର ମୁଖ୍ୟ ଆଧାର କ'ଣ ?
(କ) ପରିବାର (ଖ) କୁଳ
(ଗ) ଗ୍ରାମ (ଘ) ନଗର

୯. ସିଦ୍ଧାର୍ଥଙ୍କୁ ପାଳନ କରିଥିବା ମାଉସୀଙ୍କ ନାମ କ'ଣ ?
(କ) ମାୟାଦେବୀ (ଖ) ଗୌତମୀ
(ଗ) ଗୋପା (ଘ) ତ୍ରିଶଳା

୧୦. 'ଚୈତନ୍ୟ ଚରିତାମୃତ' କେଉଁ ଭାଷାରେ ଲିଖିତ ?
(କ) ହିନ୍ଦୀ (ଖ) ବଙ୍ଗଳା
(ଗ) ଉର୍ଦ୍ଦୁ (ଘ) ଓଡ଼ିଆ

## (୧୧) ଭୂଗୋଳ

୧. ଦକ୍ଷିଣ ଭାରତର ଦୀର୍ଘତମ ନଦୀର ନାମ କ'ଣ ?
(କ) ଗୋଦାବରୀ (ଖ) କ୍ରିଷ୍ଣା
(ଗ) କାବେରୀ (ଘ) ତାପ୍ତୀ

୨. ଡାଞ୍ଚିଗ୍ରାମ ଜାତୀୟ ଉଦ୍ୟାନ ଭାରତର କେଉଁ ରାଜ୍ୟରେ ଅବସ୍ଥିତ ?
(କ) ଅରୁଣାଚଳ ପ୍ରଦେଶ (ଖ) ମଧ୍ୟ ପ୍ରଦେଶ
(ଗ) ଉତ୍ତରାଖଣ୍ଡ (ଘ) ଜାମ୍ମୁ ଓ କାଶ୍ମୀର

୩. ପୃଥିବୀରେ ସର୍ବପ୍ରଥମେ କେଉଁ ଦେଶରେ ଜଳବିଦ୍ୟୁତ ଶକ୍ତି ଉତ୍ପାଦନ ଆରମ୍ଭ ହୋଇଥିଲା ?
(କ) ଯୁକ୍ତରାଷ୍ଟ୍ର ଆମେରିକା (ଖ) ନରୱେ
(ଗ) ରୁଷିଆ (ଘ) ଜର୍ମାନୀ

୪. ବାୟୁମଣ୍ଡଳର ସର୍ବନିମ୍ନ ସ୍ତରକୁ କ'ଣ କୁହାଯାଏ ?
(କ) ଥର୍ମୋସ୍ଫିୟର୍ (ଖ) ମେସୋସ୍ଫିୟର୍
(ଗ) ଷ୍ଟ୍ରାଟୋସ୍ଫିୟର୍ (ଘ) ଟ୍ରପୋସ୍ଫିୟର୍

୫. କେଉଁ ଦେଶଟି ଏକ ବିକଶିତ ଦେଶ ଅଟେ ?
(କ) ଭାରତ (ଖ) ବ୍ରାଜିଲ (ଗ) କାନାଡ଼ା (ଘ) ଆର୍ଜେଣ୍ଟିନା

୬. ଅଷ୍ଟ୍ରେଲିଆର 'ନ୍ୟୁ ସାଉଥ୍ ୱେଲସ୍' ରାଜ୍ୟର ରାଜଧାନୀର ନାମ କ'ଣ ?
(କ) ମେଲବୋର୍ଣ୍ଣ (ଖ) ସିଡ୍‌ନୀ (ଗ) ବ୍ରିସ୍‌ବେନ୍ (ଘ) ଅଡିଲେଡ୍

୭. କିଏଭ୍ ନଗରୀଟି କେଉଁ ଦେଶର ରାଜଧାନୀ ଅଟେ ?
(କ) ୟୁକ୍ରେନ୍ (ଖ) ଆଲ୍‌ବାନିଆ
(ଗ) ଲିଥୁଆନିଆ (ଘ) ଲାଟ୍‌ଭିଆ

୮. କେଉଁ ଜଳପ୍ରପାତଟି ବିଶ୍ୱର ଉଚ୍ଚତମ ଜଳପ୍ରପାତ ?
(କ) କାନାଡ଼ାର ନାଏଗ୍ରା ଜଳପ୍ରପାତ
(ଖ) ନରୱେର ମୋଙ୍ଗା ଜଳପ୍ରପାତ
(ଗ) ଭେନେଜୁଏଲାର ଆଞ୍ଜେଲ୍ ଜଳପ୍ରପାତ
(ଘ) ଦକ୍ଷିଣ ଆଫ୍ରିକାର ଟୁଗେଲା ଜଳପ୍ରପାତ

୯. କେଉଁ ଅଞ୍ଚଳଟି ପୃଥିବୀର ସର୍ବାଧିକ ଶୁଷ୍କ ଅଞ୍ଚଳ ଭାବେ ପରିଚିତ ?
(କ) ଭାରତର ଥର୍ ମରୁଭୂମି (ଖ) ଚିଲୀର ଆଟାକାମା ମରୁଭୂମି
(ଗ) ସାଉଦି ଆରବର ମରୁଭୂମି (ଘ) ଆଫ୍ରିକାର ସାହାରା ମରୁଭୂମି

୧୦. ଓଡ଼ିଶାର ଦାର୍ଜିଲିଂ ଭାବେ ପରିଚିତ ଦାରିଙ୍ଗବାଡ଼ି ସହରଟି କେଉଁ ଜିଲ୍ଲାରେ ଅବସ୍ଥିତ ?
(କ) ଗଜପତି (ଖ) କେନ୍ଦୁଝର
(ଗ) ମୟୂରଭଞ୍ଜ (ଘ) କନ୍ଧମାଳ

**ଉତ୍ତର**

୧. (ଖ)ଅନୁସନ୍ଧାନ, ୨.(ଖ)ହେରୋଡ଼ୋଟସ୍, ୩.(ଗ)କୃଷ୍ଣବର୍ଣ୍ଣ ମସ୍ତକ ବିଶିଷ୍ଟ ମଣିଷ, ୪.(ଗ) ଏସିରୀୟ ,୫.(କ)ମାର୍ଗ, ୬.(କ)ପ୍ରଶଂସା ବ୍ୟଞ୍ଜକ,୭.(ଖ)ମହେଞ୍ଜୋଦାର, ୮.(କ)ପରିବାର,୯.(ଖ) ଗୌତମୀ, ୧୦.(ଖ) ବଙ୍ଗଳା

୧.(କ) ଗୋଦାବରୀ,୨.(ଘ) ଜାମ୍ମୁ ଓ କାଶ୍ମୀର, ୩.(ଖ) ନରୱେ , ୪.(ଘ) ଟ୍ରପୋସ୍ଫିୟର୍, ୫.(ଗ) କାନାଡ଼ା, ୬.(ଖ) ସିଡ୍‌ନୀ, ୭.(କ) ୟୁକ୍ରେନ୍ , ୮. (ଗ) ଭେନେଜୁଏଲାର ଆଞ୍ଜେଲ୍ ଜଳପ୍ରପାତ, ୯.(କ) ଭାରତର ଥର୍ ମରୁଭୂମି ୧୦.(ଘ) କନ୍ଧମାଳ ।

## (୧୩) ଅର୍ଥନୀତି

୧. ଅର୍ଥନୀତିରେ ବଜାର କହିଲେ କ'ଣ ବୁଝ ?
(କ) ନିର୍ଦ୍ଦିଷ୍ଟ ଭୌଗଳିକ ସ୍ଥାନ(ଖ) କ୍ରେତା ଓ ବିକ୍ରେତାଙ୍କ ମଧ୍ୟରେ ସମନ୍ୱୟ
(ଗ) ଦ୍ରବ୍ୟର ବିକ୍ରୟ (ଘ) ଉପରୋକ୍ତ ସମସ୍ତ

୨. କିଶୋର କୁମାରଙ୍କର କଣ୍ଠସ୍ୱର ସମ୍ପଦ ନୁହେଁ କାହିଁକି ?
(କ) ସ୍ୱଚ୍ଛତା ନୁହେଁ (ଖ) ଉପଯୋଗୀତା ନୁହେଁ
(ଗ) ବିକ୍ରୟ ଯୋଗୀ ନୁହେଁ (ଘ) ବାହ୍ୟ ଅବସ୍ଥିତି ନୁହେଁ

୩. ମାନବୀୟ ଅଭାବର ଅର୍ଥ କ'ଣ ?
(କ) ଗୋଟିଏ ଦ୍ରବ୍ୟରୁ ପ୍ରାପ୍ତ ଉପଯୋଗୀତା
(ଖ) ଗୋଟିଏ ଦ୍ରବ୍ୟ ବା ସେବା ପାଇବାର ଇଚ୍ଛା
(ଗ) ଦ୍ରବ୍ୟ ସନ୍ନିତ ଉପଯୋଗିତାର ଉପଯୋଗ
(ଘ) ଗୋଟିଏ ଦ୍ରବ୍ୟର ମୂଲ୍ୟ

୪. ଟେବୁଲ୍ ପଙ୍ଖା କେଉଁ ପ୍ରକାର ଦ୍ରବ୍ୟର ଉଦାହରଣ ?
(କ) ନଷ୍ଟଶୀଳ (ଖ) ଅନାୟାସଲଭ୍ୟ
(ଗ) ଅହସ୍ତାନ୍ତରଣୀୟ (ଘ) ଭୌତିକ

୫. ସାମୂହିକ ବ୍ୟୟ (ଉପଯୋଗ+ନିବେଶ) ରେଖାର ଆକାର କିପରି ?
(କ) ଉଲ୍ଲମ୍ବ (ଖ) ଉର୍ଦ୍ଧ୍ୱଗାମୀ
(ଗ) ଆନୁଭୂମିକ (ଘ) ନିମ୍ନାଭିମୁଖୀ

୬. କେଉଁଟି ଜାତୀୟ ଆୟର ଅନ୍ତର୍ଭୁକ୍ତ ନୁହେଁ ?
(କ) କର୍ମଚାରୀମାନଙ୍କ କ୍ଷତିପୂରଣ(ଖ) କାର୍ଯ୍ୟକାରୀ ଉଦ୍‌ବୃତ୍ତ
(ଗ) ଅନ୍ତରଣ ଆୟ (ଘ) ମିଶ୍ରିତ ଆୟ

୭. ସୀମାନ୍ତ ଆୟ ୦ ହେଲେ, ମୋଟ ଆୟ କ'ଣ ହୁଏ ?
(କ) ୦ ହୁଏ (ଖ) ହ୍ରାସପାଏ
(ଗ) ସର୍ବାଧିକ ହୁଏ (ଘ) ସ୍ଥିର ରୁହେ

୮. ଉତ୍ପାଦନ ଶୁଳ୍କ ବୃଦ୍ଧି ପାଇଲେ ଯୋଗାଣ କ୍ଷେତ୍ରରେ କ'ଣ ହୁଏ ?
(କ) ହ୍ରାସପାଏ (ଖ) ବୃଦ୍ଧିପାଏ
(ଗ) ସ୍ଥିରରୁହେ (ଘ) କୌଣସିଟି ନୁହେଁ

୯. କେଉଁ ସମୟ କାଳରେ ଯୋଗାଣ ଅପରିବର୍ତ୍ତିତ ରହିଥାଏ ?
(କ) ବଜାର କାଳ (ଖ) ସ୍ୱଳ୍ପକାଳ
(ଗ) ଦୀର୍ଘକାଳ (ଘ) ଉପରୋକ୍ତ ସମସ୍ତ

୧୦.କେଉଁଟିକୁ କର୍ମଚାରୀଙ୍କର କ୍ଷତିପୂରଣ କୁହାଯାଏ ?
(କ) ସୁଧ (ଖ) ଅଧିଶେଷ
(ଗ) ମଜୁରି (ଘ) ଲାଭ

## (୧୪) କ୍ରୀଡା

୧. ଏବେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଇଥିବା ଟେଷ୍ଟ ସିରିଜ୍ ଅବସରରେ କେଉଁଠାରେ ପ୍ରଥମଥର ପାଇଁ ଟେଷ୍ଟ ମ୍ୟାଚର ଆୟୋଜନ ହୋଇଥିଲା ?
(କ) ପୁଣେ (ଖ) ରାଞ୍ଚି
(ଗ) ଧର୍ମଶାଳା (ଘ) ଏହି ତିନିଟିଯାକ ସ୍ଥାନରେ

୨. ଧର୍ମଶାଳା ଟେଷ୍ଟରେ ବିରାଟ କୋହଲୀଙ୍କ ଅନୁପସ୍ଥିତିରେ ଅଧିନାୟକ ହୋଇଥିଲେ ଅଜିଙ୍କ୍ୟା ରାହାଣେ । ଟେଷ୍ଟ କ୍ରିକେଟରେ ସେ ଭାରତର କେତେତମ ଅଧିନାୟକ ?
(କ) ୩୨ତମ (ଖ) ୩୩ତମ (ଗ) ୩୪ତମ (ଘ) ୩୫ତମ

୩. ୧୯୩୨ମସିହାରେ ଭାରତ ଯେତେବେଳେ ନିଜର ପ୍ରଥମ ଟେଷ୍ଟମ୍ୟାଚ ଖେଳିଥିଲା ସେତେବେଳେ ଭାରତର ପ୍ରଥମ ଟେଷ୍ଟ ଅଧିନାୟକ କିଏ ହୋଇଥିଲେ ?
(କ) ରଣଜୀତ ସିଂହଜୀ (ଖ) ଇଫ୍‌ତିଖାର ଅଲୀ ଖାନ୍ ପଟୌଦୀ
(ଗ) ସି. କେ. ନାୟୁଡୁ (ଘ) ଲାଲା ଅମରନାଥ

୪. ବିଶ୍ୱର ସର୍ବ ପୁରାତନ ବ୍ୟାଡମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ ଅଲ୍ ଇଂଲାଣ୍ଡ ଚାମ୍ପିଆନ୍‌ଶିପର ୨୦୧୭ର ସଂସ୍କରଣରେ ପୁରୁଷ ସିଂଗଲ୍ସ ଟାଇଟେଲ୍ କିଏ ଜିଣିଛନ୍ତି ?
(କ) ଲିନ୍ ଡାନ୍ (ଖ) ଲି ଚୋଙ୍ଗ୍ ୱେଇ (ଗ) ଚେନ୍ ଜିନ୍ (ଘ) ପାଓ ଲିନ୍

୫. ୨୦୧୭ର ଅଲ୍ ଇଂଲାଣ୍ଡ ବ୍ୟାଡମିଣ୍ଟନ୍‌ରେ ମହିଳା ସିଂଗଲ୍ସ ଟାଇଟେଲ୍ ଜିତିଥିବା ତାରକାଙ୍କ ନାମ କ'ଣ ?
(କ) ତାଇ ଜୁ ୟିଙ୍ଗ୍ (ଖ) ପି. ଭି. ସିନ୍ଧୁ
(ଗ) ଜୁରେଇ ଲି (ଘ) କାରୋଲିନା ମାରିନ୍

୬. ୨୦୧୬ ଓ ୨୦୧୭ରେ କ୍ରମାଗତ ଦୁଇବର୍ଷ ଧରି ଇଣ୍ଡିଆନ୍ ଓପନ୍ ଗଲ୍‌ଫ ପ୍ରତିଯୋଗିତା ଜିଣିଥିବା ଖେଳାଳିଙ୍କ ନାମ କ'ଣ ?
(କ) ଜ୍ୟୋତି ରନ୍ଧାୱା (ଖ) ଅନିର୍ବାଣ ଲାହିଡ଼ି
(ଗ) ଗଗନଜିତ୍ ଭୁଲର୍ (ଘ) ଏସ.ଏସ.ପି. ଚୌରାସିଆ

୭. ୨୦୧୬-୧୭ରେ ଜାତୀୟ ଫୁଟବଲ ପ୍ରତିଯୋଗିତା ସନ୍ତୋଷ ଟ୍ରଫିରେ କେଉଁ ଦଳ ଚାମ୍ପିଆନ ହୋଇଛି ?
(କ) କେରଳ (ଖ) ଗୋଆ
(ଗ) ବେଙ୍ଗଲ (ଘ) ମିଜୋରାମ

୮. ବର୍ଷ-୨୦୧୭ର ଏସିଆନ୍ ଆଥଲେଟିକ୍ସ ଚାମ୍ପଆନ୍‌ଶିପ୍ ଭାରତର କେଉଁ ସହରରେ ଆୟୋଜିତ ହେବ ?
(କ) ଦିଲ୍ଲୀ (ଖ) ରାଞ୍ଚି (ଗ) କୋଲ୍‌କାତା (ଘ) ଭୁବନେଶ୍ୱର

୯. ଓଡ଼ିଆ ଖେଳାଳି ଅଂଶୁମାନ ରଥ କେଉଁ ଦେଶ ପାଇଁ ଏକଦିବସୀୟ ଏବଂ ଟି - ଟ୍ୱେଣ୍ଟି ଆନ୍ତର୍ଜାତିକ ମ୍ୟାଚ ଖେଳୁଛନ୍ତି ?
(କ) ସ୍କଟ୍‌ଲାଣ୍ଡ (ଖ) ହଂକଂ (ଗ) ୟୁ. ଏ. ଇ. (ଘ) ଓମାନ୍

୧୦. ଓଡ଼ିଶାର ମହିଳା ଖେଳାଳି ଶ୍ରୀୟଙ୍କା ଷଡ଼ଙ୍ଗୀ କେଉଁ ଖେଳ ଖେଳନ୍ତି ?
(କ) ଆଥଲେଟିକ୍ସ (ଖ) ଚେସ୍
(ଗ) ଶୁଟିଂ (ଘ) କରାଟେ

**ଉତ୍ତର**

୧.(ଖ)କ୍ରେତା ଓ ବିକ୍ରେତାଙ୍କ ମଧ୍ୟରେ ସମନ୍ୱୟ ,୨.(ଘ)ବାହ୍ୟ ଅବସ୍ଥିତି ନୁହେଁ, ୩.(ଖ)ଗୋଟିଏ ଦ୍ରବ୍ୟ ବା ସେବା ପାଇବାର ଇଚ୍ଛା, ୪.(ଘ)ଭୌତିକ, ୫.(ଖ)ଉର୍ଦ୍ଧ୍ୱଗାମୀ, ୬.(ଗ)ଅନ୍ତରଣ ଆୟ, ୭. ସର୍ବାଧିକ ହୁଏ,୮. (କ)ହ୍ରାସପାଏ ,୯.(କ) ବଜାର କାଳ,୧୦.(ଗ) ମଜୁରି

୧.(ଘ) ଏହି ତିନିଟିଯାକ ସ୍ଥାନରେ, ୨.(ଖ) ୩୩ତମ, ୩.(ଗ) ସି. କେ. ନାୟୁଡୁ , ୪.(ଖ) ଲି ଚୋଙ୍ଗ୍ ୱେଇ , ୫.(କ) ତାଇ ଜୁ ୟିଙ୍ଗ୍ ,୬.(ଘ) ଏସ.ଏସ.ପି. ଚୌରାସିଆ,୭.(ଗ) ବେଙ୍ଗଲ,୮.(ଘ) ଭୁବନେଶ୍ୱର,୯.(ଖ) ହଂକଂ,୧୦(ଗ) ଶୁଟିଂ

## (୧୫) ସାହିତ୍ୟ, କଳା ଓ ସଂସ୍କୃତି

୧. ଜ୍ଞାନପୀଠ ପୁରସ୍କାରରେ ସମ୍ମାନିତ ଦିବଙ୍ଗତ ସାହିତ୍ୟିକ ଅମରକାନ୍ତ କେଉଁ ଭାଷାର ଜଣେ ପ୍ରସିଦ୍ଧ ଲେଖକ ଥିଲେ ?
(କ) ପଞ୍ଜାବୀ (ଖ) ହିନ୍ଦୀ (ଗ) ସିନ୍ଧୀ (ଘ) ଗୁଜୁରାଟୀ

୨. ନିମ୍ନଲିଖିତ ଉପନ୍ୟାସମାନଙ୍କ ମଧ୍ୟରୁ କେଉଁଟି ଜ୍ଞାନପୀଠ ପୁରସ୍କାର ପ୍ରାପ୍ତ ପ୍ରସିଦ୍ଧ ଓଡ଼ିଆ ଲେଖକ ଗୋପୀନାଥ ମହାନ୍ତିଙ୍କ ରଚନା ନୁହେଁ ?
(କ) ଅମୃତର ସନ୍ତାନ (ଖ) ଦାନାପାଣି (ଗ) ଆଦିଭୂମି (ଘ) ମାଟିମଟାଳ

୩. ଏକଦା ଭାରତର ଅଦାଲତମାନଙ୍କରେ ପ୍ରଚଳିତ ଥିବା ପାର୍ସି ବା ପର୍ସିଆନ୍ ଭାଷାଟି ପ୍ରକୃତରେ କେଉଁ ଦେଶର ଭାଷା ଅଟେ ?
(କ) ଇରାନ (ଖ) ଇରାକ (ଗ) ଆଫଗାନୀସ୍ତାନ (ଘ) ଭାରତ

୪. ଗତ ଫେବ୍ରୁଆରୀ ୨୭ତାରିଖ ଦିନ ଲସ୍ ଏଞ୍ଜଲସ୍‌ଠାରେ ଆୟୋଜିତ ଓସ୍କାର ପୁରସ୍କାର ଉତ୍ସବରେ କେଉଁଟି ସର୍ବଶ୍ରେଷ୍ଠ ଚଳଚିତ୍ର ଭାବେ ପୁରସ୍କୃତ ହୋଇଛି ?
(କ) ଲା ଲା ଲ୍ୟାଣ୍ଡ (ଖ) ମୁନ୍‌ଲାଇଟ୍ (ଗ) ଫେନ୍‌ସେସ୍ (ଘ) ସନ୍ ଅଫ୍ ସଲ୍

୫. ୨୦୧୭ର ଓସ୍କାର ପୁରସ୍କାର ଉତ୍ସବରେ ସର୍ବଶ୍ରେଷ୍ଠ ଅଭିନେତା ପୁରସ୍କାର ଲାଭ କରିଥିବା ଚିତ୍ରତାରକାଙ୍କ ନାମ କ'ଣ ? ସେ 'ମାଞ୍ଚେଷ୍ଟର ବାଏ ଦ ସି' ଚଳଚିତ୍ରର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ।
(କ) ବିଲ୍ ପାକ୍ସଟନ୍ (ଖ) ଡେଞ୍ଜିଲ୍ ୱାସିଂଟନ୍
(ଗ) ବେନ୍ ଆଫଲେକ୍ (ଘ) କ୍ୟାସୀ ଆଫଲେକ୍

୬. ୨୦୧୭ର ଓସ୍କାର ପୁରସ୍କାର ଉତ୍ସବରେ ସର୍ବଶ୍ରେଷ୍ଠ ଅଭିନେତ୍ରୀର ପୁରସ୍କାର ଲାଭ କରିଥିବା 'ଲା ଲା ଲ୍ୟାଣ୍ଡ' ଚଳଚିତ୍ରର ନାୟିକାଙ୍କ ନାମ କ'ଣ ?
(କ) ଇମା ଷ୍ଟୋନ୍ (ଖ) ଭାୟୋଲା ଡେଭିସ୍
(ଗ) ଲେସ୍‌ଲୀ ମାନ୍ (ଘ) ସ୍କରଲେଟ୍ ୟୋହାନ୍‌ସନ୍

୭. 'ଲା ଲା ଲ୍ୟାଣ୍ଡ' ଚଳଚିତ୍ର ପାଇଁ ସର୍ବଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ଓସ୍କାର ଆୱାର୍ଡ କିଏ ଜିଣିଛନ୍ତି ?
(କ) କେନ୍ ଲୋଚ୍ (ଖ) ଟମ୍ ଫୋର୍ଡ
(ଗ) ଡାମିଏନ୍ ଚାଜେଲ୍ (ଘ) ମେଲ୍ ବ୍ରୁକସ୍

୮. ୨୦୧୭ର ଓସ୍କାର ପୁରସ୍କାର ଉତ୍ସବରେ 'ଦି ସେଲ୍‌ସମ୍ୟାନ' କୁ ମିଳିଛି ଶ୍ରେଷ୍ଠ ବିଦେଶୀ ଭାଷାର ଚଳଚିତ୍ର ପୁରସ୍କାର । ଏହା କେଉଁ ଦେଶର ଚଳଚିତ୍ର ?
(କ) ହଙ୍ଗେରୀ (ଖ) ଇରାନ୍ (ଗ) ଇଟାଲୀ (ଘ) କେନିୟା

୯. ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନାର ନବବର୍ଷ ଉତ୍ସବଟି କେଉଁ ନାମରେ ପରିଚିତ ?
(କ) ଉଗାଡ଼ି (ଖ) ଓଣମ୍ (ଗ) ଚେଟିଚାନ୍ଦ (ଘ) ପୋଙ୍ଗଲ

୧୦. କେଉଁ ଉପଲକ୍ଷ୍ୟେ ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ଇଷ୍ଟର୍ ପର୍ବ ପାଳନ କରିଥାନ୍ତି ?
(କ) ଯୀଶୁଙ୍କ ଜନ୍ମଦିବସ (ଖ) ଯୀଶୁଙ୍କ ବାଣୀ ପ୍ରଚାରର ପ୍ରଥମ ଦିବସ
(ଗ) ଯୀଶୁଙ୍କ ମୃତ୍ୟୁ ଦିବସ (ଘ) ମୃତ୍ୟୁ ପରେ ଯୀଶୁଙ୍କ ପୁନଃଆବିର୍ଭାବ ଦିବସ

## (୧୬) ବାଣିଜ୍ୟ

୧. ଭାରତର କେଉଁ ପ୍ରଥମ ରାଜ୍ୟ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ବ୍ୟାଙ୍କ ସୁବିଧା ନଥିବା ଅଞ୍ଚଳରେ ବ୍ୟାଙ୍କିଂ ସୁବିଧା ଯୋଗାଇ ଦେଇଛି ?
(କ) କର୍ଣ୍ଣାଟକ (ଖ) ଓଡ଼ିଶା
(ଗ) କେରଳ (ଘ) ତାମିଲନାଡୁ

୨. ଏକ୍ସିମ ବ୍ୟାଙ୍କ ନେପାଳକୁ କେତେ ଡଲାର ଲୋନ ଦେଇଛି ?
(କ) ୫୦୦ମିଲିଅନ୍ ଡଲାର (ଖ) ୭୫୦ମିଲିଅନ୍ ଡଲାର
(ଗ) ୮୫୦ମିଲିଅନ୍ ଡଲାର (ଘ) ୯୫୦ମିଲିଅନ୍ ଡଲାର

୩. ବିଶ୍ୱର କେଉଁ ପ୍ରଥମ ଦେଶ ଲିଙ୍ଗ, ରାଷ୍ଟ୍ରିୟତା ଭେଦଭାବ ନଗର ସମସ୍ତ କମ୍ପାନୀମାନଙ୍କୁ ସମାନ ହାରରେ ବେତନ ଦେବାପାଇଁ ନିର୍ଦ୍ଦେଶ ଦେଇଛି ?
(କ) ଆଇସ୍‌ଲ୍ୟାଣ୍ଡ (ଖ) ଆୟାରଲ୍ୟାଣ୍ଡ
(ଗ) ଭାରତ (ଘ) ଚୀନ୍

୪. ବିଗତ ୫ବର୍ଷଧରି ବିଶ୍ୱର ଶ୍ରେଷ୍ଠ ବିମାନବନ୍ଦର ରୂପେ କିଏ ପରିଚିତ ?
(କ) ବିଜୁପଟ୍ଟନାୟକ ବିମାନ ବନ୍ଦର (ଖ) ସିଙ୍ଗାପୁରର ଚାଙ୍ଗି
(ଗ) (ଘ)

୫. ସେବୀ ଏବଂ ଷ୍ଟକ୍‌ଏକସଚେଡ଼ିଠାରୁ କେଉଁ କମ୍ପାନୀ ଏୟାରସେଲ୍ ଠାରୁ ଅଲଗା ହେବାପାଇଁ ଅନୁମତି ପାଇଛି ?
(କ) ରିଲାଏନ୍ସ କମୁନିକେସନ୍ (ଖ) ଆଇଡିଆ
(ଗ) ଭୋଡା (ଘ) ବିଏସ ଏନ ଏଲ

୬. ମରଚାଣ୍ଟମାନଙ୍କ ପାଇଁ ଆଧାର ପେ ସିଷ୍ଟମ୍ କେଉଁ ବ୍ୟାଙ୍କ ପ୍ରଥମ ଆରମ୍ଭ କରିଛି ?
(କ) ଆଇଡ଼ିଏଫ୍‌ସି (ଖ) ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍
(ଗ) ଏଚ ଡି ଏଫ ସି (ଘ) ଆକ୍ସିସ୍

୭. କେଉଁ ସରକାରୀ ବ୍ୟାଙ୍କ୍ "work from home" ସୁବିଧା ତାର କର୍ମଚାରୀମାନଙ୍କୁ ଦେଇଛି ?
(କ) ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ (ଖ) ଏଚ ଡି ଏଫ ସି
(ଗ) ଆକ୍ସିସ୍ (ଘ) ଆଇଡିବିଆଇ

୮. ୨୦୧୩ରେ ପ୍ରତିଷ୍ଠା ହୋଇଥିବା ଭାରତୀୟ ମହିଳା ବ୍ୟାଙ୍କ କେଉଁ ବ୍ୟାଙ୍କ ସହ ମିଶିଯିବ ?
(କ) ଆକ୍ସିସ୍ (ଖ) ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
(ଗ) ୟୁକୋ ବ୍ୟାଙ୍କ (ଘ) କାନାରା

୯. ଭୋଡ଼ାଫୋନ୍ ଏବଂ ଆଇଡ଼ିଆ ମିଶ୍ରଣ ପରେ ଏହା ନୂଆ ଚେୟାରମ୍ୟାନ୍ କିଏ ହେବେ ?
(କ) ଅନିଲ ଆମ୍ବାନୀ (ଖ) ସୁଧାକ୍ରଷ୍ଣମୂର୍ତ୍ତି
(ଗ) କୁମାର ମଙ୍ଗଳସ ବିରଳା (ଘ) ଭନିତା ଗୁପ୍ତା

୧୦. କେଉଁ ବ୍ୟାଙ୍କ 'ମନିପ୍ଲାଣ୍ଟ ରୂପେ ଇଣ୍ଟରନ୍ୟାସନାଲ୍ ପ୍ଲାଟିନମ ଡ଼େବିଟ କାର୍ଡ଼' ପ୍ରଚଳନ କରିଛି ?
(କ) ଆଇଡ଼ିବିଆଇ ବ୍ୟାଙ୍କ (ଖ) ବନ୍ଧନ ବ୍ୟାଙ୍କ
(ଗ) ଦେନା ବ୍ୟାଙ୍କ (ଘ) କର୍ଣ୍ଣାଡ଼ା ବ୍ୟାଙ୍କ

**ଉତ୍ତର**

୧.(ଖ) ହିନ୍ଦୀ, ୨.(ଗ) ଆଦିଭୂମି, ୩.(କ) ଇରାନ, ୪.(ଖ) ମୁନ୍‌ଲାଇଟ୍ ,୫.(ଘ) କ୍ୟାସୀ ଆଫଲେକ୍ ,୬.(କ) ଇମା ଷ୍ଟୋନ୍ ,୭.(ଗ) ଡାମିଏନ୍ ଚାଜେଲ୍ ,୮.(ଖ) ଇରାନ,୯.((କ) ଉଗାଡ଼ି,୧୦.(ଘ) ମୃତ୍ୟୁ ପରେ ଯୀଶୁଙ୍କ ପୁନଃଆବିର୍ଭାବ ଦିବସ ।

୧.ଓଡ଼ିଶା, ୨. ୭୫୦ମିଲିଅନ୍ ଡଲାର, ୩.(କ) ଆଇସ୍‌ଲ୍ୟାଣ୍ଡ, ୪.(ଖ) ସିଙ୍ଗାପୁରର ଚାଙ୍ଗି, ୫.(କ) ରିଲାଏନ୍ସ କମୁନିକେସନ୍, ୬.(କ) ଆଇଡ଼ିଏଫ୍‌ସି, ୭. ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍, ୮.(ଖ)ଭାରତୀୟ ଷ୍ଟେଟ୍ ବ୍ୟାଙ୍କ , ୯.(ଗ) କୁମାର ମଙ୍ଗଳସ ବିରଳା, ୧୦.କର୍ଣ୍ଣାଡ଼ା ବ୍ୟାଙ୍କ

## (୧୭) ରାଷ୍ଟ୍ର ଶାସନ ବ୍ୟବସ୍ଥା

୧. ସମ୍ବିଧାନର କେତେ ତମ ସଂଶୋଧନ ପ୍ରସ୍ତାବ ଅନୁସାରେ ମନ୍ତ୍ରିମଣ୍ଡଳର ନିଷ୍ପତ୍ତିକୁ ରାଷ୍ଟ୍ରପତି ମାନିବାକୁ ବାଧ୍ୟ ଅଟନ୍ତି ?
(କ) ୪୨ତମ (ଖ) ୪୪ତମ
(ଗ) ୫୨ତମ (ଘ) ୬୫ତମ

୨. ସମ୍ବିଧାନର କେଉଁ ଧାରା ଅନୁସାରେ ଭାରତରେ ଜଣେ ରାଷ୍ଟ୍ରପତି ରହିବେ ?
(କ) ୫୦ (ଖ) ୫୧
(ଗ) ୫୨ (ଘ) ୫୩

୩. ସମ୍ବିଧାନର କେଉଁ ଧାରା ଅନୁସାରେ ରାଷ୍ଟ୍ରପତିଙ୍କ ଯୋଗ୍ୟତା ବର୍ଣ୍ଣନା କରାଯାଇଛି ?
(କ) ୫୪ (ଖ) ୫୫
(ଗ) ୫୮ (ଘ) ୬୦

୪. ସମ୍ବିଧାନର କେଉଁ ଧାରା ଅନୁସାରେ ରାଷ୍ଟ୍ରପତିଙ୍କ ନିର୍ବାଚନ ପ୍ରଣାଳୀ ବର୍ଣ୍ଣନା କରାଯାଇଛି ?
(କ) ୫୪ (ଖ) ୫୫
(ଘ) ୫୮ (ଘ) ୬୦

୫. ସମ୍ବିଧାନର କେଉଁ ଧାରା ଅନୁସାରେ ରାଷ୍ଟ୍ରପତି ନିର୍ବାଚନ ପାଇଁ ଏକ ନିର୍ବାଚନମଣ୍ଡଳୀ ଗଠିତ ହୁଏ ?
(କ) ୫୪ (ଖ) ୫୫
(ଗ) ୫୮ (ଘ) ୫୯

୬. ରାଷ୍ଟ୍ରପତି ନିର୍ବାଚନରେ ଯଦି କୌଣସି ପ୍ରକାର ଅନୀତି ଏବଂ ଦୁର୍ନୀତି ହୋଇଥାଏ, ତେବେ ନିର୍ବାଚନ ମକଦ୍ଦମା ସୁପ୍ରିମକୋର୍ଟରେ ବିଚାର ହେବ, ଏହା ସମ୍ବିଧାନର କେଉଁ ଧାରାରେ ବର୍ଣ୍ଣିତ ?
(କ) ୭୦ (ଖ) ୭୧
(ଗ) ୭୪ (ଘ) ୭୫

୭. ସମ୍ବିଧାନରକେଉଁ ଧାରା ଅନୁସାରେ ରାଷ୍ଟ୍ରପତିଙ୍କ କାର୍ଯ୍ୟକାଳ ବର୍ଣ୍ଣନା କରାଯାଇଛି ?
(କ) ୫୫ (ଖ) ୫୬
(ଗ) ୫୭ (ଘ) ୫୮

୮. ସମ୍ବିଧାନର କେଉଁ ଧାରା ଅନୁସାରେ ରାଷ୍ଟ୍ରପତି ପଦବୀରେ ଏକାଧିକାର ରହିବାର କୌଣସି ଅସୁବିଧା ନାହିଁ ?
(କ) ୫୬ (ଖ) ୫୭
(ଗ) ୫୮ (ଘ) ୬୦

୯. ସମ୍ବିଧାନର କେଉଁ ଧାରା ଅନୁସାରେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ରାଷ୍ଟ୍ରପତିଙ୍କୁ ସମ୍ବିଧାନ ବର୍ଣ୍ଣିତ ବ୍ୟବସ୍ଥାନୁସାରେ ଶପଥ ପାଠ କରାନ୍ତି ?
(କ) ୫୮ (ଖ) ୫୯
(ଗ) ୬୦ (ଘ) ୬୧

୧୦. ରାଷ୍ଟ୍ରପତିଙ୍କ ନିର୍ବାଚନ ପକ୍ରିୟା ସମାପ୍ତି ହେବାକୁ କେତେ ଦିନ ଲାଗେ ?
(କ) ୩୦ଦିନ (ଖ) ୨୯ଦିନ
(ଗ) ୨୮ଦିନ (ଘ) ୨୫ଦିନ

## (୧୮) କମ୍ପ୍ୟୁଟର୍ ଶିକ୍ଷା

୧. କେଉଁଟି ଇନ୍‌ପୁଟ୍ ଡ଼ିଭାଇସ୍ ନୁହେଁ ?
(କ) ମାଉସ୍ (ଖ) କି-ବୋର୍ଡ଼
(ଗ) ଲାଇଟ୍ ପେନ୍ (ଘ) ଭିଡ଼ିୟୁ

୨. ଗୋଟିଏ ପେଜ୍‌ରେ ଯେଉଁ ଟେକ୍ସଟ୍ ଦେଖାଯାଉଥାଏ ତାକୁ କ'ଣ କୁହନ୍ତି ?
(କ) ଫରମାଟ୍ (ଖ) ଫଣ୍ଟ
(ଗ) ଲେଟର ଫର୍ମ (ଘ) ଫର୍ମ

୩. ଟାଇଟଲ୍, ସବ୍-ଟାଇଟଲ୍, ଟେକ୍ସଟ୍, ପିକ୍‌ଚରଗୁଡ଼ିକୁ କାହାଦ୍ୱାରା ଠିକ୍ ଭାବରେ ଉପସ୍ଥାପନ କରାଯାଇପାରିବ ?
(କ) ଲେ-ଆଉଟ୍ (ଖ) ପ୍ରେଜେଣ୍ଟେସନ୍
(ଗ) ଡ଼ିଜାଇନ୍ (ଘ) ସ୍କିମ୍

୪. ପାୱାର ପଏଣ୍ଟରେ ଛବିକୁ କେତେ ଶତକଡ଼ା ଜୁମ୍ କରିହେବ ?
(କ)୧୦୦% (ଖ)୨୦୦%
(ଗ)୪୦୦% (ଘ)୫୦୦%

୫. ସିପିୟୁ ପ୍ରତ୍ୟକ୍ଷ ଭାବରେ କେଉଁ ଭାଷାକୁ ବୁଝିଥାଏ ?
(କ) ସି (C) (ଖ)C++
(ଗ) ଆସେ ମ୍ବଲ୍ (Assembly) (ଘ) ଜାଭା (Java)

୬. ୧କିଲୋବାଇଟ୍ କେତେ ବାଇଟ୍ ଅଟେ ?
(କ)୧୨୫୦ (ଖ)୨୦୮୮
(ଗ)୧୦୨୪ (ଘ)୧୦୦୦

୭. କ୍ରସରକୁ ଡ଼କୁମେଣ୍ଟର ଶେଷକୁ ନେବାପାଇଁ କେଉଁଟି ବ୍ୟବହାର କରିବା ?
(କ) Ctrl+Esc (ଖ) Ctrl+End
(ଗ) Ctrl+3 (ଘ) Ctrl+c

୮. ଏମ୍.ଏସ୍.ଅଫିସ୍‌ର ସର୍ବନିମ୍ନ ଏବଂ ସର୍ବାଧିକ ଜୁମ୍ ସାଇଜ୍ କେତେ ?
(କ) ୧୦୫୦୦ (ଖ)୧୦୧୦୦୦
(ଗ)୧୦୧୦୦ (ଘ)୨୦୨୦୦

୯. ଓରାକଲ୍ କର୍‌ପୋରେସନ୍‌ର ପ୍ରତିଷ୍ଠାତା କିଏ ?
(କ) ବିଲ୍ ଗେଟସ୍ (ଖ)ଡ଼ନେିସ୍‌ରିଟ୍‌ଚି
(ଗ)ବିଲଜୟ (ଘ)ଲାରସ୍ ଇଲିସନ (Laris Ellison)

୧୦. ଏକ ଲାଇଟ୍ ସେନ୍‌ସିଟିଭ୍ ଡ଼ିଭାଇସ୍ ଯାହା ପ୍ରିଣ୍ଟ୍ ଟେକ୍ସଟ୍ ଓ ଇମେଜ୍‌କୁ ଡ଼ିଜିଟାଲ୍ ଫର୍ମରେ ପରିବର୍ତ୍ତନ କରେ ତାହାକୁ କ'ଣ କୁହାଯାଏ ?
(କ) କି-ବୋର୍ଡ଼ (ଖ) ପ୍ଲଟର୍
(ଗ) ସ୍କାନର୍ (ଘ) ଓ.ଏମ୍.ଆର୍

**ଉତ୍ତର**

୧. (କ)୪୨ତମ, ୨.(ଗ)୫୨, ୩.(ଗ) ୫୮, ୪.(ଖ) ୫୫, ୫.(କ) ୫୪, ୬.(ଖ)୭୧, ୭. (ଖ)୫୬,୮.(ଖ)୫୭,୯. (ଗ) ୬୦,୧୦. (ଗ)୨୮ଦିନ

୧.(ଘ) ଭିଡ଼ିୟୁ ,୨.(ଖ)ଫଣ୍ଟ, ୩.(କ)ଲେ-ଆଉଟ୍, ୪.(ଗ)୪୦୦%, ୫., ୬.(ଗ)୧୦୨୪, ୭.(ଖ) Ctrl+End ,୮. (କ) ୧୦୫୦୦,୯.(ଘ) ଲାରସ୍ ଇଲିସନ (Laris Ellison), ୧୦.(ଗ) ସ୍କାନର୍

## (୧୯) ଗାଣିତିକ ପ୍ରଶ୍ନାବଳୀ

୧. ୨୧ ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ଚାପର ଡ଼ିଗ୍ରୀ ପରିମାପ ୩୬° ହେଲେ, ଚାପଟିର ଦୈର୍ଘ୍ୟ କେତେ ସେ.ମି ?
(କ) ୫୨.୮ (ଖ) ୩୯.୬
(ଗ) ୨୬.୪ (ଘ) ୧୩.୨

୨. (୧୭୫)² - (୭୫)² ର ମୂଲ୍ୟ କେତେ ?
(କ) ୨୫୦୦୦ (ଖ) ୨୦୦୦୦ (ଗ) ୪୦୦୦୦ (ଘ) ୫୦୦୦୦

୩. $x+2y=0$ ସମୀକରଣର ଗୋଟିଏ ସମାଧାନ କିଏ ?
(କ)(4,2) (ଖ)(-4,2)
(ଗ)(-4,-2) (ଘ)(0,4)

୪. School ଶବ୍ଦରୁ ଯଦୃଚ୍ଛା ଗୋଟିଏ ଅକ୍ଷର S ବାହାରିବାର ସାମ୍ଭାବ୍ୟତା କେତେ ?
(କ)4/5 (ଖ) 3/5
(ଗ)2/5 (ଘ) 1/6

୫. (-1,-1) ବିନ୍ଦୁଟି ଗ୍ରାଫ୍ କାଗଜରେ କେଉଁ ପାଦରେ ଅବସ୍ଥିତ ?
(କ) ପ୍ରଥମ (ଖ) ଦ୍ୱିତୀୟ
(ଗ) ତୃତୀୟ ଘ) ଚତୁର୍ଥ

୬. ଗୋଟିଏ ଗୋଲକର ଆୟତନ ଯେତିକି ଘନ ସେ.ମି. ତାହାର ପୃଷ୍ଠତଳର କ୍ଷେତ୍ରଫଳ ସେତିକି ବର୍ଗ ସେ.ମି. ହେଲେ ଗୋଲକର ବ୍ୟାସ କେତେ ସେ.ମି ?
(କ) ୮ (ଖ) ୬
(ଗ) ୪ (ଘ) ୩

୭. ଦୁଇଟି ବହିଃସ୍ପର୍ଶୀ ବୃତ୍ତ ପ୍ରତି ସର୍ବାଧିକ କେତୋଟି ସାଧାରଣ ସ୍ପର୍ଶକ ଅଙ୍କନ କରାଯାଇପାରିବ ?
(କ) ୧ (ଖ) ୨
(ଗ)୩ (ଘ)୪

୮. $2x+3y= 5a$ ଓ $3x+2y=5$ ହେଲେ $x+y$ ର ମାନ କେତେ ?
(କ)a (ଖ)a-1
(ଗ)5a-3 (ଘ)25a

୯. ନିମ୍ନ ତଥ୍ୟାବଳୀର ମଧ୍ୟମା କେତେ ?
55,64,48,50,65,72,43,57,48
(କ)48 (ଖ)55
(ଗ)50 (ଘ)60

୧୦. ଯଦି "କ"ର ଦରମା "ଖ" ଦରମାର ୨୦% କମ ଅଟେ, ତେବେ "ଖ" ର ଦରମା "କ"ର ଦରମା ଠାରୁ କେତେ ଶତକଡା ଅଧିକ ?
(କ) ୧୫% (ଖ) ୨୦% (ଗ) ୨୧% (ଘ) ୨୫%

## (୨୦) ସାଧାରଣ ବିଜ୍ଞାନ

୧. ଥରମିଟ୍ ପଦ୍ଧତିରେ ବ୍ୟବହୃତ ବିଜାରକ ହେଉଛି-
(କ) କାଲସିୟମ୍ (ଖ) ସୋଡ଼ିୟମ୍
(ଗ) ଏଲୁମିନିୟମ୍ ଗୁଣ୍ଡ (ଘ) କୋକ୍

୨. କେଉଁଟି କାର୍ବନର ରୂପଭେଦ ନୁହେଁ ?
(କ) ହୀରା (ଖ) କୋକ୍
(ଗ) ଗ୍ରାଫାଇଟ୍ (ଘ) ଫୁଲେରିନ୍

୩. କେଉଁ ଯୌଗିକରେ କାଟିନେସନ୍ ଗୁଣ ଅଧିକ ମାତ୍ରାରେ ଦେଖାଯାଏ ?
(କ) ହାଇଡ୍ରୋଜେନ୍ (ଖ) କାର୍ବନ
(ଗ) ଅକ୍ସିଜେନ୍ (ଘ) ଏମୋନିଆ

୪. କେଉଁଟି ନିଷ୍କ୍ରିୟ ମୌଳିକ ନୁହେଁ ?
(କ) H (ଖ) He
(ଗ) Ne (ଘ) Ar

୫. ନିଭଲାଣ୍ଡଙ୍କ ନିୟମକୁ କେଉଁ ନିୟମ କୁହାଯାଏ ?
(କ) ଟାଇଏଡ୍ (ଖ) ଅଷ୍ଟକ ନିୟମ
(ଗ) ବସ୍ତୁତ୍ୱ ସଂଖ୍ୟା (ଘ) ପରମାଣୁ କ୍ରମାଙ୍କ

୬. କେଉଁଟି ଇଲେକ୍ଟ୍ରନ୍ ତ୍ୟାଗକରେ ନାହିଁ ?
(କ) Na (ଖ) K
(ଗ) F (ଘ) Ar

୭. ଜଣେ ପ୍ରାପ୍ତ ବୟସ୍କ ମନୁଷ୍ୟ ଦେହରେ କେତେ ଲିଟର ରକ୍ତ ଥାଏ ?
(କ) ୩-୪ ଲିଟର (ଖ) ୪-୫ ଲିଟର
(ଗ) ୫-୬ଲିଟର (ଘ) ୬-୭ ଲିଟର

୮. ଚକ୍ଷୁ ଗୋଲକର ବ୍ୟାସ ପ୍ରାୟ କେତେ ସେ.ମି ଅଟେ ?
(କ) ୨.୩ ସେ.ମି (ଖ) ୩.୨ ସେ.ମି
(ଗ) ୩.୩ ସେ.ମି (ଘ) ୪.୩ ସେ.ମି

୯. ବିଦ୍ୟୁତ୍ ସ୍ରୋତ ମାପିବା ପାଇଁ ବ୍ୟବହୃତ ଉପକରଣ କେଉଁଟି ?
(କ) ଏମିଟର (ଖ) ଭୋଲ୍ଟ ମିଟର
(ଗ) ରିଓଷ୍ଟାଟ୍ (ଘ) ଟ୍ରାନ୍ସଫର୍ମର

୧୦. 10 mA କେତେ ଏମ୍ପିୟର୍ ଅଟେ ?
(କ) $10^{-3}$A (ଖ) $10^{-6}$A
(ଗ) $10^{-2}$A (ଘ) $10^{-5}$Aରୀ

**ଉତ୍ତର**

୧. (ଘ) ୧୩.୨ ,୨.(କ) ୨୫୦୦୦, ୩.(ଖ)(-4,2), ୪.(ଘ)1/6, ୫.(ଗ)ତୃତୀୟ, ୬.(ଖ)୬, ୭.(ଘ) ୨୫%,୮. (ଗ)5a-3, ୯.(ଖ)55, ୧୦.(ଖ)12

୧. (ଗ)ଏଲୁମିନିୟମ୍ ଗୁଣ୍ଡ ,୨.(ଖ)କୋକ୍, ୩.(ଖ) କାର୍ବନ, ୪.(କ)H, ୫.(ଖ)ଅଷ୍ଟକ ନିୟମ, ୬.(ଘ)Ar, ୭.(ଗ) ୫-୬ଲିଟର ,୮. (କ)୨.୩ ସେ.ମି, ୯.(ଖ)ଭୋଲ୍ଟ ମିଟର, ୧୦.(ଗ) $10^{-2}$A

# ବିବିଧ ପ୍ରଶ୍ନାବଳୀ

୧. ୨୦୧୭ ଆନ୍ତର୍ଜାତିକ ଯୋଗ ମହୋତ୍ସବ କେଉଁ ରାଜ୍ୟରେ ୧ମାର୍ଚ୍ଚରୁ ଏକ ସପ୍ତାହ ଧରି ଅନୁଷ୍ଠିତ ହୋଇଛି ? - ଉତ୍ତରାଖଣ୍ଡ
୨. ସେବୀର ନୂଆ ଚେୟାରମ୍ୟାନ୍ ରୂପେ କିଏ ନିଯୁକ୍ତି ପାଇଛନ୍ତି ?ଅଜୟ ତ୍ୟାଗୀ
୩. ବିଶ୍ୱ ବାଣିଜ୍ୟ ସଂଗଠନ (**WTO**) କୁ ଭାରତର ସ୍ଥାୟୀ ସଦସ୍ୟ ରୂପେ କିଏ ନିଯୁକ୍ତି ପାଇଛନ୍ତି ? - ଜେ.ଏସ୍. ଦୀପକ୍
୪. ସୁଦାନର ପ୍ରଧାନମନ୍ତ୍ରୀ ରୂପେ କିଏ ନିଯୁକ୍ତି ପାଇଛନ୍ତି ?- ବକ୍ରି ହାସନ୍ ସାଲେ
୫. ସିଭିଲ୍ ଏକାଉଣ୍ଟସ୍ ଡ଼େ ଭାରତରେ କେବେ ପାଳନ କରାଯାଏ ?ମାର୍ଚ୍ଚ ୧
୬. କେଉଁ ବିଶ୍ୱବିଦ୍ୟାଳୟ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ପୁରସ୍କାର, ଭିଜିଟର ଆୱାର୍ଡ଼ ୨୦୧୭ ପାଇଛି ?- ଜବାହାରଲାଲ ନେହେରୁ ୟୁନିଭରସିଟି
୭. ଯାଯାବରମାନଙ୍କର ସ୍ୱାର୍ଥ ରକ୍ଷା କରିବା ପାଇଁ କେନ୍ଦ୍ର ସରକାରଙ୍କୁ କେଉଁ କମିଶନ୍ ତାର ରିପୋର୍ଟ ପ୍ରଦାନ କରିଛି ? - ପାର୍ଥ ମୁଖୋପାଧ୍ୟାୟ କମିଟି
୮. କେଉଁ ରାଜ୍ୟ ସରକାର ସଂସ୍କୃତକୁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ବାଧ୍ୟତାମୂଳକ କରିଛନ୍ତି ? - ଆସାମ
୯. ୨୦୧୮ କମନ୍ ୱେଲଥ୍ ହେଡ଼ସ୍ ଅଫ ଗଭର୍ଣ୍ଣମେଣ୍ଟ ମିଟିଙ୍ଗ୍ କେଉଁ ଦେଶରେ ହେବ ? - ଇଂଲଣ୍ଡ (ୟୁକେ)
୧୦. ବର୍ଡ଼ର ପ୍ରୋଟେକ୍ସନ୍ ପାଇଁ କେଉଁ କମିଟି କେନ୍ଦ୍ର ସରକାରଙ୍କୁ ତାଙ୍କର ରିପୋର୍ଟ ଦେଇଛନ୍ତି ? - ମଧୁକର ଗୁପ୍ତା କମିଟି
୧୧. ନୂଆ ପ୍ରତିରକ୍ଷା ମନ୍ତ୍ରୀ ରୂପେ କିଏ ନିଯୁକ୍ତି ପାଇଛନ୍ତି ?- ଅରୁଣ ଜେଟଲୀ
୧୨. ରିଜର୍ଭ ବ୍ୟାଙ୍କର ଡ଼େପୁଟୀ ଗଭର୍ଣ୍ଣର ରୂପେ କିଏ ନିଯୁକ୍ତି ପାଇଛନ୍ତି ? - ବିପି କାନୁନ୍‌ଗୋ
୧୩. ମାଟରନିଟ୍ ବେନିଫିଟ୍ ବିଲ୍ ୨୦୧୬ରେ ୨ଟି ପିଲା ପର୍ଯ୍ୟନ୍ତ କେତେ ସପ୍ତାହ ସୁବିଧା ଦିଆଯିବ ? - ୨୬ ସପ୍ତାହ
୧୪. ୨୦୧୭ କୃଷି ବିଜ୍ଞାନମେଳା କେଉଁଠି ଅନୁଷ୍ଠିତ ହୋଇଥିଲା ? - ନୂଆଦିଲ୍ଲୀ
୧୫. କେଉଁ ବ୍ୟାଙ୍କ ସିକୁରିଟିଜ୍ ରଖି ତତ୍କାଳ ଡ଼ିଜିଟାଲ ଲୋନ୍ ଦେବା ପାଇଁ ସୁବିଧା ଘୋଷଣା କରିଛନ୍ତି ? - ଏଚ୍.ଡ଼ି.ଏଫ୍.ସି. ବ୍ୟାଙ୍କ
୧୬. ଏକ ବିଂଶ ଶତାବ୍ଦୀରେ ବୌଦ୍ଧ ଧର୍ମ ଶିର୍ଷକ ଆନ୍ତର୍ଜାତିକ ସମ୍ମିଳନୀ କେଉଁ ରାଜ୍ୟରେ ଅନୁଷ୍ଠିତ ହୋଇଥିଲା ? - ବିହାର
୧୭. କେଉଁ ପାର୍ଲାମେଣ୍ଟାରୀ କମିଟି ବି.ଏସ୍.ଏନ୍.ଏଲ୍ ଏବଂ ଏମ୍.ଟି.ଏନ୍.ଏଲ୍ ମିଶ୍ରିତ କରିବାକୁ ସୁପାରିଶ କରିଛନ୍ତି ? - ଭଗତ ସିଂହ କୋସିୟାରି କମିଟି
୧୮. ସର୍ବପ୍ରଥମ ହରିୟାନ ସାହିତ୍ୟ ସଙ୍ଗମ କେଉଁ ସହରରେ ଅନୁଷ୍ଠିତ ହୋଇଥିଲା ? - ଭ. ପର୍ଥକୁଲା
୧୯. ନ୍ୟାସନାଲ ହାଇଡ୍ରୋଲୋଜୀ ପ୍ରୋଜେକ୍ଟ ଅଫ ଇଣ୍ଡିଆ ପାଇଁ ବିଶ୍ୱ ବ୍ୟାଙ୍କ କେତେ ଋଣ ଅନୁମୋଦନ କରିଛି ? - ୧୭୫ ମିଲିୟନ ଡ଼ଲାର
୨୦. ସମ୍ପୂର୍ଣ୍ଣ ଭାରତ ନିର୍ମିତ ଟ୍ରେନ୍ 'ମେଧା' କେଉଁ ଷ୍ଟେସନରୁ କେଉଁ ଷ୍ଟେସନ ମଧ୍ୟରେ ଚଳାଚଳ କରୁଛି ? - ଦାଦରରୁ ବୋରିଭାଲି
୨୧. ଉତ୍ତରପ୍ରଦେଶର ଦୁଇଜଣ ଉପମୂଖ୍ୟମନ୍ତ୍ରୀଙ୍କର ନାମ କ'ଣ ? -କେଶବ ପ୍ରସାଦ ମୌର୍ଯ୍ୟ ଏବଂ ଦୀନେଶ ଶର୍ମା
୨୨. ଆନ୍ତର୍ଜାତିକ ଡ଼ାଇମଣ୍ଡ କନ୍‌ଫରେନ୍ସ- ମାଇନସ୍ଟୁ ଟ୍ରମାର୍କେଟ୍ ୨୦୧୭ କେଉଁ ଦେଶରେ ଅନୁଷ୍ଠିତ ହୋଇଛି ? - ଭାରତ
୨୩. ଗ୍ରାମାଞ୍ଚଳ ଗ୍ରାହକମାନଙ୍କ ପାଇଁ କେଉଁ ଭାରତୀୟ ବ୍ୟାଙ୍କ 'ମେରା ଆଇ ମୋବାଇଲ' ଆପ୍ ଆରମ୍ଭ କରିଛି ? -ଆଇ.ସି.ଆଇ.ସି.ଆଇ
୨୪. କେଉଁ କ୍ରିକେଟ୍ ଟିମ୍ ବିଜୟ ହାଜରା ଟ୍ରଫି- ୨୦୧୭ ଜିତିଛି ? - ତାମିଲନାଡୁ
୨୫. ବିଶ୍ୱ ଖୁସି ମାନଙ୍କ- ୨୦୧୭ (**World Happiness Index 2017**) ରେ ଭାରତର ସ୍ଥାନ କେତେ ? -୧୨୨
୨୬. ବ୍ଲୁମ୍‌ବର୍ଗ ଗ୍ଲୋବାଲ୍ ହେଲ୍‌ଥ ଇଣ୍ଡେକ୍ସ ୨୦୧୭ରେ କେଉଁ ଦେଶ ଶୀର୍ଷ ସ୍ଥାନରେ ଅଛି ? -ଇଟାଲୀ
୨୭. ଇଣ୍ଟର ନ୍ୟାସନାଲ କ୍ରିକେଟ କାଉନ୍‌ସିଲ୍ (**ICC**) ର ନବ ନିଯୁକ୍ତ ଚିଫ୍ ଫାଇନାନ୍‌ସ୍‌ସିଆଲ୍ ଆସେସର କିଏ ? - ଅଙ୍କୁର ଖାନା
୨୮. ୨୦୧୭ ଗ୍ଲୋବାଲ୍ ଟିଚର ପୁରସ୍କାର କାନାଡ଼ର କିଏ ପାଇଛନ୍ତି ? - ମାର୍ଗ ମାକ୍ ଡ଼ୋନେଲ୍
୨୯. କେରଳ ଉଚ୍ଚ ନ୍ୟାୟାଳୟର ନବ ନିଯୁକ୍ତି ବିଚାରପତି କିଏ ? - ନଭନିତି ପ୍ରସାଦ ସିଂହ
୩୦. ହ୍ୟୁମାନ୍ ଡ଼େଭେଲପ୍‌ମେଣ୍ଟ ଇଣ୍ଡେକ୍ସରେ ଭାରତର ସ୍ଥାନ କେତେ ? - ୧୩୧
୩୧. ସେବିର ସ୍ଥାୟୀ ସଦସ୍ୟ ରୂପେ କିଏ ନିଯୁକ୍ତି ପାଇଛନ୍ତି ? - ମାଧବୀ ପୁରୀ ବୁଚ୍
୩୨. ପ୍ରଥମଥର ଲାଗି ଦିଆଯାଉଥିବା କୁଲ୍‌ଦୀପ୍ ନାୟାର୍ ଜର୍ଣ୍ଣାଲିଜିମ୍ ଆୱାର୍ଡ଼ ୨୦୧୭ କିଏ ପାଇଛନ୍ତି ? -ରାଭିସ୍ କୁମାର
୩୩. କେଉଁ ରାଜ୍ୟ ସରକାର ମାଗଣା ୱାଇଫାଇ ସେବା ସବୁ ଶିକ୍ଷାୟତନରେ ଯୋଗାଇବା ପାଇଁ ସ୍ଥିର କରିଛନ୍ତି ? -ବିହାର
୩୪. ଏମ୍‌ସ, ନୂଆଜିଲ୍ଲାର ନୂତନ ନିର୍ଦ୍ଦେଶକ ରୂପେ କିଏ ନିଯୁକ୍ତି ପାଇଛନ୍ତି ? -ରନ୍‌ଦୀପ୍ ଗୁଲେରିଆ
୩୫. ବିଶ୍ୱ ପରିବେଶ ଶିକ୍ଷା କଂଗ୍ରେସ ୨୦୧୭ କେଉଁ ଦେଶରେ ସେପ୍ଟେମ୍ବର ୦୯-୧୫, ୨୦୧୭ରେ ଅନୁଷ୍ଠିତ ହେବ ? -କାନାଡ଼ା
୩୬.କଳାରନ୍ ପୁରସ୍କାର କିଏ ପାଇଁଛନ୍ତି ? -ଅନୁପମ ଖେର
୩୭.କେବେସୁଦ୍ଧା କେନ୍ଦ୍ର ସରକାର ପୁରୁଣା ଏବଂ ନୂଆ ମୋବାଇଲ ସହ ଆଧାର କାଡ଼୍ର ସଂଯୋଗ କରିବା ପାଇଁ ସମୟ ସୀମା ନିର୍ଦ୍ଦିଷ୍ଟ କରିଛନ୍ତି ? -ଫେବ୍ରୁଆରୀ ୨୦୧୮
୩୮.ଜାତୀୟ କ୍ରୀଡ଼ା ୨୦୨୨ କେଉଁ ରାଜ୍ୟରେ ଅନୁଷ୍ଠିତ ହେବ ? -ମେଘାଳୟ
୩୯.ରିଜର୍ଭବ୍ୟାଙ୍କରର ଡେପୁଟି ଗଭର୍ଣ୍ଣର ରୂପେ କିଏ ନିଯୁକ୍ତି ପାଇଛନ୍ତି ? ବି ପି କାନୁନଗୋ
୪୦.ଅରମିନ୍ଦର ସିଂହ ପଞ୍ଜାବର କେତେତମ ମୁଖ୍ୟମନ୍ତ୍ରୀ ? -୨୬ ତମ
୪୧.ପଞ୍ଜାବ ସରକାର ସରକାରୀ ଚାକିରୀରେ କେତେ ଶତକଡ଼ା ମହିଳା ମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ କରିଛନ୍ତି ? - ୩୦%
୪୨. ସେଣ୍ଟ୍ରାଲ ୱାଟର କମିଶନ ରୂପେ କିଏ ନିଯୁକ୍ତି ପାଇଛନ୍ତି ? - ଅଶୋକ ପାଣ୍ଡେ
୪୩.୨୦୧୭ ବଡ଼ର ଗାଭାସ୍କର ଟ୍ରଫିର ମ୍ୟାନ ଅଫ୍ ଦି ମ୍ୟାଚ ରୁପେ କିଏ ଘୋଷିତ ହୋଇଛନ୍ତି ? - ରବିନ୍ଦ୍ର ଜାଡ଼େଜା
୪୪.ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ସଞ୍ଚୟ ଜମା ଖାତାଧାରୀମାନେ ମାସିକ କେତେ ଥରରୁ ଅଧିକ ଥର ଅର୍ଥ ଜମା କଲେ ଶୁଳ୍କ ଦେବାକୁ ହେବ । । - ୩ଥର
୪୫.୬ ମେଟ୍ରୋ ସହର ଲାଗି ଷ୍ଟେଟ୍ ବ୍ୟାଙ୍କ ପୂର୍ବରୁ ତାର ଆବଶ୍ୟକ ମାସିକ ହାରାହାରି ବାଲାନ୍ସ (ଏମ୍‌ଏବି) କେତେଟଙ୍କାକୁ ବୃଦ୍ଧି ଘଟାଇଥିଲା ? - ୫୦୦୦ ଟଙ୍କା

## ମୟୂରଭଞ୍ଜ ଜିଲ୍ଲା




୧. ଜିଲ୍ଲାର ନାମ -ମୟୂରଭଞ୍ଜ
୨. କ୍ଷେତ୍ରଫଳ - ୧୦୪୧୮୫ ବର୍ଗ.କି.ମି
୩. ଜନସଂଖ୍ୟା - ୨୫୧୩୮୯୫
(କ) ପୁରୁଷ - ୧୨୫୩୬୩୩
(ଖ) ସ୍ତ୍ରୀ - ୧୨୬୦୨୬୨
୪. ୧୦୦୦ପୁରୁଷରେ ମହିଳା ସଂଖ୍ୟା-୧୦୦୫
୫. ସାକ୍ଷରତା ହାର - ୬୩.୯୮%
୬. ଉପଖଣ୍ଡ - ୦୪ ୭. ତହସିଲ - ୨୬
୮. ବ୍ଲକ୍ - ୨୬ ୯. ନିଗମ - ୦୦
୧୦. ମ୍ୟୁନିସିପାଲିଟି - ୦୧
୧୧. ଏନ.ଏ.ସି. - ୦୩
୧୨. ଗ୍ରାମ ପଞ୍ଚାୟତ - ୩୮୪
୧୩. ଗ୍ରାମ - ୩୯୫୦
୧୪. ଥାନା - ୩୩
୧୫. ମୋଟର ଯାନ ପଞ୍ଜିକୃତ କୋଡ଼ - ଓ.ଡି.-୧୧
୧୬. ବିଧାନ ସଭା ନିର୍ବାଚନ ମଣ୍ଡଳୀ - ୦୯
୨୬-ଜଶିପୁର୍, ୨୭-ସାରସକଣା , ୨୮-ରାଇରଙ୍ଗପୁର୍, ୨୯-ବାଙ୍ଗୀରିପୋଷି, ୩୦-କରଞ୍ଜିଆ, ୩୧-ଉଦଳା. ୩୨-ବଡ଼ସାହି, ୩୩-ବାରିପଦା , ୩୪-ମୋରଡ଼ା
୧୭. ସାଧାରଣ ବୃଷ୍ଟିପାତ - ୧୬୦୦.୬ ମି.ମି.
୧୮.ପର୍ଯ୍ୟଟନସ୍ଥଳୀ -
ବାରିପଦା, ବାଙ୍ଗୀରିପୋଷି, ଭୀମକୁଣ୍ଡ, ବିଶୋଇ, ଦେଓକୁଣ୍ଡ, ହରିପୁର, ଜାମଶୋଳା, ଯଶୀପୁର, ଖୀଚିଙ୍ଗ, କୁଚେଇ, କୋଳିଅଣା, ମାଣତ୍ରି, ରାଇରଙ୍ଗପୁର, ଶିମିଳିପାଳ, ଶ୍ରାମିବୃକ୍ଷ, ସୁଲେଇପାଟ

## ପର୍ବପର୍ବାଣୀ

### ଅପ୍ରେଲ୍,୨୦୧୭

ତା୪ - ଅଶୋକାଷ୍ଟମୀ ଓ ଶ୍ରୀରାମ ନବମୀ
ତା୫ - ବାସନ୍ତୀକ ଦଶହରା
ତା୬ - ସୁଦଶାବ୍ରତ
ତା୭ - କାମଦା ଏକାଦଶୀ ଓ ହଳ ନିଷେଧ
ତା୮ - ଅନଙ୍ଗ ତ୍ରୟୋଦଶୀ
ତା୯ - ବିଷ୍ଣୁ ଓ ଶିବଦମନକ ଚତୁର୍ଦ୍ଦଶୀ
ତା୧୦ - ପୂର୍ଣ୍ଣିମାର ଚନ୍ଦ୍ରପୂଜା
ତା୧୧ - ଚୈତ୍ର ପୂର୍ଣ୍ଣିମା, ହିଙ୍ଗୁଳା ଯାତ୍ରା ଓ ବୈଶାଖ ବ୍ରତାରମ୍ଭ
ତା୧୩ - ବର୍ଷ ଶେଷ ଓ ମାସାନ୍ତ
ତା୧୪ - ମହାବିଷ୍ଣୁବ (ପଣା) ସଂକ୍ରାନ୍ତି
ତା୨୨ - ବରୁଥିନୀ ଏକାଦଶୀ
ତା୨୫ - ଶିବ ଚତୁର୍ଦ୍ଦଶୀ
ତା୨୬ - ରକ୍ମଣୀ ଅମାବାସ୍ୟା ଓ ହଳ ନିଷେଧ
ତା୨୭ - ଚନ୍ଦ୍ରଦର୍ଶନ ଓ ପୂଜା
ତା୨୯ - ଅକ୍ଷୟ ତୃତୀୟା, ଚନ୍ଦନ ଯାତ୍ରାରମ୍ଭ ଓ ରଥ ଅନୁକୂଳ

### ମଇ,୨୦୧୭

ତା୧ - ଶ୍ରମିକ ଦିବସ ଓ ରାମାନୁଜାଚାର୍ଯ୍ୟଙ୍କ ଜୟନ୍ତୀ
ତା୩ - ନିଳାଦ୍ରୀ ମହୋଦୟାଷ୍ଟମୀ
ତା୪ - ସୀତା ନବମୀ
ତା୬ - ଶନିଶ୍ଚର ଯଜ୍ଞ, ମୋହିନୀ ଏକାଦଶୀ ଓ ହଳ ନିଷେଧ
ତା୯ - ନୃସିଂହ ଚତୁର୍ଦ୍ଦଶୀ ଓ ଜନ୍ମୋତ୍ସବ
ତା୧୦ - ଚନ୍ଦନ ପୂର୍ଣ୍ଣମା, ଗୌତମ ବୁଦ୍ଧଙ୍କ ଜୟନ୍ତୀ ଓ ବୈଶାଖ ବ୍ରତ ସମାପନ
ତା୧୨ - ସବେ-ବରାତ୍ (ପୂର୍ବରାତ୍ରି)
ତା୧୪ - ମାସାନ୍ତ
ତା୧୫ - ବୃଷ ସଂକ୍ରାନ୍ତି ଓ ହଳ ନିଷେଧ
ତା୧୬ - ଶରଣ ଆରମ୍ଭ
ତା୧୮ - ଶ୍ରୀକ୍ଷେତ୍ରେ ଭଉଁରୀ
ତା୧୯ - ଉତ୍କଳେ ଭଉଁରୀ
ତା୨୦ - ଶରଣ ଶେଷ
ତା୨୨ - ଜଳକ୍ରୀଡ଼ା ଏକାଦଶୀ
ତା୨୪ - ଶିବଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା
ତା ୨୫ - ଅମାବାସ୍ୟା ଓ ସାବିତ୍ରୀ ବ୍ରତ
ତା୨୭ - ଚନ୍ଦ୍ରଦର୍ଶନ ଓ ଉପବାସ
ତା୨୮ - ରମ୍ଭା ତୃତୀୟ, ଉମାଚତୁର୍ଥୀ ଓ ରମଜାନ ମାସ ଆରମ୍ଭ
ତା୨୯ - ଶିବ ବିବାହୋତ୍ସବ
ତା୩୦ - ଶୀତଳ ଷଷ୍ଠୀ ଯାତ୍ରା
ତା୩୧ - ଶ୍ରୀମନ୍ଦିରେ ଶୀତଳ ଷଷ୍ଠୀ

## ବିଭିନ୍ନ ଦିବସ ପାଳନ

### ଅପ୍ରେଲ,୨୦୧୭

ତା ୧ - ଉତ୍କଳ ଦିବସ,
ତା ୨ - ବିଶ୍ୱ ଅଟିଜିମ୍ ଦିବସ
ତା ୫ - ବିଶ୍ୱ ନୌବାହିନୀ ଦିବସ
ତା ୭ - ବିଶ୍ୱ ସ୍ୱାସ୍ଥ୍ୟ ଦିବସ
ତା୧୧ - ଜାତୀୟ ନିରାପଦ ମାତୃତ୍ୱ ଦିବସ
ତା୧୨ - ଶାରିରିକ ଶିକ୍ଷା ଦିବସ
ତା୧୩ - ରାଜଧାନୀ ପ୍ରତିଷ୍ଠା ଦିବସ
ତା୧୪ - ଅଗ୍ନିସମ ସେବା ଦିବସ
ତା୧୭ - ବିଶ୍ୱ ହେମୋଫୋଲିଆ ଦିବସ
ତା ୧୮ - ବିଶ୍ୱ ଐତିହ ଦିବସ
ତା ୨୨ - ଆନ୍ତର୍ଜାତୀକ (ପୃଥିବୀ) ଦିବସ
ତା ୨୩ - ବିଶ୍ୱ ପୁସ୍ତକ ଓ ସ୍ୱତ୍ତ୍ୱାଧିକାର ଦିବସ
ତା ୨୪ - ମାନବାଧିକାର ଦିବସ
ତା ୨୫ - ବିଶ୍ୱ ମାଲେରିଆ ଦିବସ
ତା ୨୬ - ବିଶ୍ୱ ବୌଦ୍ଧିକ ସମ୍ପତ୍ତି ଦିବସ
ତା ୨୮ - ସ୍ୱାଭିମାନ ଦିବସ(ମଧୁସୂଦନ ଜୟନ୍ତୀ)
ତା ୩୦ - ଶିଶୁ ଶ୍ରମିକ ଦିବସ
**ବିବାହ**- ତା ୧୮,୧୯,୨୧,୩୦
**ବ୍ରତ**- ତା ୨,୫,୬

### ମଇ,୨୦୧୭

ତା ୦୧ - ଶ୍ରମିକ ଦିବସ
ତା ୮ - ବିଶ୍ୱ ରେଡ଼କ୍ରସ ଦିବସ
ତା ୧୧ - ବିଶ୍ୱ ମାତୃ ଦିବସ
ତା ୧୩ - ଜାତୀୟ ସଂହତି ଦିବସ
ତା ୨୪ - ରାଜ୍ୟଗୋଷ୍ଠୀ ଦିବସ
ତା ୩୧ - ବିଶ୍ୱ ତମାଖୁ ବର୍ଜନ ଦିବସ
**ବିବାହ**- ତା ୦୪,୦୬, ୦୭, ୦୮, ୧୨, ୧୬, ୧୭, ୧୮, ୧୯, ୨୧, ୨୨, ୩୧,
**ବ୍ରତ**-୬,୮, ୧୭

**ଶିକ୍ଷାବର୍ଷ ୨୦୧୭-୧୮**

# ଗୋକୁଳାନନ୍ଦ ଛାତ୍ର ବୃତ୍ତି

**(ସତ୍ୟଚେତନା ଆନ୍ତର୍ଜାତିକ ଆଧ୍ୟାତ୍ମିକ ଆନୁକୂଲ୍ୟରେ)**

**ଯୋଗ୍ୟତା** - ଓଡ଼ିଆ ମାଧ୍ୟମ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଠାରୁ ଦଶମ ଶ୍ରେଣୀ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ ।

| ବୃତ୍ତିର ନାମ | ବୃତ୍ତି ସଂଖ୍ୟା | ମାସିକ | ଅବଧି | ସମୁଦାୟ |
|---|---|---|---|---|
| ମେଧା ୧ମ | ୧ | ୫୦୦ଟ. | ୩ ବର୍ଷ | ୧୮,୦୦୦ |
| ମେଧା ୨ୟ | ୫ | ୩୦୦ଟ. | ୨ ବର୍ଷ | ୩୬,୦୦୦ |
| ମେଧା ୩ୟ | ୧୦ | ୧୦୦ଟ. | ୧ ବର୍ଷ | ୧୨,୦୦୦ |

**(ଏତଦ୍ ବ୍ୟତୀତ ସାଧାରଣ ଜ୍ଞାନ ଓ ଆଧ୍ୟାତ୍ମିକ ଚେତନାର ବିକାଶ ଉପଯୋଗୀ ୧୦୦ଟି ଛାତ୍ରବୃତ୍ତି ପ୍ରଦାନ କରାଯିବ)**

**ଲକ୍ଷ୍ୟ** - ଛାତ୍ରଛାତ୍ରୀମାନଙ୍କର ଧୀଶକ୍ତି ଓ ଆଧ୍ୟାତ୍ମିକ ଚେତନାର ବିକାଶ ।

## ନିୟମାବଳୀ

୧. ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ଜରିଆରେ ନିଜର ନାମ, ପିତାଙ୍କ ନାମ, ଜନ୍ମ ତାରିଖ, ପଢୁଥିବା ବିଦ୍ୟାଳୟ ନାମ ଓ ଠିକଣା, କେଉଁ ଶ୍ରେଣୀରେ ପଢୁଛନ୍ତି ଓ ନିଜର ବର୍ତ୍ତମାନର ଠିକଣା, ମୋବାଇଲ୍ ନଂ. ଓ ନିଜର ଗୋଟିଏ ପାସ୍‌ପୋର୍ଟ ସାଇଜ୍ ଫଟୋ ସହ ଆବେଦନ କରିବାକୁ ପଡ଼ିବ । ପ୍ରତ୍ୟେକ ଆବେଦନକାରିଙ୍କୁ ପରୀକ୍ଷାରେ ବସିବା ପାଇଁ ଅନୁମତି ପତ୍ର ସତ୍ୟଚେତନା ସଂସ୍ଥା ତରଫରୁ ଡାକ ଦ୍ୱାରା ପଠାଯିବ । ଏଥିପାଇଁ ଆବେଦନକାରିଙ୍କୁ ନିଜ ଠିକଣା ଲେଖା ଥିବା ୫ଟଙ୍କାର ଡାକ ଟିକଟ ଲାଗିଥିବା ଲଫାଫା ପଠାଇବାକୁ ପଡ଼ିବ ।

୨. ପ୍ରତିଯୋଗିତା ପରୀକ୍ଷାର ଫଳାଫଳକୁ ନେଇ ବୃତ୍ତି ପ୍ରଦାନ କରାଯିବ । ଏହି ବୃତ୍ତି ପରୀକ୍ଷାରେ ସାଧାରଣ ଜ୍ଞାନ ଓ ଆଧ୍ୟାତ୍ମିକ ଜ୍ଞାନ ସମ୍ବଳିତ ତଥ୍ୟ ଓ ପ୍ରଶ୍ନାବଳୀ ପ୍ରତି ମାସର 'ସତ୍ୟଚେତନା' ଓ 'ଆମରି ସତ୍ୟ' ପ୍ରତିକାରେ ପ୍ରକାଶ ପାଇ ଆସୁଅଛି ।

୩. ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନେ ସେମାନଙ୍କର ଉତ୍କର୍ଷତା କ୍ରମରେ ଏହି ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହେବେ ।


୪. ବୃତ୍ତି ପାଉଥିବା ସମୟରେ ବୃତ୍ତିଧାରୀମାନେ ଶିକ୍ଷାରୁ ନିବୃତ୍ତ ରହିବେ ନାହିଁ ।

ଆବେଦନ କରିବାର ଶେଷ ତାରିଖ **ଅଗଷ୍ଟ ୧ ତାରିଖ ୨୦୧୭** । ବିଶେଷ ବିବରଣୀ ପାଇଁ 'ସତ୍ୟଚେତନା' ଓ 'ଆମରି ସତ୍ୟ'ର କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ ଅନୁରୋଧ ।


| ଯୋଗାଯୋଗ ଠିକଣା - |
|---|
| **୧. "ସତ୍ୟଚେତନା" କାର୍ଯ୍ୟାଳୟ, ପି - ୬, ଶ୍ରୀକ୍ଷେତ୍ର ବିହାର, ଆଇଗିଣିଆ, ଭୁବନେଶ୍ୱର-୭୫୧୦୧୯, ଫୋନ୍- ୦୬୭୪-୨୪୭୧୭୫୩** |
| **୨. "ଆମରି ସତ୍ୟ" କାର୍ଯ୍ୟାଳୟ,ଏମ୍ - ୧/୫,ମୁକୁନ୍ଦ ପ୍ରସାଦ ହାଉସିଂ ବୋର୍ଡ଼ କଲୋନୀ,ପୋଷ୍ଟ-ପି.ଏନ୍.କଲେଜ, ଖୋରଧା - ୭୫୨୦୫୭, ମୋବାଇଲ୍ ନଂ. ୯୪୩୭୨୮୧୬୫୫** |


DUTTA
JEWELLERY
"Cheap Jewelry, however,
is worse than no Jewelry "
We deal with
BIS 916
GOLD ORNAMENTS
with unique designed
by our professional designer.
New Bus Stand, Khordha, Odisha, India
Pin : 752056, Phone : 06755 - 223 744


# ଆମ ଛବି ଆମ କଥା


ନିବେଦିତା ପଟ୍ଟନାୟକ
ସାମନ୍ତରାପୁର, ପ୍ରକଳ୍ପ ଉପ୍ରା ବିଦ୍ୟାଳୟ



SWACHH BHARAT ABHIYAAN
USE ME
CLEAN INDIA
GREEN INDIA
ସ୍ୱପ୍ନିଲ୍ ବେହେରା-ଷ୍ଟାଣ୍ଡର୍ଡ-୭
ଡି.ଏମ୍. ସ୍କୁଲ, ଆର.ଆଇ., ଭୁବନେଶ୍ୱର


ଆଶୁତୋଷ ସାମଲ-ଶ୍ରେଣୀ-୮ମ
ସାଧୁଚରଣ ହାଇସ୍କୁଲ,
ଆଳି, କେନ୍ଦ୍ରାପଡା


ପଲ୍ଲବୀ ସାନିଆ ଖାଁ-ଶ୍ରେଣୀ ୬ଷ୍ଠ
ଗୟାବନ୍ଧ, ୟୁଜିୟୁପି ସ୍କୁଲ


କାଜଲ ହରିଚନ୍ଦନ
+୨ ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ରୀ
ପି.ନ. କଲେଜ, ଖୋରଧା

Postal Regd. No. : PURI-33/2016-18
Volume-7 ★ Issue No-10 ★ Monthly ★ April-2017 ★ RNI Regn. No. 107608/2010 ★ Pages-52




Printed & Published by Dr. Prasanna Kumar Jena Owned by "AMARISATYA" M-1/5, Mukunda Prasad Housing Board Colony, Post-P.N. College, Dist-Khordha, Printed at - NISWASS-CEDEC Press, Chandrasekharpur, BBSR-23, Published From- "AMARISATYA", Mukunda Prasad Housing Board Colony, Post-P.N. College, Dist-Khordha, Pin-752057
Editor : Dr. Prasanna Kumar Jena
Founder : Dr. Pramod Chandra Dash